



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
## THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-347 •MONDAY •15 JUNE 2026 •PAGE-12 •₹ 7.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୩୪୭ •ସୋମବାର •୧୫ ଜୁନ୍ ୨୦୨୬ •ପୃଷ୍ଠା-୧୨ •ଟ.୭.୦୦






10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | Flipkart | amazon.in

*ସର୍ତ୍ତ ଓ ନିୟମାବଳୀ ଲାଗୁ ହେବ । ବଛା ବଛା ମଡେଲ ପାଇଁ ସଞ୍ଚୟ 1 ଜୁନ୍ ରୁ 30 ଜୁନ୍ ପର୍ଯ୍ୟନ୍ତ ଅଛି । ପ୍ରଯୁଜ୍ୟ ଅଫର୍‌ଗୁଡ଼ିକ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । E-comm ଅଫର୍‌ଗୁଡ଼ିକ ଯଥାଯୋଗ୍ୟ E-comm ପାର୍ଟନର୍ ଙ୍କ ସର୍ତ୍ତାବଳୀ ଉପରେ ନିର୍ଭର କରେ । E-comm ଅଫର୍‌ଗୁଡ଼ିକ ପ୍ରତି ପାର୍ଟନର୍‌ଙ୍କ କ୍ଷେତ୍ରରେ ଭିନ୍ନ ହୋଇପାରେ । ଉଦ୍ଧୃତ ESRP ଗୁଡ଼ିକ ବେସ୍ ଭାରିଆଣ୍ଟ'ର ଅଟେ । ଅଫର୍ ସମ୍ବନ୍ଧୀୟ ଅଧିକ ବିବରଣୀ ପାଇଁ ନିକଟସ୍ଥ ଡୀଲରଶିପ୍ କୁ ଆସନ୍ତୁ । ପଲ୍‌ସର୍ 125 ନିଅନ୍ ଲାଗି ₹2 000 ଛାଡ଼ ।

**Authorised Dealers for Bajaj Auto Ltd.: Bhubaneswar: Lewis Road** MSB BAJAJ 7381088720 • **Nayapalli** BHARAT BAJAJ 7064406721 • **Patia** BHARAT BAJAJ 7381099444 • **Rasulgarh** BHARAT BAJAJ 9124717803 • **Phulnakhara** BHARAT BAJAJ 9124717805 • **Charichak** MSB BAJAJ 8018881850 , • **Banki** MSB BAJAJ 9348819293 • **Balugaon BHARAT BAJAJ 73810 99441** • **Puri** MSB BAJAJ 7077735752 • **Pipili MSB BAJAJ 7077735755** • **Brahmagiri MSB BAJAJ 7008198739 Sakhigopal MSB BAJAJ 9124590859** • **Jankia BHARAT BAJAJ 9348768960** •**Cuttack: Badambadi SURAJ BAJAJ 8093066603** • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Rahama** MAITREE BAJAJ 9668801781 • **Chandikhole** TARINI BAJAJ 9937310800 • **Pattamundai MAITREE BAJAJ 7064987720/9668801781,** • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Nayagarh MSB BAJAJ 7790048130** • **Rajsunakhala** MSB BAJAJ 9668820967 • **Daspalla** MSB BAJAJ 7873925390 • **Phulbani** MSB BAJAJ 8917341979.

# ଦେଶ ବିଦେଶ

ସକାଳ THE SAKALA
www.sakalaepaper.com

## ଭାରତୀୟ ସେନାରେ ନୂଆ ଇତିହାସ
## ପ୍ରତିରକ୍ଷା ବାହିନୀରେ ଅଫିସର ହେଲେ ପ୍ରଥମ ବ୍ୟାଚ୍‌ର ମହିଳା କ୍ୟାଡେଟ୍

ନୂଆଦିଲ୍ଲୀ,୧୪।୬(ଏଜେନ୍ସି): ଭାରତୀୟ ସେନାରେ ସମାନତା ଏବଂ ମହିଳା ସଶକ୍ତିକରଣ କ୍ଷେତ୍ରରେ ଏକ ନୂଆ ଇତିହାସ ସୃଷ୍ଟି ହୋଇଛି। ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନଡିଏ)ରୁ ତାଲିମ ଶେଷ କରିଥିବା ପ୍ରଥମ ବ୍ୟାଚ୍‌ର ୧୭ ଜଣ ମହିଳା କ୍ୟାଡେଟ୍ ଆନୁଷ୍ଠାନିକ ଭାବେ ଅଫିସର ପଦବୀରେ ନିଯୁକ୍ତି ପାଇଛନ୍ତି। ୨୦୨୨



ଅଗଷ୍ଟ ମାସରେ ଏହି ମହିଳାମାନେ ଏନଡିଏରେ ଯୋଗ ଦେଇଥିବା ବେଳେ ସେମାନଙ୍କ କଠିନ ଏବଂ ଉଚ୍ଚସ୍ତରୀୟ ସାମରିକ ତାଲିମ ସଫଳତାର ସହ ଶେଷ କରି ଏହି ସଫଳତା ହାସଲ କରିଛନ୍ତି। ସୂଚନା ଅନୁଯାୟୀ, ଗତ ଜୁନ୍ ୧୩ ତାରିଖ ଦିନ ଡେରାଡୁନର ଭାରତୀୟ ସାମରିକ ଏକାଡେମୀ (ଆଇଏମ୍‌ଏ) ଠାରେ ଆୟୋଜିତ ଭବ୍ୟ ପରେଡ୍‌ରେ ୯ ଜଣ ମହିଳା ଅଫିସର ଭାରତୀୟ ସ୍ଥଳସେନାରେ ସାମିଲ ହୋଇଛନ୍ତି। ଦେଶର ରାଷ୍ଟ୍ରପତି ଏହି ଦୀକ୍ଷାନ୍ତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସେମାନଙ୍କର ସମୀକ୍ଷା କରିଥିଲେ। ଗତ ୨୮ରେ ଭାରତୀୟ ନୌସେନା ଏକାଡେମୀରେ ଆୟୋଜିତ ପରେଡ୍ ମାଧ୍ୟମରେ ୩ ଜଣ ମହିଳା ଅଫିସର ନୌସେନାରେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ, ଜୁନ୍ ୧୩ ତାରିଖ ଦିନ ହାଇଦ୍ରାବାଦର ବାୟୁସେନା ଏକାଡେମୀରେ ପ୍ରତିରକ୍ଷା ମନ୍ତ୍ରୀଙ୍କ ଉପସ୍ଥିତିରେ ଆୟୋଜିତ ସମାରୋହରେ ୫ ଜଣ ମହିଳା ଅଫିସର ବାୟୁସେନାରେ ନିଜର ଦାୟିତ୍ୱ ଗ୍ରହଣ କରିଛନ୍ତି। ମହିଳା କ୍ୟାଡେଟ୍‌ମାନଙ୍କର ଏହି ଐତିହାସିକ ସଫଳତା ଦେଶର ସାମରିକ ଇତିହାସରେ ଏକ ବଡ଼ ପରିବର୍ତ୍ତନ ଆଣିଛି।

# ଓମାନରେ ବୁଡ଼ିଗଲା ଭାରତୀୟ ଜାହାଜ

ମସ୍କାଟ,୧୪।୬ (ଏଜେନ୍ସି): ଓମାନ ଉପକୂଳରେ ଥିବା ଓମାନ ସମୁଦ୍ର ଶାଖାରେ ଭାରତୀୟ ପତାକାଧାରୀ ଏକ ଯାନ୍ତ୍ରିକ ଜାହାଜ 'ବିରାଟ ୧' ବୁଡ଼ିଯିବା ପରେ ସେଥିରେ ଥିବା ୧୪ ଜଣ ଭାରତୀୟ ନାବିକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ଓମାନର ରାସ ଅଲ ହଦ୍ ଠାରୁ ପ୍ରାୟ ୮୦ ନଟିକାଲ ମାଇଲ ଦୂରରେ

## ୧୪ ଜଣ ନାବିକଙ୍କୁ ଉଦ୍ଧାର କଲା ଆମେରିକା ନୌସେନା

ଏହି ଜାହାଜଟିର ଇଞ୍ଜିନ ଖରାପ ହୋଇଯିବା ଯୋଗୁଁ ଏହା ସମୁଦ୍ରରେ ବୁଡ଼ିବାକୁ ଲାଗିଥିଲା। ଜାହାଜଟି ସଙ୍କଟରେ ଥିବା ସୂଚନା ପାଇ ଆମେରିକା ନୌସେନାର ଏକ ସାମରିକ ପାଟ୍ରୋଲିଂ ବିମାନ (ପି-୮) ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲା। ବିମାନରୁ ସମୁଦ୍ର ମଧ୍ୟକୁ ଏକ ଜୀବନ ରକ୍ଷାକାରୀ ଭେଳା (ଲାଇଫ୍ ରାଫ୍ଟ) ପକାଯାଇଥିଲା, ଯେଉଁଥିରେ ସମସ୍ତ ୧୪ ଜଣ ନାବିକ ସୁରକ୍ଷିତ ଭାବେ ଚଢ଼ିବାକୁ ସକ୍ଷମ ହୋଇଥିଲେ। ଏହା ସହିତ ଆମେରିକା ନୌସେନା ସେହି ବାଟ ଦେଇ ମୁମ୍ବାଇ ଅଭିମୁଖେ ଯାଉଥିବା ଅନ୍ୟ ଏକ ବାଣିଜ୍ୟିକ ଜାହାଜ 'ଏମଭି ଜବଲ ଅଲି ୯'କୁ ନାବିକମାନଙ୍କୁ ସାହାଯ୍ୟ କରିବା ପାଇଁ ଅନୁରୋଧ କରିଥିଲା। ଓମାନରେ ଥିବା ଭାରତୀୟ ଦୂତାବାସ ଏହି ଘଟଣାକୁ ନିଶ୍ଚିତ କରିବା ସହ ସ୍ଥାନୀୟ ପ୍ରଶାସନ ଓ ଭାରତୀୟ ନୌସେନା ସହଯୋଗରେ ସମ୍ପୂର୍ଣ୍ଣ ଉଦ୍ଧାର କାର୍ଯ୍ୟର ସମୀକ୍ଷା ଜାରି ରଖିଛି।



# ହର୍ମୁଜ୍‌ରେ ୩ ମାସ ହେଲା ଫସିଛନ୍ତି ୫୬୨ ଭାରତୀୟ ନାବିକ

ନୂଆଦିଲ୍ଲୀ,୧୪।୬(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ପରିସ୍ଥିତି ଯୋଗୁଁ ହର୍ମୁଜ୍ ପ୍ରଣାଳୀ ଏବଂ ଓମାନ ସମୁଦ୍ର ମଧ୍ୟରେ ୧୩ଟି ଭାରତୀୟ ଜାହାଜରେ ପ୍ରାୟ ୫୬୨ ଜଣ ଭାରତୀୟ ନାବିକ ଗତ ୧୦୭ ଦିନ ହେବ ଭୟ ଓ ଅନିଶ୍ଚିତତା ମଧ୍ୟରେ ଫସି ରହିଛନ୍ତି। ଏହି ସମୟ ମଧ୍ୟରେ 'ଏମଟି ସେଲେଷ୍ଟିଆଲ୍' ଜାହାଜରେ ଥିବା ନିଶାନ୍ତ ଉର୍ଥାନାଥନ ନାମକ ଜଣେ ଭାରତୀୟ ନାବିକଙ୍କର ଅସୁସ୍ଥତା ଯୋଗୁଁ ମୃତ୍ୟୁ ଘଟିଛି। ଓମାନରେ ଥିବା ଭାରତୀୟ ଦୂତାବାସ ମୃତକଙ୍କ ପରିବାର ସହ ଯୋଗାଯୋଗରେ ଅଛନ୍ତି ଏବଂ ତାଙ୍କ ମୃତଦେହକୁ ଶୀଘ୍ର ଭାରତ ଫେରାଇ ଆଣିବାକୁ ପ୍ରୟାସ ଚଳାଇଛନ୍ତି। ନୌପରିବହନ ମନ୍ତ୍ରଣାଳୟ ଅନୁଯାୟୀ, ଗତ ଫେବୃଆରୀ ୨୮ ତାରିଖରୁ ଆମେରିକା-ଇରାନ ମଧ୍ୟରେ ଉତ୍ତେଜନା ଆରମ୍ଭ ହେବା ପରଠାରୁ ଏହି ନାବିକମାନେ ସେଠାରେ ଅତି ବିପଜ୍ଜନକ ପରିସ୍ଥିତିରେ ରହିଥିଲେ।

ସେମାନଙ୍କ ମଧ୍ୟରୁ ୩୨୯ ଜଣ ପ୍ରଣାଳୀର ପଶ୍ଚିମ ଭାଗରେ ଏବଂ ୨୩୩ ଜଣ ଓମାନ ସମୁଦ୍ର ଅଞ୍ଚଳରେ ଅଟକି ରହିଛନ୍ତି। ଇତିମଧ୍ୟରେ, ରବିବାର ଦିନ 'ବିରାଟ ୧' ନାମକ ଅନ୍ୟ ଏକ ଭାରତୀୟ ଜାହାଜର ଇଞ୍ଜିନ ଅଚଳ ହେବା ଯୋଗୁଁ ଓମାନ ଉପକୂଳରେ ଆଉ ଏକ ସଙ୍କଟ ଦେଖାଦେଇଛି। ଜାହାଜରେ ଥିବା ୧୪ ଜଣ ଭାରତୀୟ କ୍ରୁ ସଦସ୍ୟ ଲାଇଫ୍ ରାଫ୍ଟ ସାହାଯ୍ୟରେ ସୁରକ୍ଷିତ ଥିବା ବେଳେ ଓମାନ କର୍ତ୍ତୃପକ୍ଷଙ୍କ ସହଯୋଗରେ ସେମାନଙ୍କୁ ଉଦ୍ଧାର କରିବା ପାଇଁ ସେଠାରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ଇରାନ- ଆମେରିକା ଶାନ୍ତି ଚୁକ୍ତି ଚିଠା ପ୍ରସ୍ତୁତ

ନୂଆଦିଲ୍ଲୀ,୧୪।୬(ଏଜେନ୍ସି):ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ବିବାଦର ଅନ୍ତ ଘଟାଇବା ପାଇଁ ଏକ ସହମତିପତ୍ରର ଚିଠା ପ୍ରସ୍ତୁତ କରାଯାଇଛି। ରଏଟର୍ସର ରିପୋର୍ଟ ଅନୁଯାୟୀ, ଇରାନର ଜଣେ ବରିଷ୍ଠ ଅଧିକାରୀ ସୂଚନା

- ପରମାଣୁ ଅସ୍ତ୍ର ତିଆରି/ କିଣିବ ନାହିଁ ଇରାନ
- ତୁରନ୍ତ ଖୋଲିବ ହର୍ମୁଜ
- ଇରାନକୁ ମିଳିବ ତେଲ ରିହାତି

ଦେଇଛନ୍ତି ଯେ ଏହି ପ୍ରସ୍ତାବିତ ଚୁକ୍ତି ଅଧୀନରେ ଇରାନ କୌଣସି ପ୍ରକାରର ପରମାଣୁ ଅସ୍ତ୍ର ନିର୍ମାଣ କିମ୍ବା କ୍ରୟ ନ କରିବାକୁ ରାଜି ହୋଇଛି। ଏହି ପ୍ରାଥମିକ ଚୁକ୍ତିନାମା ଅନୁମୋଦିତ ହେବାର ୬୦ ଦିନ ମଧ୍ୟରେ ଉଭୟ ପକ୍ଷ ଚୂଡ଼ାନ୍ତ ଚୁକ୍ତି ସମ୍ପର୍କରେ ଆଲୋଚନା କରିବେ। ଚିଠା ଚୁକ୍ତିନାମାରେ ସ୍ଥାନ ପାଇଥିବା କେତେକ ମୁଖ୍ୟ ପ୍ରସଙ୍ଗ ଏବଂ ସର୍ତ୍ତାବଳୀ ରହିଛି। ଏଗୁଡ଼ିକ ହେଲା ଇରାନର ପରମାଣୁ କାର୍ଯ୍ୟକ୍ରମ ଉପରେ ପ୍ରତିବନ୍ଧକ। ଇରାନ କୌଣସି ପରମାଣୁ ଅସ୍ତ୍ର



ପ୍ରସ୍ତୁତ କରିବ ନାହିଁ। ଚୂଡ଼ାନ୍ତ ଚୁକ୍ତି ହେବା ପର୍ଯ୍ୟନ୍ତ ଇରାନ ନିଜର ବର୍ତ୍ତମାନର ପରମାଣୁ ସ୍ଥିତି ବଜାୟ ରଖିବ। ଏହି ସମୟ ମଧ୍ୟରେ ୟୁରାନିୟମ୍ ସମୃଦ୍ଧିକରଣ ଏବଂ ପରମାଣୁ ପ୍ରତିଷ୍ଠାନଗୁଡ଼ିକର ସମ୍ପ୍ରସାରଣ କରାଯାଇପାରିବ ନାହିଁ। ଇରାନ ପାଖରେ ଥିବା ଅତ୍ୟଧିକ ସମୃଦ୍ଧ ୟୁରାନିୟମ୍ ଗଚ୍ଛିତ ପରିମାଣକୁ ହ୍ରାସ କରାଯିବା ନେଇ ଆମେରିକା ସହମତ ହୋଇଛି, ଯାହାର ପ୍ରକ୍ରିୟା ୬୦ ଦିନ ମଧ୍ୟରେ ସ୍ଥିର ହେବ। ହର୍ମୁଜ ପ୍ରଣାଳୀର ପୁଣି ଖୋଲାଯିବ। ବିଶ୍ୱ ତୈଳ ବାଣିଜ୍ୟ ପାଇଁ ଗୁରୁତ୍ୱପୂର୍ଣ୍ଣ ମାନୁଥିବା ହର୍ମୁଜ୍ ପ୍ରଣାଳୀକୁ ସମସ୍ତ ବ୍ୟାବସାୟିକ ଜାହାଜ ଚଳାଚଳ ପାଇଁ ଇରାନ ତୁରନ୍ତ ଖୋଲିବ। ଏହାର ବଦଳରେ ଆମେରିକା ଇରାନର ବନ୍ଦରଗୁଡ଼ିକ ଉପରୁ ନିଜର ନୌସେନା ଅବରୋଧ ପ୍ରତ୍ୟାହାର କରିନେବ। ଚୂଡ଼ାନ୍ତ ସହମତି ପ୍ରକାଶ ପାଇବା ପର୍ଯ୍ୟନ୍ତ ଆମେରିକା ଇରାନ ଉପରେ କୌଣସି ନୂତନ ପ୍ରତିବନ୍ଧକ ଲଗାଇବ ନାହିଁ। ଆମେରିକା ଏକ ନିର୍ଦ୍ଦିଷ୍ଟ ଅବଧି ପାଇଁ ଇରାନର ତୈଳ ରପ୍ତାନି ଉପରୁ କଟକଣା ହଟାଇବ, ଯାହା ଦ୍ୱାରା ଇରାନ ତୈଳ ବିକ୍ରି କରି ଅର୍ଥ ପାଇପାରିବ। ଆମେରିକା ଦ୍ୱାରା ଜବତ ହୋଇ ରହିଥିବା ପ୍ରାୟ ୨୫ ବିଲିୟନ ଡଲାର ମୂଲ୍ୟର ଇରାନୀ ସମ୍ପତ୍ତିକୁ ସିଧାସଳଖ ନଗଦ ହସ୍ତାନ୍ତର କିମ୍ବା ଆଞ୍ଚଳିକ ସହଯୋଗ ଜରିଆରେ ମୁକ୍ତ କରାଯିବ। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏହି ଶାନ୍ତି ଚୁକ୍ତି ଖୁବ୍ ଶୀଘ୍ର ସ୍ୱାକ୍ଷରିତ ହେବ ବୋଲି ଆଶା ପ୍ରକାଶ କରିଥିବା ବେଳେ ଇରାନର ବୈଦେଶିକ ମନ୍ତ୍ରଣାଳୟ କହିଛି ଯେ, ଚୂଡ଼ାନ୍ତ ନିଷ୍ପତ୍ତି ପାଇଁ ଆଇନଗତ ଓ ବୈଷୟିକ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି ଏବଂ ଆଗାମୀ ଦିନରେ ଏହା ଉପରେ ସ୍ୱାକ୍ଷର କରାଯାଇପାରେ। ବର୍ତ୍ତମାନ ସୁଦ୍ଧା ଉଭୟ ୱାଶିଂଟନ କିମ୍ବା ତେହରାନ ପକ୍ଷରୁ ଏହି ରିପୋର୍ଟ ଉପରେ କୌଣସି ଆଧିକାରିକ ବୟାନ ଜାରି କରାଯାଇ ନାହିଁ।

## ଗୋଟିଏ ଟ୍ରେନ୍‌ରୁ ଡେଇଁଲେ, ଆଉ ଏକ ଟ୍ରେନ୍ ଚଢ଼ିଗଲା, ୪ ମୃତ

ମୋରେନା,୧୪।୬(ଏଜେନ୍ସି): ମଧ୍ୟପ୍ରଦେଶର ମୋରେନା ଜିଲ୍ଲାରେ ରବିବାର ଟ୍ରେନରେ ନିଆଁ ଗୁଜବ ଯୋଗୁଁ ଆତଙ୍କିତ ହୋଇ ରେଳ ଧାରଣାକୁ ଡେଇଁପଡ଼ି ୪ ଜଣଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଟ୍ରେନ୍‌ରୁ ଡେଇଁ ପଡ଼ିଥିବା ଯାତ୍ରୀମାନଙ୍କ ଉପରେ ଅନ୍ୟପଟୁ ଆସୁଥିବା ଏକ ଏକ୍ସପ୍ରେସ ଟ୍ରେନ୍ ଚଢ଼ିଯାଇଥିଲା। ଫଳରେ ଜଣେ ଶିଶୁ ସମେତ ୪ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଅନେକ ଆହତ ହୋଇଛନ୍ତି। ମୃତକମାନେ ହେଲେ ଆଗ୍ରା ବାସିନ୍ଦା ମହିଳା ଆଫ୍ରିନ୍ (୩୫) ଏବଂ ତାଙ୍କ ୪ ବର୍ଷର ପୁଅ, ଶକୁନ୍ତଳା (୬୦) ଏବଂ ରାଜସ୍ଥାନ ବିକାନେର ବାସିନ୍ଦା ବିର୍ମା ଦେବୀ (୬୦)। ଆଜି ଖଜୁରାହୋ-ଉଦୟପୁର ଇଣ୍ଟରସିଟି ଏକ୍ସପ୍ରେସ୍ ଉତ୍ତର କେନ୍ଦ୍ରୀୟ ରେଳବାଇର ଝାନସୀ ଡିଭିଜନ ଅନ୍ତର୍ଗତ ହେତମପୁର ଏବଂ ଧୋଲପୁର ଷ୍ଟେସନ ମଧ୍ୟରେ ଜଣେ ଯାତ୍ରୀ ଜରୁରୀକାଳୀନ ଚେନ୍ ଟାଣିବାରୁ ଅଟକି ଯାଇଥିଲା। ସେହି ସମୟରେ କେହି ଜଣେ "ନିଆଁ ଲାଗିଛି' ବୋଲି ପାଟିକରି କହିଥିଲେ। ଫଳରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଜୀବନ ବିକଳରେ ଅନେକ ଯାତ୍ରୀ କିଛି ନବୁଝି ଛିଡ଼ା ହୋଇଥିବା ଟ୍ରେନରୁ ଓହ୍ଲାଇ ପାର୍ଶ୍ୱବର୍ତ୍ତୀ ରେଳ ଧାରଣାକୁ ଚାଲିଯିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଦୁର୍ଭାଗ୍ୟବଶତଃ ସେହି ସମୟରେ ବିପରୀତ ଦିଗରୁ ଫିରୋଜପୁର-ସିଓନି ପାତାଳକୋଟ୍ ଏକ୍ସପ୍ରେସ୍ ଆସୁଥିଲା। କିଛି କାହାରିକୁ ଜଣାପଡ଼ିବା ଆଗରୁ ଦ୍ରୁତ ଗତିରେ ଥିବା ଟ୍ରେନ୍‌ଟି ଧାରଣା ଉପରେ ଥିବା ଯାତ୍ରୀମାନଙ୍କୁ ଧକ୍କା ଦେଇଥିଲା। ଘଟଣା ସମ୍ପର୍କରେ ଖବର ପାଇବା ମାତ୍ରେ ରେଳବାଇ ପ୍ରଶାସନ, ରେଳ ସୁରକ୍ଷା ବଳ, ସରକାରୀ ରେଳ ପୁଲିସଏବଂ ସ୍ଥାନୀୟ ପ୍ରଶାସନର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

## ଥାନା ଭିତରେ ଝିଅକୁ ହତ୍ୟା କଲା ବାପା

ବାନ୍ଦା,୧୪।୬(ଏଜେନ୍ସି): ଉତ୍ତର ପ୍ରଦେଶର ବାନ୍ଦା ଜିଲ୍ଲାରେ ଏକ ଅଭାବନୀୟ ଘଟଣା ଘଟିଛି। ପ୍ରେମ ବିବାହକୁ ନେଇ ଜଣେ ବାପା ପୁଲିସ ଥାନା ଭିତରେ ହିଁ ନିଜ ୧୯ ବର୍ଷର ଝିଅକୁ ଛୁରୀ ଭୁସି ନିର୍ମମ ଭାବେ ହତ୍ୟା କରିଛି। ମୃତ ମହିଳା ଜଣକ ହେଉଛନ୍ତି ଶିବାନୀ। ଏହି ମାମଲାରେ ପୁଲିସ ଶିବାନୀଙ୍କ ବାପାଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ, ଶିବାନୀ ଗତ ମେ ୧୮ ତାରିଖରେ ତାଙ୍କ ପଡୋଶୀ ଲଳିତ ବର୍ମାଙ୍କ ସହ ଘରୁ ଚାଲିଯାଇ ଏକ ମନ୍ଦିରରେ ବିବାହ କରିଥିଲେ। ଶିବାନୀଙ୍କ ପରିବାର ଲୋକଙ୍କ ଅଭିଯୋଗ ଆଧାରରେ ପୁଲିସ ଗତ ଶୁକ୍ରବାର ଦିନ ଉଭୟଙ୍କୁ ମଧ୍ୟପ୍ରଦେଶରୁ ଉଦ୍ଧାର କରି ବାନ୍ଦା ଥାନାକୁ ଆଣିଥିଲା। ଥାନାରେ ପଚରାଉଚରା ସମୟରେ ଉଭୟ ନିଜ ଇଚ୍ଛାରେ ବିବାହ କରିଥିବା ପ୍ରମାଣପତ୍ର ଦେଖାଇବା ସହ ଶିବାନୀ ସ୍ୱାମୀଙ୍କ ସହ ରହିବାକୁ ଜିଦ୍ କରିଥିଲେ। ଏହି ସମୟରେ ଥାନାରେ ଉପସ୍ଥିତ ଥିବା ଶିବାନୀଙ୍କ ମାଆ ତାଙ୍କୁ ପଛପଟୁ ଜାବୁଡ଼ି ଧରିଥିଲେ ଏବଂ ବାପା ହଠାତ୍ ଏକ ଛୁରୀ ବାହାର କରି ପୁଲିସ ସମ୍ମୁଖରେ ଶିବାନୀଙ୍କ ପେଟ ଓ ହାତକୁ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଶିବାନୀଙ୍କୁ ଡାକ୍ତରଖାନା ନିଆଯାଇଥିଲେ ହେଁ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

## ଗୋଟିଏ ପରିବାରର ୪ ସଦସ୍ୟଙ୍କ ଆତ୍ମହତ୍ୟା

ୱାଶିମ୍,୧୪।୬(ଏଜେନ୍ସି): ମହାରାଷ୍ଟ୍ରର ୱାଶିମ୍ ଜିଲ୍ଲା ଅନ୍ତର୍ଗତ ତିଭଲି ଗ୍ରାମରେ ଗୋଟିଏ ପରିବାରର ୪ ଜଣ ସଦସ୍ୟ ସମୂହ ଆତ୍ମହତ୍ୟା କରିଛନ୍ତି। ମୃତକଙ୍କ ମଧ୍ୟରେ ସ୍ୱାମୀ, ସ୍ତ୍ରୀ ଏବଂ ଦୁଇଟି ନାବାଳକ ସନ୍ତାନ ରହିଛନ୍ତି। ପରିବାରର ମୁଖ୍ୟ ଘର ଭିତରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ବେଳେ ତାଙ୍କ ସ୍ତ୍ରୀ, ପୁଅ ଓ ଝିଅ ଗ୍ରାମରେ ଥିବା ଏକ କୂଅକୁ ଡେଇଁ ପ୍ରାଣ ହରାଇଛନ୍ତି। ଗତକାଲି ଅପରାହ୍ନରେ ଏହି ଘଟଣା ସମ୍ପର୍କରେ ଖବର ପାଇ ଶିରପୁର ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା ଏବଂ ସ୍ଥାନୀୟ ଲୋକଙ୍କ ସହାୟତାରେ କୂଅରୁ ଶବଗୁଡ଼ିକୁ ବାହାର କରିଥିଲା। ସମସ୍ତ ୪ଟି ଶବକୁ ବର୍ତ୍ତମାନ ବ୍ୟବଚ୍ଛେଦ ଗୃହରେ ରଖାଯାଇଛି। ଶବ ବ୍ୟବଚ୍ଛେଦ କରାଯିବା ପରେ ମୃତ୍ୟୁର ପ୍ରକୃତ କାରଣ ଏବଂ ସମୟ ସ୍ପଷ୍ଟ ହେବ ବୋଲି ପୁଲିସ ଅଧିକାରୀ ସୂଚନା ଦେଇଛନ୍ତି। ପରିବାରଟି କେଉଁ ପରିସ୍ଥିତିରେ ଏଭଳି ଚରମ ନିଷ୍ପତ୍ତି ନେଲା, ସେ ନେଇ ପୁଲିସ ସ୍ଥାନୀୟ ଲୋକ ଓ ସମ୍ପର୍କୀୟମାନଙ୍କୁ ପଚରାଉଚରା କରୁଛି।

## ରାମ ମନ୍ଦିର ଦାନ ହେରଫେର: ଏସ୍‌ଆଇଟି ଗଠନ, ଜଣେ ଅଟକ

ଲକ୍ଷ୍ନୌ,୧୪।୬(ଏଜେନ୍ସି): ଅଯୋଧ୍ୟା ରାମ ଜନ୍ମଭୂମି ମନ୍ଦିରରେ ମିଳିଥିବା ଦାନ ଅର୍ଥରେ ବ୍ୟାପକ ଅନିୟମିତତା ଏବଂ ଚୋରି ଅଭିଯୋଗକୁ ନେଇ ରାଜନୈତିକ ବିବାଦ ତୀବ୍ର ହେବାରେ ଲାଗିଛି। ଏହି ମାମଲାର ଗମ୍ଭୀରତାକୁ ଦେଖି ଉତ୍ତର ପ୍ରଦେଶ



ସରକାର ଏକ ୩ ଜଣିଆ ସ୍ୱତନ୍ତ୍ର ତଦନ୍ତ ଗୋଷ୍ଠୀ (ଏସ୍‌ଆଇଟି) ଗଠନ କରିଛନ୍ତି। ଶ୍ରୀ ରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ଅନୁରୋଧ କ୍ରମେ ଗଠିତ ଏହି ଟିମ୍‌ରେ ଲକ୍ଷ୍ନୌ ବିଭାଗୀୟ କମିଶନର, ଆଇଜି ଏବଂ ଅର୍ଥ ବିଭାଗର ସ୍ୱତନ୍ତ୍ର ସଚିବ ସାମିଲ ଅଛନ୍ତି। ଅନ୍ୟପଟେ, ପୁଲିସର ସ୍ୱତନ୍ତ୍ର ଅପରେସନ ଗ୍ରୁପ୍ (ଏସ୍‌ଓଜି) ଘଟଣାର ତଦନ୍ତକୁ ଜୋରଦାର କରି କିଛି ନଗଦ ଟଙ୍କା ଜବତ କରିବା ସହ ଲଭ୍ କୁଶ୍ ନାମକ ଜଣେ କର୍ମଚାରୀଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଦାନ ବାକ୍ସରୁ କୋଟି କୋଟି ଟଙ୍କା ଗାୟବ ହୋଇଥିବା ନେଇ ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ଓ କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇ କୋର୍ଟଙ୍କ ହସ୍ତକ୍ଷେପ ଏବଂ ନିରପେକ୍ଷ ତଦନ୍ତ ଦାବି କରାଯାଇଥିଲା। ବିଜେପିର କିଛି ବରିଷ୍ଠ ନେତା ମଧ୍ୟ ଆୟ-ବ୍ୟୟର ସାର୍ବଜନୀନ ପ୍ରକାଶନ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିଛନ୍ତି। ଏହି ବିବାଦ ଉପରେ ବିଜେପିର ବରିଷ୍ଠ ନେତା ବିନୟ କଟିୟାର ଗଭୀର ଚିନ୍ତା ପ୍ରକଟ କରିଛନ୍ତି। ସେ କହିଛନ୍ତି ଯେ ରାମ ମନ୍ଦିର ସହ କୋଟି କୋଟି ଶ୍ରଦ୍ଧାଳୁଙ୍କ ଆସ୍ଥା ଜଡ଼ିତ ଏବଂ ଏଠାରେ ଦାନ ହେରଫେର କରିବା ବିଶ୍ୱାସଘାତକତା ସଦୃଶ। ଏଥିପାଇଁ ସେ ଦୋଷୀମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଏବଂ ଗିରଫଦାରୀ ଦାବି କରିଛନ୍ତି।

## ଉତ୍ତରାଖଣ୍ଡରେ ପାଣି ବିବାଦକୁ ନେଇ ରକ୍ତପାତ

ଡେହରାଡୁନ,୧୪।୬(ଏଜେନ୍ସି): ଉତ୍ତରାଖଣ୍ଡର ଡେହରାଡୁନଠାରେ ଜମିକୁ ପାଣି ମାଡ଼ିବା ଭଳି ଏକ ସାଧାରଣ ବିବାଦ ଉଗ୍ର ରୂପ ନେଇଛି। ଶନିବାର ସନ୍ଧ୍ୟାରେ ବିଲକୁ ପାଣି ଯିବାକୁ ନେଇ ଦୁଇ ଗୋଷ୍ଠୀ ମଧ୍ୟରେ ଘଟିଥିବା ଏହି ରକ୍ତପାତରେ ଜଣେ

### ଜଣଙ୍କର ମୃତ୍ୟୁ, ଅଭିଯୁକ୍ତଙ୍କ ଘର ଭାଙ୍ଗିଲା ବୁଲଡୋଜର

ବ୍ୟକ୍ତିଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ପରିବାରର ତିନି ଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ଜଣକ ଶାସକ ଦଳର ଯୁବ ସଂଗଠନ ସହିତ ଜଡ଼ିତ ଥିବା ଜଣାପଡ଼ିଛି। ଏହି ଘଟଣାକୁ କେନ୍ଦ୍ର କରି ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଉତ୍ତେଜନା ପ୍ରକାଶ ପାଇଛି।

ମିଳିଥିବା ସୂଚନା ଅନୁଯାୟୀ, କ୍ଷେତକୁ ପାଣି ଯିବାକୁ ନେଇ ଅସନ୍ତୋଷ ପ୍ରକାଶ କରି ଏକ ସଶସ୍ତ୍ର ଗୋଷ୍ଠୀ ଲାଠି, ହାତୁଡ଼ି ଏବଂ ସାବଳ ଧରି ମୃତକଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଏହି ମରଣାନ୍ତକ ଆକ୍ରମଣ ଯୋଗୁଁ ଘଟଣାସ୍ଥଳରେ ହିଁ ବ୍ୟକ୍ତିଙ୍କର ପ୍ରାଣବାୟୁ ଉଡ଼ିଯାଇଥିଲା। ଏହି ହତ୍ୟାକାଣ୍ଡ ପରେ ସ୍ଥାନୀୟ ଲୋକେ ଏବଂ କେତେକ ସଂଗଠନ ରାସ୍ତା ଅବରୋଧ କରି ନ୍ୟାୟ ଦାବି କରିଛନ୍ତି। ଉତ୍ତ୍ୟକ୍ତ ଲୋକେ ଅଭିଯୁକ୍ତଙ୍କ ଘର ଉପରକୁ ପଥର ମାଡ଼ କରିବା ସହ ଗୋଟିଏ ଘରେ ନିଆଁ ଲଗାଇ ଦେଇଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନ ପକ୍ଷରୁ ଜଣେ ମୁଖ୍ୟ ଅଭିଯୁକ୍ତର ଘର ଉପରେ ବୁଲଡୋଜର ଚଳାଇ ତାହାକୁ ଭାଙ୍ଗି ଦିଆଯାଇଛି। ଏହି ଘଟଣା ପରେ ସମ୍ପୃକ୍ତ ଗ୍ରାମରେ ବ୍ୟାପକ ପୁଲିସ ମୁତୟନ କରାଯାଇଛି। ମୃତକଙ୍କ ପରିବାର ଲୋକେ ଏହା ପଛରେ ଟଙ୍କା ପଇସା କାରବାରର ବିବାଦ ଥିବା ମଧ୍ୟ



ଅଭିଯୋଗ କରିଛନ୍ତି। ପୁଲିସ ଏହି ମାମଲାରେ ୩ ଜଣ ନାମିତ ଏବଂ ୨୫ ଜଣ ଅଜ୍ଞାତ ବ୍ୟକ୍ତିଙ୍କ ବିରୋଧରେ ମାମଲା ରୁଜୁ କରି ଫେରାର ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଦଳ ଗଠନ କରିଛି।

## କାଶ୍ମୀରୀ ଅସ୍ମିତା ହରାଉଛି ପାକିସ୍ତାନ ଅଧିକୃତ କାଶ୍ମୀର

ନୂଆଦିଲ୍ଲୀ,୧୪।୬(ଏଜେନ୍ସି): ପାକିସ୍ତାନ ଯେଉଁ ଅଞ୍ଚଳକୁ 'ଆଜାଦ୍ କାଶ୍ମୀର' ବୋଲି ଦାବି କରେ, ବାସ୍ତବରେ ସେଠାରେ ସ୍ଥାନୀୟ କାଶ୍ମୀରୀଙ୍କର କୌଣସି ନିୟନ୍ତ୍ରଣ ନାହିଁ। ଇସଲାମାବାଦ୍ ଏବଂ ରାୱଲପିଣ୍ଡିର ପଞ୍ଜାବୀ ସେନା ପ୍ରତିଷ୍ଠାନ ଓ ପ୍ରଶାସନିକ କ୍ଷମତା ବଳରେ ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ) ଏବଂ ଗିଲଗିଟ୍-ବାଲ୍ଟିସ୍ତାନର ରାଜନୀତି, ଜନସଂଖ୍ୟା ଓ ସାଂସ୍କୃତିକ ପରିଚୟକୁ ସମ୍ପୂର୍ଣ୍ଣ ଭାବେ ବଦଳାଇ ଦିଆଯାଇଛି। ସାମରିକ ବିଶେଷଜ୍ଞ ଏବଂ ସାମାଜିକ କର୍ମୀମାନେ ପାକିସ୍ତାନର ଏହି ସୁଚିନ୍ତିତ ଯୋଜନାକୁ 'ପଞ୍ଜାବୀକରଣ' ବୋଲି ଆଖ୍ୟା ଦେଇଛନ୍ତି। ରିପୋର୍ଟଅନୁଯାୟୀ, ପିଓକେର ବିଧାନସଭାକୁ ଏକପ୍ରକାର କ୍ଷମତାଶୂନ୍ୟ କରି ରଖାଯାଇଛି ଏବଂ ସମସ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ପାକିସ୍ତାନର ପଞ୍ଜାବୀ ଶାସକ ଗୋଷ୍ଠୀ ଦ୍ୱାରା ନିଆଯାଉଛି। ବାହାରୁ ଆସିଥିବା ପଞ୍ଜାବୀ ବାସିନ୍ଦା ଓ ପ୍ରଶାସକଙ୍କ ପ୍ରଭାବ ଯୋଗୁଁ ଏହି ଅଞ୍ଚଳରେ ଏବେ କାଶ୍ମୀରୀ ଭାଷା ଓ ସଂସ୍କୃତି ବିପନ୍ନ ହେବାରେ ଲାଗିଛି। ଏହା ସହିତ ସେଠାରେ ଶିଆ-ସୁନ୍ନୀ ବିବାଦ ଏବଂ ଜନସଂଖ୍ୟାଗତ ପରିବର୍ତ୍ତନ ଘଟାଇ ସ୍ଥାନୀୟ ଲୋକଙ୍କ ସ୍ୱରକୁ ଚାପି ଦିଆଯାଉଛି। ପାକିସ୍ତାନର ଏହି ଦମନଲୀଳା ବିରୋଧରେ ପିଓକେରେ ଜନଆନ୍ଦୋଳନ ତୀବ୍ର ହେବାରେ ଲାଗିଛି। 'ଜଏଣ୍ଟ ଆୱାମୀ ଆକ୍ସନ କମିଟି' (ଜେଏଏସି) ନେତୃତ୍ୱରେ

### ପିଓକେର ହେଉଛି 'ପଞ୍ଜାବୀକରଣ'

ସ୍ଥାନୀୟ ଲୋକେ ମହଙ୍ଗା ମାଡ଼, ବିଦ୍ୟୁତ ସଙ୍କଟ ସହ ପଞ୍ଜାବୀମାନଙ୍କର ଅହେତୁକ ପ୍ରଭାବ ବିରୋଧରେ ବଡ଼ ଧରଣର ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ନିକଟରେ ପାକିସ୍ତାନୀ ସେନାର ଗୁଳିଚାଳନାରେ ଅନେକ ବିକ୍ଷୋଭକାରୀ ପ୍ରାଣ ହରାଇଥିବା ବେଳେ ଶାସକ ଗୋଷ୍ଠୀ ଏହି ଆନ୍ଦୋଳନକାରୀ ସଂଗଠନକୁ ନିଷିଦ୍ଧ ଓ ଆତଙ୍କବାଦୀ ଘୋଷଣା କରିଛି। ଭାରତୀୟ ସେନାର ପୂର୍ବତନ ଅଧିକାରୀଙ୍କ ମତରେ, ପିଓକେର ବାସିନ୍ଦାଙ୍କ ସଂସ୍କୃତି ଜମ୍ମୁ-କାଶ୍ମୀରର ଉପତ୍ୟକା ସହ ସମାନ ହୋଇଥିଲେ ମଧ୍ୟ ପାକିସ୍ତାନର ପଞ୍ଜାବୀ ମୁସଲମାନମାନେ ନିଜର ଆଧିପତ୍ୟ ବିସ୍ତାର କରି ସେମାନଙ୍କର ଅସ୍ତିତ୍ୱକୁ ସମ୍ପୂର୍ଣ୍ଣ ଲିଭାଇବାକୁ ଚେଷ୍ଟା କରୁଛନ୍ତି।

## ସିସିଟିଭି ଖୋଲିଲା ତୁଗଲକାବାଦ ଅଗ୍ନିକାଣ୍ଡର ରହସ୍ୟ

ନୂଆଦିଲ୍ଲୀ,୧୪।୬(ଏଜେନ୍ସି): ଦକ୍ଷିଣ ଦିଲ୍ଲୀର ତୁଗଲକାବାଦ ଅଞ୍ଚଳରେ ଥିବା ଏକ ଆବାସିକ ବିଲ୍ଡିଂରେ ଗତ ଶୁକ୍ରବାର ଦିନ ଘଟିଥିବା ଭୟାବହ ଅଗ୍ନିକାଣ୍ଡ କୌଣସି ଦୁର୍ଘଟଣା ନଥିଲା, ବରଂ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ଥିଲା। ଏହି ନିଆଁରେ ପୋଡ଼ି ହୋଇ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଏହା ପଛରେ ଏକ ଆର୍ଥିକ ବିବାଦ ଏବଂ ପାରିବାରିକ ଶତ୍ରୁତା ରହିଥିବା ପୁଲିସତଦନ୍ତରୁ ଜଣାପଡ଼ିଛି। ଘଟଣାର ସିସିଟିଭି ଚିତ୍ର ସାମ୍ନାକୁ ଆସିବା ପରେ ପୁଲିସଏହି ବଡ଼ ଷଡ଼ଯନ୍ତ୍ରର ପର୍ଦ୍ଦାଫାଶ କରିଛି। ପୁଲିସ ସୂଚନା ଅନୁଯାୟୀ, ଦୁଇ ଜଣ ସମ୍ପର୍କୀୟ ଭାଇ ନିରଞ୍ଜନ ଏବଂ ଦୀପକଙ୍କ ମଧ୍ୟରେ ଦୀର୍ଘ ଦିନ ହେବ ଟଙ୍କା ପଇସାକୁ ନେଇ ଗଣ୍ଡଗୋଳ ଚାଲିଥିଲା। ଏହାର ପ୍ରତିଶୋଧ ନେବା ପାଇଁ ନିରଞ୍ଜନ, ତାଙ୍କ ଭାଇ ରାଜକୁମାର ଏବଂ ସରିତା ନାମକ ଜଣେ ମହିଳା ମିଶି

### ୩ ଜଣଙ୍କ ମୃତ୍ୟୁ ପଛରେ ଥିଲା ବଡ଼ ଷଡ଼ଯନ୍ତ୍ର

ଏକ ଭୟଙ୍କର ଯୋଜନା ପ୍ରସ୍ତୁତ କରିଥିଲେ। ସରିତା ଜଣେ ୧୭ ବର୍ଷର ନାବାଳିକାକୁ ପେଟ୍ରୋଲ ଏବଂ ନିଆଁ ଦେଇ ବିଲ୍ଡିଂ ତଳେ ଥୁଆ ହୋଇଥିବା ଦୀପକଙ୍କ ଦୁଇଚକିଆ ଯାନରେ ନିଆଁ ଲଗାଇବା ପାଇଁ ଉସୁକାଇଥିଲେ। ଗତ ଜୁନ୍ ୧୨ ତାରିଖ ମଧ୍ୟରାତ୍ରିରେ ସେହି ନାବାଳିକା ଜଣକ ଗାଡ଼ିରେ ନିଆଁ ଲଗାଇ ଦେଇଥିଲେ, ଯାହା ପରବର୍ତ୍ତୀ ସମୟରେ ଅତି ଦ୍ରୁତ ଗତିରେ ପୂରା ପାଞ୍ଚ ମହଲା ବିଶିଷ୍ଟ ବିଲ୍ଡିଂକୁ ବ୍ୟାପି ଯାଇଥିଲା। ଏହି ଅଗ୍ନିକାଣ୍ଡରେ ବିଲ୍ଡିଂ ଭିତରେ ଫସି ରହିଥିବା ଆଠ ଜଣ ଲୋକଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଚିକିତ୍ସାଧୀନ ଅବସ୍ଥାରେ ପଙ୍କଜ, ସୁଶୀଳା ଦେବୀ ଏବଂ ସୋନିଆ କୁମାରୀଙ୍କର ମୃତ୍ୟୁ ଘଟିଛି। ଘଟଣାସ୍ଥଳରୁ ମିଳିଥିବା ଭିଡିଓ ଆଧାରରେ ପୁଲିସ ନାବାଳିକାକୁ ଚିହ୍ନଟ କରି ଅଟକ ରଖିବା ସହ ପଚରାଉଚରା ବେଳେ ସେ ନିଜର ଦୋଷ ସ୍ୱୀକାର କରିଛି। ବର୍ତ୍ତମାନ ପୁଲିସମୁଖ୍ୟ ତିନି ଅଭିଯୁକ୍ତଙ୍କୁ ଗିରଫ କରି ସେମାନଙ୍କ ବିରୋଧରେ ହତ୍ୟା ଉଦ୍ୟମ, ଅପରାଧିକ ଷଡ଼ଯନ୍ତ୍ର ଏବଂ ଗୃହ ଅନୁପ୍ରବେଶ ଭଳି ସଙ୍ଗୀନ ମାମଲା ରୁଜୁ କରିଛି। ଏହି ଘଟଣାରେ ଅନ୍ୟ କାହାର ସଂପୃକ୍ତି ଅଛି କି ନାହିଁ ସେ ନେଇ ଅଧିକ ତଦନ୍ତ ଜାରି ରହିଛି।





ମନ୍ଧାନାଙ୍କ ଦମ୍‌ଦାର୍ ଅର୍ଦ୍ଧଶତକ

▶ପୃଷ୍ଠା ୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-347 ◆MONDAY ◆15 JUNE 2026 ◆PAGE-12 ◆₹ 7.00

◆ବର୍ଷ-୪୩ ◆ସଂଖ୍ୟା-୩୪୭ ◆ସୋମବାର ◆୧୫ ଜୁନ୍ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


# ପେଟ୍ରୋଲ୍‌ର ସ୍ଥାନ ନେବ ଇଥାନଲ୍

## ୧୦୦% ଇଥାନଲ ଇନ୍ଧନକୁ ଆଇନଗତ ମଞ୍ଜୁରୀ

■ **ନାଗପୁର, ୧୪।୬ (ଏଜେନ୍ସି):** ପେଟ୍ରୋଲର ବିକଳ୍ପ ଭାବରେ ୧୦୦% ଇଥାନଲ ବ୍ୟବହାରକୁ ମଞ୍ଜୁରୀ ଦେଇଛନ୍ତି କେନ୍ଦ୍ର ସରକାର। ଦେଶରେ ପେଟ୍ରୋଲ, ଡିଜେଲ ଆମଦାନୀ ନିର୍ଭରତା ହ୍ରାସ କ୍ଷେତ୍ରରେ ଏହାକୁ ଏକ ବଡ଼ ପଦକ୍ଷେପ ବୋଲି ବିଚାର କରାଯାଉଛି। ନାଗପୁରରେ ଏନଡିଏ ସରକାରର ୧୨ ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ଭୂପୃଷ୍ଠ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ କହିଛନ୍ତି ଯେ ଇ୧୦୦ ଇନ୍ଧନ ବ୍ୟବହାରକୁ ଆଇନଗତ ମାନ୍ୟତା ଦେବା ପାଇଁ ଆବଶ୍ୟକ ଫାଇଲରେ ସ୍ୱାକ୍ଷର କରିଛନ୍ତି। ଏହା ଭାରତର ଉର୍ଜା ନୀତିରେ ଏକ ଐତିହାସିକ ପଦକ୍ଷେପ ବୋଲି ଶ୍ରୀ ଗଡ଼କରୀ କହିଛନ୍ତି ।

ସେ କହିଛନ୍ତି ଯେ ଇଥାନଲ କେବଳ ପେଟ୍ରୋଲର ବିକଳ୍ପ ନୁହେଁ; ବରଂ କୃଷକଙ୍କ ଆୟ ବୃଦ୍ଧି ଏବଂ ଦେଶର ଉର୍ଜା ସୁରକ୍ଷା ପାଇଁ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇପାରିବ। ଭାରତରେ ଫ୍ଲେକ୍ସ-ଫ୍ୟୁଏଲ ଯାନବାହନକୁ ନେଇ ଏବେ ଗତି ବଢ଼ିଛି। ସମ୍ପ୍ରତି ମାରୁତି ସୁଜୁକି ଏଥାନଲ



- ଦେଢ଼ ମାସ ମଧ୍ୟରେ ବଜାରକୁ ଆସିବ ଇଥାନଲ ଚାଳିତ ଗାଡ଼ି
- ମାରୁତି ଆଣିଲା ଇଥାନଲ ବ୍ୟବହାରକ୍ଷମ ୱାଗନ-ଆର୍ ମଡେଲ
- ହିରୋ କମ୍ପାନୀ ଆଣିବ ସ୍ପ୍ଲେଣ୍ଡର୍ ଓ ଏଚ୍‌ଏଫ୍ ଡିଲକ୍ସ ବାଇକ୍
- ଟୟୋଟା, ହ୍ୟୁଣ୍ଡାଇ, ଏମ୍‌ଜି ଆଣିବେ ନୂତନ ଚାରିଚକିଆ ଯାନ

ବ୍ୟବହାରକ୍ଷମ ୱାଗନଆର୍ ମଡେଲ୍ ଉନ୍ମୋଚନ କରିଛି। ଏହି ଗାଡ଼ି ଇ-୨୦ରୁ ଇ୧୦୦ ପର୍ଯ୍ୟନ୍ତ ଏଥାନଲ ମିଶ୍ରିତ ଇନ୍ଧନରେ ଚଳନକ୍ଷମ। ସେହିପରି ହିରୋ କମ୍ପାନୀ ସ୍ପ୍ଲେଣ୍ଡର ପ୍ଲସ ଓ ଏଚ୍ ଏଫ୍ ଡିଲକ୍ସର ଫ୍ଲେକ୍ସ ଫୁଏଲ୍ ସଂସ୍କରଣ ବଜାରକୁ ଛାଡ଼ିଛି। ଏହି ବାଇକ୍‌ଗୁଡ଼ିକ ଇ-୮୫ ଏଥାନଲରେ ଚାଲିବାକୁ ସକ୍ଷମ। ଅନ୍ୟପକ୍ଷରେ ଆଗାମୀ ଦେଢ଼ମାସ ମଧ୍ୟରେ ଟୟୋଟା, ଏମ୍‌ଜି, ହୁଣ୍ଡାଇ ଆଦି ମୋଟର କମ୍ପାନୀଗୁଡ଼ିକ ୧୦୦ ପ୍ରତିଶତ ଏଥାନଲ ଚାଳିତ ଯାନ ବଜାରକୁ ଆଣିବାକୁ ପ୍ରସ୍ତୁତି ଚଳାଇଛନ୍ତି ବୋଲି ଗଡ଼କରୀ ସୂଚନା ଦେଇଛନ୍ତି।

ଭାରତ ଇନ୍ଧନ ଆମଦାନୀ ପାଇଁ ପ୍ରତିବର୍ଷ ପ୍ରାୟ ୨୨ ଲକ୍ଷ କୋଟି ଟଙ୍କା ବ୍ୟୟ କରୁଛି। ଏଥିପାଇଁ ବିପୁଳ ପରିମାଣର ବିଦେଶୀ ମୁଦ୍ରା ବ୍ୟୟ ହେଉଥିବାରୁ ସରକାର ବିକଳ୍ପ ଇନ୍ଧନ ଉପରେ ଗୁରୁତ୍ୱ ଦେଉଛନ୍ତି। ଏଥାନଲ ଆଧାରିତ ଇନ୍ଧନର ବ୍ୟାପକ ବ୍ୟବହାର ହେଲେ ଆମଦାନି ଖର୍ଚ୍ଚରେ ବଡ଼ ଧରଣର ହ୍ରାସ ଆସିପାରିବ ବୋଲି କୁହାଯାଉଛି। ସାଧାରଣତଃ ▶ପୃଷ୍ଠା-୭

### ଘନେଇଲା ଟିଏମ୍‌ସି ସଙ୍କଟ

# ନେସନାଲିଷ୍ଟ ସିଟିଜନ୍ସ ପାର୍ଟିରେ ମିଶିବେ ୨୦ ବିଦ୍ରୋହୀ

■ **ନୂଆଦିଲ୍ଲୀ, ୧୪।୬:** ପଶ୍ଚିମ ବଙ୍ଗ ବିଧାନସଭା ନିର୍ବାଚନରେ ପରାଜୟ ପରେ ମମତାଙ୍କ ଟିଏମ୍‌ସିରେ ସଙ୍କଟ ଘନେଇବାରେ ଲାଗିଛି। ଲୋକସଭାରେ ପାର୍ଟିର ୨୦ ଜଣ ସାଂସଦ ଆଜି ବାଚସ୍ପତି ଓମ୍ ବିର୍ଲାଙ୍କୁ ଭେଟି ସେମାନଙ୍କୁ ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ଦେବା ପାଇଁ ଦାବି କରିଛନ୍ତି। ଏହାସହିତ ସେମାନଙ୍କ ଗୋଷ୍ଠୀକୁ ତ୍ରିପୁରାର ନେସନାଲିଷ୍ଟ ସିଟିଜନ୍ସ ପାର୍ଟି (ଏନସିପି) ସହ ମିଶ୍ରଣ କରିବାକୁ ସ୍ଥିର କରିଛନ୍ତି। ଗୃହରେ ଏନଡିଏ ସରକାରକୁ ସମର୍ଥନ ଦେବାକୁ ମଧ୍ୟ ଘୋଷଣା କରିଛନ୍ତି। ନେସନାଲିଷ୍ଟ ସିଟିଜନ୍ସ ପାର୍ଟି ହେଉଛି ତ୍ରିପୁରାର ଏକ ଆଞ୍ଚଳିକ ଦଳ ଯାହାକି ଜାତୀୟ ରାଜନୀତିରେ ସଂପୂର୍ଣ୍ଣ ରୂପେ ଅପରିଚିତ। ଲୋକସଭାର ସଭ୍ୟପଦରୁ ଅଯୋଗ୍ୟ ହେବାରୁ ରକ୍ଷା ପାଇବା ଲାଗି ବିଦ୍ରୋହୀମାନେ ଏହି ଦଳରେ ମିଶିବାକୁ ସ୍ଥିର କରିଥିବା କୁହାଯାଉଛି।



**ବାଚସ୍ପତିଙ୍କୁ ଭେଟି ଦାବି ଜଣାଇଲେ**

**ଦଳୀୟ ପଦବୀରୁ ସାୟୋନୀ, ମାଲାଙ୍କୁ ହଟାଇଲେ ମମତା**

ବିଦ୍ରୋହୀ ସାଂସଦମାନେ ଆଜି ସନ୍ଧ୍ୟାରେ ବାଚସ୍ପତିଙ୍କୁ ଭେଟି ତାଙ୍କ ସହିତ ଏକ ଘଣ୍ଟାରୁ ଅଧିକ ସମୟ ଧରି ଆଲୋଚନା କରିଥିଲେ। ଏହାପରେ ବିଦ୍ରୋହୀ ଗୋଷ୍ଠୀର ବରିଷ୍ଠ ନେତା ସୁଦୀପ ବନ୍ଦୋପାଧ୍ୟାୟ କହିଲେ ଯେ ନେସନାଲିଷ୍ଟ ସିଟିଜନ୍ସ ପାର୍ଟି ହେଉଛି ନିର୍ବାଚନ କମିସନଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଆଞ୍ଚଳିକ ଦଳ। ତାଙ୍କ ଗୋଷ୍ଠୀକୁ ପ୍ରକୃତ ଟିଏମସିର ମାନ୍ୟତା ଦେବା ଲାଗି ସେମାନେ କୋର୍ଟ ଯିବେ। କୋର୍ଟ ଏସଂପର୍କରେ ଯାହା ରାୟ ଦେବେ, ତାହାକୁ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ବାଚସ୍ପତିଙ୍କୁ ଭେଟିବା ପୂର୍ବରୁ ବିଦ୍ରୋହୀ ସାଂସଦ ଆଜି କେନ୍ଦ୍ର ମନ୍ତ୍ରୀ ତଥା ବିଜେପି ନେତା ଭୂପିନ୍ଦର ଯାଦବଙ୍କ ବାସଭବନରେ ଏକାଠି ହୋଇ ରଣନୀତି ▶ପୃଷ୍ଠା-୭

### ଚାମେଲି ଓଝାଙ୍କ ଉପରେ ଅତ୍ୟାଚାର ଘଟଣାକୁ ତୀବ୍ର ନିନ୍ଦା

# ମହିଳା ସରପଞ୍ଚଙ୍କ ସ୍ୱର ଚାପିବା ବିଜେପି ସରକାରଙ୍କ ହୀନ ଉଦ୍ୟମ: ନବୀନ

■ **ଭୁବନେଶ୍ୱର, ୧୪।୬ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ନିର୍ବାଚନମଣ୍ଡଳୀର ମହିଳା ସରପଞ୍ଚ ଚାମେଲି ଓଝାଙ୍କ ଉପରେ ଅତ୍ୟାଚାରକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ପୁଲିସ ପ୍ରଶାସନ ତଥା ଶାସକ ଦଳର ଅତ୍ୟାଚାରକୁ ନେଇ ସାଧାରଣରେ କ୍ଷୋଭ ପ୍ରକାଶ ପାଇଥିବା ବେଳେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ୍ୟ ଏହି ଘଟଣାରେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଲୋକଙ୍କ ସ୍ୱର ଉଠାଇ ଜଣେ ମହିଳା ସରପଞ୍ଚ ବିଜେପି ସରକାରରେ ଦମନଲୀଳାର ଶିକାର ହେବାର ସାକ୍ଷୀ ଓଡ଼ିଶା ରହୁଛି ବୋଲି ନବୀନ କହିଛନ୍ତି।

ସାମାଜିକ ଗଣମାଧ୍ୟମ ଏକ୍ସରେ ଏନେଇ ପୋଷ୍ଟ କରି ନବୀନ କହିଛନ୍ତି ଯେ ମହାକାଳପଡ଼ା ନିର୍ବାଚନମଣ୍ଡଳୀର ତିଖିରି ପଞ୍ଚାୟତର ସରପଞ୍ଚ ଚାମେଲି ଓଝାଙ୍କ ଉପରେ ସର୍ବସମ୍ମୁଖରେ ସରକାରୀ କାର୍ଯ୍ୟାଳୟ ଭିତରେ ହୋଇଥିବା ଅକଥନୀୟ ଅତ୍ୟାଚାର ଗଣତନ୍ତ୍ର ରାଷ୍ଟ୍ରରେ କଦାପି ଶୋଭନୀୟ ନୁହେଁ। ମହିଳା ସରପଞ୍ଚଙ୍କ ସ୍ୱର ଚାପିବା ପାଇଁ ବିଜେପି ସରକାର ସବୁ ସ୍ତରରେ କରୁଥିବା ହୀନ ଉଦ୍ୟମ ଜଳଜଳ ଦେଖାଯାଉଛି। 'ନାରୀ ଶକ୍ତି ବନ୍ଦନ' ଭଳି ବଡ଼ ବଡ଼ କଥା କହୁଥିବା



**ମୁଖ୍ୟମନ୍ତ୍ରୀ ତୁରନ୍ତ ହସ୍ତକ୍ଷେପ କରି ଗଣତନ୍ତ୍ରର ଗରିମା ଓ ମହିଳାଙ୍କ ସ୍ୱାଭିମାନ ସୁରକ୍ଷା ସୁନିଶ୍ଚିତ କରନ୍ତୁ**

ବିଜେପିର ବାସ୍ତବରେ ଏହା କ'ଣ ନାରୀଙ୍କୁ ସମ୍ମାନ କି ବୋଲି ନବୀନ ପ୍ରଶ୍ନ କରିଛନ୍ତି। ବିଜେପି ସରକାରରେ ଜଣେ ମହିଳା ସରପଞ୍ଚ ନିଜ ପଞ୍ଚାୟତର ଦାବି ଉଠାଇ ଯଦି ଏପରି ସ୍ଥିତିର ସାମ୍ନା କରୁଛି, ତେବେ ରାଜ୍ୟରେ ଅଗଣିତ ▶ପୃଷ୍ଠା-୭

### ରେକର୍ଡ ଭାଙ୍ଗୁଛି ବିଦ୍ୟୁତ୍ ଚାହିଦା

# ଜୁଲାଇରେ ଛୁଇଁବ ୨୮୩ ଗିଗାୱାଟ

■ **ନୂଆଦିଲ୍ଲୀ, ୧୪।୬ (ଏଜେନ୍ସି):** ଦେଶରେ ପ୍ରବଳ ଗ୍ରୀଷ୍ମପ୍ରବାହ ମଧ୍ୟରେ ରେକର୍ଡ ପରେ ରେକର୍ଡ ଭାଙ୍ଗୁଛି ବିଦ୍ୟୁତ୍ ଚାହିଦା। ଗତ ମଇ ୨୧ ତାରିଖରେ ଭାରତର ଗୋଟିଏ ଦିନର ବିଦ୍ୟୁତ୍ ଚାହିଦା ରେକର୍ଡ ୨୭୦.୮୨ ଗିଗାୱାଟ୍‌ରେ ପହଞ୍ଚିଛି। ମାତ୍ର ସୁପର ଏଲ୍ ନିନୋ ସକ୍ରିୟ ହେବା ପରେ ଆସନ୍ତାମାସ ଦେଶର ଗୋଟିଏ ଦିନର ବିଦ୍ୟୁତ୍ ଚାହିଦା ୨୮୩ ଗିଗାୱାଟ ପହଞ୍ଚିବ ବୋଲି କରାଯାଉଥିବା ଆକଳନ ଅର୍ଥଶାସ୍ତ୍ରୀମାନଙ୍କୁ ଚିନ୍ତାରେ ପକାଇଛି। ବର୍ଦ୍ଧିତ ବିଦ୍ୟୁତ ଚାହିଦା ଭରଣା ସ୍ୱାଭାବିକ ଚିନ୍ତାଜନକ ହୋଇଥିବା ବେଳେ ପରୋକ୍ଷରେ ଏହା ବର୍ଷାହୀନତା ଓ ପ୍ରଚଣ୍ଡ ତାପବୃଦ୍ଧିକୁ ଇଙ୍ଗିତ କରିଛି।

 କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ମେ' ମାସରେ ଦେଶର ମୋଟ ବିଦ୍ୟୁତ ବ୍ୟବହାର ୧୬୪.୯୮ ବିଲିୟନ



ୟୁନିଟ୍ ହୋଇଛି ଓ ଗତବର୍ଷ ମେ ମାସ ତୁଳନାରେ ୧୧.୫୫ ପ୍ରତିଶତ ଅଧିକ। ଅସହ୍ୟ ଗରମ, ଲଗାତାର ହିଟ୍‌ୱେଭ୍ ସାଙ୍ଗକୁ ଏସି, କୁଲର, ପଙ୍ଖାର ବ୍ୟାପକ ବ୍ୟବହାର ଯୋଗୁଁ ବିଦ୍ୟୁତ୍ ଚାହିଦା ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଚଳିତ ମାସ ଅର୍ଥାତ୍ ଜୁନ୍ ମାସରେ ଶୀର୍ଷ ବିଦ୍ୟୁତ୍ ଚାହିଦା ମେ ମାସ ପରି ରହିପାରେ ଓ ଯଦି ହିଟ୍ ୱେଭ୍ ପରି ସ୍ଥିତି ଜାରିରହେ, ତେବେ ଏହା ଅଧିକ ହୋଇପାରେ। ମାତ୍ର ଜୁଲାଇମାସରେ ଶୀର୍ଷ ବିଦ୍ୟୁତ୍ ଚାହିଦା ୨୮୩ ଗିଗାୱାଟ ପହଞ୍ଚିପାରେ ବୋଲି ଶକ୍ତି ମନ୍ତ୍ରଣାଳୟ ଆକଳନ କରିଛି । ଏହାକୁ ଭରଣା ପାଇଁ ସରକାର ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ସମ୍ପ୍ରତି ଦେଶର ବିଦ୍ୟୁତ୍ ଆବଶ୍ୟକତା ମୁଖ୍ୟତଃ କୋଇଲା ଭିତ୍ତିକ ତାପଜ ବିଦ୍ୟୁତ୍ କେନ୍ଦ୍ର ଜରିଆରେ ପୂରଣ ହେଉଛି। ୬୨.୮ ପ୍ରତିଶତ ବିଦ୍ୟୁତ କୋଇଲାରୁ ଉତ୍ପନ୍ନ ହେଉଥିବାବେଳେ ସୌରଶକ୍ତିରୁ ୨୨%, ଜଳବିଦ୍ୟୁତ୍ କେନ୍ଦ୍ରରୁ ୫.୮ ପ୍ରତିଶତ ଓ ପବନଶକ୍ତିରୁ ୫ ପ୍ରତିଶତ ଉତ୍ପାଦିତ ହେଉଛି। ଏହି ପରିପ୍ରେକ୍ଷୀରେ ବର୍ଦ୍ଧିତ ଚାହିଦାର ମୁକାବିଲା ପାଇଁ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ସମସ୍ତ ତାପଜ ବିଦ୍ୟୁତ କେନ୍ଦ୍ରର ନିର୍ଦ୍ଧାରିତ ମରାମତି ବା ରକ୍ଷଣାବେକ୍ଷଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛି। ଏହାଦ୍ୱାରା ଅତିରିକ୍ତ ୧୫,୦୦୦ ମେଗାୱାଟ୍ ବିଦ୍ୟୁତ କ୍ଷମତା ଉପଲବ୍ଧ ରହିବ।

ବିଶେଷଜ୍ଞମାନଙ୍କ ମତରେ ଏଲ୍-ନିନୋ ପ୍ରଭାବରେ ଯଦି ତାପମାତ୍ରା ବଢେ ଓ ବର୍ଷା କମ୍ ହୁଏ, ତେବେ ବିଦ୍ୟୁତ ଚାହିଦା ଓ ଜଳବିଦ୍ୟୁତ ଉତ୍ପାଦନ ମଧ୍ୟରେ ଅସନ୍ତୁଳନ ସୃଷ୍ଟି ହୋଇପାରେ। ସେଥିପାଇଁ ଆଗାମୀ କିଛି ମାସ ଭାରତର ଶକ୍ତି କ୍ଷେତ୍ର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦେଶର ବିଦ୍ୟୁତ ବ୍ୟବସ୍ଥା ଏପର୍ଯ୍ୟନ୍ତ ରେକର୍ଡ ଚାହିଦାକୁ ସଫଳତାର ସହ ମୁକାବିଲା କରିଥିଲେ ମଧ୍ୟ, ଆଗାମୀ ଦିନରେ ବଢୁଥିବା ଉଷ୍ମତା ଓ ଶକ୍ତି ଆବଶ୍ୟକତା ଭାରତର ଶକ୍ତି ସୁରକ୍ଷା କ୍ଷେତ୍ରରେ ବଡ଼ ଆହ୍ୱାନ ସୃଷ୍ଟି କରିପାରେ।

# ରଜ ପରେ ଆଗକୁ ବଢ଼ିବ ମୌସୁମୀ

■ **ଭୁବନେଶ୍ୱର, ୧୪।୬ (ସମିସ):** ଉତ୍ତର ଉପକୂଳ ଅଞ୍ଚଳ ଦେଇ ଗତ ଶୁକ୍ରବାର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଓଡ଼ିଶାକୁ ପ୍ରବେଶ କରିଥିଲେ ହେଁ ଏହାର ପ୍ରଭାବ ସେପରି ଅନୁଭୂତ ହେଉନାହିଁ। ଓଡ଼ିଶା ଆକାଶରେ ବର୍ଷା ପ୍ରାୟତଃ ଗାଏବ ରହିଛି। ତେବେ ଆସନ୍ତା ୪ରୁ ୫ ଦିନ ମଧ୍ୟରେ ମୌସୁମୀ ବାୟୁ ଓଡ଼ିଶାର ଅଧିକ ଅଞ୍ଚଳକୁ ଅଗ୍ରସର ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ସୋମବାର ରାଜ୍ୟର ବିଭିନ୍ନ ସ୍ଥାନରେ ବିଜୁଳି, ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନା ରହିଛି। ବାଲେଶ୍ୱର, କେନ୍ଦୁଝର, ମୟୂରଭଞ୍ଜ, ରାୟଗଡା, କୋରାପୁଟ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ୫୦ରୁ ୬୦ କିମି ବେଗରେ ପବନ ସହ ଏକାଧିକ ସ୍ଥାନରେ ବର୍ଷା ଓ ବିଜୁଳି ହୋଇପାରେ।



**୨୦ ଯାଏଁ ବିଭିନ୍ନ ଜିଲ୍ଲାରେ ବର୍ଷା ସହ ପବନ ସମ୍ଭାବନା**

**ଆଜି ୨୭ ଜିଲ୍ଲାକୁ ପାଣିପାଗ ବିଭାଗର ସତର୍କ ସୂଚନା**

ସେଥିପାଇଁ ଉପରୋକ୍ତ ଜିଲ୍ଲାଗୁଡ଼ିକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏତଦ୍‌ବ୍ୟତୀତ ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଦେବଗଡ, ଅନୁଗୋଳ, ଢେଙ୍କାନାଳ, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ▶ପୃଷ୍ଠା-୭

### ରକ୍ତରେ ଭିଜିଲା ପହିଲି ରଜ

# ବାପା ଓ ସାବତ ମା'କୁ ହତ୍ୟା

■ **ବାଲିକୁଦା, ୧୪।୬ (ସମିସ):** ସମ୍ପତ୍ତିରୁ ଭାଗ ନ ମିଳିବାରୁ ରକ୍ତମୁଖା ପୁଅ କଟୁରି ଚୋଟରେ ବାପା ଓ ସାବତ ମା'ର ମୁଣ୍ଡ ଗଡ଼ାଇଦେଲା। ଏଭଳି ଏକ ଲୋମହର୍ଷଣକାରୀ ଘଟଣା ଘଟିଛି ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅନ୍ତର୍ଗତ ଅଳାଭର ପଞ୍ଚାୟତ ତେରତାଙ୍ଗ ଗ୍ରାମରେ। ଗ୍ରାମର ଦିଲୀପ ପରିଡ଼ା ନିଜ ବାପା ସତ୍ୟାନନ୍ଦ ପରିଡ଼ା (୬୫) ଏବଂ ସାବତ ମା' ଚାରୁଲତା ପରିଡ଼ା (୫୦)ଙ୍କୁ ଆଜି ମଧ୍ୟାହ୍ନ ପ୍ରାୟ ସାଢ଼େ ୨ଟାରେ ହତ୍ୟା କରିଛି। ହତ୍ୟା କରିବା ପରେ ଅଭିଯୁକ୍ତ ଦିଲ୍ଲୀପ ଉକ୍ତ ଧାରୁଆ ଅସ୍ତ୍ର ସହ ନିଜ ▶ପୃଷ୍ଠା-୭

## ଗୁଣି ସନ୍ଦେହରେ ମା'କୁ ହତ୍ୟା

■ **ବନ୍ତ/ଆଗରପଡ଼ା, ୧୪।୬ (ସମିସ):** ପହିଲି ରଜକୁ ମା'ର ରକ୍ତରେ ଭିଜାଇଦେଲା କୁଳାଙ୍ଗାର ପୁଅ। ଗୁଣି ସନ୍ଦେହରେ ମା'କୁ କୁରାଢ଼ୀ ଓ ପନିକିରେ ହାଣି ମାରିଦେଲା। ଏପରି ଏକ ଲୋମହର୍ଷଣକାରୀ ଘଟଣା ଘଟିଛି, ଭଦ୍ରକ ଜିଲ୍ଲା ବନ୍ତ ଥାନା ଅନ୍ତର୍ଗତ ଜିରିଣାସ୍ଥିତ ଗୁଡ଼ିଆସାହିରେ। ମୃତ ମହିଳାଜଣଙ୍କ ହେଲେ, ଗାଁର ପୁଷ୍ପାରାଣୀ ସାହୁ (୫୫)। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ▶ପୃଷ୍ଠା-୭

## ଯୁବକଙ୍କୁ ଗୁଳିକରି ହତ୍ୟା

■ **ଗଣିଆ, ୧୪।୬ (ସମିସ):** ଗଣିଆ ବ୍ଲକ ପାଣ୍ଡରାସିଙ୍ଗା ଛକରେ ଜଣେ ଯୁବକଙ୍କୁ ଗୁଳିକରି ହତ୍ୟା କରାଯାଇଛି। ମୃତକ ହେଲେ ପତୁରିଆ ଗ୍ରାମର କୁଳମଣି ନାୟକଙ୍କ ପୁଅ ରବୀନ୍ଦ୍ର କୁମାର ନାୟକ। ରବୀନ୍ଦ୍ର ନିଜ ଗ୍ୟାରେଜରେ ବସିଥିବା ବେଳେ ଦୁର୍ବୃତ୍ତ ଏକ କାର୍‌ରେ ଆସି ତାଙ୍କୁ ଗୁଳିକରି ଫେରାର ହୋଇଯାଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସେ ଦୋକାନ ପାଖରେ ପଡ଼ିଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ବାଇକ୍ ଯୋଗେ ତାଙ୍କୁ ଗଣିଆ ମେଡିକାଲ ଅଣାଯାଇଥିଲା। ତାଙ୍କ ଡାହାଣ ଛାତିରେ ▶ପୃଷ୍ଠା-୭





# ପୁଣି ଶୀର୍ଷ ଛୁଇଁଲା ଖୁଚୁରା ମୁଦ୍ରାସ୍ଫୀତି

**ଗତ ୧୬ ମାସରେ ସର୍ବୋଚ୍ଚ ସ୍ତର**

■ **ନୂଆଦିଲ୍ଲୀ, ୧୪।୬ (ଏଜେନ୍ସି):** ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ପୁଣିଥରେ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଛି। ଜୁନ୍ ମାସରେ ଭାରତର ଖୁଚୁରା ମୁଦ୍ରାସ୍ଫୀତି ଗତ ୧୬ ମାସ ମଧ୍ୟରେ ସର୍ବୋଚ୍ଚସ୍ତର ଅର୍ଥାତ୍ ୩.୯%ରେ ପହଞ୍ଚିଛି। ପନିପରିବା, ଡାଲି, ଫଳ, ଦୁଗ୍ଧଜାତ ସାମଗ୍ରୀ ଓ ଅନ୍ୟାନ୍ୟ ଅତ୍ୟାବଶ୍ୟକ ଦ୍ରବ୍ୟର ମୂଲ୍ୟବୃଦ୍ଧି ଏହାର ମୁଖ୍ୟକାରଣ ବୋଲି ଅର୍ଥନୀତିଜ୍ଞମାନେ କହିଛନ୍ତି ।

ଅର୍ଥନୀତି ବିଶେଷଜ୍ଞମାନଙ୍କ ମତରେ ଅସ୍ଥିର ପାଣିପାଗ କେତେକ



ଅଞ୍ଚଳରେ କମ୍ ବର୍ଷା ଓ ଯୋଗାଣ ଶୃଙ୍ଖଳାର ସମସ୍ୟା ଯୋଗୁଁ କୃଷି ଉତ୍ପାଦନ ପ୍ରଭାବିତ ହୋଇଛି। ଫଳରେ ବଜାରରେ ପନିପରିବା ଓ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପାଇଛି। ଟମାଟୋ, ପିଆଜ, ଆଳୁ ଭଳି ଦୈନନ୍ଦିନ ବ୍ୟବହାର ସାମଗ୍ରୀର ଦର ଅନେକ ସ୍ଥାନରେ ଲୋକଙ୍କୁ ଚିନ୍ତାରେ ପକାଇଛି। ମୁଦ୍ରାସ୍ଫୀତିକୁ ୪ ପ୍ରତିଶତ ମଧ୍ୟରେ ରଖିବା ଏବେ ଆର୍‌ବିଆଇ ପାଇଁ ଆହ୍ୱାନ ହୋଇଛି। ତେଣୁ ଆଗାମୀ ଦିନରେ ସୁଧହାର ନୀତି ନେଇ କେନ୍ଦ୍ରୀୟ ବ୍ୟାଙ୍କ ସତର୍କ ରହିବାର ସମ୍ଭାବନା ରହିଛି।

ଅନ୍ୟପକ୍ଷରେ ବିଶ୍ୱ ବଜାରରେ ଇନ୍ଧନ ଓ କୃଷିଜାତ ପଦାର୍ଥର ଅସ୍ଥିରତା ମଧ୍ୟ ଭାରତରେ ଦରବୃଦ୍ଧି ଉପରେ ପ୍ରଭାବ ପକାଇପାରେ। ଯଦି ଆଗାମୀ ମାସଗୁଡ଼ିକରେ ବର୍ଷା ସ୍ୱାଭାବିକ ନ ରହେ କିମ୍ବା ଏଲ୍-ନିନୋ ପ୍ରଭାବ ବଢେ, ତେବେ ଖାଦ୍ୟ ଦର ଉପରେ ଆହୁରି ଚାପ ସୃଷ୍ଟି ହୋଇପାରେ ବୋଲି ବିଶେଷଜ୍ଞମାନେ ଆଶଙ୍କା ପ୍ରକାଶ କରିଛନ୍ତି। ବର୍ତ୍ତମାନ ପାଇଁ ମୁଦ୍ରାସ୍ଫୀତି ନିୟନ୍ତ୍ରଣଯୋଗ୍ୟ ସୀମା ମଧ୍ୟରେ ରହିଥିଲେ ମଧ୍ୟ ଖାଦ୍ୟ ଦରବୃଦ୍ଧି ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ଆଗାମୀ ମୌସୁମୀ ବର୍ଷା ଓ କୃଷି ଉତ୍ପାଦନ କିପରି ରହୁଛି, ତାହା ଉପରେ ଦେଶର ମହଙ୍ଗାଇର ଭବିଷ୍ୟତ ନିର୍ଭର କରିବ।

**ଭଉଣୀ ଘରେ ପହଞ୍ଚିପାରିଲାନି ରଜ ଭାର**

# ଦୁର୍ଘଟଣାରେ ଭାଇର ମୁଣ୍ଡଗଣ୍ଡି ଅଲଗା



ବଡ଼ମ୍ବା, ୧୪।୬ (ସମିସ): କେତେ ଶ୍ରଦ୍ଧାରେ ଭଉଣୀ ଘରକୁ ରଜଭାର ନେଇ ଯାଉଥିଲେ। ଭଉଣୀ ଘରେ ପୋଡ଼ପିଠା, ପାନ ଖାଇ ତା'ର ଭଲମନ୍ଦ ବୁଝିଥା'ନ୍ତେ। କିନ୍ତୁ, ନିଷ୍ଠୁର ନିୟତି ସେତକ କରାଇଦେଲାନି। ଅଧାବାଟରୁ

**ଟି-ସେତୁରେ ବାଇକ-ଅଟୋ ମୁହାଁମୁହିଁ ଧକ୍କା**

ଭାଇକୁ ଟେକିନେଲା ଯମ। ଦୁର୍ଘଟଣାରେ ଭାଇର ମୁଣ୍ଡ-ଗଣ୍ଡି ଅଲଗା ହୋଇଗଲା। କଟକ ଜିଲ୍ଲା ବଡ଼ମ୍ବା ଟି-ସେତୁ ଉପରେ ଆଜି ଏପରି ଏକ ଛାତିଥରା ଦୁର୍ଘଟଣା ଘଟିଛି। ମୃତ ଯୁବକ ହେଲେ, ବଡ଼ମ୍ବା ଥାନା ଅନ୍ତର୍ଗତ ବୃନ୍ଦାବନପୁର ଗ୍ରାମର ସୁଶୀଲ କୁମାର ଗୋଛି (୨୨)। ସୁଶୀଲଙ୍କ ବାଇକ୍ ସେତୁ ଉପରେ ଏକ ଅଟୋକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଏଥିରେ ଅଟୋରେ ବସିଥିବା ୬ ଜଣ ମହିଳା ମଧ୍ୟ ଆହତ ହୋଇଛନ୍ତି।

ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ଉଭୟ ଅଟୋ ଓ ବାଇକ୍ ଦ୍ରୁତ ଗତିରେ ଆସୁଥିବା ବେଳେ ଭାରସାମ୍ୟ ହରାଇ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବାଇକ୍ ଓ ଅଟୋ ସଂପୂର୍ଣ୍ଣ ଚୂରମାର୍ ହୋଇଯାଇଥିଲା। ଖବର ପାଇ ବଡ଼ମ୍ବା ପୁଲିସ ଓ ଅଗ୍ନିଶମବାହିନୀ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବଡ଼ମ୍ବା ଡାକ୍ତରଖାନାକୁ ପଠାଇଥିଲେ। ଅପରପକ୍ଷେ, ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସୁଶୀଲଙ୍କ ପରିବାର ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି କ୍ଷତିପୂରଣ ଦାବି କରିଥିଲେ। ଶବ ରଖି ରାସ୍ତା ଅବରୋଧ କରିଥିଲେ। ଫଳରେ କିଛି ସମୟ ପାଇଁ ଟି-ସେତୁରେ ଯାତାୟାତ ବ୍ୟାହତ ହୋଇଥିଲା। ଖବର ପାଇ ସ୍ଥାନୀୟ ବିଧାୟକ ବିଜୟ କୁମାର ଦଳବେହେରା ଘଟଣାସ୍ଥଳରେ ପହଞ୍ଚି ପରିବାରଲୋକଙ୍କ ସହ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିବା ସହ ରେଡକ୍ରସ ତରଫରୁ ୩୦ ହଜାର ଟଙ୍କା ଓ ଇନ୍ସୁରାନ୍ସର କ୍ଷତିପୂରଣ ମିଳିବା ପ୍ରତିଶ୍ରୁତି ପରେ ରାସ୍ତାରୋକ ହଟିଥିଲା। ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ପହିଲି ରଜରେ ନନ୍ଦନକାନନ ଭିଡ଼



ନନ୍ଦନକାନନ, ବାରଙ୍ଗ, ୧୪।୬ (ସମିସ): ଚଳିତ ବର୍ଷ ରଜ ମହୋତ୍ସବର ପ୍ରଥମ ଦିନରେ ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ଆଜି ୨୯,୩୮୦ ଜଣ ଦର୍ଶକଙ୍କ ସମାଗମ ହୋଇଥିବା ଉପ ନିର୍ଦ୍ଦେଶକ ପ୍ରଦୀପ ମୀରାସେ ପ୍ରକାଶ କରିଛନ୍ତି। ଏମାନଙ୍କ ମଧ୍ୟରୁ ୨୭,୧୯୨ ଦର୍ଶକ ପ୍ରାଣୀ ଉଦ୍ୟାନ ଓ ୨,୧୮୮ ଜଣ ରାଜ୍ୟ ଉଦ୍ଭିଦ ଉଦ୍ୟାନ ପରିଦର୍ଶନ କରିଥିଲେ। ଗତ ବର୍ଷ ସମାନ ୨୪,୮୫୬ ଜଣ ପର୍ଯ୍ୟଟକଙ୍କ ଆଗମନ ହୋଇଥିଲା। ପରିଦର୍ଶକଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷଙ୍କ ଦ୍ୱାରା ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ସୁରକ୍ଷା ବଜାୟ ରଖିବା ଏବଂ ପରିଦର୍ଶକଙ୍କୁ ସହାୟତା କରିବା ପାଇଁ ଓଡ଼ିଶା ଶିଳ୍ପ ସୁରକ୍ଷା ବାହିନୀ ଏବଂ ପୂର୍ବତନ ସେନା କର୍ମଚାରୀଙ୍କ ସମେତ ମୋଟ ୧୦୪ ଜଣ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯାଇଥିଲା। ପ୍ରବଳ ଗୁଳୁଗୁଳି ଗରମକୁ ଦୃଷ୍ଟିରେ ରଖି ପରିଦର୍ଶକଙ୍କ ପାଇଁ, ୧୩ଟି ସ୍ଥାୟୀ ଏବଂ ୧୮ଟି ଅତିରିକ୍ତ ଅସ୍ଥାୟୀ ଛାୟା ଗୃହ ସହିତ ୩୧ଟି ପାନୀୟ ଜଳ କେନ୍ଦ୍ର ଯୋଗାଇ ଦିଆଯାଇଥିଲା। ୩୦ ଜଣ ଚିଡ଼ିଆଖାନା ସ୍ୱେଚ୍ଛାସେବୀ ଦିନସାରା ଭିଡ଼ ପରିଚାଳନା, ମାର୍ଗଦର୍ଶନ ଏବଂ ପରିଦର୍ଶକଙ୍କୁ ସହାୟତା ପ୍ରଦାନ କରିବାରେ ନିୟୋଜିତ କରାଯାଇଥିଲା। ଦୟାକରି ଧ୍ୟାନ ଦିଅନ୍ତୁ ଯେ ରଜ ଦ୍ୱିତୀୟ ଦିନ ପାଳନ କରିବା ପାଇଁ, ପ୍ରାଣୀ ଉଦ୍ୟାନ ଏବଂ ରାଜ୍ୟ ଉଦ୍ଭିଦ ଉଦ୍ୟାନ ଉଭୟ ସୋମବାର, ୧୫ ଜୁନରେ ପରିଦର୍ଶକଙ୍କ ପାଇଁ ଖୋଲା ରହିବ। ମଙ୍ଗଳବାର ୧୬ ଜୁନରେ ସାପ୍ତାହିକ ଛୁଟି ଦିନ ଭାବରେ ପରିଦର୍ଶକଙ୍କ ନିମନ୍ତେ ବନ୍ଦ ରହିବା ନେଇ ଉପନିର୍ଦ୍ଦେଶକ ପ୍ରକାଶ କରିଛନ୍ତି।

## ଦନ୍ତା ଆକ୍ରମଣରେ ବୃଦ୍ଧ ମୃତ

ଟାଙ୍ଗୀ, ୧୪।୬(ସମିସ): ରବିବାର ଭୋର୍‌ରେ କଟକ ବନଖଣ୍ଡ ଡାଳିଯୋଡ଼ା ରେଞ୍ଜ ଅଧୀନସ୍ଥ ବରପଦା ଅଞ୍ଚଳରେ ଦନ୍ତାହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଟାଙ୍ଗୀ ଥାନା ସଫା ଅଞ୍ଚଳର ପଞ୍ଚାନନ ପାଣ୍ଡବ (୭୨)। ସେ ଭଗତପୁର-କାନପୁର ରାସ୍ତାର

**ଚର୍ଚ୍ଚାରେ ବିୟର କମ୍ପାନୀ ପୋଚ**

ଧାନବେଣୀଠାରେ ଠାକୁର ପୂଜା ନାମରେ ଦାନ ସଂଗ୍ରହ କରି ପରିବାର ପ୍ରତିପୋଷଣ କରୁଥିଲେ। ରବିବାର ଭୋର୍‌ରୁ ସାଇକଲରେ ସେ ବରପଦାସ୍ଥିତ ବିୟର କମ୍ପାନୀ ରାସ୍ତାରେ ଧାନବେଣୀ ଆସୁଥିଲା ବେଳେ ଦନ୍ତା ହାବୁଡ଼ରେ ପଡ଼ିଥିଲେ। ରେଞ୍ଜର ସଚ୍ଚିଦାନନ୍ଦ ସୁବୁଦ୍ଧିଙ୍କ ନିର୍ଦ୍ଦେଶକ୍ରମେ ବନପାଳ ଲକ୍ଷ୍ମୀଧର ନାୟକ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ପଞ୍ଚାନନଙ୍କୁ ଉଦ୍ଧାର ପୂର୍ବକ ଚିକିତ୍ସା ନିମନ୍ତେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସଂଧ୍ୟା ପ୍ରାୟ ୭ଟାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ସୂଚନା ଦେଇଛନ୍ତି। ହାତୀ ଉତ୍ପାତ ଘଟଣାରେ ସ୍ଥାନୀୟ ଲୋକେ ବିୟର କମ୍ପାନୀ ପୋଚକୁ ଦାୟୀ କରିଛନ୍ତି। କମ୍ପାନୀର ପୋଚ ପିଇବା ଲୋଭରେ ହାତୀପଲ ବାରମ୍ବାର ବରପଦା ଅଞ୍ଚଳରେ ପ୍ରବେଶ କରି ଉତ୍ପାତ ସୃଷ୍ଟି କରୁଛନ୍ତି ବୋଲି ଚର୍ଚ୍ଚା ହେଉଛି। ସଫା ସରପଞ୍ଚ ନିବାସ ଚନ୍ଦ୍ର ପାଣ୍ଡବ ଡାକ୍ତରଖାନାରେ ପହଞ୍ଚି ସମବେଦନା ଜ୍ଞାପନ କରିବା ସହ ଆବଶ୍ୟକ ସହାୟତା ଯୋଗାଇ ଦେଇଛନ୍ତି।

## ଦୁର୍ଘଟଣା ଘଟାଇଥିବା ଯୁବକଙ୍କୁ ନିସ୍ତୁକ ମାଡ଼

ଭୁବନେଶ୍ୱର,୧୪।୬ (ସମିସ): ସହିଦନଗର ବିଏମ୍‌ସି ମଲ୍ ପାଖରେ ତୀବ୍ର ଉତ୍ତେଜନା ଦେଖାଦେଇଛି। ଦୁର୍ଘଟଣା ଘଟାଇଥିବା ଦୁଇ ଯୁବକଙ୍କୁ ଲୋକେ ଅଟକାଇ ନିସ୍ତୁକ ମାଡ଼ ମାରିବା ସହ ସ୍କର୍ପିଓ ଭଙ୍ଗାରୁଜା କରିଛନ୍ତି। ଯାହାକୁ ନେଇ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା। ଦୁଇ ଯୁବକଙ୍କୁ ମାଡ଼ ମାରିବା ଏବଂ ଗାଡ଼ିଭଙ୍ଗା ଭିଡ଼ିଓ ଏବେ ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି। ପୁଲିସ ସୂଚନା ମୁତାବକ, ଦୁଇ ଯୁବକ ଭବାନୀ ମଲ୍ ନିକଟରେ ଏକ ସ୍କର୍ପିଓରେ ଯାଉଥିଲେ। ତାଙ୍କ ଗାଡ଼ି କଡ଼ରେ ଯାଉଥିଲାବେଳେ କୌଣସି କାରଣରୁ ଜଣେ ପଡ଼ିଗଲେ। ତେବେ ସ୍କର୍ପିଓ ଚାଳକ ଦୁର୍ଘଟଣା ଘଟାଇଥିବା ଆଶଙ୍କା କରି ମାଡ଼ ଭୟରେ ସେଠାରୁ ଦ୍ରୁତ ଗତିରେ ଚାଲିଯିବାକୁ ଚେଷ୍ଟା କରୁଥିବାବେଳେ ସ୍ଥାନୀୟ ଲୋକେ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ଗାଡ଼ି ଭିତରେ ଥିବା ଦୁଇ ଯୁବକଙ୍କୁ ନିସ୍ତୁକ ପିଟିଥିଲେ। ଏହାର ଭିଡିଓ କରି ସୋସିଆଲ ମିଡିଆରେ ଅପଲୋଡ୍ କରିଥିଲେ। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚିଲା। ହେଲେ କୌଣସି ଅଭିଯୋଗ ହୋଇ ନଥିବାରୁ କାର୍ଯ୍ୟାନୁଷ୍ଠାନ ନେଇପାରିନଥିବା ଜଣାପଡ଼ିଛି।

## ଗ୍ୟାସ ଡେଲିଭରୀ ବୟ ବେଶରେ ଆସି ଘରୁ ଲୁଟ୍

ଭୁବନେଶ୍ୱର,୧୪।୬ (ସମିସ): ରାଜଧାନୀରେ ଗ୍ୟାସ ଡେଲିଭରି ବୟ ସାଜି ଦିନଦ୍ୱିପ୍ରହରରେ ଲୁଟ୍ କରି ଚମ୍ପଟ ମାରିଛନ୍ତି ଦୁର୍ବୃତ୍ତ। ନୟାପଲ୍ଲୀ ଥାନା ଅନ୍ତର୍ଗତ ଆଇଆରସି ଭିଲେଜ୍‌ରୁ ଆସିଛି ଏଭଳି ଏକ ଚାଞ୍ଚଲ୍ୟକର ମାମଲା। ମିଳିଥିବା ସୂଚନା ମୁତାବକ, ଗତକାଲି ଜଣେ ଅଜଣା ଯୁବକ ଏକ ଗ୍ୟାସ ଏଜେନ୍ସିର ନାଁ ନେଇ ଉକ୍ତ ଘରେ ପଶିଥିଲା। ଗ୍ୟାସ ବୁକିଂ ବହି ଯାଞ୍ଚ କରିବା ଏବଂ ଓଟିପି ମାଗିବା ବାହାନାରେ ସେ ଘରର ସଦସ୍ୟଙ୍କୁ ବିଭ୍ରାନ୍ତ କରିଥିଲା। ଏହି ସୁଯୋଗରେ ସେ ସେଠାରୁ ସୁନା ମୁଦି ସହ ଅନ୍ୟ ଜଣେ ମହିଳାଙ୍କ ଠାରୁ ପ୍ରାୟ ସାଢେ ୫ ହଜାର ଟଙ୍କା ଝାମ୍ପି ନେଇଥିଲା। ଚୋରି ସମ୍ପର୍କରେ ଜଣାପଡ଼ିବା ପରେ ଯେତେବେଳେ ଘର ମାଲିକ ତାକୁ ଧରିବାକୁ ଚେଷ୍ଟା କରିଥିଲେ। ସେତେବେଳେ ଲୁଟେରା ଜଣକ ତାଙ୍କୁ ଧକ୍କା ମାରିଥିଲା। ବାହାରେ ବାଇକ୍ ଧରି ଅପେକ୍ଷା କରିଥିବା ଅନ୍ୟ ଜଣେ ସହଯୋଗୀ ସହ ସେ ସେଠାରୁ ଚମ୍ପଟ ମାରିବାରେ ସଫଳ ହୋଇଥିଲା। ଏନେଇ ନୟାପଲ୍ଲୀ ଥାନାରେ ଏକ ଲିଖିତ ଅଭିଯୋଗ କରାଯିବା ପରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି କ୍ୟାମେରା ଫୁଟେଜ୍‌କୁ ଆଧାର କରି ଲୁଟେରା ଦ୍ୱୟଙ୍କୁ ଚିହ୍ନଟ କରିବା ସହ ସେମାନଙ୍କୁ ଗିରଫ କରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଆଇଆରସି ଭିଲେଜ୍ ଭଳି ଏକ ହାଇପ୍ରୋଫାଇଲ୍ ଏବଂ ସୁରକ୍ଷିତ ଅଞ୍ଚଳରେ ଦିନଦ୍ୱିପ୍ରହରରେ ଏଭଳି ସାହସିକ ଚୋରି ଘଟଣା ସ୍ଥାନୀୟ ବାସିନ୍ଦାଙ୍କୁ ଚକିତ କରିବା ସହ ସେମାନଙ୍କ ସୁରକ୍ଷା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ରଥଖଳାରୁ... ତୃତୀୟ ଭୂଇଁ ଉପରକୁ ଉଠିଲା ବଡ଼ ଥଳ ପୋଟଳ



ପୁରୀ, ୧୪।୬ (ସମିସ): ରଥଯାତ୍ରାକୁ ଆଉ ପାଖାପାଖି ମାସେ ରହିଲା। ବଡ଼ଦାଣ୍ଡରେ ଗଡ଼ିବ ତିନିରଥ। ଏପଟେ ରଥଖଳାରେ ବି କାମ ଆଗୁଆ ରହିଛି। ରବିବାର ଅପରାହ୍ଣରେ ତିନି ରଥର ତୃତୀୟ ଭୂଇଁ ଉପରେ ସ୍ଥାପନ ହୋଇଛି ଏକ ନମ୍ବର ବଡ଼ ଥଳ ପୋଟଳ। ଏବେ ତିନି ରଥ ଚାଳିରେ ବାକି ପୋଟଳଗୁଡ଼ିକର ନିର୍ମାଣ କାର୍ଯ୍ୟ ଜାରି ରହିଛି। (ତିନି ରଥର ଏହି ପୋଟଳ ୧୩ ପରସ୍ତ ବିଶିଷ୍ଟ, ଏହା ରଥର ଶେଷ ଭୂଇଁ ଉପରୁ ନିର୍ମାଣ ହୋଇଥାଏ, ଏହାର ଗଠନ ଶୈଳୀ ଶ୍ରୀମନ୍ଦିର ଶୀର୍ଷ ଭାଗ ଅଂଶ ପରି ଦୃଶ୍ୟମାନ ହୋଇଥାଏ)। ଏଥିସହ ତିନିରଥର ଚାରି ନାହାକାକୁ ମଜଭୁତ କରିବା ପାଇଁ ଚାରି ନାହାକାର ଉଭୟ ପାର୍ଶ୍ୱରେ ମୂଳ କଇଞ୍ଚି ବାଡ଼ିଆ ଯିବ। ସେଥିପାଇଁ ମହାରଣା ସେବକମାନେ ୨୦ ଫୁଟିଆ କାଠ ଫଳିକୁ ଚଉପଟ ଆରମ୍ଭ କରିଛନ୍ତି। ସେଥିରେ ମାପ ପ୍ରକାରେ କାପ ଖୋଦେଇ ସହ ସୋମବାର ରଥରେ କଇଞ୍ଚିକୁ କ୍ରସ୍ କରି ବାଡ଼ାଯିବ। ଏଥିସହ ରବିବାର ରଥ ଉପର ସିଂହାସନ ବେଦୀ ଉଭୟ ପାର୍ଶ୍ୱରେ ତାଗ୍ ବା ବଟନ୍ ବାଡ଼ିଆ କାର୍ଯ୍ୟ ଜାରି ରହିଛି। ରୂପକାର ସେବକମାନେ ଦୁଆରବେଢ଼ାରେ ଲାଗିବା ପାଇଁ ୪ଟି ଲେଖାଏଁ ନାଟଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ ଶେଷ କରିଛନ୍ତି। ବାକି ତିନିରଥର ୪ଟି ଲେଖାଏଁ ନାଟ ଗୋଡ଼ରେ କନ୍ଦର୍ପ ରୂପ ଖୋଦେଇ କାର୍ଯ୍ୟ ଏବଂ ତିନିରଥର ଗୋଟିଏ ଗୋଟିଏ ଚାର ପରିଛାରେ ପଦ୍ମ ଫୁଲ, ମୟୂର ଏବଂ ଡାଳିଲତା ଖୋଦେଇ କରୁଛନ୍ତି। ଚିତ୍ରକର ସେବକମାନେ ପାର୍ଶ୍ୱ ଦେବଦେବୀ, ନର୍ତ୍ତକୀ, ଶିଖର ଡମ୍ବରୁ, ଅଁଳା ଏବଂ ଓଲଟ ଶୁଆ ଇତ୍ୟାଦିରେ ରଙ୍ଗ କରୁଛନ୍ତି। ରବିବାର ନନ୍ଦିଘୋଷ ରଥର ବାହ୍ୟ ଅଂଶଗୁଡ଼ିକରେ ରଙ୍ଗ କାର୍ଯ୍ୟ ପୂର୍ବରୁ ଧଳା ପ୍ରାଇମର୍ ଦେବା କାର୍ଯ୍ୟ ଆରମ୍ଭ କରିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥରେ କତରା ବାଡ଼ିଆ ଯିବା ପାଇଁ ୫୬ଟି କତରା କଣ୍ଟା (ଅଗ ପାତେଳୀ ଏବଂ ଚଉରସ କଣ୍ଟା) ଯୋଗାଇଦେଇ ଦୁଆର ବେଢ଼ା ପାଇଁ ଗାରେଡ଼ି, ମଗର ଏବଂ ଚନ୍ଦ୍ରଶାଳୀ ପାଇଁ କଣ୍ଟା ତିଆରି କରୁଛନ୍ତି। ଦୋଳବେଦୀଠାରେ ପାହି ମହାରଣାମାନେ ରଥଯାତ୍ରା ନିମନ୍ତେ ସେବା ପୂଜା ପାଇଁ କାଠ ବାଉଁଶ ନିର୍ମିତ ସରଞ୍ଜାମ ତିଆରି କରୁଛନ୍ତି।

## ବଜ୍ରପାତରେ ଯୁବକ ମୃତ

କେସିଙ୍ଗା, ୧୪।୬ (ସମିସ): କେସିଙ୍ଗା ବ୍ଲକ୍ ଗୁକୁଲେଶ୍ୱର ପଞ୍ଚାୟତ ଗୁକୁଲେଶ୍ୱର ଗ୍ରାମର ଗୋପୀ ଗଉଡ଼ଙ୍କ ସାନ ପୁଅ ଗୋଲକ ଗଉଡ଼(୧୮)ଙ୍କ ବଜ୍ରାଘାତରେ ମୃତ୍ୟୁ ଘଟିଛି। ରବିବାର ଅପରାହ୍ଣରେ ଗୋଲକ ଘର ପାଇଁ ଜାଳେଣି ସଂଗ୍ରହ ପାଇଁ ନିକଟସ୍ଥ ଜମିକୁ ଯାଇଥିଲେ। ସେହି ସମୟରେ ଅଚାନକ ବଜ୍ରାଘାତ ହେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ପରିବାରଲୋକ ଖବର ପାଇବା ପରେ ସଙ୍ଗେସଙ୍ଗେ ଭବାନୀପାଟଣା ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ରାୟଗଡ଼ରେ କାଳବୈଶାଖୀ ତାଣ୍ଡବ

ରାୟଗଡ,୧୪।୬(ସମିସ): ରାୟଗଡ ସହର ଓ ଏହାର ଆଖପାଖ ଅଞ୍ଚଳରେ ରବିବାର ମଧ୍ୟାହ୍ନରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ସହ ଜୋରରେ ପବନ ହେବାରୁ ବିଦ୍ୟୁତ ଖୁଣ୍ଟ ଭାଙ୍ଗିବା, ଗଛ ଉପୁଡିବା ସହ ଜଣେ ୧୦ମ ଶ୍ରେଣୀର ଛାତ୍ର ଗୁରତର ହୋଇଛନ୍ତି। ଆହାତ ଛାତ୍ର ଜଗାଗୁଡା ଗ୍ରାମର ରମେଶ କଣ୍ଡାଗିରି। ସେ ନଦୀକୁ ଗାଧେଇବାକୁ ଯାଇ ଫେରିବା ସମୟରେ ପ୍ରବଳ ପବନ ହୋଇଥିଲା ଏବଂ ଗଛ ତଳେ ସେ ଆଶ୍ରୟନେବା ବେଳେ ରମେଶ ଉପରେ ଗଛ ପଡିଯାଇଥିଲା। ଫଳରେ ତାଙ୍କର ଅଣ୍ଟାରେ ଗୁରୁତର ଆଘାତ ଲାଗିଛି। ଗ୍ରାମବାସୀଙ୍କ ସହାୟତାରେ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ରାୟଗଡ ସହରରେ ମଧ ପ୍ରାୟ ଏକ ଘଣ୍ଟା ଧରି ପବନ, ବର୍ଷା ସହିତ ବଜ୍ରପାତ ହୋଇଥିଲା। ବିଭିନ୍ନ ସ୍ଥାନରେ ଗଛ ପଡ଼ି ରାସ୍ତା ଅବରୋଧ ହୋଇଥିଲା।

# ପ୍ରତିବାଦ ପଦଯାତ୍ରାକୁ ପ୍ରଶାସନର ନାଲିଆଖି

ପୁରୀ,୧୪।୬(ସମିସ): ଶ୍ରୀମନ୍ଦିର ପ୍ରବେଶ ଓ ମହାପ୍ରଭୁଙ୍କ ଦର୍ଶନରେ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରିଆସୁଛନ୍ତି ପୁରୀବାସୀ। ପ୍ରାୟ ବର୍ଷେ ହେବ ଏଭଳି ଦାବି କରାଯାଉଥିଲେ ମଧ ପ୍ରଶାସନ ନା ସରକାର କେହି ଶୁଣୁନାହାନ୍ତି। ହେଲେ ସେମାନଙ୍କ ହକ୍ ହାସଲ ଦିଗରେ

- **ଶୋଭାଯାତ୍ରା ପାଇଁ ଅନୁମତିର ନୋଟିସ୍ ଲଗାଇଲା**
- **ମହାପ୍ରଭୁଙ୍କ ପାଇଁ ଗିରଫ ହେବାକୁ ପ୍ରସ୍ତୁତ କହିଲେ ପ୍ରତିବାଦକାରୀ**

ଅଟଳ ରହି ପ୍ରତିବାଦ ପଦଯାତ୍ରା ଜାରି ରଖିଛନ୍ତି ପୁରୀବାସୀ। ଏପ୍ରିଲ ପହିଲାରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ରବିବାର ୭୫ ଦିନରେ ପହଞ୍ଚିଛି। ଏବେ ଏହି ପଦଯାତ୍ରାକୁ ନାଲିଆଖି ଦେଖାଇଛି ପ୍ରଶାସନ। ପ୍ରତିଦିନ ସନ୍ଧ୍ୟାରେ ପଦଯାତ୍ରା ବାହାରୁ ଥିବା ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ସମାଧି ପୀଠରେ ପୁଲିସ ଲଗାଇଛି ନୋଟିସ୍।



ଆଇନଶୃଙ୍ଖଳା ଓ ଶାନ୍ତି ବଜାୟ ରଖିବା ପାଇଁ ଜିଲ୍ଲାରେ ସଭା, ଶୋଭାଯାତ୍ରା ଓ ଧାରଣା ଉପରେ କଟକଣା ଲାଗିଛି। ପୁଲିସ ଆଇନ ୧୮୬୧ର ଧାରା ୩୦ ଅନୁଯାୟୀ ଜାରି ହୋଇଥିବା ଏହି ଆଦେଶ ମେ' ୨୨ରୁ ଅଗଷ୍ଟ ୧୯ ତାରିଖ ପର୍ଯ୍ୟନ୍ତ ୯୦ ଦିନ ବଳବତ୍ତର ରହିଛି। ତେଣୁ ପ୍ରତିବାଦ ପଦଯାତ୍ରା କରୁଥିବା ସଂଗଠନ ଅନୁମତି ନେବାକୁ ଏହି ନୋଟିସ୍ ମାଧ୍ୟମରେ କୁହାଯାଇଛି।

ଏହି ନୋଟିସ୍ କଟକଣା ଅନୁଯାୟୀ, କୌଣସି ବ୍ୟକ୍ତି, ସଂଗଠନ, ରାଜନୈତିକ ଦଳ, ଶ୍ରମିକ ସଂଘ ବା ଅନ୍ୟ ସଂସ୍ଥା ଯଦି ରାସ୍ତା ଉପରେ ସମାବେଶ, ଶୋଭାଯାତ୍ରା, ରାଲି, ଧାରଣା କି ବୈଠକ ଆୟୋଜନ କରିବାକୁ ଚାହୁଁଛନ୍ତି, ତେବେ ସେମାନଙ୍କୁ ସମ୍ପୃକ୍ତ ଥାନାର ଆଇଆଇସି/ଓଆଇସିଙ୍କଠାରୁ ପୂର୍ବରୁ ଅନୁମତି ନେବାକୁ ପଡ଼ିବ। ସେହିପରି କାର୍ଯ୍ୟକ୍ରମର ସମସ୍ତ ବିବରଣୀ ଦେବା ଆବଶ୍ୟକ। ଆବେଦନପତ୍ର ଶୋଭାଯାତ୍ରା ତାରିଖର ୩ ଦିନ ପୂର୍ବରୁ ସମ୍ପୃକ୍ତ ପୁଲିସ କର୍ତ୍ତୃପକ୍ଷଙ୍କ ପାଖରେ ପହଞ୍ଚିବା ଉଚିତ୍। ଲାଇସେନ୍ସ ସର୍ତ୍ତ ଉଲ୍ଲଂଘନ କଲେ ସେହି ସମାବେଶ କି ଶୋଭାଯାତ୍ରାକୁ ବେଆଇନ ଘୋଷଣା କରାଯିବ। ଏଥିସହ ପୁଲିସ ଆଇନ ୧୮୬୧ର ଧାରା ୩୦ ଅନୁଯାୟୀ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ନୋଟିସ୍ ଲଗାଯିବା ଅର୍ଥ ପ୍ରଶାସନ ଏହି ପଦଯାତ୍ରା ଉପରେ ଅଙ୍କୁଶ ଲଗାଇବାକୁ ଉଦ୍ୟମ କରୁଛି। ଅନ୍ୟପକ୍ଷରେ ପ୍ରତିବାଦକାରୀମାନେ କହିଛନ୍ତି, ମହାପ୍ରଭୁଙ୍କ ନାମ ନେଇ ବଡ଼ଦାଣ୍ଡରେ ଚାଲିଲେ ଯଦି ଗିରଫ ହେବାକୁ ପଡ଼େ ତେବେ ସେମାନେ ପ୍ରସ୍ତୁତ। ରବିବାର ପ୍ରଶାସନ ନୋଟିସ୍ ଲଗାଇବା ପରେ ବି ପ୍ରତିବାଦ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ସାଲବେଗ ସମାଧି ପୀଠରୁ ଆରମ୍ଭ ହୋଇଥିବା ଏହି ପଦଯାତ୍ରା ଶ୍ରୀମନ୍ଦିର ନିକଟରେ ଶେଷ ହୋଇଥିଲା। ସ୍ୱାଧୀନ ପଣ୍ଡାଙ୍କ ନେତୃତ୍ୱରେ ଏହି ପଦଯାତ୍ରାରେ ହରିଶଙ୍କର ମିଶ୍ର, ଅଧିବକ୍ତା ବିଜୟ କୁମାର ମିଶ୍ର, ଶିବସୁନ୍ଦର ମିଶ୍ର, ମନୋରଞ୍ଜନ ରଣସିଂହ, ମମତା ସ୍ୱାଇଁ, ଅରୁଣା ପଟ୍ଟନାୟକ, ମମତା ଦାସ, ଜାଦବାନନ୍ଦ ରାୟ, ପ୍ରଫୁଲ୍ଲ କୁମାର ସାହୁ, ପ୍ରଦୀପ୍ତ କୁମାର ମହାନ୍ତି, ଜଗନ୍ନାଥ ମହାନ୍ତି, ଶାନ୍ତିଲତା ପାଢ଼ୀ, ଲିଙ୍ଗରାଜ ସାହୁ ପ୍ରମୁଖ ସାମିଲ ଥିଲେ।

**ଲଘୁ ବନଜାତ ଦ୍ରବ୍ୟର ମିଳୁନି ସରକାରୀ ମୂଲ୍ୟ**

# ନିମ୍ବ ଫଳ ବଦଳରେ ମିଳୁଛି କେଜିଏ ଚିନି କି ଲୁଣ



କୋକସରା, ୧୪।୬ (ସମିସ): ପ୍ରକୃତିର ଅନନ୍ୟ ବରଦାନ 'ଔଷଧୀୟ ନିମ୍ବଫଳ' କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍‌ର ଗରିବ ଆଦିବାସୀ ଓ ମହିଳାମାନଙ୍କ ପାଇଁ ସାମୟିକ ଭାବେ ଜୀବନଜୀବିକାର ପ୍ରମୁଖ ସାଧନ ସାଜିଛି। ହେଲେ ସରକାରୀ ଉଦାସୀନତା ଓ ସୁଦୃଢ଼ ବଜାର ବ୍ୟବସ୍ଥାର ଅଭାବ ଯୋଗୁଁ ଏହି ମୂଲ୍ୟବାନ ଲଘୁ ବନଜାତ ଦ୍ରବ୍ୟ ଏବେ ଅସାଧୁ ମଧ୍ୟସ୍ଥିଙ୍କ ପାଇଁ ଭଲ ମୁନାଫା ପାଇବାର ଦିନ ପାଲଟିଛି। ମାତ୍ର କେଜିଏ ଚିନି-ଲୁଣରେ ବିକ୍ରୁଛନ୍ତି ନିମ୍ବଫଳ। ବର୍ତ୍ତମାନ ଗ୍ରୀଷ୍ମ ଋତୁ ଚାଲିଥିବାରୁ ବଡ଼ପୋଡ଼ାଗୁଡ଼ା, କାଉଡୋଲା, ଆମପାଣି, ବରାଡଙ୍ଗା ଭଳି ପ୍ରାୟ ୧୦ରୁ ଅଧିକ ଗ୍ରାମର ମହିଳା ଓ ସ୍କୁଲ ପିଲାମାନେ ପ୍ରଖର ଖରାକୁ ଖାତିର ନକରି ସକାଳୁ ସକାଳୁ ନିମ୍ବଫଳ ଗୋଟାଇବାରେ ବ୍ୟସ୍ତ ରହୁଥିବା ଦେଖିବାକୁ ମିଳୁଛି। ବଜାରରେ ନିମ୍ବର ବେଶ୍ ଚାହିଦା ଥିଲେ ହେଁ ସରକାରୀସ୍ତରରେ କୌଣସି ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟ ହୋଇନାହିଁ। ଏହାର ସୁଯୋଗ ନେଇ ସ୍ଥାନୀୟ ଦଲାଲମାନେ ଗାଁକୁ ଗାଁ ବୁଲି ମାତ୍ର ଏକ ଟିଣ (ଟିପା) ନିମ୍ବଫଳ ବଦଳରେ ଗରିବ ମହିଳାଙ୍କୁ କେଜିଏ ଚିନି, ଲୁଣ କିମ୍ବା ସାବୁନ ଦେଇ ଭୁଆଁ ବୁଲାଉଛନ୍ତି। ସ୍ଥାନୀୟ ଅଞ୍ଚଳରେ କୌଣସି ସରକାରୀ ମଣ୍ଡି ନ ଥିବାରୁ ଦଲାଲମାନେ ଏହି ବିପୁଳ ପରିମାଣର ନିମ୍ବଫଳକୁ ଅତି ଶସ୍ତାରେ କିଣି ପଡ଼ୋଶୀ ଛତିଶଗଡ଼ ରାଜ୍ୟର ବିଭିନ୍ନ ଫାର୍ମାସ୍ୟୁଟିକାଲ୍ କମ୍ପାନୀକୁ ଚୋରାରେ ରପ୍ତାନୀ କରୁଛନ୍ତି। ଗରିବ ସଂଗ୍ରହକାରୀ ସେମାନଙ୍କ ଅଧିକାରରୁ ବଞ୍ଚିତ ହେଉଥିବା ବେଳେ ମଧ୍ୟସ୍ଥିମାନେ ମାଲେମାଲ ହେଉଛନ୍ତି। ଏହି ବେଆଇନ କାରବାର ରୋକିବା ସହ ସଂଗ୍ରହକାରୀଙ୍କୁ ସୁରକ୍ଷା ଦେବା ପାଇଁ ତୁରନ୍ତ ସରକାରୀ ବଜାର ବ୍ୟବସ୍ଥା ଯୋଗାଇ ଦେବାକୁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି। ଅନ୍ୟପଟେ ଲଘୁ ବନଜାତ ଦ୍ରବ୍ୟ ବିକ୍ରି କରିବାକୁ ସରକାରୀସ୍ତରରେ ଉପଯୁକ୍ତ ବଜାର ବ୍ୟବସ୍ଥା କରାଯାନ୍ତା ତେବେ ଦଲାଲମାନଙ୍କ ଶିକାର ହେବାରୁ ବଞ୍ଚିତ ହୋଇ ଗୋଟାଳି ମାନେ ତାଙ୍କର ଉଚିତ୍ ପ୍ରାପ୍ୟ ପାଇ ପାରନ୍ତେ ବୋଲି ଜନ ସାଧାରଣରେ ଦାବି ହେଉଛି।

## 'ଜଙ୍ଗଲକନ୍ୟା' ମୁମ୍ବାଇ ଅନ୍ତର୍ଜାତୀୟ ଫିଲ୍ମ ଫେଷ୍ଟିଭାଲ ପାଇଁ ମନୋନୀତ




ଭୁବନେଶ୍ୱର,୧୪।୬(ସମିସ): ଅନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଫିଲ୍ମ ନିର୍ମାତା ସନ୍ତୋଷ ପଣ୍ଡାଙ୍କ ଦ୍ୱାରା ଲିଖିତ ଏବଂ ନିର୍ଦ୍ଦେଶିତ ପ୍ରାମାଣିକ ଚଳଚ୍ଚିତ୍ର ''ଜଙ୍ଗଲକନ୍ୟା' ମୁମ୍ବାଇ ଆନ୍ତର୍ଜାତିକ ଫିଲ୍ମ ଫେଷ୍ଟିଭାଲ ପାଇଁ ମନୋନୀତ ହୋଇଛି। ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ବିଭାଗ ଅଧୀନରେ ଜାତୀୟ ଫିଲ୍ମ ଡେଭେଲପ୍‌ମେଣ୍ଟ କର୍ପୋରେସନ ବା ଏନ୍‌ଏଫ୍‌ଡିସି ଦ୍ୱାରା ଆୟୋଜିତ ଚଳିତ ମାସ ଜୁନ ୧୫ରୁ ୨୧ ତାରିଖ ପର୍ଯ୍ୟନ୍ତ ମୁମ୍ବାଇ ଠାରେ 'ମୁମ୍ବାଇ ଇଣ୍ଟରନ୍ୟାସନାଲ ଫିଲ୍ମ ଫେଷ୍ଟିଭାଲ' ଅନୁଷ୍ଠିତ ହେବ। ଦ ପ୍ରିମିୟର ମିଡିଆ ବ୍ୟାନର୍‌ରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରରେ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ଥିବା ଜଙ୍ଗଲ ବିଶେଷ ଭାବରେ ନୟାଗଡ଼ ଅଞ୍ଚଳରେ ମହିଳାମାନଙ୍କ ଦ୍ୱାରା ଜଙ୍ଗଲ ସଂରକ୍ଷଣ ଉପରେ ଆଧାରିତ। ୨୩ ମିନିଟ୍ ଅବଧିର ଏହି ଚଳଚ୍ଚିତ୍ର ଜୁନ ୨୧ ତାରିଖ ଦିନ ପ୍ରଦର୍ଶିତ ହେବ। ସୂଚନାଯୋଗ୍ୟ, ଏହି ପ୍ରାମାଣିକ ଚଳଚ୍ଚିତ୍ର କାନାଡ଼ାର ଟରୋଣ୍ଟ ଫିଲ୍ମ ଆୱାର୍ଡ, ବେଟର ଆର୍ଥ ଫିଲ୍ମ ଫେଷ୍ଟିଭାଲ, କେରଳର ଏଲ କେ ଫିଲ୍ମ ଫେଷ୍ଟିଭାଲ, ଏସିଆନ ଫିଲ୍ମ ଫେଷ୍ଟିଭାଲ, ଚଣ୍ଡିଗଡ ଫିଲ୍ମ ଫେଷ୍ଟିଭାଲକୁ ମନୋନୀତ ହୋଇ ପୁରସ୍କାର ଲାଭ କରିଥିବା ବେଳେ ବିଭିନ୍ନ ଜାତୀୟ ତଥା ଅନ୍ତର୍ଜାତୀୟ ଚଳଚ୍ଚିତ୍ରରେ ମନୋନୀତ ହୋଇ ପୁରସ୍କାର ମଧ ଲାଭ କରି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛି।

## କଟକ ସିଟି



# ରୌପ୍ୟନଗରୀରେ 'ପହିଲି ରଜ'

"ବନସ୍ତେ ଡାକିଲା ଗଜ, ବରଷକୁ ଥରେ ଆସିଛି ରଜ, ଆସିଛି ରଜ'ଲୋ ଘେନି ନୂଆ ସଜବାଜ.. ରଜ ସମ୍ପର୍କିତ ଲୋକଗୀତ ଆଜି ବି ସାଢ଼େ ଚାରି କୋଟି ଓଡ଼ିଆଙ୍କ ରକ୍ତରେ ବହୁଛି। ରଜ ଆସିଲେ ଖଣ୍ଡ ଗୁଆ'ର ମହକ, ଅଲେଇଚ'ର ବାସ୍ନା, ଗୁଜୁରାତି, ଭଜା ଧଣିଆ, ଚାଉଳ ଓ ନଡ଼ିଆ, ଚେରି, ଲବଙ୍ଗ, କବାବଚିନି, ଚୁଆ, ପାନ ମହୁରି, ସୁବାସିତ ଜାଫ୍ରାନ୍ କେଶର ଏବଂ ଖଇର'ର ମହ ମହ ରକ୍ତମାର୍କା ସ୍ପର୍ଶ ପ୍ରତିଟି ଓଡ଼ିଆଙ୍କ ଓଠ'ରୁ ବାରି ହୋଇପଡେ। ତ୍ରିଭଙ୍ଗି, ଚଉଭଙ୍ଗି ଆକୃତି'ର ଲବଙ୍ଗ ଖୋସା ମିଠା ପାନଟି ଭୁଆସୁଣୀ'ର ଗୋରା ତକ ତକ ଗାଲ ତଳେ ଚାପି ହେଇଯାଏ। ରଜରେ ଝିଅମାନେ ସମସ୍ତଙ୍କୁ ପାନ ଦବାନବା କରିଥାନ୍ତି। ଆଜି ଐତିହାସିକ ସହରରେ ପାନ ଖାଇ ଓ ଖୁଆଇ ପହିଲି ରଜକୁ ସ୍ୱାଗତ କରାଯାଇଥିଲା। ପାଦ'ରେ ଅଳତା, ମଥାରେ କୁଙ୍କୁମ, ଆଖିରେ କଜ୍ଜଳ- ଏମିତି 'ରଜ ଶୃଙ୍ଗାର'ର ସ୍ପର୍ଶରେ ଚମକି ଉଠନ୍ତି କୁଆଁରୀ ଲଳନା। ବୁଢ଼ା ବାପାଙ୍କ ସତରଞ୍ଜି, ବୁଢ଼ୀ ମା'ର ତାସ ପାଲି, ନୂଆ ଭାଉଜଙ୍କ ଲୁଡୁ ଆଉ ଯବାନ ଟୋକାଙ୍କ ବାଗୁଡି ଖେଳରେ ଜମି ଆସେ ଏହି ପାରମ୍ପରିକ ଗଣପର୍ବ। ଗାଁରୁ ସହର ୩ଦିନି ଯାଏଁ ରଜ ଦୋଳି ଝୁଲୁଥାଏ। ଆଜି ଏହି ରୌପ୍ୟନଗରୀରେ ପିଠା, ମିଠା, ମନ୍ଦିର ଦର୍ଶନ ଏବଂ ସେଲ୍‌ଫି'ରେ ଜମିଥିଲା ପହିଲି ରଜ।













### ପୋଡ଼ ପିଠା ବିନା ରଜ ଅଧୁରା

ପୋଡ଼ପିଠା ବିନା ରଜ ପାଳିବା ଅଧୁରା ଭଳି ଲାଗେ। ସେଥିପାଇଁ ଲୋକମାନେ ପୋଡ଼ପିଠା କିଣିବାକୁ ପସନ୍ଦ କରୁଛନ୍ତି। ପହିଲି ରଜ ପୂର୍ବରୁ ଅର୍ଡର ଆସିବା ଆରମ୍ଭ ହୋଇଥାଏ। ଚଳିତବର୍ଷ ପ୍ରାୟ ୨ କୁଇଣ୍ଟାଲ ପୋଡ଼ପିଠା ବିକ୍ରି ପାଇଁ ଅର୍ଡର ଆସିଛି। ରଜ ୩ ଦିନ ଭଲ ବ୍ୟବସାୟ ହେବ ବୋଲି ଆଶା ରହିଛି।

**-ମିଲନ୍ ସାହୁ, ପୋଡ଼ପିଠା ବ୍ୟବସାୟୀ**

### ପାନର ଚାହିଦା

ସବୁଦିନ ଅପେକ୍ଷା ରଜ ପାନର ଚାହିଦା ଅଧିକ ରହିଥାଏ। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ପାନରେ ବ୍ୟବହାର ପାଇଁ ବିଭିନ୍ନ ପ୍ରକାରର ମସଲା ଆଣିଛି। ଯାହା ପାନର ସ୍ୱାଦକୁ ଦ୍ୱିଗୁଣିତ କରିବ। ପହିଲି ରଜ ପୂର୍ବ ଦିନରୁ ବ୍ୟବସାୟ ଆରମ୍ଭ ହୋଇଛି। ଭଲ ବ୍ୟବସାୟ ହେବ ବୋଲି ଆଶା ଅଛି।

**-ହୃଷୀକେଶ ପାଣି, ପାନ ବ୍ୟବସାୟୀ**

### ନାଲି ମେହେନ୍ଦୀର ଚାହିଦା

ପହିଲି ରଜ ପୂର୍ବଦିନ ଝିଅମାନେ ସଜବାଜ ହୋଇଥାନ୍ତି। ହାତରେ ବିଭିନ୍ନ ଡିଜାଇନ୍‌ର ମେହେନ୍ଦି କରିଥାନ୍ତି। ବର୍ଷତମାମ ମୁଁ ଓ ମୋ ଟିମ୍‌ର ୬ ଜଣିଆ ସଦସ୍ୟ କଟକରେ ରହିଥାଉ। ଖାସ୍ କରି ସଜବାଜ ଦିନ ହାତରେ ମେହେନ୍ଦି କରିବା ପାଇଁ ଅଧିକା ଭିଡ଼ ଲାଗିଥିଲା। ଗୁରୁବାର ୧୦୦ରୁ ଊର୍ଦ୍ଧ୍ୱ ଯୁବତୀ ହାତରେ ମେହେନ୍ଦି ଲଗାଇଛନ୍ତି। ଭଲ ରୋଜଗାର ହୋଇଛି।

**-ସମ୍ଭବ ହୃଷୀକେଶ, ମେହେନ୍ଦି ବ୍ୟବସାୟୀ**

**କଟକ,୧୪।୬(ସମିସ):**

ଆଜି ସହରରେ ରେ ରଜପାଗ ଅନୁଭୂତ ହୋଇଥିଲା। ଯୁବକ/ଯୁବତୀମାନେ ସହରରେ ରଜ ଅବସରରେ ବୁଲାବୁଲି କରିଥିଲେ। କଟକ-ଇନ୍-କଟକ, ନେତାଜୀ ମ୍ୟୁଜିୟମ୍, ବାରବାଟୀ ଦୁର୍ଗ, ବାଲିଯାତ୍ରା ପଡ଼ିଆ, ଯୋବ୍ରା ମାରିଟାଇମ୍ ମ୍ୟୁଜିୟମ, ମହାନଦୀ ନୌକା ବିହାର ଭଳି ସହରର ବିଭିନ୍ନ ଦର୍ଶନୀୟସ୍ଥାନରେ ପ୍ରବଳ ଗହଳି ଲାଗିଥିଲା। ସେହିପରି ରଜର ପ୍ରଥମ ଦିନରେ ଚଣ୍ଡି ମନ୍ଦିର, ଗଡ଼ଗଡେଶ୍ୱର ମନ୍ଦିର, ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର, ଖାନନଗର ଜଗନ୍ନାଥ ମନ୍ଦିର, ଯୋବ୍ରା ପାରେଶ୍ୱର ମନ୍ଦିର ଭଳି ସାରା ସହରରରେ ଥିବା ବିଭିନ୍ନ ଦେବାଦେବୀ ମନ୍ଦିରରେ ସହରବାସୀ ପୂଜାର୍ଚ୍ଚନା କରିଥିଲେ। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଝୋଟି ପକାଇବା, ସଂଗୀତ ପ୍ରତିଯୋଗୀତା, ସାହିତ୍ୟ ଆସର ଏବଂ ଖେଳକୁଦ ପ୍ରତିଯୋଗୀତା କରାଯାଇଥିଲା। ବିଶେଷ କରି ବସ୍ତି ଗୁଡ଼ିକରେ ରଜପର୍ବ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ସହିତ ରଜଦୋଳିର ମଜା ନେଇଥିଲେ ଯୁବତୀ ତଥା ମହିଳାମାନେ। ପାଦରେ ଅଳତା, ମଥାରେ କୁଙ୍କୁମ ଏବଂ ନବବସ୍ତ୍ର ପରିଧାନ କରି ରଜପର୍ବର ମଜା ନେଥିଲେ। ଗିବନ୍ଧ ସମେତ ସହରର ବିଭିନ୍ନ ସ୍ଥାନରେ ରଜପାନର ସ୍ୱାଦ ନେବାକୁ ଦୋକାନରେ ଗ୍ରାହକଙ୍କ ଭିଡ଼ ଜମିଥିଲା। ସହରର ବିଭିନ୍ନ ସ୍ଥାନରେ ତାସ୍, ଲୁଡୁ ଓ ବାଗୁଡ଼ି ତଥା କବାଡି ଖେଳର ଆସର ଜମିଥିଲା।

ରଜ ଉପଲକ୍ଷେ ସହରର ଦୋକାନଗୁଡିକରେ ପୋଡ଼ପିଠା ବିକ୍ରି ହେଉଛି। ରଜ ପାଇଁ ସହରର ବଡ଼ ବଡ଼ ଶପିଂମଲ୍ ସମ୍ମୁଖରେ ବ୍ୟବସାୟୀମାନେ ମେହେନ୍ଦି ପସରା ମେଲାଇଛନ୍ତି। ଗୋଟିଏ ହାତ ପିଛା ମେହେନ୍ଦି ଦର ୨୦୦ ଟଙ୍କା ରହିଥିବାବେଳେ ଡିଜାଇନ୍ ଅନୁଯାୟୀ ମଧ୍ୟ ଦର ରହିଛି। କଟକର କେତେକ ସପିଂମଲ୍ ସମ୍ମୁଖରେ ମେହେନ୍ଦୀ ବ୍ୟବସାୟକରାଯାଉଛି। ସେଠାରେମେହେନ୍ଦୀ କରିବା ପାଇଁ ଯୁବତୀଙ୍କ ଭିଡ଼ ଲାଗିଥିବା ଦେଖିବାକୁ ମିଳିଛି। ସେହିପରି ରଜ ପାଇଁ ଦୋଳମୁଣ୍ଡାଇଠାରେ ବନାରସୀ ପାନ ଦୋକାନ ଖୋଲିଛି। ଯେଉଁଥିରେ ୫୦ରୁ ପାନ ଦର ୧୦ରୁ ଆରମ୍ଭ କରି ୧୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ଯେଉଁଥିରେ ମିଠା ପାନ ଗୋଟା ୧୦ ଟଙ୍କା, କାଜୁ-ପିସ୍ତା ପାନ ୩୦ ଟଙ୍କା, ଚକୋଲେଟ ପାନ ୫୦ ଟଙ୍କା, ଫାୟାର ଓ ବନାରସୀ ପାନ୍ ୨୦ ଟଙ୍କା, ଏ-୧ ସ୍ପେସାଲ ରଜ ପାନ ଦର ଗୋଟା ୧୦୦ ରହିଛି। ରଜ ପାଇଁ ଖାନ୍‌ନଗର ଅଞ୍ଚଳର ଦିଲୀପ ସାହୁ, ପ୍ରତାପ ସାହୁ ଓ ପରିବାରବର୍ଗ ମିଶି ପୋଡପିଠା ତିଆରି କରୁଛନ୍ତି। ଏହାକୁ ଖାନ୍‌ନଗର ଦୁର୍ଗା ମଣ୍ଡପ ନିକଟରେ ଥିବା ନାଥସାହୁ ସୁଇଟ୍ ଷ୍ଟଲରେ ବିକ୍ରି କରାଯିବ। ପୋଡ଼ପିଠା ଦର କିଲୋ ପିଛା ୩୦୦ ଟଙ୍କା ରହିଛି। ରଜରେ ପାଖାପାଖି ୫ କୁଇଣ୍ଟାଲ ପୋଡ଼ପିଠା ପ୍ରସ୍ତୁତି କରାଯିବାକୁ ଯୋଜନା ରହିଛି। ପୋଡା ପିଠା ପ୍ରସ୍ତୁତି ପାଇଁ ଚାଉଳ ଚୁନା, ଚିନି, ନଡ଼ିଆ, ଗୁଡ଼, କାଜୁ, କିସ୍‌ମିସ୍, ଗୁଜୁରାତି ଗୁଣ୍ଡ, ଗୁଆଘିଅ ଓ ଖୁଆ ବ୍ୟବହାର କରାଯାଇଥିଲା। ଆସନ୍ତା କାଲି ମଝି ରଜ ବା ରଜ ସଂକ୍ରାନ୍ତି। ଏହି ଅବସରରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ରଜ ଉତ୍ସବ ପାଳନ କରାଯିବା ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

## ଡ୍ରିମ୍‌ସରେ ବିଶ୍ୱ ରକ୍ତଦାତା ଦିବସ




**କଟକ, ୧୪।୬(ସମିସ):** ବିଶ୍ୱ ରକ୍ତଦାତା ଦିବସ ପାଳନ ଅବସରରେ ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଡ୍ରିମ୍‌ସ ବିଶ୍ୱିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦଚନ୍ଦ୍ର ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତଚନ୍ଦ୍ର ରଥ ଚଳିତ ବର୍ଷର ଥିମ୍ 'ବିନ୍ଦୁଏ ମାନବିକତା, ରକ୍ତଦାନ ଜୀବନ ଦାନ'ର ଗୁରୁତ୍ୱ ଉପରେ ଆଲୋକପାତ କରି ବିଭିନ୍ନ ସମୟରେ ରକ୍ତଦାନ ଅଭିଯାନରେ ସାମିଲ ପ୍ରତ୍ୟେକ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କୁ ଜୀବନଦାତା ବୋଲି କହିଥିଲେ। 'ପଦ୍ମିନୀ କେୟାର' ରକ୍ତ ଭଣ୍ଡାରଠାରେ ରକ୍ତଦାନ ଓ ସଂକଳ୍ପ ପାଠ ଆୟୋଜିତ ହୋଇଥିଲା। ଏଥିରେ ରକ୍ତଭଣ୍ଡାରର ଅଧିକାରୀ ବନମାଳି ସାହୁ, ମାନସ ସ୍ୱାଇଁ, ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ପ୍ରାଧ୍ୟାପକ ସୁଶାନ୍ତ ସେଠୀ, ସଚିବ ଇଂ ସୁଧାଂଶୁ ଭୂଷଣ କର, ରଂଜିତ ସାହୁ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଓ ନର୍ସିଂ କର୍ମଚାରୀ ଯୋଗ ଦେଇଥିଲେ।

## ସୁନା ଅଳଙ୍କାର ଲୁଟ୍ ମାମଲା ▶ ଘରୋଇ ସହାୟିକା ଗିରଫ

**କଟକ,୧୪।୬(ସମିସ):** ରାଜେନ୍ଦ୍ରନଗର ଅଞ୍ଚଳରେ ଜଣେ ବୃଦ୍ଧାଙ୍କ ଘରେ କାମ କରୁଥିବା ଘରୋଇ ସହାୟିକା ୭ ଲକ୍ଷ ଟଙ୍କାର ଅଳଙ୍କାର ଓ ଟଙ୍କା ଲୁଟିନେଇଥିଲା। ଏହି ମାମଲାରେ ମଧୁପାଟଣା ଥାନା ପୁଲିସ ଅଭିଯୁକ୍ତ ଘାଟକୂଳ ମୁଣ୍ଡା ସାହିତ ବର୍ଷା ଦାସକୁ ଗିରଫ କରିଛି। ତା ନିକଟରୁ ଚୋରି ହୋଇଥିବା ସୁନା ଅଳଙ୍କାର ଜବତ ହୋଇଛି। ରାଜେନ୍ଦ୍ରନଗର ଅଞ୍ଚଳରେ ୭୭ ବର୍ଷୀୟା ତରଙ୍ଗବାଳା ତ୍ରିପାଠୀ ଘରେ ଏକୁଟିଆ ରହୁଥିଲେ। ତାଙ୍କ ଘରେ ଘରୋଇ ସହାୟିକା ଭାବେ ବର୍ଷା ମଝିରେ ମଝିରେ କାମ କରିବାକୁ ଆସିଥାଏ। ଗତ ୧୩ ତାରିଖ ଦିନ ପ୍ରାୟ ଗୋଟାଏ ବେଳେ ବର୍ଷା କାମ କରିବାକୁ ଆସିଥିଲା। ତରଙ୍ଗବାଳା ଘରେ ପୂଜା କରୁଥିବା ବେଳେ ବେଡରୁମରେ ପଶି ତକିଆ ତଳୁ କପବୋର୍ଡ ଚାବି ନେଇ କପବୋର୍ଡ ଖୋଲିବା ପରେ ଏଥିରେ ଥିବା ସୁନା ଲକେଟ ୮ ଗ୍ରାମ, ଦୁଇ ହଳ କାନ ଫୁଲ, ସୁନା ଚେନ ୪୦ ଗ୍ରାମ, ୧୦ ହଜାର ଟଙ୍କା ଲୁଟିନେଇଥିଲା। ଲୁଟ୍ ହୋଇଥିବା ସୁନା ମୂଲ୍ୟ ୭ ଲକ୍ଷ ଟଙ୍କା ହେବ। ପୁଲିସ ଏକ ମାମଲା ରୁଜୁ କରି ବର୍ଷାକୁ ଗିରଫ କରିବା ପରେ ତା ନିକଟରୁ ଲକେଟ୍ ବାଦ୍ ଅନ୍ୟ ସମସ୍ତ ଲୁଟ୍ ସାମଗ୍ରୀ ଜବତ କରିଥିବା ମଧୁପାଟଣା ଥାନା ପୁଲିସ ପକ୍ଷରୁ ସୂଚନା ମିଳିଛି।

## ଅମାଣିଆପାଟଣା ରାମଲୀଳା ପ୍ରଚାର ସମିତି ପକ୍ଷରୁ 'ରାବଣ ବଧ'

**କଟକ,୧୪।୬(ସମିସ):** ମହାନଗର ନିଗମ ୫୬ ନଂ ୱାର୍ଡ ଅଧୀନସ୍ଥ ଅମାଣିଆପାଟଣା ରାମଲୀଳା ପ୍ରଚାର ସମିତି ପକ୍ଷରୁ କଳାକାରମାନଙ୍କୁ ନେଇ ଶିକ୍ଷକ ଭାଗ୍ୟଧର ବେହେରାଙ୍କ ଶିକ୍ଷକତାରେ ପୌରାଣିକ ନାଟକ "ରାବଣ ବଧ" ପରିବେଷଣ କରାଯାଇଥିଲା। ତିନିଘରିଆ ଗ୍ରାମ ପକ୍ଷରୁ ମହନ୍ତ ନିରୋଦ କୁମାର ସ୍ୱାଇଁ ପରିଚାଳନା କରିଥିବାବେଳେ ଗ୍ରାମର ଅଧିକାରୀ ମୃଣୟ ଖୁଣ୍ଟିଆ ଅତିଥିମାନଙ୍କୁ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ତିନିଦିନ ଧରି ଆୟୋଜିତ ରାମଲୀଳା କାର୍ଯ୍ୟକ୍ରମର ଉଦଯାପନି ଦିବସରେ ଅତିଥି ଭାବେ ନାରୀନେତ୍ରୀ ଅଞ୍ଜଳି ପଟ୍ଟନାୟକ, ସମାଜସେବୀ ସୁକାନ୍ତ ସେଠୀ, ଅଶୋକ ସ୍ୱାଇଁ, ଲାଡୁ ଭାଇ, ସମାଜସେବୀ ରବୀନ୍ଦ୍ର ବେହେରା, ଗଣେଶ୍ୱର ମହାରଣା, ହରେକୃଷ୍ଣ ମହାନ୍ତି, ଆଇନଜିବୀ ମାନସ ରଞ୍ଜନ ଖଟୁଆ, ବିଷ୍ଣୁଚରଣ ପରିଡା, ନିର୍ମଳ ସ୍ୱାଇଁ, ସୁଶାନ୍ତ ବସ୍ତିଆ, କେଶବ ପରିଡା ଓ ଜିତେନ୍ଦ୍ର ସ୍ୱାଇଁଙ୍କ ସମେତ ମା' ଭଗବତୀ ରାମଲୀଳା ସମିତିର ସମସ୍ତ କର୍ମକର୍ତ୍ତା ଏବଂ ଉପଦେଷ୍ଟାମଣ୍ଡଳୀ ଉପସ୍ଥିତ ଥିଲେ।

## ବସୁନ୍ଧରାରେ ରଜ ମହୋତ୍ସବ

**କଟକ,୧୪।୬(ସମିସ):** ବିଡାନାସୀସ୍ଥିତ ବସୁନ୍ଧରା ପରିସରରେ ଶଶି ବୈଷ୍ଣବ ସ୍ମାରକ ନିଧି ଓ ସଖା ପକ୍ଷରୁ ଆଜି ରଜ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କ ମଧ୍ୟରେ ପୁଚି, ଦୋଳି ଓ ଅନ୍ୟାନ୍ୟ ଖେଳ ପ୍ରତିଯୋଗିତାର ଆୟୋଜନ କରାଯାଇ କୃତୀ ପ୍ରତଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ବସୁନ୍ଧରାର ସମ୍ପାଦିକା ଶୈଳ ବେହେରା, ସଖାର ସଂପାଦିକା କବିତା ମହାପାତ୍ର, ଡ଼ଃ ସତ୍ୟ ରାୟ, କୈଳାଶ ମାହାଳି ଓ ନିନା ରାୟ ପ୍ରମୁଖ ଅତିଥି ରୂପେ ଯୋଗ ଦେଇଥିଲେ।

## ଏସ୍‌ସିବି ମେଡିକାଲ୍ କଲେଜ କଟକରେ ଜାତୀୟ ସର୍ଜନ୍ସ ସପ୍ତାହ

**କଟକ,୧୪।୬(ସମିସ):** ଏସୋସିଏସନ୍ ଅଫ୍ ସର୍ଜନ୍ସ ଅଫ୍ ଇଣ୍ଡିଆ ଓ କଟକ ସିଟି ଚାପ୍ଟରର ମିଳିତ ଆୟୋଜନ ସହିତ ଏସ୍‌ସିବି ମେଡିକାଲ୍ କଲେଜ ଓ ହସ୍ପିଟାଲର ସହଯୋଗରେ ଜୁନ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ଜାତୀୟ ସର୍ଜନ୍ସ ସପ୍ତାହ-୨୦୨୬ ପାଳିତ ହୋଇଯାଇଛି। ଉଦ୍‌ଘାଟନୀ ଅଧିବେଶନରେ ସର୍ଜରୀ କ୍ଷେତ୍ରରେ ଅବଦାନ ରଖିଥିବା ବରିଷ୍ଠ ସର୍ଜନମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସର୍ଜନ୍ସ କ୍ଲବର ସଭାପତି ଡା. ପି. କେ. ମହାପାତ୍ର ଏବଂ ବିଭାଗୀୟ ମୁଖ୍ୟ ଡାକ୍ତର ଏଲ୍ ଭି ଗୌରୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଫ୍ୟାକଲ୍ଟି ସଦସ୍ୟ ଓ ପୋଷ୍ଟଗ୍ରାଜୁଏଟ୍ ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜିତ ୱାକାଥନ୍, ସ୍ୱାସ୍ଥ୍ୟ ସଚେତନତା ଏବଂ ସୁସ୍ଥ ଜୀବନଶୈଳୀର ସନ୍ଦେଶ ପ୍ରଦାନ କରିଥିଲା। ଏହି ଅବସରରେ ସର୍ଜନ, ଆନେସ୍ଥେସିଓଲୋଜିଷ୍ଟ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ରେଡିଓଲୋଜିଷ୍ଟ ଏବଂ ପାଥୋଲୋଜିଷ୍ଟମାନଙ୍କ ମଧ୍ୟରେ ଆନ୍ତଃବିଭାଗୀୟ ସମ୍ପର୍କ ଓ ସମନ୍ୱୟକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା।

ବିଶିଷ୍ଟ ଚିକିତ୍ସକ ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଡା. ଅନଙ୍ଗ ମୋହନ ଦ୍ୱିବେଦୀ ନିଜ ନିଜ ବିଷୟ ଉପରେ ସ୍ମରଣୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସପ୍ତାହର ଅନ୍ୟତମ ପ୍ରମୁଖ ଆକର୍ଷଣ ଥିଲା

### ୱାକାଥନ୍, ସ୍ୱାସ୍ଥ୍ୟ ସଚେତନତା ଏବଂ ସୁସ୍ଥ ଜୀବନଶୈଳୀର ସନ୍ଦେଶ ଦେଲେ ଡାକ୍ତର

ପଦ୍ମଶ୍ରୀ ସମ୍ମାନପ୍ରାପ୍ତ ଗ୍ୟାଷ୍ଟ୍ରୋସର୍ଜନ ଡା. ଜି. ଭି. ରାଓଙ୍କ ବ୍ୟାଖ୍ୟାନ। ସେ ଗ୍ୟାଷ୍ଟ୍ରୋସାଇନ୍ସ କ୍ଷେତ୍ରରେ କୃତ୍ରିମ ବୁଦ୍ଧିମତାର ବର୍ତ୍ତମାନ ଓ ଭବିଷ୍ୟତ ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଯୁବ ଡାକ୍ତର ଓ ପୋଷ୍ଟଗ୍ରାଜୁଏଟ୍ ଛାତ୍ରଛାତ୍ରୀମାନଙ୍କ ପାଇଁ ଫ୍ରେସର୍ସ ଇଭନିଂ ଆୟୋଜିତ ହୋଇଥିଲା। ଯେଉଁଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମିଳନ ଉତ୍ସବ ପରିବେଶକୁ ସରଗରମ କରିଥିଲା। ଏଥିସହ "ଆର୍ଟ ଅଫ୍ ଲିଭିଂ" ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ଆୟୋଜିତ ହୋଇଥିଲା। ଅଂଶଗ୍ରହଣକାରୀମାନେ ଧ୍ୟାନ ଓ ମେଡିଟେସନ୍‌ର ବିଭିନ୍ନ ପ୍ରକ୍ରିୟା ଶିଖିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଓ ସବୁଜ ଓଡ଼ିଶାର ବାର୍ତ୍ତା ପ୍ରଚାର ପାଇଁ ଏକ ଚାରା କ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। ଏଥିରେ ବରିଷ୍ଠ ସର୍ଜନ, ଅଧ୍ୟାପକ, ରେସିଡେଣ୍ଟ ଡାକ୍ତର ଏବଂ ପୋଷ୍ଟଗ୍ରାଜୁଏଟ୍ ଛାତ୍ରଛାତ୍ରୀ ବିଭିନ୍ନ ପ୍ରଜାତିର ଚାରାରୋପଣ କରିଥିଲେ। ଜାତୀୟ ସର୍ଜନ୍ସ ସପ୍ତାହ-୨୦୨୬ର ସଫଳ ଆୟୋଜନରେ ଏଏସ୍‌ଆଇ କଟକ ସିଟି ଚାପ୍ଟର ଏବଂ ଏସ୍.ସି.ବି. ମେଡିକାଲ୍ କଲେଜ ଓ ହସ୍ପିଟାଲର ସର୍ଜରୀ ବିଭାଗର ବରିଷ୍ଠ ଅଧ୍ୟାପକମାନେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ବିଶେଷକରି ଡାକ୍ତର ଏଚ୍. କେ. ମାଝୀ, ଡା. ବନବିହାରୀ ମିଶ୍ର, ଡା. ଜୟନ୍ତ ବିଶ୍ୱାଳ, ଡା. ଏଲ୍. ଭି. ଗୌରୀ, ଡା. ନାଗେନ୍ଦ୍ର କୁମାର ରାଜସାମନ୍ତ ଏବଂ ଡା. ଜ୍ୟୋତିର୍ମୟୀ ନାୟକଙ୍କ ନେତୃତ୍ୱ ଓ ସକ୍ରିୟ ସହଯୋଗରେ ସପ୍ତାହବ୍ୟାପୀ ସମସ୍ତ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଥିଲା।

## ମାରୱାଡ଼ି ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ବନ୍ଧୁ ମିଳନ




**କଟକ,୧୪।୬(ସମିସ):** କଟକ ନିମଚୌଡ଼ିସ୍ଥିତ ନଟରାଜ ହୋଟେଲରେ ମାରୱାଡି ଉଚ୍ଚ ବିଦ୍ୟାଳୟର ୨୦୦୦ ମସିହା ବ୍ୟାଚ୍ ପୁରାତନ ଛାତ୍ରଛାତ୍ରୀଙ୍କ ଦ୍ୱାରା ବନ୍ଧୁ ମିଳନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଦୀର୍ଘ ବର୍ଷ ପରେ ଏକାଠି ହୋଇଥିବା ସହପାଠୀମାନେ ପରସ୍ପର ସହ ମତ ବିନିମୟ କରିବା ସହିତ ପୁରୁଣା ସ୍ମୃତିକୁ ତାଜା କରିଥିଲେ। ଏହି ବନ୍ଧୁ ମିଳନରେ ପୁରାତନ ଛାତ୍ର ବିକାଶ ଶର୍ମା, ଅଭିନନ୍ଦନ ମହାନ୍ତି ଦିଲ୍ଲୀପ, ସାହୁ ରାଜେଶ ଖଟୁଆ କାଳନ୍ଦୀ ସେଠୀ, କୁନା ବେହେରା, ଜିତନ ଶୁକ୍ଲା, ଅଜୟ ସ୍ୱାଇଁ, ବୁଲୁ ବେହେରା, ବଳରାମ ସିଂହ ସୁଜିତ ମହାରଣା, ଜିତେଶ ତ୍ରିପାଠୀ, ଅଜୟ ପାତ୍ରୀ, ଶଙ୍କର ସାହୁ, ତ୍ରିଲୋଚନ ସାହୁ, ଜ୍ୟୋତିର୍ମୟୀ ପଣ୍ଡା, ମମତା ବେହେରା, ରଞ୍ଜୁଲତା ପଣ୍ଡା, ସୁଜାତା ସାହୁ, ଜ୍ୟୋତ୍ସ୍ନା ମୁଦୁଲି ଉପସ୍ଥିତ ଥିଲେ।

## ସିଏମ୍‌ସିର ରଜ ମହୋତ୍ସବ ▶ ମହିଳା ସଶକ୍ତୀକରଣ ପାଇଁ ସବୁବେଳେ କାମ କରୁଛି ସିଏମସି: ମେୟର

**କଟକ, ୧୪।୬ (ସମିସ)**

କଟକ ମହାନଗର ନିଗମ ପକ୍ଷରୁ ଆୟୋଜିତ ହୋଇଛି ରଜ ମହୋତ୍ସବ-୨୦୨୬। ପହିଲି ରଜରେ କଟକ-ଇନ୍-କଟକରେ ଜମିଛି ନାଚ, ଗୀତ ସାଙ୍ଗକୁ ଦୋଳି ଖେଳ, ପାନ, ପିଠା ଓ ମିଠାର ପସରା। ମହିଳା ସଶକ୍ତୀକରଣ ଓ ନାରୀ ଶକ୍ତିର ବିକାଶ ପାଇଁ ସିଏମସି ସର୍ବଦା ତତ୍ପର ବୋଲି ପ୍ରଥମ ଦିନର ଅଧିବେଶନରେ ଉଲ୍ଲେଖ କରିଥିଲେ ମେୟର ସୁବାସ ସିଂହ। ବସ୍ତି ଅଞ୍ଚଳର ଝିଅମାନେ କିଭଳି ରାଜ୍ୟର ପ୍ରତିଷ୍ଠିତ ଓ ପ୍ରତିଭାବାନ୍ ଲୋକଙ୍କ ପାଖରୁ ପ୍ରେରଣା ପାଇ ଉଚ୍ଚଶିକ୍ଷା ସହ ସେମାନଙ୍କ ଜୀବନକୁ ଅଧିକ ସଫଳ କରିବେ ଏହା ହିଁ ଏହି କାର୍ଯ୍ୟକ୍ରମର ଅନ୍ୟତମ ଉଦ୍ଦେଶ୍ୟ।

ପ୍ରଥମ ଦିନରେ ରାଜ୍ୟର ୫ ଜଣ ପ୍ରତିଷ୍ଠିତ ମହିଳାଙ୍କୁ ସମ୍ମାନିତ କରାଯାଇଥିଲା। ବିଶିଷ୍ଟ ଗବେଷିକା ତଥା ଅଧ୍ୟାପିକା ପଦ୍ମଶ୍ରୀ ଦମୟନ୍ତୀ ବେସ୍ରା, ରାଜ୍ୟର ପ୍ରଥମ ଅର୍ଜୁନ ପୁରସ୍କାର ପ୍ରାପ୍ତ କ୍ରୀଡାବିତ୍ ମିନତୀ ମହାପାତ୍ର, ବିଶିଷ୍ଟ ଚିକିତ୍ସକ ତଥା ଲେଖିକା ଡ଼କ୍ଟର ସରୋଜୀନି ଷଡ଼ଙ୍ଗୀ, ଆକାଶବାଣୀ କଟକର ପୂର୍ବତନ ସହ ନିର୍ଦ୍ଦେଶିକା ତଥା ବିଶିଷ୍ଟ କଣ୍ଠଶିଳ୍ପୀ ଡକ୍‌ଟର ସୁମିତ୍ରା ମହାପାତ୍ର, ଅଲିମ୍ପିଆନ୍ ଅନୁରାଧା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେମାନଙ୍କର ଜୀବନ କାହାଣୀ ଏବଂ ସଫଳତାର ରାସ୍ତା କେତେ ସଂଘର୍ଷପୂର୍ଣ୍ଣ ଥିଲା ତାହା ସେମାନେ ବର୍ଣ୍ଣନା କରିଥିଲେ। ମୌଲାନା ଆଜାଦ୍ ଜାତୀୟ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର ରୋବଟିକ୍ସ ବିଭାଗର ଛାତ୍ରମାନେ ରୋବର୍ଟର ବ୍ୟବହାର ଓ ବର୍ତ୍ତମାନ ସମାଜରେ ଏହାର






### ▶▶ ୨୦ ୱାର୍ଡର ୨୦୦ ଝିଅଙ୍କୁ ଦିଆଗଲା ୨ ଲକ୍ଷ ଟଙ୍କାର କୁପନ୍
### ▶▶ ବର୍ଣ୍ଣାଳି ହୋତାଙ୍କ ଉଠ କଙ୍କାଳ ଗୀତରେ ଝୁମିଲେ ଦର୍ଶକ

ଜରୁରୀ ଆବଶ୍ୟକତା ସଂପର୍କରେ ଉଲ୍ଲେଖ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରଫେସର ଖଦିଜା ସଜଦା ଖନମ୍ ଏହାର ଡିଜାଇନ୍ କରିଥିଲେ।

ଏହାପରେ ଓଡ଼ିଶା ଗୀତି କବି ସମାଜ ପକ୍ଷରୁ ମହିଳା କବିମାନେ କବିତା ପାଠ କରିଥିଲେ। ୨୦ଟି ୱାର୍ଡର ୨୦୦ ଜଣ ଝିଅଙ୍କୁ ସିଏମସି ପକ୍ଷରୁ ୧୦୦୦ ଟଙ୍କା ଲେଖାଏଁର କୁପନ୍ ପ୍ରଦାନ କରାଯାଇଥିଲା। ଏହାସହିତ ଡିଅନ୍ ଫାଉଣ୍ଡେସନ୍ ପକ୍ଷରୁ ସେମାନଙ୍କୁ ସେଫଟି ଓ ସାନିଟାରୀ କିଟ୍ ମଧ୍ୟ ପ୍ରଦାନ କରାଯାଇଥିଲା।

ପିଏମ୍ ସୂର୍ଯ୍ୟଘର ଯୋଜନା ଅନ୍ତର୍ଗତ ସୋଲାର ଦିଦି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ତାଲିମ ନେଇଥିବା ଏସଏଚଜି ମହିଳାଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ରଜ ମହୋତ୍ସବରେ କଳା କୁଞ୍ଜରେ ବିଶିଷ୍ଟ ଚିତ୍ରକର ରବି ରଥଙ୍କ ଚିତ୍ରକଳା କର୍ମଶାଳାରେ ଶହ ଶହ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ପାଠକ ପ୍ରାଙ୍ଗଣରେ ଜମିଥିଲା କବି, ସାହିତ୍ୟିକ ଓ ପାଠକଙ୍କ ଭିଡ଼। ଅପରାହ୍ନରେ କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଯୋଗ ଦେଇଥିଲେ। ଏହାପରେ ଅନ୍ତର୍ଜାତୀୟ ସମୁଦ୍ର ବୁଡାଳି ସବୀର ବକ୍ସଙ୍କ ଦ୍ୱାରା ଏକ ସ୍ୱତନ୍ତ୍ର କର୍ମଶାଳାର ଆୟୋଜନ କରାଯାଇଥିଲା। ଓଡ଼ିଶାର ଜଣେବି ଝିଅ ଯେମିତି ପାଣିରେ ନବୁଡିଯିବ ସେଥିପାଇଁ ଆମର ନିରନ୍ତର ପ୍ରୟାସ ବୋଲି ସବୀର ବକ୍ସ ଉଲ୍ଲେଖ କରିଥିଲେ। କଟକର ବିଭିନ୍ନ ନାଟ୍ୟ ସଂସ୍ଥା ଓ ପ୍ରତିଭାବାନ୍ କଳାକାରମାନେ ସେମାନଙ୍କର କଳା ନୈପୁଣ୍ୟତା ପ୍ରଦର୍ଶନ କରିଥିଲେ। ଶେଷରେ ଲୋକପ୍ରିୟ କଣ୍ଠଶିଳ୍ପୀ ବର୍ଣ୍ଣାଳୀ ହୋତାଙ୍କ ଉଠ କଙ୍କାଳ ଗୀତରେ ଝୁମିଥିଲେ ଦର୍ଶକ। ଏହି ମହୋତ୍ସବରେ ନିଶୁଳ୍କରେ ପିଠା ଓ ପାନ ସହ ଭ୍ୟାକସିନ୍ ପ୍ରଦାନ କରାଯାଉଛି। ସ୍ୱାସ୍ଥ୍ୟ ସଚେତନତା ଓ ଏଚପିଭି ଭ୍ୟାକସିନ୍ ପାଇଁ ସ୍ୱତନ୍ତ୍ର କ୍ୟାମ୍ପ କରାଯାଇଛି। ଏହି ମହୋତ୍ସବ ଆଗାମୀ ଶେଷ ରଜ ଯାଏଁ ଚାଲିବ।

ସକାଳ
THE SAKALA

# ସମ୍ପାଦକୀୟ



ଐତିହ୍ୟ ଉପରେ ବୋଝ ହୁଅ ନାହିଁ କିମ୍ବା ବୋଝ ବୋଲି ଚିନ୍ତା କର ନାହିଁ।
-ରବି ରବର୍ଟସନ୍

## ମମତାର ମୂଲ୍ୟାଙ୍କନ

'ଗୃହିଣୀମାନେ ରାଷ୍ଟ୍ରନିର୍ମାତା; ରାଷ୍ଟ୍ରର ପ୍ରଗତିରେ ସେମାନଙ୍କ ଯୋଗଦାନ ଅନସ୍ୱୀକାର୍ଯ୍ୟ। ସ୍ୱାମୀ ଓ ପିଲାମାନଙ୍କ ପ୍ରତି ସେମାନଙ୍କ କର୍ତ୍ତବ୍ୟ ଓ ଦାୟିତ୍ୱ ସମ୍ପାଦନ ଘରର ଚାରିକାନ୍ଥ ଭିତରେ ସୀମିତ ଥିଲେ ମଧ୍ୟ ତାହାର ପ୍ରଭାବ ସୁଦୂରପ୍ରସାରୀ। ପରିବାର ଜରିଆରେ ରାଷ୍ଟ୍ର ନିର୍ମାଣରେ ଗୃହିଣୀମାନଙ୍କ ଶ୍ରମଦାନ ଓ ଉଦ୍ୟୋଗକୁ ଅଣଦେଖା କରାଯାଇପାରିବ ନାହିଁ। ତେଣୁ ଜଣେ ଗୃହିଣୀର ଦେହାନ୍ତ କେବଳ ପରିବାରର ନୁହେଁ, ବରଂ ରାଷ୍ଟ୍ର ପାଇଁ କ୍ଷତି।' - ୨୦୦୧ ନଭେମ୍ବର ମାସରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାଜନିତ ବୀମା କ୍ଷତିପୂରଣ ମାମଲାର ବିଚାର ଅବସରରେ ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଉପରୋକ୍ତ ମନ୍ତବ୍ୟ ଦେଇଛନ୍ତି। ଏଥିସହିତ ଗୃହିଣୀମାନଙ୍କର ଜାତୀୟ ହାରାହାରି ସର୍ବନିମ୍ନ ମୌଳିକ ମାସିକ ଆୟ ୩୦ ହଜାର ଟଙ୍କା ଆଧାରରେ ମୃତକ ମହିଳାଙ୍କ ପରିବାରକୁ କ୍ଷତିପୂରଣ ବାବଦରେ ୬୨.୭୮ ଲକ୍ଷ ଟଙ୍କା ଦେବାକୁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟ ଦୁଇ ଦଶନ୍ଧି ଧରି ଚାଲି ଆସୁଥିବା ଏହି ବୀମା କ୍ଷତିପୂରଣ ମାମଲାର ଚୂଡ଼ାନ୍ତ ଫଇସଲା 'ସଡ଼କ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲ୍' ଦ୍ୱାରା ୨୦୨୩ ଡିସେମ୍ବର ମାସରେ କରାଯାଇ ମୃତକଙ୍କ ଉତ୍ତରାଧିକାରୀଙ୍କୁ ୨ ଲକ୍ଷ ୪୨ ହଜାର ଟଙ୍କା ଦେବାକୁ ଧାର୍ଯ୍ୟ ହୋଇଥିଲା। ଏହା ବିରୋଧରେ ଆଗତ ମାମଲାର ଶୁଣାଣି କରି ପଞ୍ଜାବ ଓ ହରିଆଣାର ଉଚ୍ଚ ନ୍ୟାୟାଳୟ ୭.୫ ପ୍ରତିଶତ ସୁଧ ସମେତ ମୋଟ ୮.୪୩ ଲକ୍ଷ ଟଙ୍କା ଦେବାକୁ ସମ୍ପୃକ୍ତ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦେଇଥିଲେ। ପୁଣି ଏହି ରାୟକୁ ଚାଲେଞ୍ଜ କରି ଉତ୍ତରାଧିକାରୀମାନେ ସର୍ବୋଚ୍ଚ ନ୍ୟାୟାଳୟରେ କରିଥିବା ଆବେଦନର ଶୁଣାଣି ଅବସରରେ ଦୁଇଜଣିଆ ଖଣ୍ଡପୀଠ ବୀମା କ୍ଷତିଭରଣା ରାଶିକୁ ୬୨.୭୮ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। କ୍ଷତିପୂରଣ ରାଶି ବୃଦ୍ଧି କରିବା ବେଳେ ଖଣ୍ଡପୀଠ ଜଣେ ଗୃହିଣୀ ବିବାହ ପୂର୍ବରୁ କନ୍ୟା ଭାବରେ ନିଜ ପିତାମାତାଙ୍କ ନିକଟରେ ରହିଥିବା ସମୟର ପାଠପଢ଼ା ଖର୍ଚ୍ଚ, ଚିକିତ୍ସା ଖର୍ଚ୍ଚ, ପିତାମାତାଙ୍କୁ ମାନସିକ ଓ ଶାରୀରିକ ଯୋଗଦାନର ମୂଲ୍ୟ ଆଦି ମଧ୍ୟ ହିସାବକୁ ନେଇଛନ୍ତି।

ଏହି ପୃଷ୍ଠଭୂମିରେ ଦେଶର ଅର୍ଥନୈତିକ ବିକାଶରେ ମହିଳା ଶ୍ରମ ଶକ୍ତିର ଯୋଗଦାନକୁ ନେଇ ପୁଣି ଚର୍ଚ୍ଚା କରିବାର ଅବକାଶ ସୃଷ୍ଟି ହୋଇଛି। ଗୃହିଣୀମାନେ ଘର ଓ ପରିବାର ପାଇଁ ଦିନକୁ ହାରାହାରି ୧୬ ଘଣ୍ଟାର ଅକ୍ଳାନ୍ତ ଶ୍ରମଦାନ କରୁଥିଲେ ମଧ୍ୟ ସେମାନେ ସେଥିପାଇଁ ପାରିଶ୍ରମିକ ଦାବି କରନ୍ତି ନାହିଁ। ଅଧିକନ୍ତୁ ପରିବାରର ଆୟକାରୀ ସଦସ୍ୟଙ୍କ ଉପରେ ନିର୍ଭରଶୀଳ(ଡିପେଣ୍ଡେଣ୍ଟ) ଭାବରେ ଚିହ୍ନିତ ହୁଅନ୍ତି। ଗୃହିଣୀମାନଙ୍କର ଏହି ଅବୈତନିକ ଶ୍ରମଦାନ ଭିତରେ ରହିଛି ରୋଷେଇ, ପରିବା କଟା, ବାସନମଜା, ଲୁଗା ସଫା, ଘର ସଫା ଆଦି ଦୈନନ୍ଦିନ ଅପରିହାର୍ଯ୍ୟ କାର୍ଯ୍ୟ ସହିତ ପରିବାରରେ ଥିବା ବୟୋଜ୍ୟେଷ୍ଠମାନଙ୍କର ସେବାଶୁଶ୍ରୂଷା, ପିଲାମାନଙ୍କର ପଠପଢ଼ା ଏବଂ କେତେକ କ୍ଷେତ୍ରରେ ବଜାରରୁ ସଉଦା ଓ ପନିପରିବା କିଣାର ଦାୟିତ୍ୱ। ଏହିସବୁ କାର୍ଯ୍ୟ ପାଇଁ ଯଦି କୌଣସି ପୁରୁଷ କିମ୍ବା ମହିଳାଙ୍କୁ ନିଯୁକ୍ତ କରାଯାଏ ତେବେ ସେମାନେ ମାସକୁ ଯେତିକି ଟଙ୍କା ଦାବି କରିବେ ତାହା ପରିବାର ପାଇଁ ଜଣେ ଗୃହିଣୀ ସଞ୍ଚୟ କରେ। ଅଥଚ ସେ କେବେ ନିଜ କାମର ମୂଲ୍ୟାଙ୍କନ କରେ ନାହିଁ କି ସେଥିପାଇଁ ପାରିଶ୍ରମିକ ଦାବି କରେ ନାହିଁ। ଅପରପକ୍ଷରେ ପୁରୁଷକୈନ୍ଦ୍ରିକ ପରିବାର ଗୃହିଣୀମାନଙ୍କର ଏତାଦୃଶ ଅପରିହାର୍ଯ୍ୟ କାର୍ଯ୍ୟକୁ ବିଧିନିର୍ଦ୍ଦିଷ୍ଟ ଭାବେ ଅଭିହିତ କରି କେବେ ଗୁରୁତ୍ୱ ଦିଏନାହିଁ। ପ୍ରଶଂସା ଦୂରେ ଥାଉ ଖୁସି ବ୍ୟକ୍ତ କରିବାରେ ମଧ୍ୟ କାର୍ପଣ୍ୟତା ପ୍ରଦର୍ଶନ କରେ।

ଆମ ସମାଜର ଏହି ପୁରୁଷ ପ୍ରାଧାନ୍ୟ ମାନସିକତା ଯୋଗୁଁ ଦେଶର ମାନବ ସମ୍ବଳର କର୍ମଶକ୍ତି ମୂଲ୍ୟାଙ୍କନରେ ମହିଳାମାନଙ୍କର ଅବଦାନ ସବୁବେଳେ ଗୌଣ ହୋଇଆସିଛି। ମୋଟ ଘରୋଇ ଉତ୍ପାଦ(ଜିଡିପି)ରେ ସେମାନଙ୍କ ଅବଦାନ ମାତ୍ର ୩୧ ପ୍ରତିଶତ ରହିଛି। ମାମାଲାର ବିଚାର ବେଳେ ୨୦୧୯ ରେ ପ୍ରକାଶିତ 'ଟାଇମ୍ ୟୁଜ୍ ସର୍ଭେ'ର ଏକ ରିପୋର୍ଟକୁ ଖଣ୍ଡପୀଠ ଗୁରୁତ୍ୱ ଦେଇଛନ୍ତି। ଏହି ରିପୋର୍ଟ ଅନୁଯାୟୀ ୧୫ ରୁ ୫୯ ବର୍ଷର ମହିଳାମାନେ ଦୈନିକ ହାରାହାରି ୭ ଘଣ୍ଟା ଅବୈତନିକ ଶ୍ରମଦାନରେ ନିଜକୁ ନିୟୋଜିତ କରୁଛନ୍ତି। ଏପରିକି ଚାକିରି କରୁଥିବା ମହିଳାମାନେ ମଧ୍ୟ ପରିବାର ପାଇଁ ପୁରୁଷମାନଙ୍କ ତୁଳନାରେ ଅଢ଼େଇଗୁଣ ଅଧିକ ସମୟ ଦେଇଥା'ନ୍ତି। ଦେଶର ଜିଡିପିରେ ଗୃହିଣୀମାନଙ୍କର ଅବୈତନିକ ଶ୍ରମଦାନର ମୂଲ୍ୟ ପ୍ରାୟ ୧୫% ରୁ ୧୭%। ଖଣ୍ଡପୀଠ ଏ କଥା ମଧ୍ୟ ଉଲ୍ଲେଖ କରିବାରକୁ ଭୁଲି ନାହାନ୍ତି ଯେ ଗୃହିଣୀମାନେ କେବଳ ଦେଶର ମାନବ ସମ୍ବଳର ସ୍ରଷ୍ଟା ନୁହନ୍ତି ସେମାନଙ୍କର ଆଦ୍ୟ ଗୁରୁ, ଯିଏ ମାତୃଭାଷା ସହିତ କୌଶଳ, ଚାରିତ୍ରିକ ଓ ମାନବିକ ମୂଲ୍ୟବୋଧର ଶିକ୍ଷା ଓ ତାଲିମ୍ ଦିଏ।

ଜଣେ ଗୃହିଣୀର ଶ୍ରମଦାନ ଓ କର୍ତ୍ତବ୍ୟର ମୂଲ୍ୟାଙ୍କନ ପାଇଁ ସର୍ବୋଚ୍ଚ ନ୍ୟାୟାଳୟର ଖଣ୍ଡପୀଠଙ୍କ ଉପରୋକ୍ତ ଅନୁଶୀଳନ ଯୁକ୍ତିଯୁକ୍ତ ଓ ପ୍ରଣିଧାନଯୋଗ୍ୟ। କିନ୍ତୁ ସର୍ବୋପରି ମାଆ ଭୂମିକାରେ ଜଣେ ଗୃହିଣୀର ମୂଲ୍ୟାଙ୍କନ କରାଯାଇପାରିବ କି? ଏହା ସମ୍ଭବ ନୁହେଁ। ଜାଣତରେ ହେଉ ଅବା ଅଜାଣତରେ ଖଣ୍ଡପୀଠ ଏହି ସମ୍ବେଦନଶୀଳ ପ୍ରସଙ୍ଗଟିକୁ ଗୃହିଣୀର ମୂଲ୍ୟାଙ୍କନ ବେଳେ ବିଚାରକୁ ନେଇ ନାହାନ୍ତି। ଅଧୁନା ସାମୟିକ ଶିଶୁ ଯତ୍ନ କେନ୍ଦ୍ର(କ୍ରେଚ୍)ମାନ ଖୋଲିଛି, ଯେଉଁଠାରେ ନିର୍ଦ୍ଦିଷ୍ଟ ସମୟ ପାଇଁ ଅର୍ଥ ବିନିମୟରେ ଅବୋଧ ଶିଶୁମାନଙ୍କର ମାତୃତ୍ୱର ଅନୁପସ୍ଥିତିକୁ ଯଥାସମ୍ଭବ ଏଡ଼ାଇଦେବାର ଉଦ୍ୟମ ହେଉଛି। କିନ୍ତୁ ମାତୃତ୍ୱର କଷ୍ଟ, ସ୍ନେହ, ମମତା ଯେ ଦୁର୍ଲଭ ତାହା ଯେ କେହି ସ୍ୱୀକାର କରିବେ। ସେହିପରି ମାଆର ପଣତକାନିର ଅଭୟ ଓ ଅନୁଭବର ମୂଲ୍ୟାଙ୍କନ କ'ଣ ବର୍ତ୍ତମାନର କୃତ୍ରିମ ବୁଦ୍ଧିମତ୍ତା କରିପାରିବ? ସନ୍ତାନର ସୁଖ ଓ ଆନନ୍ଦ ପାଇଁ ମାଆଟିଏ ନିରବରେ ସହିଯାଉଥିବା ଅପମାନ, ଯାତନା, ଭୋକ, ଦୁଃଖ, କଷ୍ଟର ମୂଲ୍ୟ କ'ଣ? ଏମିତି ଦେଖିଲେ ଜଣେ ଗୃହିଣୀର ମୂଲ୍ୟାଙ୍କନ କେବଳ ଅସମ୍ଭବ ନୁହେଁ ଅସାଧ୍ୟ।

## ଜନଜୀବନରେ ଧାଡ଼ି-ସଂସ୍କୃତିର ଯନ୍ତ୍ରଣା

ବୃହସ୍ପତି ସାମଲ

ମଧ୍ୟପ୍ରାଚ୍ୟ ଯୁଦ୍ଧ ବିଭୀଷିକାରୁ ସୃଷ୍ଟ ସଙ୍କଟର ସାମୟିକ ସମାଧାନ ଉଦ୍ଦେଶ୍ୟରେ ବର୍ଷେ ପାଇଁ ସୁନା କିଣା, ବିଦେଶ ଭ୍ରମଣ ସ୍ଥଗିତ ରଖିବା ସହ ୱର୍କ ଫ୍ରମ ହୋମ ଓ ଇନ୍ଧନ ସଞ୍ଚୟ ପାଇଁ ପ୍ରଧାନମନ୍ତ୍ରୀଙ୍କ ନିକଟ ଅତୀତର ଆହ୍ୱାନ ପରେ ସାରା ଭାରତ ବର୍ଷର ବିଭିନ୍ନ ସହର ସହ ଭୁବନେଶ୍ୱରର ରାସ୍ତାଘାଟରେ କିଛିଦିନ ଧରି ସୃଷ୍ଟ ଅଜଣା ଆତଙ୍କ, ଅସହାୟତା ଓ ଯନ୍ତ୍ରଣାର ଅକ୍ଷ୍ଣେବହୁତ ଅନୁଭବ ଆମ ଭିତରୁ ଅନେକେ କରିଥିବେ। ସକାଳ ହେବା ପୂର୍ବରୁ ପେଟ୍ରୋଲ ପମ୍ପ ଆଗରେ ଶହ ଶହ ଦୁଇଚକିଆ ଓ ଚାରିଚକିଆ ଗାଡ଼ିର ଲମ୍ବା ଧାଡ଼ି ଦେଖିବାକୁ ମିଳିଲା। କେଉଁଠି ଦୁଇକିଲୋମିଟର ପର୍ଯ୍ୟନ୍ତ ଗାଡ଼ି ଲାଇନ ଲାଗିଲା। ଅନେକ କର୍ମଚାରୀ ଠିକ୍ ସମୟରେ କାର୍ଯ୍ୟାଳୟ ପହଞ୍ଚି ପାରିଲେ ନାହିଁ, ଆମ୍ବୁଲାନ୍ସ ଟ୍ରାଫିକରେ ଅଟକିଗଲା, ଛାତ୍ରଛାତ୍ରୀ ପରୀକ୍ଷାକୁ ଡେରିରେ ପହଞ୍ଚିଲେ। ପେଟ୍ରୋଲ ପମ୍ପ ଆଗରେ ଧୈର୍ଯ୍ୟ ହରାଇ ଲୋକଙ୍କ ମଧ୍ୟରେ ଝଗଡ଼ା, ହାତାହାତି ଓ ଚିତ୍କାର ସାଧାରଣ ଘଟଣା ହୋଇଗଲା। ଏହା ଏମିତି ଏକ ବ୍ୟବସ୍ଥାର ନିର୍ମମ ଚିତ୍ରକୁ ପ୍ରକଟ କଲା, ଯେଉଁଠି ସାଧାରଣ ଲୋକଙ୍କ ସମୟ, ଶ୍ରମ ଓ ସମ୍ମାନର ମୂଲ୍ୟ ଯେମିତି କିଛି ନାହିଁ।

ନିଜକୁ ବିଶ୍ୱଗୁରୁ ବୋଲି ଦାବି କରୁଥିବା ଭାରତରେ ଧାଡ଼ି ସଂସ୍କୃତି ଜନଜୀବନର ଏକ ଅବିଭାଜ୍ୟ ଅଂଶ ହୋଇପଡ଼ିଛି। ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଖାଦ୍ୟ, ଚିକିତ୍ସା, ଚାକିରି, ନିଜ ଟଙ୍କା ଉଠାଣ, ଇନ୍ଧନ, ରାସନ ଇତ୍ୟାଦି ଇତ୍ୟାଦି ପାଇଁ ଭାରତୀୟମାନେ ଧାଡ଼ିରେ ଛିଡ଼ା ହେବାକୁ ବାଧ୍ୟ। ଭାରତ ଆଜି ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତି ବୋଲି ଗର୍ବ କରୁଛି। 'ଡିଜିଟାଲ ଇଣ୍ଡିଆ', 'ବିକଶିତ ଭାରତ', 'ଅମୃତ କାଳ', 'ଇଜ୍ ଅଫ୍ ଲିଭିଙ୍ଗ' ଭଳି ଆକର୍ଷଣୀୟ ସ୍ଲୋଗାନ ସହିତ ଦେଶର ଭବିଷ୍ୟତର ସୁବର୍ଣ୍ଣ ଚିତ୍ର ଅଙ୍କାଯାଉଛି। କିନ୍ତୁ ତୃଣମୂଳସ୍ତରର ସତ୍ୟ ସମ୍ପୂର୍ଣ୍ଣ ଭିନ୍ନ। ପ୍ରଶ୍ନ ହେଉଛି ଏତେ ବଡ଼ ଅର୍ଥନୀତି ଥିବା ସତ୍ତ୍ୱେ ଭାରତର ସାଧାରଣ ନାଗରିକ କାହିଁକି ଆଜି ମଧ୍ୟ ଧାଡ଼ିରେ ଠିଆ ହୋଇ ନିଜର ମୌଳିକ ଅଧିକାର ପାଇଁ ଅପେକ୍ଷା କରୁଛନ୍ତି? ଏହା କି ବିକାଶର ପରିଚୟ, ନା ପ୍ରଶାସନିକ ବିଫଳତାର ପ୍ରମାଣ?



୨୦୧୬ରେ ଭାରତର ବିମୁଦ୍ରାୟନ ପ୍ରକ୍ରିୟା ଦେଶର ଇତିହାସରେ ଧାଡ଼ି ଯନ୍ତ୍ରଣାର ସବୁଠାରୁ ବଡ଼ ଅଧ୍ୟାୟ ଭାବେ ଲେଖାଯିବ। ୨୦୧୬ ନଭେମ୍ବର ୮ ରାତିରେ ୫୦୦ ଓ ୧୦୦୦ ଟଙ୍କାର ନୋଟ ଅଚଳ ଘୋଷଣା ପରେ ବ୍ୟାଙ୍କ ଓ ଏଟିଏମ୍ ଆଗରେ କୋଟିକୋଟି ଲୋକ ଧାଡ଼ିରେ ଠିଆ ହୋଇ ଅସୁସ୍ଥତା, ହୃଦଘାତ ଓ ମୃତ୍ୟୁବରଣ କରିବା ସହ ଯେଉଁ ଅକଥନୀୟ ଯନ୍ତ୍ରଣାର ଶିକାର ହୋଇଥିଲେ, ତାହା କେବେ ବି ଭୁଲିବାର ନୁହେଁ। ପରେ ଆସିଲା କୋଭିଡ୍-୧୯ ମହାମାରୀ। ଅକ୍ସିଜେନ, ହସ୍ପିଟାଲ ଶଯ୍ୟା, ଔଷଧ କିଣା, ଏପରିକି ଶବଦାହ ପାଇଁ ମଧ୍ୟ ଲୋକେ ଲାଇନରେ ଅପେକ୍ଷା କରିବା ଥିଲା ଏକ ଭୟଙ୍କର ମାନବିକ ବିପର୍ଯ୍ୟୟ। ଟିକାକରଣ ସମୟରେ କୋଉଇନ୍ ପୋର୍ଟାଲକୁ ସଫଳତାର ପ୍ରତୀକ ଭାବେ ପ୍ରଚାର କରାଯାଇଥିଲା। କିନ୍ତୁ ଗ୍ରାମୀଣ ଭାରତର କୋଟି କୋଟି ଲୋକ, ଯେଉଁମାନଙ୍କ ପାଖରେ ସ୍ମାର୍ଟଫୋନ କିମ୍ବା ଇଣ୍ଟରନେଟ ନଥିଲା, ସେମାନେ ଧାଡ଼ିରେ ଠିଆ ହେଇ ହେଇ ଫେରିଯାଉଥିଲେ। ଆଜି ମଧ୍ୟ ଧାଡ଼ି ଯନ୍ତ୍ରଣା ଶେଷ ହୋଇନାହିଁ।

ଅବ୍ୟବସ୍ଥିତ ଢଙ୍ଗରେ ସରକାର ଏକ ନିର୍ଦ୍ଦିଷ୍ଟ ସମୟସୀମା ଜାରି କରି ଯେତେବେଳେ ବି କୌଣସି ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଚେଷ୍ଟା କରିଛନ୍ତି, ସେତେବେଳେ ସାଧାରଣ ଜନତା ଘଣ୍ଟାଘଣ୍ଟା ଅଥବା ଦିନଦିନ ଧରି ଧାଡ଼ିରେ ଛିଡ଼ା ହେବା ପାଇଁ ବାଧ୍ୟ ହୋଇଛନ୍ତି। ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ, ପିୟୁସି (ପଲ୍ୟୁସନ୍ ଅଣ୍ଡର କଣ୍ଟ୍ରୋଲ) ସାର୍ଟିଫିକେଟ ପାଇଁ ହଜାର ହଜାର ଗାଡ଼ି ମାଲିକ ଘଣ୍ଟା ଘଣ୍ଟା ଧରି ଲାଇନରେ ଅପେକ୍ଷା କରୁଛନ୍ତି। ଡିବିଟି ତଥା ବିଭିନ୍ନ ସରକାରୀ ଯୋଜନାର ଉପଭୋକ୍ତା ହେବାକୁ ଇ-କେୱାଇସି, ରାସନ କାର୍ଡ ଓ ପାନ୍ କାର୍ଡ ସଂଯୋଗ, ଆଧାର କାର୍ଡ ସଂଶୋଧନ ଆଦି କାର୍ଯ୍ୟ ପାଇଁ ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ପ୍ରାୟ ସବୁ ଜନସେବା କେନ୍ଦ୍ର ଆଗରେ ଲୋକମାନେ ଦିନରାତି ଅପେକ୍ଷା କରୁଛନ୍ତି। ଅନେକ ସମୟରେ ସର୍ଭର ସମସ୍ୟା ଓ ବୈଷୟିକ ତ୍ରୁଟିରେ ଭରପୂର ବିଭିନ୍ନ ସରକାରୀ ୱେବସାଇଟ ଜରିଆରେ ଅନ୍‌ଲାଇନ୍ ଦରଖାସ୍ତ ଦାଖଲ କରିବା ଏକ ଦୁରୁହ ବ୍ୟାପାର। ନୂଆ ଡ୍ରାଇଭିଙ୍ଗ୍ ଲାଇସେନ୍ସ ହେଉ କିମ୍ବା ତା'ର ରିନ୍ୟୁଆଲ, ବରିଷ୍ଠ ନାଗରିକ ପ୍ରମାଣ ପତ୍ର, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଉତ୍ତରାଧିକାରୀ, ଜାତିଗତ ପ୍ରମାଣପତ୍ର, ପାସପୋର୍ଟ - ଏସବୁର ଅନଲାଇନ ଦରଖାସ୍ତ ଜଣେ ସାଧାରଣ ନାଗରିକ ପକ୍ଷେ ସହଜରେ ସମ୍ଭବ ନୁହେଁ, ଯାହା ପରୋକ୍ଷରେ ବିଭିନ୍ନ ଏଜେଣ୍ଟ ବା ଜନସେବା କେନ୍ଦ୍ର ଆଗରେ ସେମାନଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ବାଧ୍ୟ କରେ। ରେଳବାଇର ତତ୍କାଳ ଟିକେଟ ବ୍ୟବସ୍ଥା ମଧ୍ୟ ଆଜି ଏକ ଧାଡ଼ି ଯନ୍ତ୍ରଣାର ପ୍ରତୀକ। ପ୍ରତିଦିନ ଲକ୍ଷ ଲକ୍ଷ ଲୋକ ଅନଲାଇନ ବୁକିଂ କରିବାକୁ ଚେଷ୍ଟା କରୁଥିବା ବେଳେ କେବଳ କିଛି ସେକେଣ୍ଡ ମଧ୍ୟରେ ଟିକେଟ ଶେଷ ହୋଇଯାଉଛି। ଅଫଲାଇନ୍ କାଉଣ୍ଟର ଆଗରେ ମଧ୍ୟ ଲମ୍ବା ଲାଇନ ଦେଖାଯାଉଛି। ଚାକିରି କ୍ଷେତ୍ରରେ ପରିସ୍ଥିତି ଆହୁରି ଭୟଙ୍କର। ବିଭିନ୍ନ ସରକାରୀ ଚାକିରିରେ ଅନଲାଇନ୍ ଦରଖାସ୍ତ ପାଇଁ ଘଣ୍ଟା ଘଣ୍ଟା ଧରି ଆଶାୟୀ ପ୍ରାର୍ଥୀମାନେ କମ୍ପ୍ୟୁଟର କିମ୍ବା ଘରୋଇ ଏଜେନ୍ସି କିମ୍ବା ଜନସେବା କେନ୍ଦ୍ରରେ ସମୟ କାଟୁଛନ୍ତି। ଡାକ୍ତର ଓ ନର୍ସଙ୍କ ଭୟଙ୍କର ଅଭାବ ଯୋଗୁଁ ସରକାରୀ ହସ୍ପିଟାଲଗୁଡ଼ିକରେ ଖରାବର୍ଷା ଶୀତକାକରରେ ଦିନଦିନ ଧରି ରୋଗୀ ଓ ସେମାନଙ୍କ ସହଯୋଗୀମାନେ ଯେମିତି ଲମ୍ବା ଲାଇନରେ ଛିଡ଼ା ହେଉଛନ୍ତି ତାହା କେବଳ ଜଣେ ଅନୁଭବୀ ହିଁ ଜାଣେ।

ଏହି ଧାଡ଼ି ସଂସ୍କୃତି କେବଳ ଜନସଂଖ୍ୟା ବୃଦ୍ଧିର ଫଳ ନୁହେଁ। ଏହା ହେଉଛି ପ୍ରଶାସନିକ ବିଫଳତା, ଅପରିପକ୍ୱ ନୀତି, ସରକାରୀ ଦପ୍ତରରେ ଆବଶ୍ୟକତାଠାରୁ କମ୍ ପଦବୀ, ଘରୋଇକରଣ ଓ ସାର୍ବଜନୀନ ସେବାକୁ ଦୁର୍ବଳ କରିବାର ପରିଣାମ। କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ପ୍ରାୟ ୧୦ ଲକ୍ଷରୁ ଅଧିକ ପଦବୀ ଖାଲି ରହିଥିବା ନିଜେ ସରକାର ସଂସଦରେ ସ୍ୱୀକାର କରିଛନ୍ତି। ଏଭଳି କ୍ଷେତ୍ରରେ ସେବା କେମିତି ଦ୍ରୁତତର ହେବ? ନମୁନା ସର୍ବେକ୍ଷଣର ତଥ୍ୟ ଅନୁସାରେ ଗ୍ରାମାଞ୍ଚଳର ଅନେକ ପରିବାର ପାଖରେ ଆଜି ମଧ୍ୟ ଇଣ୍ଟରନେଟ ସୁବିଧା ନାହିଁ। ତେଣୁ ଅନଲାଇନ୍ ବ୍ୟବସ୍ଥା ଅନେକ ସମୟରେ ଡିଜିଟାଲ ଧାଡ଼ି ନାମରେ ନୂଆ ପ୍ରକାରର ଧାଡ଼ି ସୃଷ୍ଟି କରୁଛି। ଏହାର ସମାଧାନ ପାଇଁ ସରକାରଙ୍କୁ ପ୍ରଥମେ ଖାଲି ପଦବୀ ପୂରଣ କରିବାକୁ ହେବ। ସ୍ୱାସ୍ଥ୍ୟ, ବ୍ୟାଙ୍କିଂ, ପରିବହନ ଓ ସାର୍ବଜନୀନ ସେବାରେ ଆବଶ୍ୟକ ବିନିଯୋଗ ସହ ପର୍ଯ୍ୟାପ୍ତ ମାନବ ସମ୍ପଦ ଓ ପ୍ରାଥମିକ ସଂରଚନା ବଢ଼ାଇବା ଆବଶ୍ୟକ। ସମସ୍ତ ନୀତିକୁ ଏକାଥରେ ଲାଗୁ କରିବା ପରିବର୍ତ୍ତେ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବା ଦରକାର। ଗ୍ରାମାଞ୍ଚଳରେ ଡିଜିଟାଲ ଶିକ୍ଷା ଓ ଇଣ୍ଟରନେଟ ସେବା ବଢ଼ାଇବା ଦରକାର। ସାଧାରଣ ଲୋକମାନେ ମଧ୍ୟ ନିଜ ଅଧିକାର ସମ୍ପର୍କରେ ସଚେତନ ହେବା ସହ ନାଗରିକ ସମାଜ, ଶ୍ରମିକ ସଂଗଠନ, ଗଣମାଧ୍ୟମ ଓ ବୁଦ୍ଧିଜୀବୀମାନେ ଏହି ଧାଡ଼ି ସଂସ୍କୃତି ବିରୋଧରେ ଗଠନମୂଳକ ଚାପ ସୃଷ୍ଟି କରିବା ଆବଶ୍ୟକ। କାରଣ ଏହି ଧାଡ଼ି କେବଳ ଲୋକଙ୍କ ସମୟ ନଷ୍ଟ କରୁନାହିଁ; ଏହା ଲୋକଙ୍କ ସମ୍ମାନ, ସ୍ୱାଧୀନତା ଓ ମାନବିକ ଅଧିକାରକୁ ମଧ୍ୟ ଛଡ଼େଇ ନେଉଛି। ଧାଡ଼ି ଯଦି ଜୀବନର ନିୟତି ହୋଇଯାଏ, ତେବେ ସେହି ସମାଜକୁ ବିକଶିତ ନୁହେଁ, ବରଂ ପ୍ରଶାସନିକ ଭାବେ ବିଫଳ ସମାଜ ବୋଲି କୁହାଯିବ। ଯେଉଁ ଦେଶରେ ନାଗରିକଙ୍କୁ ମୌଳିକ ସେବା ପାଇଁ ଧାଡ଼ିରେ ଠିଆ ହେବାକୁ ପଡ଼େ, ସେହି ଦେଶ କେବଳ ସ୍ଲୋଗାନରେ ବିକଶିତ ହୋଇପାରେ, ବାସ୍ତବରେ ନୁହେଁ।

ପଦ୍ମପୁର(କେନ୍ଦୁଝର)
ମୋ: ୯୪୩୭୦୨୨୬୬୯

## ଭାରତୀୟ ସଭ୍ୟତାର ପ୍ରଜ୍ଞା ଓ ସ୍ଥାୟୀ ବିକାଶର ଅନ୍ୱେଷଣ

ପ୍ରଫେସର ଡ. ବିଭୂତି ଭୂଷଣ ମଲିକ

ବର୍ତ୍ତମାନର ସାମାଜିକ ଓ ବୌଦ୍ଧିକ ଚର୍ଚ୍ଚାରେ ପ୍ରାୟତଃ ଏକ ଯୁକ୍ତି ଶୁଣିବାକୁ ମିଳେ ଯେ ପାଶ୍ଚାତ୍ୟ ସମାଜ ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, ବିଶ୍ୱକର୍ମା, ଦୁର୍ଗା, ଲକ୍ଷ୍ମୀ କିମ୍ବା ସରସ୍ୱତୀଙ୍କ ଉପାସନା ବିନା ବିଜ୍ଞାନ, ପ୍ରଯୁକ୍ତି, ଚିକିତ୍ସା ଓ ଯାନ୍ତ୍ରିକ ବିଜ୍ଞାନରେ ଅସାଧାରଣ ସଫଳତା ହାସଲ କରିଛି। ଏହାରୁ ଏକ ଧାରଣା ସୃଷ୍ଟି କରାଯାଏ ଯେ ଆଧ୍ୟାତ୍ମିକତା, ପରମ୍ପରା ଓ ସାଂସ୍କୃତିକ ମୂଲ୍ୟବୋଧର ଆଧୁନିକ ଉନ୍ନତି ସହ କୌଣସି ସମ୍ପର୍କ ନାହିଁ ଏବଂ ଭାରତକୁ ମଧ୍ୟ ଉନ୍ନତ ହେବା ପାଇଁ ନିଜର ସଭ୍ୟତାଗତ ଐତିହ୍ୟକୁ ପରିତ୍ୟାଗ କରିବା ଆବଶ୍ୟକ। କିନ୍ତୁ ଏହିପରି ଯୁକ୍ତିଗୁଡ଼ିକ ଉନ୍ନତି ଓ ସଭ୍ୟତା ସମ୍ପର୍କରେ ଏକପାଖିଆ ଦୃଷ୍ଟିକୋଣର ପ୍ରତିଫଳନ। ସେଗୁଡ଼ିକ ମାନବୀୟ ପ୍ରଗତିକୁ କେବଳ ଭୌତିକ ସଫଳତାରେ ସୀମିତ କରିଦିଏ ଏବଂ ବିକାଶର ଉଦ୍ଦେଶ୍ୟ, ମଣିଷ ଓ ପ୍ରକୃତିର ସମ୍ପର୍କ ଏବଂ ସମାଜର ନୈତିକ ଆଧାର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନଗୁଡ଼ିକୁ ଅବହେଳା କରେ। ଭାରତୀୟ ସଭ୍ୟତା ଏକ ବିକଳ୍ପ ଦୃଷ୍ଟିକୋଣ ପ୍ରଦାନ କରେ, ଯାହା ବିଜ୍ଞାନ ଓ ନବସୃଜନକୁ ଅସ୍ୱୀକାର କରେ ନାହିଁ, ବରଂ ସେଗୁଡ଼ିକୁ ନୈତିକତା, ସ୍ଥାୟିତ୍ୱ ଓ ସାମୂହିକ କଲ୍ୟାଣ ସହିତ ସମନ୍ୱୟ କରିବାକୁ ଆହ୍ୱାନ କରେ।

ପାଶ୍ଚାତ୍ୟ ଆଧୁନିକ ଚିନ୍ତାଧାରା ଓ ଭାରତୀୟ ସଭ୍ୟତାର ମୂଳ ପାର୍ଥକ୍ୟ ମଣିଷ ଓ ପ୍ରକୃତିର ସମ୍ପର୍କକୁ ନେଇ ସେମାନଙ୍କର ଦୃଷ୍ଟିଭଙ୍ଗୀରେ ରହିଛି। ଔଦ୍ୟୋଗିକ ବିପ୍ଳବ ପରଠାରୁ ପାଶ୍ଚାତ୍ୟ ଜଗତର ଏକ ପ୍ରମୁଖ ଧାରା ପ୍ରକୃତିକୁ ମଣିଷର ଉପଯୋଗ ପାଇଁ ଶୋଷଣଯୋଗ୍ୟ ସମ୍ପଦ ଭାବରେ ଦେଖିଛି। ପ୍ରକୃତି ଉପରେ ଆଧିପତ୍ୟ ସ୍ଥାପନ ହିଁ ଉନ୍ନତିର ପରିମାପକ ହୋଇପଡ଼ିଛି। ଏହି ଦୃଷ୍ଟିକୋଣ ନିଶ୍ଚିତ ଭାବେ ଆର୍ଥିକ ସମୃଦ୍ଧି ଓ ବୈଜ୍ଞାନିକ ସଫଳତା ଆଣିଛି, କିନ୍ତୁ ଏହା ସହିତ ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ, ଜୈବବୈବିଧତାର କ୍ଷୟ ଓ ସାମାଜିକ ବିଚ୍ଛିନ୍ନତା ଭଳି ସଙ୍କଟକୁ ମଧ୍ୟ ଜନ୍ମ ଦେଇଛି। ଅନ୍ୟପକ୍ଷରେ, ଭାରତୀୟ ସଭ୍ୟତା ଏକ ଭିନ୍ନ ଦାର୍ଶନିକ ଆଧାର ଉପରେ ବିକଶିତ ହୋଇଛି। ବେଦ, ଉପନିଷଦ, ଭଗବତ୍ ଗୀତା, ରାମାୟଣ, ପୁରାଣ ଓ ଭାରତର ବିଭିନ୍ନ ଆଞ୍ଚଳିକ ପରମ୍ପରା ମଣିଷ ଓ ପ୍ରକୃତି ମଧ୍ୟରେ ସହାବସ୍ଥାନ ଓ ସମନ୍ୱୟର ବାର୍ତ୍ତା ଦେଇଥାଏ। 'ବସୁଧୈବ କୁଟୁମ୍ବକମ୍'ର ଧାରଣା ସମଗ୍ର ବିଶ୍ୱକୁ ଏକ ପରିବାର ଭାବେ ଦେଖେ, ଯେଉଁଥିରେ କେବଳ ମଣିଷ ନୁହେଁ, ସମସ୍ତ ଜୀବଜନ୍ତୁ ଓ ପ୍ରକୃତି ଅନ୍ତର୍ଭୁକ୍ତ।

ଭାରତୀୟ ଚିନ୍ତାଧାରାରେ ପ୍ରକୃତି କେବଳ ଭୋଗର ବସ୍ତୁ ନୁହେଁ, ବରଂ ପୂଜନୀୟ ଓ ସମ୍ମାନନୀୟ। ଏହି ଦୃଷ୍ଟିଭଙ୍ଗୀ ଆମ ଦୈନନ୍ଦିନ ସଂସ୍କୃତିରେ ମଧ୍ୟ ପ୍ରତିଫଳିତ ହୋଇଥାଏ। ଗଙ୍ଗା, ଯମୁନା, ନର୍ମଦା, ଗୋଦାବରୀ ଭଳି ନଦୀମାନଙ୍କୁ ମାତୃରୂପେ ପୂଜା କରାଯାଏ। ପର୍ବତମାନଙ୍କୁ ଦେବତାଙ୍କର ବାସସ୍ଥାନ ଭାବେ ଦେଖାଯାଏ। ପୀପଳ, ବଟ ଓ ତୁଳସୀ ଭଳି ବୃକ୍ଷ ପବିତ୍ର ମାନ୍ୟତା ପାଏ। ଅରଣ୍ୟ ଆମ ମହାକାବ୍ୟ ଓ ପୁରାଣରେ ଏକ ପବିତ୍ର ସ୍ଥାନ ଦଖଲ କରିଛି। ଗାଈ, ହାତୀ, ସର୍ପ, ବାନର ଓ ଗରୁଡ଼ ଭଳି ପ୍ରାଣୀମାନେ ଦୈବୀ ପ୍ରତୀକ ସହ ଜଡ଼ିତ। ଏସବୁ କେବଳ ଧାର୍ମିକ ଆଚାର ନୁହେଁ; ବରଂ ପ୍ରକୃତି ପ୍ରତି ଗଭୀର ସମ୍ମାନର ପ୍ରକାଶ। ଭଗବତ୍ ଗୀତା ସମସ୍ତ ସୃଷ୍ଟିର ଆନ୍ତଃସମ୍ପର୍କର କଥା କହେ। ଉପନିଷଦ ଘୋଷଣା କରେ ଯେ ଦିବ୍ୟତା ସମଗ୍ର ସୃଷ୍ଟିରେ ବ୍ୟାପ୍ତ। ଅଥର୍ବବେଦ ପୃଥିବୀକୁ ଜନନୀ ଭାବେ ବର୍ଣ୍ଣନା କରିଛି। ଶିବ ପୁରାଣ, ବିଷ୍ଣୁ ପୁରାଣ ଓ ଅନ୍ୟାନ୍ୟ ଗ୍ରନ୍ଥ ସନ୍ତୁଳନ, ସଂଯମ ଓ ଦାୟିତ୍ୱବୋଧର ଶିକ୍ଷା ଦେଇଥାଏ। ଓଡ଼ିଶାର ଲକ୍ଷ୍ମୀ ପୁରାଣ ଭଳି ଆଞ୍ଚଳିକ ସାହିତ୍ୟ ସାମାଜିକ ସମାନତା, ଶ୍ରମର ମର୍ଯ୍ୟାଦା ଓ ମାନବିକତାର ମହତ୍ତ୍ୱକୁ ପ୍ରତିପାଦନ କରେ।

ଏହି ପରମ୍ପରା ଆମକୁ ସ୍ମରଣ କରାଏ ଯେ ପ୍ରକୃତ ସମୃଦ୍ଧି କେବଳ ଆର୍ଥିକ ସୂଚକ ଦ୍ୱାରା ମାପା ଯାଇପାରେ ନାହିଁ। ନୈତିକତା ବିନା ସମ୍ପଦ, ଦାୟିତ୍ୱ ବିନା ପ୍ରଯୁକ୍ତି ଓ ସ୍ଥାୟୀତ୍ୱ ବିନା ବିକାଶ ଶେଷ ପର୍ଯ୍ୟନ୍ତ ସମାଜକୁ ସଙ୍କଟ ଦିଗକୁ ନେଇଯାଏ। ଭାରତୀୟ ଚିନ୍ତାଧାରାରେ ମା' ଲକ୍ଷ୍ମୀ ସମୃଦ୍ଧିର ପ୍ରତୀକ ହୋଇଥିବା ବେଳେ ତାହା ଧର୍ମ ଓ ନୈତିକତା ସହ ଅବିଚ୍ଛିନ୍ନ। ମା' ସରସ୍ୱତୀଙ୍କ ଜ୍ଞାନ କେବଳ ବୃତ୍ତିଗତ ସଫଳତା ପାଇଁ ନୁହେଁ, ବରଂ ପ୍ରଜ୍ଞା ଓ ବିବେକ ପାଇଁ। ମା' ଦୁର୍ଗାଙ୍କ ଶକ୍ତି ନ୍ୟାୟ ଓ ସୁରକ୍ଷା ପାଇଁ ବ୍ୟବହୃତ ହେବା ଉଚିତ। ଏହାର ଅର୍ଥ ନୁହେଁ ଯେ ଭାରତ ଆଧୁନିକ ବିଜ୍ଞାନ ଓ ପ୍ରଯୁକ୍ତିକୁ ଅସ୍ୱୀକାର କରିବ। ପ୍ରାଚୀନ ଭାରତ ଗଣିତ, ଜ୍ୟୋତିର୍ବିଜ୍ଞାନ, ଆୟୁର୍ବେଦ, ଧାତୁବିଜ୍ଞାନ ଓ ସ୍ଥାପତ୍ୟ କଳାରେ ଉଲ୍ଲେଖନୀୟ ଅବଦାନ ରଖିଛି। ଜିଜ୍ଞାସା ଓ ଜ୍ଞାନ ଅନ୍ୱେଷଣ ଭାରତୀୟ ସଭ୍ୟତାର ଅବିଚ୍ଛିନ୍ନ ଅଂଶ। ତେଣୁ ଭାରତର ଆହ୍ୱାନ ହେଉଛି ପରମ୍ପରା ଓ ଆଧୁନିକତା ମଧ୍ୟରୁ ଗୋଟିଏକୁ ବାଛିବା ନୁହେଁ, ବରଂ ଉଭୟର ସର୍ବୋତ୍ତମ ଦିଗକୁ ସମନ୍ୱୟ କରିବା।

ଆଜି ବିଶ୍ୱ ପରିବେଶ ସଙ୍କଟ, ମାନସିକ ଅସ୍ଥିରତା, ସାମାଜିକ ବିଭାଜନ, ଯୁଦ୍ଧ ଓ ବୈଷମ୍ୟ ଭଳି ବହୁମୁଖୀ ଆହ୍ୱାନର ସମ୍ମୁଖୀନ। ଏପରି ସମୟରେ ଭାରତୀୟ ସଭ୍ୟତାର ପ୍ରଜ୍ଞା ନୂତନ ପ୍ରାସଙ୍ଗିକତା ଅର୍ଜନ କରିଛି। ଅହିଂସା, ସହାବସ୍ଥାନ, ସ୍ଥାୟୀ ଜୀବନଶୈଳୀ ଓ ସମଗ୍ର କଲ୍ୟାଣର ଧାରଣା ବିଶ୍ୱବ୍ୟାପୀ ଗୁରୁତ୍ୱ ପାଉଛି। ଭାରତ ଆଗରେ ଆଜି ଏକ ଐତିହାସିକ ସୁଯୋଗ ରହିଛି। ଅନ୍ଧାନୁକରଣ ନୁହେଁ, ବରଂ ବିଜ୍ଞାନ ଓ ଆଧ୍ୟାତ୍ମିକତା, ପ୍ରଯୁକ୍ତି ଓ ନୈତିକତା, ସମୃଦ୍ଧି ଓ ପରିବେଶ ସୁରକ୍ଷା ମଧ୍ୟରେ ସନ୍ତୁଳନ ସ୍ଥାପନ କରି ଏକ ନୂତନ ବିକାଶ ମଡେଲ୍ ବିଶ୍ୱକୁ ଦେଖାଇପାରିବ। ଭାରତ ଯେତେବେଳେ ବିଶ୍ୱର ଏକ ଅଗ୍ରଣୀ ଶକ୍ତି ହେବାର ପଥରେ ଅଗ୍ରସର, ସେତେବେଳେ ତାହାର ସଭ୍ୟତାଗତ ପ୍ରଜ୍ଞାକୁ ଭୁଲିଯିବା ଉଚିତ ନୁହେଁ। ଆମ ଶାସ୍ତ୍ର, ପୁରାଣ ଓ ପରମ୍ପରା ପ୍ରଗତିର ବାଧକ ନୁହେଁ; ବରଂ ସେଗୁଡ଼ିକ ସ୍ଥାୟୀ, ନ୍ୟାୟସଙ୍ଗତ ଓ ମାନବିକ ବିକାଶର ଦିଗଦର୍ଶକ।

ଭବିଷ୍ୟତ ସେହି ସମାଜର, ଯାହା କେବଳ ଧନ ଓ ଶକ୍ତି ସଂଗ୍ରହ କରେ ନାହିଁ, ବରଂ ସମୃଦ୍ଧିକୁ ଉଦ୍ଦେଶ୍ୟ ସହିତ, ପ୍ରଯୁକ୍ତିକୁ ନୈତିକତା ସହିତ ଏବଂ ବିକାଶକୁ ପୃଥିବୀର ସୁରକ୍ଷା ସହିତ ଯୋଡ଼ିପାରେ। ଏହି ପଥରେ ଭାରତୀୟ ସଭ୍ୟତାର ଅନନ୍ତ ପ୍ରଜ୍ଞା ସମଗ୍ର ବିଶ୍ୱ ପାଇଁ ଏକ ଆଲୋକବର୍ତ୍ତିକା ହୋଇପାରିବ।

(କୁଳପତି, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ)
ବଲାଙ୍ଗୀର

## ଆମ ବୃକ୍ଷଲତା ଆମ ଜୀବନ

### ମଞ୍ଜୁଆତି
Henna- Lawsonia inermis

ପ୍ରକୃତି-ପରିବେଶ

ସୌଭାଗ୍ୟସୁନ୍ଦର

ମଞ୍ଜୁଆତି ଦକ୍ଷିଣ-ପଶ୍ଚିମ ଏସିଆ, ଉତ୍ତର ଆଫ୍ରିକା ଓ ଅଷ୍ଟ୍ରେଲିଆର ମୂଳଜାତ ଉଭିଦ। ଏହା ଅର୍ଦ୍ଧ-ଶୁଷ୍କ ଅଞ୍ଚଳ ଓ ଉଷ୍ମମଣ୍ଡଳୀୟ ଅଞ୍ଚଳରେ ବଢ଼ିଥାଏ। ମଞ୍ଜୁଆତି ଏକ ବହୁମୁଖୀ ଉଭିଦ, ଯାହା ପାରମ୍ପରିକ ଔଷଧ, ପ୍ରସାଧନ ଏବଂ ପୂଜାପାଠରେ ଶତାବ୍ଦୀ ଧରି ପ୍ରାଧାନ୍ୟ ବିସ୍ତାର କରି ଆସିଛି। ମଞ୍ଜୁଆତିକୁ 'ହେନା', 'ମେହେନ୍ଦି' ମଧ୍ୟ କୁହାଯାଏ। ଏହି ଉଭିଦ ଏକ ବହୁଶାଖା ବିଶିଷ୍ଟ, ଚିର ସବୁଜ, ମସୃଣ ଓ ଚମକଦାର, ଚିକ୍କଣିଆ ବୁଦା ବା ଗୁଳ୍ମ, ସାଧାରଣତଃ ୨ ରୁ ୩ ମିଟର ଉଚ୍ଚ। ଛାଲି ସାଧାରଣତଃ ପତଳା ଏବଂ ଧୂସର-ବାଦାମୀ ରଙ୍ଗର ହୋଇଥାଏ ଏବଂ ଗଛ ବଡ଼ ହେବା ସହିତ ଏହାର ସୂକ୍ଷ୍ମସ୍ତର ଫାଟି ଛାଡ଼ିଯାଏ। ପତ୍ରଗୁଡ଼ିକ ସରଳ, ବିପରୀତ, ଅଣ୍ଡାକାରରୁ ଲାନ୍ସ ଆକୃତିର, ଧାର ସରଳ ଏବଂ ତୀବ୍ର ଅଗ୍ରଭାଗ। କଣ୍ଟା ଯୁକ୍ତ ଶାଖାଗୁଡ଼ିକ ପତ୍ରଧାରଣ କରିଥାଏ। କାଣ୍ଡ କିମ୍ବା ଡାଳର ଶୀର୍ଷରେ ପୁଷ୍ପଦଗମ ସଜ୍ଜିତ ସୁଗନ୍ଧିତ ଫୁଲ ପେଣ୍ଡା ଧାରଣ କରେ, ଋତୁ ଅନୁସାରେ ଫୁଲ ଫୁଟେ। ଫଳଗୁଡ଼ିକ କ୍ଷୁଦ୍ର, ଗୋଲାକାର କ୍ୟାପସୁଲ୍, ମାଟିଆ ରଙ୍ଗର, ଯେଉଁଥିରେ ଅନେକ ବୀଜ ଥାଏ, ଯାହା କୋଣିଆ ବା ଅନେକ କୋଣ ବିଶିଷ୍ଟ। ହେନା ଫଳଗୁଡ଼ିକ ଅନିୟମିତ ଭାବରେ ଫାଟି ଚାରୋଟି ଭାଗରେ ବିଭକ୍ତ ହୋଇଯାଏ ଏବଂ ମଞ୍ଜିଗୁଡ଼ିକ ବିକ୍ଷିପ୍ତ ହୁଏ।

ମଞ୍ଜୁଆତି ଦକ୍ଷିଣ ଏସିଆରେ ଆୟୁର୍ବେଦ, ୟୁନାନୀ, ପାରସ୍ୟ ଔଷଧ, ଆଫ୍ରିକୀୟ ଔଷଧ ଏବଂ ଆଦିବାସୀ ସ୍ୱାସ୍ଥ୍ୟସେବା ସମେତ ଶତାବ୍ଦୀଶତାବ୍ଦୀ ଧରି ବିବିଧ ଚିକିତ୍ସା ପ୍ରଣାଳୀରେ ସମନ୍ୱିତ ହୋଇଆସୁଛି। ଉଭିଦର ପ୍ରାୟ ସମସ୍ତ ଅଂଶ, ପତ୍ର, ଫୁଲ, ଛାଲି, ମଞ୍ଜି ଓ ମୂଳ ଭିନ୍ନ ଭିନ୍ନ ଔଷଧୀୟ ଗୁଣସମ୍ପନ୍ନ ହୋଇଥିଲେ ହେଁ ପତ୍ର ହେଉଛି ମୁଖ୍ୟ ଉତ୍ସ। ଏହା ଆଣ୍ଟିଅକ୍ସିଡାଣ୍ଟ(ବିଶୋଧକ), ଅଣୁଜୀବରୋଧୀ, ପ୍ରଦାହରୋଧୀ, କ୍ଷତ ଓ ଘା' ଉପଶମକାରୀ, ମଧୁମେହ ପ୍ରତିରୋଧୀ, କର୍କଟ ରୋଗ ପ୍ରତିରୋଧୀ, ରକ୍ତସ୍ରାବ ରୋଧୀ, ବ୍ୟାକ୍ଟେରିଆ ପ୍ରତିରୋଧୀ, ଫଙ୍ଗସ ପ୍ରତିରୋଧୀ ଏବଂ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କାରକ। ପତ୍ରଗୁଡ଼ିକର ଏକ ଶୀତଳ ପ୍ରଭାବ ଥାଏ ଏବଂ ଜଳାପୋଡ଼ା କମ କରିବା ପାଇଁ ତଳି ପାଦରେ ଲଗାଯାଏ। ପତ୍ରରୁ ରଙ୍ଗ ପ୍ରସ୍ତୁତ କରାଯାଇ ପାରିବ, ଯାହା ଚର୍ମ, କେଶ ଓ ନଖ ସହିତ ରେଶମ, ପଶମ, ଚମଡ଼ା ଓ କପଡ଼ାକୁ ରଙ୍ଗ କରିପାରିବ। ହେନା କେଶ ଓ ହାତ ରଙ୍ଗ କରୁଥିବା ପ୍ରସାଧନ ସାମଗ୍ରୀ ଭାବରେ ବ୍ୟବହାର ପାଇଁ ଜଣାଶୁଣା ଏବଂ ବିବାହ ଓ ପର୍ବପର୍ବାଣୀ ଭଳି ଶୁଭ ଅବସରରେ କଳାତ୍ମକ ଉପାୟରେ ହାତ ଓ ପାଦକୁ ସୁନ୍ଦର କରିବା ପାଇଁ ଏହାକୁ ବ୍ୟବହାର କରୁଥିବା ମହିଳା / ଝିଅମାନଙ୍କ ମଧ୍ୟରେ ଲୋକପ୍ରିୟ। ଏହାର ଫୁଲରୁ ଅତର ନିଷ୍କାସନ କରାଯାଇପାରିବ। କିନ୍ତୁ ପରିମାଣ ଏତେ କମ୍ ଯେ ଏହାର ବାଣିଜ୍ୟିକ ଭାବରେ ଲାଭଦାୟକ ନୁହେଁ। ଏହାର କାଠକୁ ଜାଳେଣୀ ଭାବରେ ବ୍ୟବହାର କରାଯାଏ।

ହେନାର ଜୈବ ରାସାୟନିକ ଉପାଦାନଗୁଡ଼ିକ ମଧ୍ୟରେ ବିଶେଷକରି ପତ୍ରରେ ଲସୋନ୍, ଫ୍ଲାଭୋନଏଡ୍ସ, ଫେନୋଲିକ୍ସ, ଟେର୍ପେନୋଏଡ୍ସ, ମାନାଇଟ୍, ଟାନିକ୍ ଏସିଡ୍, ମ୍ୟୁସିଲେଜ୍, ଗାଲିକ୍ ଏସିଡ୍, ନାପ୍ଥୋକୁଇନୋନ୍ ଇତ୍ୟାଦି ରହିଛି। କୃତ୍ରିମ ରଙ୍ଗଗୁଡ଼ିକ ମାନବ ଶରୀର ପାଇଁ ବିଷାକ୍ତ ଏବଂ କ୍ଷତିକାରକ ବୋଲି ଅନୁଭବ କରିବା ସହିତ, ଲୋକମାନେ ହୋଲି ପାଳନ ପାଇଁ ଜୈବିକ ରଙ୍ଗକୁ ଅଧିକରୁ ଅଧିକ ପସନ୍ଦ କରୁଛନ୍ତି। କେବଳ ମେହେନ୍ଦି କିମ୍ବା ଗହମ ଅଟା ସହିତ ମିଶ୍ରିତ କରି ଏହାକୁ ପାଉଡର ଭାବରେ ବ୍ୟବହାର କରାଯାଇପାରିବ। ପାଣି ସହିତ ହେନା ମିଶ୍ରଣ କରି କିମ୍ବା ପାଳଙ୍ଗ, ବିଟ୍ ପତ୍ର, ପୋଦିନା, ଧନିଆ, ଟମାଟୋ ପତ୍ର ଇତ୍ୟାଦିର ପେଷ୍ଟର ବିଭିନ୍ନ ମିଶ୍ରଣ ବ୍ୟବହାର କରି ଓଦା ରଙ୍ଗ ଭାବରେ ମଧ୍ୟ ବ୍ୟବହାର କରାଯାଇପାରିବ।

ଗ୍ରାମୀଣ ଓଡ଼ିଶା ସମେତ ଦକ୍ଷିଣ ଭାରତରେ ପ୍ରାୟ ପ୍ରତ୍ୟେକଙ୍କ ଘରବଗିଚାରେ ମଞ୍ଜୁଆତି ଗଛ ଦେଖିବାକୁ ମିଳିଥାଏ। ଏହା ଏକ ଭଲ ହେଜ୍ ବା ବାଡ ଉଭିଦ ମଧ୍ୟ। ବିହନ ଦ୍ୱାରା ଏବଂ କାଣ୍ଡ କଟିଂ ମାଧ୍ୟମରେ ଏହାର ବଂଶବିସ୍ତାର ବା ପ୍ରସାରଣ କରାଯାଏ। ତଥାପି ପ୍ରସାଧନ ସାମଗ୍ରୀ ଏବଂ ଔଷଧ କମ୍ପାନୀଗୁଡ଼ିକ ପ୍ରାକୃତିକ ଭାବରେ ଚାଷ କରାଯାଇଥିବା ଉଭିଦରୁ ସଂଗ୍ରହ କରାଯାଇଥିବା ପତ୍ର ଉପରେ ମୁଖ୍ୟତଃ ନିର୍ଭର କରନ୍ତି। ଏହା ବିଭିନ୍ନ ପ୍ରକାରର ମାଟି ପରିସ୍ଥିତି ସହିତ ଭଲ ଭାବରେ ଖାପ ଖାଇଥାଏ। ବର୍ଷା ଆରମ୍ଭ ହେବା ସମୟରେ ଗଛଟି ଦ୍ରୁତ ଗତିରେ ବୃଦ୍ଧି ପାଏ ଏବଂ ନୂତନ ଡାଳ ବାହାର କରେ। ଏଥିରେ କୌଣସି ପ୍ରମୁଖ କୀଟ କିମ୍ବା ରୋଗ ସମସ୍ୟା ନାହିଁ।

ଭୁବନେଶ୍ୱର, ମୋ: ୯୪୩୭୧୯୦୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ବିଜେପି ଲିଙ୍କ୍‌ରେ ଗୋ-ମାଫିଆ!

## ପୁଲିସ ଚଢ଼ଉ ପୂର୍ବରୁ ଉତ୍ତମ ଦଣ୍ଡପାଟ ଫେରାର୍

ବାରିପଦା, ୧୪।୬(ସମିସ): ବିଜେପି ଲିଙ୍କ୍‌ରେ ଗୋ-ମାଫିଆ! କିଏ ଦେଉଛି ସାହାସ? ଗୋ-ଚାଲାଣ ପଛରେ କାହାର ରହିଛି ପ୍ରଭାବଶାଳୀ ହାତ?

### ସୂଚନା ଲିକ୍‌କୁ ନେଇ ଉଠିଲା ପ୍ରଶ୍ନ



ପୁଲିସ ଚଢ଼ଉ ପୂର୍ବରୁ ଲିକ୍ ହୋଇଥିଲା କି ଗୁପ୍ତ ତଥ୍ୟ! ଆଉ ଚଢ଼ଉ ହେବା ଆଗରୁ ହିଁ ଖବର ପାଇ ଜରୁରୀ କାଗଜପତ୍ର ନେଇ ଚମ୍ପଟ ମାରିଛି ଗୋ-ମାଫିଆ। ବିଳମ୍ବିତ ରାତିରେ ସମ୍ପୃକ୍ତ ମାଫିଆଜଣକ ନିଜ ଗାଡ଼ି ସହ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଧରି ଫେରାର ହୋଇଯାଇଥିବା ସୂଚନା ମିଳିଛି। ଫେରାର୍ ଅଭିଯୁକ୍ତ ହେଉଛି, ଝାରପୋଖରିଆ ଥାନା ଅଞ୍ଚଳର ବହୁଚର୍ଚ୍ଚିତ ଗୋ-ମାଫିଆ ଉତ୍ତମ କୁମାର ଦଣ୍ଡପାଟ। ତାଙ୍କ ଘର ଥାନାଠାରୁ ୫୦ମିଟର ଦୂରରେ। ସବୁଠାରୁ ଚାଞ୍ଚଲ୍ୟକର ତଥ୍ୟ ହେଉଛି, ଉତ୍ତମର ଶାସକ ଦଳ ବିଜେପି ସହ ଗଭୀର ଲିଙ୍କ୍ ରହିଛି। ବିଜେପିର ବଡ଼ବଡ଼ ସାଂସଦ, କେନ୍ଦ୍ରମନ୍ତ୍ରୀ, ରାଜ୍ୟ ମନ୍ତ୍ରୀ ଓ ବିଧାୟକଙ୍କ ସହ ଘନିଷ୍ଠ ସମ୍ପର୍କ ଥିବା ନେଇ ଏକାଧିକ ଫଟୋ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଏହା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ମୁତାବକ, ଶନିବାର ରାତିଅଧିଆ ଗୋ-ମାଫିଆଙ୍କ ଘରେ ଏକ ବଡ଼ଧରଣର ଗୁପ୍ତ ଚଢ଼ଉ ପାଇଁ ପୂର୍ବାଞ୍ଚଳ ଡିଆଇଜିଙ୍କ ନିର୍ଦ୍ଦେଶରେ ମୟୂରଭଞ୍ଜ ପୁଲିସ ପ୍ରସ୍ତୁତି କରିଥିଲା। ଭୋର ୩ଟା ୨୦ମିନିଟରେ ପୁଲିସ ପହଞ୍ଚିବା ୫ମିନିଟ ପୂର୍ବରୁ ନିଜର ଏକ୍ସୟୁଭି କାରରେ ୨ଟି ବ୍ୟାଗରେ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ବା ଅନ୍ୟ କିଛି ନେଇ ଚତୁରତାର ସହ ଖସି ପଳାଇଛି ଗୋ-ମାଫିଆ। ଘରୁ ଫେରାର୍ ହେବା ସମୟର ସମସ୍ତ ଦୃଶ୍ୟ ସେଠାରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ୍ ହୋଇଛି। ରାଜନୈତିକ ଲିଙ୍କ୍ ଥିବାରୁ ହିଁ ପୁଲିସ ବିଭାଗ ଭିତରୁ କେହି ଏହି ଗୁପ୍ତ ରେଡ୍ ସମ୍ପର୍କରେ ମାଫିଆକୁ ଆଗୁଆ ସତର୍କ କରାଇ ଦେଇଥିବା ନେଇ ସନ୍ଦେହ ତୀବ୍ର ହେବାରେ ଲାଗିଛି। ଫେରାର ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବା ପାଇଁ ଏବେ ଜୋରଦାର ଦାବି ଉଠିଛି। ଶାସକ ଦଳର ପୃଷ୍ଠପୋଷକତା ଯୋଗୁଁ ମୟୂରଭଞ୍ଜ ସୀମାନ୍ତରେ ଗୋ-ଚାଲାଣର ସାମ୍ରାଜ୍ୟ ଚାଲିଥିବା ଅଭିଯୋଗ ହେଉଛି। ପୁଲିସର ରେଡ୍ ଖବର ପୂର୍ବରୁ ମାଫିଆ ପାଖରେ ପହଞ୍ଚିବା ପ୍ରଶାସନର ନିରପେକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କାହା ଛତ୍ରଛାୟାରେ ରହି ଏହି ଗୋ-ମାଫିଆ ନିଜର ବେଆଇନ କାରବାର ଚଳାଇଥିଲା ଏବଂ ତାକୁ କିଏ ସୁରକ୍ଷା ଦେଉଛି, ତାହାର ତଦନ୍ତ ହେବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ବୃଦ୍ଧଙ୍କୁ କଚାଡ଼ି ମାରିଲା ହାତୀ

ମୋରଡ଼ା, ୧୪।୬(ସମିସ): ମୟୂରଭଞ୍ଜ ଜିଲ୍ଲା ମୋରଡ଼ା ବ୍ଲକ୍‌ରେ ହାତୀ ଆକ୍ରମଣରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ବେତନଟୀ ରେଞ୍ଜ ଅଧୀନ ଦୁର୍ଗାପୁର ପଞ୍ଚାୟତର କେନ୍ଦୁସାହି ଅସନବଣି ଗ୍ରାମର ଜଗନ୍ନାଥ ସିଂ(୭୦)। ଶନିବାର ସନ୍ଧ୍ୟାରେ ସେ ଘର ନିକଟ ଜଙ୍ଗଲକୁ ଶୌଚ ପାଇଁ ଯାଇଥିବା ବେଳେ ଗୋଟିଏ ହାତୀ ହାବୁଡ଼ରେ ପଡ଼ି ଯାଇଥିଲେ। ହାତୀଟି ତାଙ୍କୁ ଶୁଣ୍ଢରେ ଟେକି କଚାଡ଼ି ଦେବାରୁ ଘଟଣାସ୍ଥଳରେ ହିଁ ଜଗନ୍ନାଥଙ୍କ ମୃତ୍ୟୁ ହୋଇଯାଇଥିଲା। ଅପରପକ୍ଷେ, ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାରଲୋକ ଜଙ୍ଗଲରେ ବହୁ ଖୋଜାଖୋଜି କରିଥିଲେ ହେଁ ରାତି ଅନ୍ଧାରରେ ତାଙ୍କୁ ପାଇ ନଥିଲେ। ଆଜି ସକାଳୁ ପୁଣି ଖୋଜାଖୋଜି କରି ତାଙ୍କ ଶବ ଠାବ କରିଥିଲେ। ଖବର ପାଇ ରେଞ୍ଜର ଧ୍ରୁବେନ୍ଦ୍ରନାଥ ନାଏକ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲକୁ ପଠାଇଥିଲେ। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ହାତୀ ଉପଦ୍ରବ ରୋକିବା ପାଇଁ ଶୀଘ୍ର ବ୍ୟବସ୍ଥା କରାନଗଲେ ଆଗକୁ ଆନ୍ଦୋଳନ ହେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

ଡିଭାଇଡର୍‌କୁ ଧକ୍କା ଦେଲା ବସ୍

## ଚାଳକ ମୃତ, ୨୦ରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ଆହତ

ସୋର,୧୪।୬(ସମିସ): ବାଲେଶ୍ୱର ଜିଲ୍ଲା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ଅନନ୍ତପୁର ଥାନା ଅନ୍ତର୍ଗତ ବାରିକପୁର ନିକଟସ୍ଥ ଆଦିରୁପା ପେଟ୍ରୋଲ ପମ୍ପ ନିକଟରେ ଆଜି ଏକ ତୀର୍ଥଯାତ୍ରୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ବସ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ୨୦ରୁ ଊର୍ଦ୍ଧ୍ୱ ତୀର୍ଥଯାତ୍ରୀ ଆହତ ହୋଇଛନ୍ତି। ମୃତ ବସ୍ ଚାଳକ ହେଲେ, ପଡ଼ୋଶୀ ଆନ୍ଧ୍ରପ୍ରଦେଶର କେ.ଭେଙ୍କଟେଶ୍ୱରମ୍ (୫୦)। ସୂଚନାନୁଯାୟୀ, ଆନ୍ଧ୍ରପ୍ରଦେଶ ବିଜୟନଗରମ୍‌ରୁ ୫୦ଜଣ ଯାତ୍ରୀଙ୍କୁ ନେଇ 'ଶ୍ରୀଲକ୍ଷ୍ମୀ' ବସ୍ କୋଲକାତା ଅଭିମୁଖେ ଯାଇଥିଲା। ବସ୍‌ଟି ଶ୍ରୀକାକୁଲମ୍ ଅଭିମୁଖେ ଫେରୁଥିବା ବେଳେ ଆଜି ସକାଳେ ଏହି ଦୁର୍ଘଟଣା ହୋଇଥିଲା। ଦ୍ରୁତଗାମୀ ବସ୍‌ଟି ଆଦିରୁପା ପେଟ୍ରୋଲ ପମ୍ପ ନିକଟରେ ଭାରସାମ୍ୟ ହରାଇ ଡିଭାଇଡର୍‌କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ସୋର ଏବଂ ଅନନ୍ତପୁର ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ବସ୍ ଚାଳକ ଭେଙ୍କଟେଶ୍ୱରମ୍‌ଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣାରେ ୨୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ମୃତକଙ୍କ ପରିବାରଲୋକେ ପହଞ୍ଚିବା ପରେ ଶବ ବ୍ୟବଚ୍ଛେଦ ହେବ ବୋଲି ପୁଲିସ ସୂଚନା ଦେଇଛି।

## ପୁଅର କାଠଫାଳିଆ ମାଡ଼ରେ ବାପା ମୃତ

ବ୍ରହ୍ମପୁର, ୧୪।୬ (ସମିସ): ଗୋଷାଣୀ ନୂଆଗାଁ ଥାନା ଅନ୍ତର୍ଗତ ତୋଟାସାହିରେ ପୁଅର କାଠଫାଳିଆ ମାଡ଼ରେ ବାପାର ମୃତ୍ୟୁ ହୋଇଯାଇଛି। ମୃତକ ହେଲେ, ଉକ୍ତ ସାହିର ଶରତ ମହାନ୍ତି (୭୦)। ସମ୍ପତ୍ତି ଓ ପାରିବାରିକ କଳହକୁ କେନ୍ଦ୍ର କରି ଶରତଙ୍କ ବଡ଼ପୁଅ ଟୁକୁ ମହାନ୍ତି ତାଙ୍କୁ ଆକ୍ରମଣ ପରେ ହତ୍ୟା କରିଥିବା କୁହାଯାଉଛି। ପୁଲିସ୍ ଶରତଙ୍କ ମୃତଦେହ ଏମ୍‌କେସିଜିରୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ସୂଚନାନୁସାରେ, ତୋଟାସାହିରେ ଶରତ ମହାନ୍ତି ନିଜ ପରିବାର ସହ ରହୁଛନ୍ତି। ଦୀର୍ଘ ଦିନ ଧରି ପୈତୃକ ସମ୍ପତ୍ତିକୁ କେନ୍ଦ୍ର କରି ଶରତ ଓ ତାଙ୍କ ବଡ଼ପୁଅ ଟୁକୁଙ୍କ ମଧ୍ୟରେ କଳହ ଲାଗି ରହିଥିଲା। ରବିବାର ଅପରାହ୍ଣରେ ଘରେ ବାପ-ପୁଅଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଟୁକୁ ଏକ କାଠଫାଳିଆରେ ଶରତଙ୍କୁ ଆକ୍ରମଣ କରିଥିଲା। ଶରତଙ୍କ ମୁଣ୍ଡ ସମେତ ଅନ୍ୟାନ୍ୟ ସ୍ଥାନରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରାତିରେ ଡାକ୍ତର ଶରତଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁଲିସ୍ ମେଡିକାଲରେ ପହଞ୍ଚି ଶବକୁ ଜବତ କରି ତଦନ୍ତ ଜାରି ରଖିଛି। ସେପଟେ ପୁଲିସ ଅଭିଯୁକ୍ତ ପୁଅ ଟୁକୁକୁ ଥାନାରେ ଅଟକ ରଖିଥିବା ଜଣାପଡ଼ିଛି।

## ରାଜ୍ୟ ପେଞ୍ଚାକସିଲାଟ ଚାମ୍ପିଅନସିପ୍ ଉଦ୍‌ଯାପିତ



ଭୁବନେଶ୍ୱର,୧୪।୬(ସମିସ): ଖୋର୍ଦ୍ଧା ଓ ଓଡ଼ିଶା ପେଞ୍ଚାକ ସିଲାଟ ସଂଘ ପକ୍ଷରୁ ଖୋର୍ଦ୍ଧା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମ୍‌ରେ ନବମ ରାଜ୍ୟ ଜୁନିଅର ଓ ସବ୍‌ଜୁନିଅର ପେଞ୍ଚାକ ସିଲାଟ ଚାମ୍ପିଅନସିପ୍ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଝାରସୁଗୁଡା ଜିଲ୍ଲା ଓଭରଅଲ ଚାମ୍ପିଅନ ହୋଇଥିଲା। ଖୋର୍ଦ୍ଧା ଜିଲ୍ଲା ପ୍ରଥମ, ସୁନ୍ଦରଗଡ଼ ଦ୍ୱିତୀୟ ଓ ମୟୂରଭଞ୍ଜ ତୃତୀୟ ରନର୍ସଅପ୍ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମିଶନ ଶକ୍ତିର ଅତିରିକ୍ତ ଶାସନ ସଚିବ ଶୈଳେନ୍ଦ୍ର କୁମାର ଜେନା ମୁଖ୍ୟ ଅତିଥି, ଅମିତ ନାୟକ, କ୍ଷଣପ୍ରଭା ମହାନ୍ତି, ରାଜ୍ୟ ସଭାପତି ତାପସ କୁମାର ରାୟଚୌଧୁରୀ ଓ ସମ୍ପାଦକ ପ୍ରେମ୍ ସିଂ ଥାପ୍ପା ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ।

## ଆଇଏଚ୍‌ଏଫ୍ ହ୍ୟାଣ୍ଡବଲ୍ ଜିତିଲା ଭାରତ



ଭୁବନେଶ୍ୱର,୧୪।୬(ସମିସ): ବାଂଲାଦେଶର ଢ଼ାକାରେ ଅନୁଷ୍ଠିତ ଆଇଏଚ୍‌ଏଫ୍ ଟ୍ରଫି ହ୍ୟାଣ୍ଡବଲରେ ଭାରତ ଚାମ୍ପିଅନ ହୋଇଛି। ଏହି ଟୁର୍ଣ୍ଣାମେଣ୍ଟରେ ୫ଟି ଦେଶ ଅଂଶଗ୍ରହଣ କରିଥିଲେ। ରାଉଣ୍ଡ ରବିନ ଲିଗ୍ ଭିତ୍ତିରେ ଖେଳାଯାଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇଥିଲା। ଭାରତ ତାହାର ପ୍ରଥମ ମ୍ୟାଚ୍‌ରେ ନେପାଳକୁ ୨୨ ଗୋଲ, ୟେମେନକୁ ୩୧ଗୋଲ, ମାଳଦୀପକୁ ୩୫ ଗୋଲ ଓ ଆଫଗାନିସ୍ତାନକୁ ୩୧ ଗୋଲ ବ୍ୟବଧାନରେ ପରାସ୍ତ କରି ଅପରାଜେୟ ରହିବା ସହ ପ୍ରଥମ ସ୍ଥାନରେ ରହି ଟ୍ରଫି ଜିତିଥିଲା। ଭାରତୀୟ ଦଳରେ ଓଡ଼ିଶାରୁ ଏକମାତ୍ର ଖେଳାଳି ଭାବେ ସ୍ୱସ୍ତିକପ୍ରସାଦ ପତି ଅଂଶଗ୍ରହଣ କରିଥିଲେ। ସ୍ୱସ୍ତିକଙ୍କ ଏହି ସଫଳତା ଲାଗି ଓଡ଼ିଶା ହ୍ୟାଣ୍ଡବଲ ସଂଘ ସଭାପତି ବିପ୍ଳବ ଚୌଧୁରୀ,ସମ୍ପାଦକ ମାନସ ସିଂ, କୋଷାଧ୍ୟକ୍ଷ ଶିତେନ୍ଦ୍ରନାଥ ଦାସ ଓ କୋଚ୍ ଗୌରୀଶଙ୍କର ମିଶ୍ର ଅଭିନନ୍ଦନ ଜଣାଇଛନ୍ତି।

## ତୃତୀୟ ପୃଷ୍ଠାର ଅବଶିଷ୍ଟାଂଶ

### ପେଟ୍ରୋଲ୍‌ର ସ୍ଥାନ...

ଧାନ, ଆଖୁ, ମକା ଓ ଅନ୍ୟାନ୍ୟ କୃଷି ବର୍ଜ୍ୟରୁ ଏଥାନଲ ସୃଷ୍ଟି ହେଉଥିବାରୁ ଏହା କୃଷକଙ୍କ ପାଇଁ ନୂଆ ବଜାର ସୃଷ୍ଟି କରିବ ଓ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବ ବୋଲି ମଧ୍ୟ ଆଶା କରାଯାଉଛି। ସେହିପରି ଏଥାନଲ ସହିତ ସରକାର ଗ୍ରୀନ୍ ହାଇ।।ଡ୍ରୋଜେନ୍ ବ୍ୟବହାର ଉପରେ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି।

ବିଶେଷଜ୍ଞମାନଙ୍କ ମତରେ ଇ-୧୦୦ ଇନ୍ଧନକୁ ଆଇନଗତ ସ୍ୱୀକୃତି ଭାରତର ଶକ୍ତି ସ୍ୱାବଲମ୍ବନ କ୍ଷେତ୍ରରେ ବଡ଼ ପଦକ୍ଷେପ। ଆବଶ୍ୟକ ଭିତ୍ତିଭୂମି, ଇନ୍ଧନ ବିତରଣ ବ୍ୟବସ୍ଥା ଓ ଯାନ ଉପଲବ୍ଧତା ଶୀଘ୍ର ବୃଦ୍ଧି ପାଏ; ତେବେ ଆଗାମୀ ବର୍ଷଗୁଡ଼ିକରେ ଭାରତର ସଡ଼କରେ ଏଥାନଲ ଚାଳିତ ଯାନର ସଂଖ୍ୟା ଦ୍ରୁତ ଭାବେ ବୃଦ୍ଧି ପାଇପାରେ।

### ନେସନାଲିଷ୍ଟ ସିଟିଜନ୍ସ...

ପ୍ରସ୍ତୁତ କରିଥିଲେ। ଏହି ଗୋଷ୍ଠୀରେ ୨୨ ଜଣ ସାଂସଦ ଥିବା କହିଛନ୍ତି ସାଂସଦ କାକୋଲି ଘୋଷ। ବୈଠକରେ ଯୋଗଦେଇଥିବା ସାଂସଦମାନଙ୍କ ମଧ୍ୟରେ ଥି।।ଲେ: କାକୋଲି ଘୋଷ, ସୁଦୀପ ବନ୍ଦୋପାଧ୍ୟାୟ, ୟୁସୁଫ ପଠାନ, ସାୟୋନି ଘୋଷ, ଶତାବ୍ଦୀ ରାୟ, ମାଲା ରାୟ, ଅର୍ଚ୍ଚନା ବାନାର୍ଜୀ, ଜଗଦୀଶ ବର୍ମା, ପାର୍ଥ ଭୌମିକ, ଅରୂପ ଚକ୍ରବର୍ତ୍ତି, ଅଧିକାରୀ ଦୀପକ, ବାପି ହାଲଦାର, ଅବୁ ତାହେର ଖାନ୍, କାଳିପଦ ସରେନ, ଅସିତ କୁମାର ପ୍ରମୁଖ।

ମିଳିଥିବା ସୂଚନା ଅନୁଯାୟୀ ବିଦ୍ରୋହୀମାନେ ଗୃହରେ ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ପାଇଁ ଦାବି କରିବାକୁ ଯୋଜନା କରିଥିଲେ। ଏହାକୁ ବିରୋଧ କରି ଟିଏମ୍‌ସିର ମହାସଚିବ ଅଭିଷେକ ବାନାର୍ଜୀ ବାଚସ୍ପତିଙ୍କୁ ଚିଠି ଲେଖିଥିଲେ। ସେ ଯୁକ୍ତି କରିଥିଲେ ଯେ ସମ୍ବିଧାନର ଦଶମ ଅନୁଚ୍ଛେଦ ଅନୁଯାୟୀ ସ୍ୱତନ୍ତ୍ର ଗୋଷ୍ଠୀ ଭଳି କିଛି ନାହିଁ। ଏସଂପର୍କରେ ସୁପ୍ରିମ କୋର୍ଟଙ୍କ ରାୟ ଦର୍ଶାଇବା ସହିତ ଏହି ଗୋଷ୍ଠୀକୁ ସ୍ୱତନ୍ତ୍ର ମାନ୍ୟତା ନଦେବା ଲାଗି ଦାବି କରିଥିଲେ। ଟିଏମସି ହେଉଛି ଗୋଟିଏ ରାଜନୈତିକ ଦଳ ଏବଂ ଏହାର କୌଣସି ସ୍ୱତନ୍ତ୍ର ଗୋଷ୍ଠୀ ନାହିଁ ବୋଲି ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଥିଲେ।

ଇତିମଧ୍ୟରେ ଦଳ ଭିତରେ ବିଦ୍ରୋହ ପରେ ମମତା ଦଳରେ ଅନେକ ସାଂଗଠନିକ ପରିବର୍ତ୍ତନ କରିଛନ୍ତି। ଦୁଇ ପ୍ରମୁଖ ସାଂସଦ ସାୟୋନୀ ଘୋଷ ଏବଂ ମାଲା ରାୟଙ୍କୁ ଦଳର ଗୁରୁତ୍ୱପୂର୍ଣ୍ଣ ପଦବୀରୁ ବହିଷ୍କାର କରିଛନ୍ତି। ସାୟୋନୀ ଘୋଷଙ୍କ ସ୍ଥାନରେ ଅର୍ଣ୍ଣବ ବାନାର୍ଜୀଙ୍କୁ ଦଳର ଯୁବ ସଂଗଠନ ସଭାପତି ଏବଂ ମାଲା ରାୟଙ୍କ ସ୍ଥାନରେ ବିଧାୟିକା ଅଲିଫା ଅହମ୍ମଦଙ୍କୁ ମହିଳା ସଂଗଠନର ସଭାନେତ୍ରୀ ଭାବେ ନିଯୁକ୍ତ କରାଯାଇଛି। ସେହିଭଳି ସୁଦୀପଙ୍କ ସ୍ଥାନରେ କୁଣାଲ ଘୋଷଙ୍କୁ ଉତ୍ତର କଲିକତା ଜିଲ୍ଲାର ସାଂଗଠନିକ ମୁଖ୍ୟ ଭାବେ ନିଯୁକ୍ତ କରିଛନ୍ତି।

### ମହିଳା ସରପଞ୍ଚଙ୍କ...

ମହିଳାଙ୍କ ସ୍ଥିତି କ'ଣ ତାହା ସ୍ପଷ୍ଟ ଅନୁମେୟ। ବିଜେପି ନେତାମାନେ ବାରମ୍ବାର ସରକାରୀ କାର୍ଯ୍ୟାଳୟରେ ପଶି ଘଟାଉଥିବା ଅଭାବନୀୟ କାଣ୍ଡ ସାରା ଓଡ଼ିଶା ଦେଖୁଛି। ସେମାନଙ୍କ ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି? ବିଜେପି ଶାସନରେ ଆଇନ କ'ଣ ଅଲଗା ଅଲଗା କି ବୋଲି ନବୀନ ପ୍ରଶ୍ନ କରିଛନ୍ତି। ମୁଖ୍ୟମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଗଣତନ୍ତ୍ରର ଗରିମା ଓ ମହିଳାଙ୍କ ସ୍ୱାଭିମାନର ସୁରକ୍ଷା ସୁନିଶ୍ଚିତ କରନ୍ତୁ ବୋଲି ନବୀନ ଦାବି କରିଛନ୍ତି।

### ବାପା ଓ ସାବତ...

ଘର ପାହାଚରେ ବସି ରହିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ହତ୍ୟାକାରୀକୁ କାବୁ କରିବା ସହ ବାଲିକୁଦା ଥାନାକୁ ନେଇଥିଲା। ପରେ ବାଲିକୁଦା ଥାନା ଅଧିକାରୀ କାବୁଲି ବାରିକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସୂଚନା ପାଇ ଏସ୍‌ପି ଅଙ୍କିତ ବର୍ମା ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ପୁଲିସ ପକ୍ଷରୁ ସାଇଣ୍ଟିଫିକ ଟିମ୍ ଦ୍ୱାରା ଘଟଣାର ଯାଞ୍ଚ କରାଯାଉଥିବା ବେଳେ ସ୍ଥାନୀୟ ଲୋକଙ୍କ ବୟାନ ରେକର୍ଡ କରାଯାଇଛି।

ସୂଚନା ଅନୁଯାୟୀ, ନିଜ ମା'ର ମୃତ୍ୟୁ ପରେ ପିତା ସତ୍ୟାନନ୍ଦ ନିଆଳି ଥାନା ଅନ୍ତର୍ଗତ କସରଦା ଗ୍ରାମରେ ଦ୍ୱିତୀୟ ବିବାହ କରିଥିଲେ। ଏହାକୁ ନେଇ ପୁଅ ଦିଲ୍ଲୀପ ଅସନ୍ତୁଷ୍ଟ ଥିଲା। ସେ ଓ ତା' ଭଉଣୀ ପ୍ରତି ଅନ୍ୟାୟ ହୋଇଥିବା ନେଇ ନିଜ ମନରେ କ୍ରୋଧ ରଖିଥିଲା। ଏପରିକି, ଭଉଣୀର ବିବାହ ଓ ନିଜର ବିବାହ ସରିବା ପରେ ସେ ବାପାଙ୍କୁ ସମ୍ପତ୍ତିଗୁଡ଼ିକ ନିଜ ନାମରେ କରିଦେବା ପାଇଁ ଅନେକଥର କହିଥିଲା। କିନ୍ତୁ, ଏଥିରେ ରାଜି ହୋଇ ନଥିଲେ ସତ୍ୟାନନ୍ଦ। ଏହାକୁ ନେଇ ଅନେକ ସମୟରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳ ହେଉଥିଲା। ଏପରିକି, ଅନେକ ସମୟରେ ପଞ୍ଚାୟତ ରାଜିନାମା ଓ ଥାନା ମାଧ୍ୟମରେ ସମାଧାନ ମଧ୍ୟ ହୋଇଥିଲା। ହେଲେ, ଏହି ପାରିବାରିକ ବିବାଦ ଏତେ ଉଗ୍ରରୂପ ନେଇଥିଲା ଯେ ବାପା ଓ ସାବତ ମା'କୁ ସବୁଦିନ ପାଇଁ ରାସ୍ତାରୁ ହଟେଇ ଦେବାକୁ ଯୋଜନା କରିଥିଲା ଦିଲ୍ଲୀପ। ଯୋଜନା ମୁତାବକ, କାକଟପୁରରେ ଏକ ରାଇସ ମିଲ୍‌ରେ କାର୍ଯ୍ୟ କରୁଥିବା ଦିଲ୍ଲୀପ ଗତକାଲି ଘରକୁ ଏକ ଧାରୁଆ କଟୁରି କିଣି ଆଣିଥିଲା। ନିଜ ପତ୍ନୀ ଓ ଝିଅକୁ ରଜ ବୁଲାଇନେବା ବାହାନା କରି ଶଶୁର ଘରେ ଛାଡ଼ି ଦେଇ ଘରକୁ ଫେରିଥିଲା। ଆଜି ମଧ୍ୟାହ୍ନରେ ସେ ଖାଇପିଇ ବିଶ୍ରାମ ନେଇଥିଲା। ଅପରାହ୍ଣ ପ୍ରାୟ ସାଢ଼େ ୨ଟା ବେଳେ ଘର ବାରଣ୍ଡା ଶିଡ଼ି ପାହାଚ ନିକଟରେ ବାପା ସତ୍ୟାନନ୍ଦ ବୁଲୁଥିବା ବେଳେ ଦିଲ୍ଲୀପ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲା। ପଛପଟୁ କଟୁରିରେ ବେକ ମୂଳକୁ ଚୋଟ ପକାଇଥିଲା। ତାଙ୍କ ଚିତ୍କାର ଶୁଣି ସ୍ତ୍ରୀ ଚାରୁଲତା ସେଠାକୁ ଦୌଡ଼ି ଆସିବାରୁ ଦିଲ୍ଲୀପ ତାଙ୍କ ବେକକୁ ବି ଚୋଟ ପକାଇଥିଲା। ସତ୍ୟାନନ୍ଦ ସେହିଠାରେ ଟଳି ପଡ଼ିଥିବା ବେଳେ ଜୀବନ ବିକଳରେ ଚାରୁଲତା ଘର ଗେଟ୍ ଖୋଲି ବାହାରକୁ ଦୌଡ଼ି ଆସିଥିଲେ ହେଁ ବେଶୀ ଦୂରକୁ ଯାଇ ପାରିନଥିଲେ। ଘର ସମ୍ମୁଖରେ ସେ ଟଳି ପଡ଼ିଥିଲେ। ଉଭୟଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ଏଭଳି ଏକ ଜଘନ୍ୟ କାଣ୍ଡ ଘଟାଇ ମଧ୍ୟ ପୁଅ ଦିଲ୍ଲୀପ ବିଚଳିତ ନହୋଇ ଘର ପାହାଚରେ କଟୁରି ସହ ବସି ରହିଥିଲା।

ଏନେଇ ଥାନା ଅଧିକାରୀ କାବୁଲି ବାରିକ କହିଛନ୍ତି, ପ୍ରାଥମିକ ତଦନ୍ତରୁ ଜଣାଯାଇଛି ଯେ ସତ୍ୟାନନ୍ଦ କିଛି ଜମି ବିକ୍ରି କରି ଚାରୁଲତାଙ୍କ ଭଉଣୀ ଅର୍ଥାତ ଶାଳୀକୁ ଟଙ୍କା ଦେଇଥିଲେ। ଏହାକୁ ନେଇ ବାପା-ପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସତ୍ୟାନନ୍ଦ କହିଥିଲେ ଯେ ମୋ ସମ୍ପତ୍ତି ମୁଁ ଯାହା କରିବି। ଏଥିରେ ପ୍ରତିଶୋଧପରାୟଣ ହୋଇ ଦିଲ୍ଲୀପ ଏଭଳି ଘଟଣା ଘଟାଇଥିବା ସ୍ୱୀକାର କରିଛି। ତେବେ କେବେ ନିଶାଦ୍ରବ୍ୟ ସେବନ କରୁ ନଥିବା ଦିଲ୍ଲୀପ ଏଭଳି ଘଟଣା ଘଟାଇବ, ତାହାକୁ ସହଜରେ ବିଶ୍ୱାସ କରି ପାରୁନାହାନ୍ତି ଗ୍ରାମବାସୀ। ଦ୍ୱିତୀୟ ପତ୍ନୀଙ୍କ କୌଣସି ସନ୍ତାନ ନ ଥିବାରୁ ଏପର୍ଯ୍ୟନ୍ତ କୌଣସି ଅଭିଯୋଗ ହୋଇନାହିଁ। ଯାହାକୁ ନେଇ ଏସ୍‌ପି ଚିନ୍ତିତ ଥିବା ବେଳେ ସ୍ଥାନୀୟ ଜନପ୍ରତିନିଧି ଓ ଗ୍ରାମବାସୀଙ୍କୁ ଏନେଇ ଲିଖିତ ଅଭିଯୋଗ କରିବା ପାଇଁ ସହଯୋଗ ମାଗିଥିଲେ ମଧ୍ୟ କେହି ଏଥିରେ ରାଜି ହେଉନଥିବା ସୂଚନା ମିଳିଛି। ଏଣୁ ଶବକୁ ମେଡିକାଲ ନେବା ପ୍ରକ୍ରିୟା ବିଳମ୍ବ ହେଉଛି।

### ଗୁଣି ସନ୍ଦେହରେ...

ଏନେଇ ନମ୍ବର ୧୯୨/୨୬ରେ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ପୁଅକୁ ଗିରଫ କରିଛି। ସେ ହେଲା, ପ୍ରତିମ ସାହୁ (୨୬)। ଅପରପକ୍ଷେ, ସାଇଣ୍ଟିଫିକ୍ ଟିମ୍ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି।

ପ୍ରାଥମିକ ତଦନ୍ତରୁ ପୁଲିସ ଜାଣିବାକୁ ପାଇଛି ଯେ ପୁଷ୍ପାରାଣୀ ଗୁଣିଗାରେଡ଼ି କରୁଛନ୍ତି ବୋଲି ପ୍ରତିମ ସନ୍ଦେହ କରିଥିଲା। ଧୀରେଧୀରେ ଏହି ସନ୍ଦେହ ତା' ମୁଣ୍ଡରେ ବସା ବାନ୍ଧିଥିଲା। ଏହାକୁ ନେଇ ମା'-ପୁଅଙ୍କ ମଧ୍ୟରେ ଅନେକବାର ପାଟିତୁଣ୍ଡ, ଝଗଡ଼ା ମଧ୍ୟ ହେଉଥିଲା। ଆଜି ଦିନ ପ୍ରାୟ ୧୧ଟାରେ ପୁଣି ମା'-ପୁଅଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରିତମ୍ ପାଖରେ ପଡ଼ିଥିବା ଏକ ପନିକି ଓ କୁରାଢ଼ୀରେ ପୁଷ୍ପାରାଣୀଙ୍କୁ ହାଣି ପକାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ପୁଷ୍ପାରାଣୀଙ୍କ ମୃତ୍ୟୁ ହୋଇଯାଇଥିଲା ବୋଲି ପ୍ରତିମର ବାପା ଗଦାଧର ଅଭିଯୋଗ କରିଛନ୍ତି। ଖବର ପାଇ ବନ୍ତ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ସାକ୍ଷ୍ୟ ପ୍ରମାଣ ସହ ହତ୍ୟାକାଣ୍ଡରେ ବ୍ୟବହୃତ କୁରାଢ଼ୀ ଓ ପନିକିକୁ ଜବତ କରିଥିଲା।

### ଯୁବକଙ୍କୁ ଗୁଳିକରି...

ଗୁଳି ବାଜି ପିଠି ପଟେ ବାହାରି ଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏହି ଘଟଣାକୁ ନେଇ ମେଡିକାଲରେ ଚାପା ଉତ୍ତେଜନା ପ୍ରକାଶ ପାଇଛି। ରବୀନ୍ଦ୍ରଙ୍କ ପରିବାର, ସମ୍ପର୍କୀୟଙ୍କ ସମେତ ଶତାଧିକ ଲୋକ ମେଡିକାଲ ପରିସରରେ ଉପସ୍ଥିତ ଅଛନ୍ତି। ଏସଡିପିଓ ସରୋଜ କୁମାର ସାହୁ, ଗଣିଆ ଥାନା ଅଧିକାରୀ ଟଙ୍କଧର ଛତ୍ରିଆ, ଦଶପଲ୍ଲା ଥାନା ଅଧିକାରୀ ବିନୟ କୁମାର ପରିଡ଼ା ପ୍ରମୁଖ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଅନ୍ୟପଟେ ପୁଲିସ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସିଧାମୂଳା ଗ୍ରାମର ଦିଲୀପ କୁମାର ମନ୍ତ୍ରୀଙ୍କୁ ଗିରଫ କରିଛି। ତାଙ୍କଠାରୁ ବନ୍ଧୁକ ଏବଂ କାର ଜବତ କରାଯାଇଛି। ଦିଲୀପ ଜଣେ ଟ୍ରକ ଚାଳକ ବୋଲି ଜଣାପଡ଼ିଛି। ତେବେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ମୃତ ରବୀନ୍ଦ୍ରଙ୍କ ବଡ଼ଭାଇ ଓ ଅଭିଯୁକ୍ତ ଦିଲୀପଙ୍କ ସ୍ତ୍ରୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଥିଲା। ୮ ମାସ ତଳେ ରବୀନ୍ଦ୍ରଙ୍କ ବଡ଼ଭାଇ ଦିଲୀପଙ୍କ ସ୍ତ୍ରୀଙ୍କୁ ନେଇ କେଉଁଆଡ଼େ ଚାଲିଯାଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ହତ୍ୟାକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ରବିବାର ସନ୍ଧ୍ୟାରେ ବର୍ଷା ପବନ ଯୋଗୁଁ ସମଗ୍ର ଅଞ୍ଚଳ ଅନ୍ଧାର ଥିବାରୁ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ହତ୍ୟାକାଣ୍ଡ ଘଟାଇଛନ୍ତି। ଫେରାର ଥିବା ଦୁଇଜଣଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଛାନଭିନ ଜାରି ରଖିଛି। ଗତ କିଛି ଦିନ ଧରି ନୟାଗଡ଼ ଜିଲ୍ଲାରେ ହତ୍ୟାକାଣ୍ଡ ଭଳି ଅପରାଧ ବଢ଼ି ଚାଲିଛି। ଜିଲ୍ଲାରେ ବାରମ୍ବାର ଏଭଳି ଘଟଣା ଅଞ୍ଚଳରେ ଭୟର ବାତାବରଣ ଖେଳିଯାଇଛି। ଏ ନେଇ ଜିଲ୍ଲା ପୁଲିସର ମୁଣ୍ଡବିନ୍ଧା ବଢ଼ିଯାଇଛି।

### ରଜ ପରେ...

ମାଲକାନଗିରି, ପୁରୀ, ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାରେ ୪୦ରୁ ୫୦ କିମି ବେଗରେ ପବନ ସହ ବର୍ଷା ସମ୍ଭାବନା ଥିବା ନେଇ ଆକଳନ କରିଛି ପାଣିପାଗ କେନ୍ଦ୍ର। ମଙ୍ଗଳବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ, ସୁନ୍ଦରଗଡ, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ଗଜପତି, ଗଞ୍ଜାମ, ପୁରୀ ଖୋର୍ଦ୍ଧା ଓ ନୟାଗଡରେ ୪୦ରୁ ୫୦ କିମି ବେଗରେ ପବନ ସହ ବର୍ଷା ସମ୍ଭାବନା ଆକଳନ କରାଯାଇଛି। ଆସନ୍ତା ୨୦ ତାରିଖ ଦିନ ରାଜ୍ୟବ୍ୟାପୀ ବିଭିନ୍ନ ଜିଲ୍ଲାରେ ପବନ ସହ ବର୍ଷା ସମ୍ଭାବନା ରହିଥିବା ନେଇ କେନ୍ଦ୍ର ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।


**AFFIDAVIT**

By virtue of an affidavit sworn before Executive Magistrate, Jatni, on dated 24.10.2025, I Sunita Behera resident At-Sandhapur, Po/Ps- Jatni, Dist- KhordhaPIN-752050, declare that I have changed the name of my daughter from Sai Samprit to Abhilipsa Behera. Henceforth, she shall be known as **ABHILIPSA BEHERA** for all future purposes.

Sunita Behera

**AFFIDAVIT**

By virtue of an affidavit sworn before the Executive Magistrate Nilagiri, Baleswar, Odisha vide Sl. no. 251 dated 16/04/2026, I Jharana Mohanty, W/o- Bijay Mohanty, At- Koligadi, Po-Santragadia, Ps-Nilagiri, Dist-Baleswar, Odisha, Pin-756042 declare that I have changed my Son's name from Husekash Mohanty to Hrushikesh Mohanty. Henceforth he shall be known as **Hrushikesh Mohanty** for all purposes.

**AFFIDAVIT**

By virtue of an affidavit sworn before Executive Magistrate, Jhumpura, dtd 08.05.2026, I, Prabhakar Barik, Vill/PO-Khendra, P.S.-Jhumpura, Dist.-Keonjhar hereby declare that my daughter's correct name is Nisamani Barik. But wrongly mentioned as Nisamani Behera in her Aadhaar bearing No.962041532669. That Nisamani Barik & Nisamani Behera is one & the same person. Henceforth she shall be knwon as **Nisamani Barik** for all purposes.

Sd/- Prabhakar Barik.

**EKLAVYA MODEL RESIDENTIAL SCHOOL**
PUNGAR, KORAPUT
**ADMISSION NOTICE**

Applications are invited for admission into the remaining seats of **Class XI Science, Humanities (Arts) and Commerce (CBSE Board)** for the **session 2026-27**. For eligibility and Application Form, please visit EMRS PUNGAR Website: **https://emrspungar.com/**. The last date for submission of filled-in Application Form is **25.06.2026.** For more details, please contact **Admission I/c: 7735872724.**

Sd/- Principal

**OFFICE OF THE ROURKELA MUNICIPAL CORPORATION : ROURKELA**
**INVITATION FOR BID** 13001/876/2627
No. 7774 Dated: 11.06.2026
Bid Identification No. : MC/RMC/43/2026

The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in single cover on online Mode. Bid Identification No. MC/RMC/43/2026 for 05 nos. Civil work with value of Rs. 9.69 Lakh to 27.22 Lakh.

1. Bid documents will be available in website www.tendersorissa.gov.in from 12.06.2026.
2. Bids must be submitted on "online" on or before 22.06.2026 by 17.00 hours.
3. Bids shall be opened at 11.00 hours on 23.06.2026 in the office of the undersigned in the presence of the bidders or their authorized agents.
4. Other details will be available in the website tendersorissa.gov.in.

Municipal Commissioner,
Rourkela Municipal Corporation
OIPR-13001/13131/1/26-27/0032

25001/391/2627
**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**RURAL WORKS DIVISION-II, SUNDARGARH**
E-Mail – rw_rourkela@yahoo.co.in
**TENDER CALL NOTICE**
**BID IDENTIFICATION NO. ONLINE-EERKL-10 of 2026-27**

1 Name of the Work — Road Works
2 Total No. of works — 16 (Sixteen) Nos.
3 Estimated cost — Rs. 5.08 to 33.05 Lakhs
4 Class of contractor — "D", "C" & "B" Class
5 Period of completion — 02 (Two) Months & 04 (Four) Months
6 Type of Tender — Single Cover
7 Other Details

| Procurement Officer | Bid Identification No. | Availability of Tender Online for Bidding | Last Date & Time of Seeking Tender Clarification | Date & Time of Opening of Tender |
|---|---|---|---|---|
| Executive Engineer, Rural Works Division-II, Sundargarh | Online-EERKL-10 of 2026-27 | From: 17.06.2026 at 10.00 AM To: 25.06.2026 up to 05.00 PM | 24.06.2026 up to 5.00 PM | 29.06.2026 at 11.00 AM |

Further details can be seen from the website www.tendersorissa.gov.in and for more information please visit the office.

Executive Engineer
RW Division-II, Sundargarh
OIPR25001/25193/1/26-27/0013

**OFFICE OF THE MUNICIPAL COUNCIL, MALKANGIRI**
Odisha, Pin - 764045 Ph: 06861-230244
e-Mail: malkangiri@ulborissa.gov.in
Lt. No. 8211 / Mpl. / 2026, Date: 12/06/2026
13001/872/2627

**Expression of Interest (EOI) for Selection of Local Self-Help Group (SHG) for Operation and Maintenance of AAHAR Kitchen & Aahar Kendra at Bus Stand Malkangiri**

Sealed proposal are invited from the local WSHGs for Operation and Maintenance of Aahar Kitchen & Aahar Centre at Bus Stand, Malkangiri. The AAHAR Program aims to provide safe, hygienic, and subsidized meals to the public, especially targeting the poor and needy. The selected WSHG will be responsible for day-to-day operations, food preparation, serving, cleanliness, and maintenance of the AAHAR Kendra as per prescribed guidelines. Maintenance of records and timely reporting to the authority. Ensuring quality service and customer satisfaction.

**Eligibility Criteria**
1. The SHG must be a local group functioning within Malkangiri Municipality areas.
2. The local Self-Help Groups (WSHGs) must be registered under NULM / Mission Shakti / ORMAS / Government recognized SHG federations.
3. The WSHG should have experience in community kitchen management, meal preparation, SHG-based livelihood activities, sanitation, housekeeping or other similar service-oriented activities. However, considering that no fresh EOI for operation of AAHAR Kendras has been invited during the last several years, lack of direct experience in operation of AAHAR Kendras shall not be a disqualification. Such SHGs may participate in the selection process, and suitable weightage / preference shall be given to SHGs possessing relevant experience.
4. The WSHG should not be blacklisted or involved in any litigation with any government agency.
5. The WSHG must adhering to *Pancha Sutra* for Group management.

**Documents Should be Submitted**
1. Application expressing interest.
2. SHG registration certificate.
3. Copy of Aadhaar card of all members.
4. Past Experience details (if any) with supporting documents.
5. Bank account details.
6. Resolution copy for willingness to take up the work.
7. SHG should submit last 06 (Six) months resolution copy.
8. SHG should submit the last 06 (Six) month cash book copy.
9. SHG should submit last six Month transaction details copy.
10. SHG PAN Card.

**Submission Deadline**
Interested SHG may submit their Expression of Interest with relevant documents in a sealed envelope to the office of the Executive Officer-cum-Secretary, District Aahar Society, Malkangiri Municipality on or before **25.06.2026 by 4.00 PM** during office hours through Speed Post/Regd. Post only.
The same will be opened on **29-06-2026 at 10.00 AM** in the chamber of the Undersigned with presence of WSHGs and their authorized agent if present. The envelope should be superscribed with: **"EOI for AAHAR Kitchen & Aahar Kendra Operation – Bus Stand Malkangiri".** The WSHGs should submit the self-attested copy of valid registration certificate. This office shall not be held responsible for any delay in receipt of the EOI. The Undersigned reserve the right to reject any or all the application without assigning any reason thereof.
For any further information, please contact the Executive Officer, Malkangiri Municipality office during working hours.

Executive Officer-cum-Secretary
District Aahar Society
Malkangiri Municipality
OIPR-13001/13125/1/26-27/0005

# ରଜ ମହୋତ୍ସବ ପାଇଁ ପୁରପଲ୍ଲୀ ଉତ୍ସବ ମୁଖର

# କଟକ ସଦର ଓ ଗ୍ରାମାଞ୍ଚଳରେ ରଜ ମହୋତ୍ସବ







## ମୁଗଭଙ୍ଗା

ଫୁଲନଖରା, ୧୪।୬ (ସମିସ): କଟକ ମହାନଗର ନିଗମ ୫୯ ନଂ ୱାର୍ଡ ଅନ୍ତର୍ଗତ ମୁଗଭଙ୍ଗା ଗ୍ରାମରେ ମା' ଖରାଖାଇ ଯୁବକ ସଂଘ, ଗଣେଶ ପୂଜା କମିଟି ପକ୍ଷରୁ ପବିତ୍ର ରଜ ଉପଲକ୍ଷେ କୁନି କୁନି ପିଲାମାନଙ୍କ ମଧ୍ୟରେ ନୃତ୍ୟଗୀତ ପ୍ରତିଯୋଗିତା ଅନୁଷ୍ଠିତ ହେବା ସଂଗେ ସଂଗେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ସଂସ୍କୃତିପ୍ରେମୀ ନବକିଶୋର ଦଳାଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ବାବା ସମ୍ବିତ ସାଗର ଦାସ ମହାରାଜ ମୁଖ୍ୟଅତିଥି, ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀଜୀ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବରେ ପାଲାକାର ଯୁଧିଷ୍ଠିର ପରିଜା, ଜ୍ଞାନଭାରତୀର ସଭାପତି ବିନୋଦ ସେନାପତି ଓ ପୂର୍ବତନ କର୍ପୋରେଟର ପ୍ରମୋଦ କୁମାର ମହାପାତ୍ର, ସମାଜସେବୀ ଭାଗ୍ୟଧର ଦଳାଇ ଯୋଗଦେଇଥିଲେ। ପଣ୍ଡିତ ଡଃ କୃଷ୍ଣଚନ୍ଦ୍ର ନନ୍ଦ ଶର୍ମା, ଅଞ୍ଚଳର ବରିଷ୍ଠ ମୁରବୀ ପୀତବାସ ମହାପାତ୍ର, ନିଷ୍ଠାପର ପାଲାଶ୍ରୋତା ଅଶୋକ ପରିଜା ଓ ସାମ୍ବାଦିକ ଡନ୍ ବାରିକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗତ ମେଟ୍ରିକ୍ ପରୀକ୍ଷାରେ କୃତୀ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ନୃତ୍ୟଗୀତ ପ୍ରତିଯୋଗିତାରେ ଶତାଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ହେମନ୍ତ ଦଳାଇ, ଶରତଚନ୍ଦ୍ର ଦଳାଇ, କେଶବ ଦଳାଇ, ପ୍ରଫୁଲ୍ଲ ଦଳାଇ, ମୁକେଶ ଦଳାଇ, ପ୍ରଦୀପ ଦାସ ଓ ମନୋରଞ୍ଜନ ଭୂୟାଁ ପ୍ରମୁଖ ପରିଚାଳନା କରିଥିଲେ।

## ପ୍ରତାପନଗରୀ

କଟକ ମହାନଗର ନିଗମ ୫୯ ନଂ ୱାର୍ଡ ଅନ୍ତର୍ଗତ ପ୍ରତାପନଗରୀ ଗ୍ରାମର ଆରାଧ୍ୟା ଦେବୀ ମା' ଧାକୁଲେଇଙ୍କ ପୀଠରେ ୩ଦିନ ଧରି ଚାଲିବାକୁ ଥିବା ରଜ ମହୋତ୍ସବର ଶୁଭ ଉଦ୍‌ଘାଟନ ହୋଇଯାଇଛି। କଟକ କମିସନରେଟ୍ ପୁଲିସ୍‌ର ଅତିରିକ୍ତ ଡିସିପି ରଣଜିତ୍ ପୃଷ୍ଟି ମୁଖ୍ୟଅତିଥି ଏବଂ ଗ୍ରାମ୍ୟ ଉନ୍ନୟନ କମିଟିର ସଭାପତି ପ୍ରମୋଦ ସ୍ୱାଇଁ, ସହ ସମ୍ପାଦକ ବାଦଲ କୁମାର ଜେନା, ଆଞ୍ଚଳିକ ଶାନ୍ତି କମିଟିର ସମ୍ପାଦକ ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଉପସ୍ଥିତ ଥିଲେ। ମା'ଙ୍କ ପୀଠରେ ଶତାଧିକ ଦୋଳି ଲାଗିଥିବା ବେଳେ ବିଭିନ୍ନ ଖାଦ୍ୟ ଷ୍ଟଲ୍ ସମସ୍ତଙ୍କୁ ଆକୃଷ୍ଟ କରିପାରିଛି। ଆଖପାଖ ଅଞ୍ଚଳର ପ୍ରାୟ ସହସ୍ରାଧିକ ମହିଳା ଦୋଳି ଖେଳିବା ସହ ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଜିଲ୍ଲାରୁ ସାଂସ୍କୃତିକ ଅନୁଷ୍ଠାନ ସଙ୍ଗୀତଭିତ୍ତିକ ନୃତ୍ୟ ପରିବେଷଣ କରିଥିଲେ। ବିକ୍ରମ ରାଉତ, ରଞ୍ଜିତ୍ ସ୍ୱାଇଁ, ଶିବୁନ ସେନାପତି, ରୋହିତ ସ୍ୱାଇଁ, ଅରୁଣ ରାଉତ, ସୁନିଲ ରାଉତ, ଝୁଲିଆ ଜେନା, ସୋମନାଥ ଜେନା, ମିଲନ ସ୍ୱାଇଁ, ପିଣ୍ଟୁ ଜେନା, ବିକାଶ ଜେନା, ମିହିର ରାଉତ, ଜିତେନ୍ ବେହେରା, ସନ୍ତୋଷ ସାହୁ, ବିକାଶ ବେହେରା ପ୍ରମୁଖ ଧାକୁଲେଇ ଯୁବକ ସଂଘର ସମସ୍ତ ସଭ୍ୟ ପରିଚାଳନା କରିଥିବା ବେଳେ ଗ୍ରାମବାସୀ ସହଯୋଗ କରିଥିଲେ।

## ଉରାଳୀ

କଟକ ସଦର ବ୍ଲକ ଅନ୍ତର୍ଗତ ଉରାଳୀ ଗ୍ରାମ ଖେଳପଡ଼ିଆରେ ୧୪ତାରିଖରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ରଜ ମଉଜର ଶୁଭ ଉଦ୍‌ଘାଟନ ହୋଇଯାଇଛି। ସାମାଜିକ କର୍ମୀ ଦୀପାଞ୍ଜଳି ସାହୁଙ୍କ ତତ୍ତ୍ୱାବଧାନରେ ଶୁଭାରମ୍ଭ ହୋଇଥିବା ଉକ୍ତ ରଜମଉଜ ଅବସରରେ ସୁସଜ୍ଜିତ ଦୋଳି ଲାଗିବା ସହ ଗ୍ରାମର ମହିଳାମାନଙ୍କ ମଧ୍ୟରେ ପୋଡପିଠା ଓ ରଜପାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସାଗରିକା ବାରିକ, ମମତା ମହାରଣା ଓ ଲତା ବାରିକ ପ୍ରତିଯୋଗିତାରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଗ୍ରାମର ପିଲାମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦଧିବାମନଜୀଉ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ଲକ୍ଷ୍ମଣ ସାହୁ, ମହିଳା ଉଦ୍ୟୋଗୀ ମିନତୀ ବେହେରା ଓ ବ୍ରଜେଶ୍ୱରୀ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ନରନାରାୟଣ ମଠ

ବାରଙ୍ଗ ବ୍ଲକ ଅନ୍ତର୍ଗତ ବ୍ରାହ୍ମଣଝରିଲୋ ବାଲିଜିପାଟଣାସ୍ଥିତ ନରନାରାୟଣ ମଠରେ ଆନନ୍ଦ ଉଲ୍ଲାସର ସହିତ ରଜ ଉତ୍ସବର ଶୁଭ ଉଦ୍‌ଘାଟନ ହୋଇଯାଇଛି। ସାମ୍ବାଦିକ ରମେଶ ପ୍ରଧାନ ପୌରୋହିତ୍ୟ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ସମାଜସେବୀଙ୍କ ସୁଶାନ୍ତ କୁମାର ତ୍ରିପାଠୀ, ଯୁବନେତା ବିଶ୍ୱରଞ୍ଜନ ସାହୁ, ଶିକ୍ଷାବିତ୍ କୈଳାସଚନ୍ଦ୍ର ବେହେରା, ବୈଦ୍ୟନାତ ତରାଇ, ଅନନ୍ତ ଚରଣ ଦାସ, ରାଜେନ୍ଦ୍ର ପ୍ରଧାନ, ବିଘ୍ନେଶ୍ୱର ତରାଇ ପ୍ରମୁଖ ଯୋଗ ଦେଇଥିଲେ। ଗଛ ଡାଳରେ ପ୍ରାୟ ୨୦ଟିରୁ ଉର୍ଦ୍ଧ୍ୱ ଦୋଳି ଗ୍ରାମବାସୀଙ୍କ ପକ୍ଷରୁ ଲଗାଯାଇଛି। ଦିନ ୧୦ଟାରୁ ଦୋଳି ଖେଳିବା ପାଇଁ ଝିଅବୋହୂଙ୍କର ଗହଳି ଲାଗିଥିଲା।

## ଏକତା ଫାଉଣ୍ଡେସନ୍

ଟାଙ୍ଗୀ: ବ୍ଲକ ମୁଖ୍ୟାଳୟ ଟାଙ୍ଗୀସ୍ଥିତ ଏକତା ଫାଉଣ୍ଡେସନ୍ ଓ ମିଡ଼ିଆ ସେଲ ପକ୍ଷରୁ ରଜ ମହୋତ୍ସବ ରବିବାର ପାଳିତ ହୋଇଛି। ସଭାପତି କ୍ଷେତ୍ରବାସୀ ବରାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କିଛି ଗରିବ ମହିଳା ଓ ପୁରୁଷଙ୍କୁ ବସ୍ତ୍ର ସହ ୫ ଜଣଙ୍କୁ ୫ ଶହ ଟଙ୍କା ଲେଖାଏଁ ଭତ୍ତା ବଣ୍ଟନ କରାଯାଇଥିଲା। ସାମାଜିକ କର୍ମୀ ପ୍ରବୀର ଦାଶ ମୁଖ୍ୟଅତିଥି, ରାଜସ୍ୱ ନିରୀକ୍ଷକ ସଂଘ ରାଜ୍ୟ ସଭାପତି ସୁଚିତ୍ର ମହାନ୍ତି, ରେଳ ବିଭାଗ କର୍ମଚାରୀ ଅନନ୍ତ ନାୟକ, ବ୍ଲକ କଂଗ୍ରେସ ସଭାପତି ଆଶୁତୋଷ ବରାଳ, ଶ୍ରୀଧର ସାହୁ, ସଂଗ୍ରାମ ସ୍ୱାଇଁ, ବରିଷ୍ଠ ନାଗରିକ ଶୁକଦେବ ଦାସ ଓ ମୁରଲୀଧର ନାୟକ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କମଳା ବରାଳ, ସୁଶାସନ ବରାଳ, ପ୍ରତିମା ଦେହୁରୀ, ପାକାନୀ ଦେହୁରୀ, ସନାତନ ସ୍ୱାଇଁ, କନକଲତା ଦାସ, ସନ୍ତୋଷ ବେହେରା ଓ ପ୍ରଶାନ୍ତ ବରାଳ ପରିଚାଳନା କରିଥିଲେ।

## ଗୋପୀନାଥପୁର ଶାସନ

ତିଗିରିଆ: ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତ ସ୍ଥିତ ଗୋପୀନାଥପୁର ଶାସନ ଗ୍ରାମରେ ଚତୁର୍ଥ ରଜ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଈଶାନେଶ୍ୱର ପୂଜା କମିଟି ଆନୁକୂଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଆଠଗଡ଼ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେପି ନେତା ଅଭୟ କୁମାର ବାରିକ, ମୁଖ୍ୟବକ୍ତା ଭାବେ ସମାଜସେବୀ ତଥା ଶିକ୍ଷାବିତ ପ୍ରଦ୍ୟୁମ୍ନ ଦାଶ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ନାରାୟଣ ପ୍ରସାଦ ଦାଶ, ଗ୍ରାମର ବରିଷ୍ଠ ସଦସ୍ୟ ଶ୍ୟାମ ସୁନ୍ଦର ମିଶ୍ର, ସାମ୍ବାଦିକ ଚନ୍ଦ୍ରଶେଖର ମିଶ୍ର, ସାମ୍ବାଦିକ ଶ୍ରୀକାନ୍ତ କୁମାର ଦାଶ, ସାଂସଦ ଙ୍କ ପ୍ରତିନିଧି ସୂର୍ଯ୍ୟକାନ୍ତ ଧଳ, ଗୋପୀନାଥପୁର ଶାସନ ଗ୍ରାମର ସଭାପତି ସତ୍ୟ ସୁନ୍ଦର ମିଶ୍ର, ସମାଜସେବୀ ରଘୁନାଥ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପୂଜା କମିଟିର ସଭାପତି ଗିରିଶ ନାୟକ ଅତିଥି ପରିଚୟ ପ୍ରଦାନ ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ନୃତ୍ୟରେ ଅଭିନୟା ମହାନ୍ତି ପ୍ରଥମ, ଅନ୍ନପୂର୍ଣ୍ଣା ନାୟକ ଦ୍ୱିତୀୟ ଓ ସୋନି ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସଙ୍ଗୀତରେ ଗିରିଶ ନାୟକ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଜିତେନ୍ଦ୍ର ବେହେରା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଏହି ନୃତ୍ୟ ଓ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମରେ ବିଚାରକ ଭାବେ ନୃତ୍ୟ ଗୁରୁ ସୁବ୍ରତ ମହାନ୍ତି, ଯୋଗେଶ୍ୱର ବଳିଯାର ସିଂ, ସୋନିସୁଧା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସମାଜସେବୀ ପ୍ରଦ୍ୟୁମ୍ନ ଦାଶ, ସାମ୍ବାଦିକ ଶ୍ରୀକାନ୍ତ କୁମାର ଦାଶ, ସାମ୍ବାଦିକ ଚନ୍ଦ୍ରଶେଖର ମିଶ୍ରଙ୍କୁ ଜୟକୃଷ୍ଣ ମିଶ୍ର ସ୍ମୃତି ସମ୍ମାନ-୨୦୨୬ରେ ସମ୍ମାନିତ କରାଯାଇଥିଲା। ଅଞ୍ଚଳର ସୁନାମଧନ୍ୟ ମଞ୍ଚ କଳାକାର ଆଲୋକ ରଞ୍ଜନ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ପ୍ରଶାନ୍ତ ବେହେରା, ଜିତେନ୍ଦ୍ର ବେହେରା, ସୁଦୀପ ଦାଶ, ଜିତେଶ ନାୟକ, ସୌମ୍ୟରଞ୍ଜନ ଦାଶ, ମିଥୁନ ବେହେରା, ଜମ୍ବେଶ୍ୱର ନାୟକ, ପ୍ରଶାନ୍ତ କୁମାର ନାୟକ, ଚନ୍ଦନ ନାୟକ, ନିରଞ୍ଜନ ମିଶ୍ର, ଆଶୁତୋଷ ମିଶ୍ରଙ୍କ ସହ ଅନ୍ୟମାନେ ସହଯୋଗ କରିଥିଲେ।

ନିଶ୍ଚିନ୍ତକୋଇଲି: ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ରଜ ମହୋତ୍ସବ ପାଇଁ ନିଶ୍ଚିନ୍ତକୋଇଲି ଅଞ୍ଚଳର ପୁରପଲ୍ଲୀ ଉତ୍ସବ ମୁଖର ହୋଇଉଠିଛି। ଏହି ପର୍ବରେ ଧରିତ୍ରୀମାତା ରଜଶଳା ହୋଇଥିବାରୁ ବିଶେଷକରି ମହିଳାମାନେ ବିଭିନ୍ନ କାର୍ଯ୍ୟ ମାନ ନକରି ନୀତିନିୟମରେ ରହିଛନ୍ତି। ପ୍ରଥମ ରଜରେ ବିଭିନ୍ନ ଗ୍ରାମରେ ରଜ ମହୋତ୍ସବ କମିଟି ଦ୍ୱାରା ବହୁ ପ୍ରକାରର ମନୋରଞ୍ଜନ କାର୍ଯ୍ୟକ୍ରମ କରାଯାଉଛି। ଏହି ବ୍ଲକ ଅନ୍ତର୍ଗତ ନିଶ୍ଚିନ୍ତକୋଇଲି ବେଲେଶ୍ୱରୀ ରଜ ମହୋତ୍ସବ କମିଟି, ଗୋପପୁର ରଜମହୋତ୍ସବ କମିଟି, ଛୁଆଳିଆ ବାବା ଆଖଣ୍ଡଳମଣି ରଜମହୋତ୍ସବ କମିଟି, ଲାଲବାଗ ତ୍ରିନାଥ ରଜ ମହୋତ୍ସବ କମିଟି ତଥା ବହୁ ସାରା ଗ୍ରାମରେ ରହିଥିବା ରଜ ମହୋତ୍ସବ କମିଟି ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଗାଁ ଗହଳିରେ ଲୋକମାନେ ମଜାମଜଲିସ କରିବାପାଇଁ ତାସ, ଲୁଡୁ, ପଶା, କଉଡି ଆଦି ଖେଳରେ ମାତିଥିବା ବେଳେ ଝିଅମାନେ ବିଭିନ୍ନ ପ୍ରକାର ଦୋଳି ଖେଳି ମଜା ଉଠାଇଥାଆନ୍ତି। ଏହି ରଜ ପର୍ବରେ ପ୍ରତ୍ୟେକ ପରିବାରରେ ମିଠା ଖିରି ପୁରୀ ସମେତ ମାଛ ମାଂସ ଖାଦ୍ୟ ପେୟର ଆସର ଜମିଥାଏ। ବହୁ ଲୋକ ସେମାନଙ୍କ ସାଙ୍ଗସାଥୀ ବନ୍ଧୁମାନଙ୍କ ଘରକୁ ବୁଲା ବୁଲି କରିବାକୁ ଯାଇ ଖୁସି ମନାଇଥାଆନ୍ତି। ପହିଲି ରଜରେ ମହୋତ୍ସବ କମିଟିଗୁଡିକ ଦ୍ୱାରା ବିଭିନ୍ନକାର୍ଯ୍ୟକ୍ରମ ଉଦ୍‌ଘାଟନ କରାଯାଥିବା ବେଳେ ଏହା ତିନି ଦିନ ଧରି ଧୁମ୍ ଧାମ୍‌ରେ ଚାଲିବ ବୋଲି ଜଣାଯାଇଛି। ପହିଲି ରଜର ସଂଧ୍ୟାରେ ବର୍ଷା ପବନ ଯୋଗୁଁ ମହୋତ୍ସବ ପାଳନରେ ଫିକା ଦେଖାଯାଇଥିଲା।

## ଦୁର୍ଘଟଣାରେ ଦୁଇ ଗୁରୁତର

କଣ୍ଟାପଡ଼ା, ୧୪।୬(ସମିସ): ଓଲଟପୁର ଥାନା ଅନ୍ତର୍ଗତ ୬୦ ନମ୍ବର ରାଜ୍ୟ ରାଜପଥ ଇଛାପୁର ନିକଟରେ ଆଜି ଅପରାହ୍ନରେ ଏକ ସଡ଼କ ଦୁର୍ଘଟଣାରେ ଦୁଇଜଣ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତର ଦୁଇ ଜଣ ହେଲେ ଓଲଟପୁର ଥାନା ସଳେଇ ବେଦ ପୁର ଗ୍ରାମ-୩ର କାର୍ତ୍ତିକ ଜେନା ଓ ସଦର ଥାନା ବଡ଼ଝିରିଲୋ ଗ୍ରାମର ଜଣେ ୧୬ ବର୍ଷର ନାବାଳକ। ଉଭୟ ଏକ ବାଇକ୍‌ରେ ଅଶପୁରରୁ ଫୁଲନଖରା ପଟକୁ ଆସୁଥିବ ବେଳେ ଫୁଲନଖରା ପଟୁ ଆସୁଥିବା ଅନ୍ୟ ଏକ ବାଇକ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ କାର୍ତ୍ତିକଙ୍କ ମୁଣ୍ଡରୁ ଖପୁରି ଉଠିଯାଇଥିଲା। ଗୁରୁତର କାର୍ତ୍ତିକ ଓ ନାବାଳକଙ୍କୁ ଓଲଟପୁର ପୁଲିସ କଟକ ଡାକ୍ତରଖାନାକୁ ପଠେଇ ତଦନ୍ତ ଜାରି ରଖିଛି।

## ଟେଟ୍ରାହେଡ୍ରନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା



ଟାଙ୍ଗୀ, ୧୪।୬(ସମିସ): ସାଲେପୁର ନିର୍ବାଚନମଣ୍ଡଳୀ ଟାଙ୍ଗୀ ଗସ୍ତରେ ଆସିଥିବା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଟେଟ୍ରାହେଡ୍ରନ୍ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧ୍ୟକ୍ଷ ତ୍ରିଦେବ ବେହେରା ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଶ୍ରୀ ପଣ୍ଡା ନିଜ ଉଦ୍ୟମରେ ନିର୍ମିତ ରେଳ ଓଭରବ୍ରିଜ୍ କାର୍ଯ୍ୟ ଅନୁଧ୍ୟାନ ପୂର୍ବକ ଅବସରପ୍ରାପ୍ତ ବାୟୁସେନା ଅଧିକାରୀ ବିଭୁଧେନ୍ଦୁ ଷଡ଼ଙ୍ଗୀ ଓ ସମବାୟ ବ୍ୟାଙ୍କ କର୍ମଚାରୀ ସ୍ୱାଧୀନ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟକ୍ଷ ତ୍ରିଦେବ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ଗ୍ରାମୀଣ ସଭାପତି ରାମନାରାୟଣ ମହାନ୍ତି, ଉପସଭାପତି ପ୍ରଫୁଲ୍ଲ କୁମାର ସ୍ୱାଇଁ ଓ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଚୌଧୁରୀ ହେମନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଅମୂଲ୍ୟ ବେଉରା, ଆକାଶ ପାତ୍ର, ବିଶ୍ୱଜିତ ଅଞ୍ଚଳ ଓ ମଣ୍ଡଳ ସଭାପତି ହୃଷୀକେଶ ସାମଲ ପ୍ରମୁଖ ପରିଚାଳନା କରିଥିଲେ।

## ରଜ ମହୋତ୍ସବରେ ରକ୍ତଦାନ ଶିବିର

ଟାଙ୍ଗୀ, ୧୪।୬(ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗୋବିନ୍ଦପୁର ଗ୍ରାମପଞ୍ଚାୟତ ଆନୁକୂଲ୍ୟରେ ରଜ ମହୋତ୍ସବରେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱେଚ୍ଛାକୃତ



ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ସୁଜାତା ହାତୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ଭବାନୀ ଶଙ୍କର ଦାସ, ସମିତିସଭ୍ୟ ନିଧିରାମ ଦାସ, ସନ୍ତୋଷ କୁମାର ଦାସ, ଯୁବ ଆଇନଜୀବୀ ତଥା ସମାଜସେବୀ କଳିଙ୍ଗ କେଶରୀ ମହାନ୍ତି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପଞ୍ଚାୟତର ବିଭିନ୍ନ ଗ୍ରାମର ରକ୍ତଦାତାଙ୍କଠାରୁ ୩୪ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। କେନ୍ଦ୍ରୀୟ ରେଡକ୍ରସ ରକ୍ତକେନ୍ଦ୍ର କଟକର ଚିକିତ୍ସକଙ୍କ ସମେତ କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ପଞ୍ଚାୟତର ଯୁବ ଗୋଷ୍ଠୀ ସହଯୋଗ କରିଥିଲେ।

## ନୂଆସାହି ପ୍ରିମିୟର ଲିଗ୍: ରାଧେ ରାଧେ ଚାମ୍ପିଅନ

ଚୌଦ୍ୱାର, ୧୪।୬(ସମିସ): ଚୌଦ୍ୱାର ପୌରପାଳିକା ୧୭ନଂ ୱାର୍ଡସ୍ଥିତ ମଙ୍ଗଳା ମନ୍ଦିର ଖେଳ ପଡ଼ିଆରେ ନୂଆସାହି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ଟିମ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ରାଧେ



ରାଧେ କ୍ରିକେଟ ଟିମ ଓ କଳିଙ୍ଗ ଷଣ୍ଡ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଧେ ରାଧେ ଟିମ ଚାମ୍ପିଅନ ହୋଇଥିଲା। ଫାଇନାଲ ମ୍ୟାଚର ଅମ୍ପାୟାର ଭାବେ ସୁଜିତ କୁମାର ନାୟକ ଓ ନରେନ ଦାସ ଖେଳ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଭାବେ ଟେଟ୍ରାହେଡ୍ରନ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନର ପ୍ରତିଷ୍ଠାତା ଡ. ତ୍ରିଦେବ ବେହେରା ଯୋଗ ଦେଇଥିଲେ। କାଉନସିଲର ଅଶୁତୋଷ ଦାସ, ହଂସଚରଣ ସାହୁ, ଅଜୟ କୁମାର ରାଉତରାୟ, ପ୍ରଭାକର ସାହୁ ପ୍ରମୁଖ ଯୋଗଦେଇଥିଲେ। ନୂଆସାହି କ୍ରିକେଟ ଆସୋସିଏସନର ରଜତ କୁମାର ପଣ୍ଡା, ସତ୍ୟଜିତ୍ ମଜୁମଦାର, ସଞ୍ଜୀୟ ବିଶ୍ୱାଳ, ପ୍ରସନ୍ନଜିତ ଦାସଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ସାଲେପୁର ରଜ ମହୋତ୍ସବ ଉଦ୍‌ଘାଟିତ

ସାଲେପୁର, ୧୪।୬(ସମିସ): ସାଲେପୁର ସହରରେ ଥିବା ସାଲେପୁର ହାଇସ୍କୁଲ ଓ ମଧୁମଣ୍ଡପ ପରିସରରେ ତିନିଦିନ ଧରି ପାଳନ ହେବାକୁ ଯାଉଥିବା ରଜ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ରଜ ମହୋତ୍ସବ କମିଟିର ଆବାହକ ହରିବନ୍ଧୁ ଶତପଥୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମକୁ ସାଲେପୁର ଥାନା ଆଇଆଇସି ମହେଶ୍ୱର ବେହେରା ଓ ସାଲେପୁର ବିଡ଼ିଓ ଲୋପାମୁଦ୍ରା ନାୟକ ଉଦ୍‌ଘାଟନ କରିଥିଲେ। ସାଲେପୁର ହାଇସ୍କୁଲ ପରିସରର ରଜ ମହୋତ୍ସବ ଅବସରରେ ଓଡ଼ିଆ ଘରର ପିଠାପଣା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସେହିପରି ଅଳତା ଓ କୁଙ୍କୁମ ପ୍ରତିଯୋଗିତା, ଝୋଟି ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ଏହି ଅବସରରେ ସାଲେପୁର ହାଇସ୍କୁଲ ପରିସରରେ ସାଧାରଣ ମହିଳା ଓ ଛୋଟପିଲାମାନେ ଦୋଳିର ମଜା ନେଇଥିଲେ। ସାଲେପୁର କଲେଜର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ହଳଧର ସାହୁ, ପୂର୍ବତନ ଅଧ୍ୟକ୍ଷ ଡଃ ଉମେଶ ଚନ୍ଦ୍ର ପତି, ବରିଷ୍ଠ ଆଇନଜୀବୀ ବିଜୟକେତନ ନାୟକ, ଡଃ ଯୁଧିଷ୍ଠିର ଖଟୁଆ, ରଜ ମହୋତ୍ସବ କମିଟିର ସଂଯୋଜକ ଅକ୍ଷୟ କୁମାର ଦାଶ, ସମ୍ବିତ ଦାସ, ଚିତ୍ତରଞ୍ଜନ ଶତପଥି, ହେମନ୍ତ କୁମାର ନନ୍ଦ, ହରିହର ମହାପାତ୍ର, ଡଃ ଗିରୀଶ ସାହୁ, ପ୍ରଫେସର ବୈଷ୍ଣବ ଚରଣ ମହାନ୍ତି, ସାଲେପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷ ରବୀନ୍ଦ୍ର ନାଥ କର, ସାମ୍ବାଦିକ ଶାରଦା ପଣ୍ଡା, ଶିଶିର କୁମାର ଦାଶ, ଜଗନ୍ନାଥ ମନ୍ଦିର କମିଟିର ମିହିର କୁମାର ଜେନା, ବରିଷ୍ଠ ଶିକ୍ଷକ ବିଷ୍ଣୁ ଚରଣ ମିଶ୍ର, ସଞ୍ଜୟ କୁମାର ନାୟକ, ପ୍ରଦୀପ କୁମାର କାଣ୍ଡି, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ନାୟକ, ଚନ୍ଦ୍ରମଣି ଭୂୟାଁ, ଦୀପକ କୁମାର ଜେନା, ବଦ୍ରିନାଥ ସିଂହ, ନାଗମଣି ସ୍ୱାଇଁଙ୍କ ସମେତ ବହୁ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଅବସରରେ ମଧୁମଣ୍ଡପ ପରିସରରେ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଥମେ ଅତିଥିମାନେ ସାଲେପୁର ହାଇସ୍କୁଲ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସ, ଉତ୍କଳ ଗୌରବ ମଧୁସୂଦନ ଦାସ ଓ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ।

## ଚୌଦ୍ୱାରରେ ରଜ ଉତ୍ସବ

ଚୌଦ୍ୱାର, ୧୪।୬(ସମିସ): ଚୌଦ୍ୱାର ସହର ଓ ସ୍ଥାନୀୟ ଗ୍ରାମାଞ୍ଚଳରେ ବହୁ ଆସ୍ଥାୟୀ ମିଠା ପାନ ଦୋକାନ ଖୋଲିଥିବା ବେଳେ ୧୦ ଟଙ୍କାରୁ ଆରମ୍ଭ କରି କୋନ ଭିତରେ ଥିବା ପାନ ଖଣ୍ଡକୁ ୫୦ଟଙ୍କାରେ ବିକ୍ରି କରାଯାଉଛି। ପାନର ମଧ ଭଲ ବିକ୍ରି ଥିବା ଜନୈକ ବ୍ୟବସାୟୀ କହିଛନ୍ତି। ସନ୍ଧ୍ୟାରେ ମନ୍ଦିର ଓ ପାର୍କଗୁଡିକରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଗାଁରୁ ଯାଇ ରାଜ୍ୟ ବାହାରେ ବିଭିନ୍ନ କର୍ମ ସଂସ୍ଥାନରେ ଥିବା ଲୋକେ ପରିବାର ସହିତ ଗାଁକୁ ଫେରି ରଜପର୍ବ ପାଳନରେ ଆତ୍ମୀୟ ମାନଙ୍କ ସହିତ ସାମିଲ ହୋଇଛନ୍ତି। କଳାପ୍ରକାଶିନୀ କ୍ଲବ ତରଫରୁ ୨ଦିନ ବ୍ୟାପି ସ୍ଥାନୀୟ କଳାକାରଙ୍କ ଦ୍ୱାରା 'ତମ ସିନ୍ଦୂର କେଉଁ ସ୍ୱାମୀର' ଓ 'ଧରା ଶ୍ରାବଣ ଶୀତ ରାତି' ନାଟକ ପରିବେଷଣ କରାଯାଉଛି।

## କଳପଡ଼ା ରଜ ମହୋତ୍ସବ ବନ୍ଦ ହେଲା କାହା ସ୍ୱାର୍ଥରେ ?

କନ୍ଦରପୁର, ୧୪।୬ (ସମିସ): କଟକ ସଦର ଅନ୍ତର୍ଗତ ବଇୟାଳିସ ମୌଜା କଳପଡ଼ାଠାରେ ରବିବାର ଆରମ୍ଭ ହେବାକୁ ଥିବା ରଜ ମହୋତ୍ସବକୁ କମିସନରେଟ ପୁଲିସ ବନ୍ଦ କରି ଦେଇଛି। ୟୁନିଅନ ଫର କଟକ ସଦର ଡେଭଲପମେଣ୍ଟ ଆନୁକୂଲ୍ୟରେ ହେବାକୁ ଥିବା ଏହି ୩ ଦିନିଆ ରଜ ଉତ୍ସବକୁ ପୁଲିସ ବନ୍ଦ କରିଦେବାରୁ ସଂଗଠନର ସ୍ୱେଚ୍ଛାସେବୀମାନେ ଥାନାରେ ଧାରଣା ଦେଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମକୁ ରାଜନୈତିକ କାରଣରୁ ବନ୍ଦ କରାଯାଇଛି ବୋଲି ସଂଗଠନ ସଭାପତି ମନୋଜ ନାୟକ ସୂଚନା ଦେଇଛନ୍ତି। ଦାଖଲ କରିଥିବା କାଗଜପତ୍ରରେ ତ୍ରୁଟି ରହିଛି ତେଣୁ ପୁଣି ଥରେ କାଗଜପତ୍ର ଦାଖଲ କରିବାକୁ ଡିସିପି କହିଥିଲେ। ପୁନର୍ବାର କାଗଜପତ୍ର ସହିତ ପୂର୍ବରୁ ମିଳିଥିବା ଅନୁମତିପତ୍ର ଦାଖଲ କରିବା ପରେ ଆଉ ଫେରା ଯାଇ ନ ଥିଲା। ପ୍ରଶାସନର ଏହି ଭଳି କାର୍ଯ୍ୟକଳାପକୁ ବୟାଳିଶ ମୌଜାର ଜନତା ଉଚିତ ଜବାବ ଦେବେ ବୋଲି ସଂଗଠନର ସଭାପତି ମନୋଜ ନାୟକ ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ସାମ୍ବାଦିକ ଲକ୍ଷ୍ମଣ ଦାସଙ୍କୁ ଆକ୍ରମଣ ଘଟଣାରେ ଧାରଣା ଚେତାବନୀ

ସାଲେପୁର, ୧୪।୬(ସମିସ): ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘର କର୍ମକର୍ତ୍ତା ତଥା ଟିଭି ସାମ୍ବାଦିକ ଲକ୍ଷ୍ମଣ ଦାସଙ୍କ ଉପରେ ନେମାଳ ଥାନା ନରେନ୍ଦ୍ରପୁରଠାରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣାର ୬ଦିନରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ ନେମାଳ ପୁଲିସ ଏହି ଘଟଣାରେ ସମ୍ପୃକ୍ତ ଆସାମୀମାନଙ୍କୁ ଧରିବାରେ ସଫଳ ହୋଇନାହିଁ। ଯଦି ଆସନ୍ତା ୧୮ ତାରିଖ ମଧ୍ୟରେ ପୁଲିସ ସାମ୍ବାଦିକ ଲକ୍ଷ୍ମଣ ଦାସଙ୍କୁ ଆକ୍ରମଣ କରିଥିବା ଅପରାଧୀମାନଙ୍କୁ ଗିରଫ ନକରନ୍ତି, ତେବେ ସାଲେପୁର ଆଞ୍ଚଳିକ ସାମ୍ବାଦିକ ସଂଘ ସମେତ ୩ଟି ବ୍ଲକରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ନେମାଳ ଥାନା ସମ୍ମୁଖରେ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ପୁଲିସ ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆଞ୍ଚଳିକ ସାମ୍ବାଦିକ ସଂଘର ସଭାପତି ଅକ୍ଷୟ କୁମାର ଦାଶ, ସମ୍ପାଦକ ହୃଷୀକେଶ ମଲ୍ଲିକଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଦାବି କରିଛନ୍ତି।

## ଗତିରାଉତପାଟଣାରେ ବ୍ଲକ ଷ୍ଟାଡିୟମର ଶିଳାନ୍ୟାସ

କନ୍ଦରପୁର, ୧୪।୬(ସମିସ): କଟକ ସଦର ଅନ୍ତର୍ଗତ ଗତିରାଉତପାଟଣାଠାରେ ୧୪ କୋଟି ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ବ୍ଲକସ୍ତରୀୟ ଷ୍ଟାଡିୟମର ଶୁଭ ଶିଳାନ୍ୟାସ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକଙ୍କ ଦ୍ୱାରା ଅନୁଷ୍ଠିତ ହୋଇଯାଇଛି। କଟକ ସଦର ବିଧାୟକ ପ୍ରକାଶଚନ୍ଦ୍ର ସେଠୀଙ୍କ ପୌରୋହିତ୍ୟରେ ଏବଂ କନ୍ଦରପୁର ବିଜେପି ମଣ୍ଡଳ ସଭାପତି ନିରଞ୍ଜନ ରାଉଳଙ୍କ ସଂଯୋଜନାରେ ଆୟୋଜିତ ସଭାରେ କଟକ ସଦର ପଞ୍ଚାୟତସମିତି ଅଧ୍ୟକ୍ଷା ଭାଗ୍ୟଲକ୍ଷ୍ମୀ ରାଉତ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ୍ତ ମହାଳି, ସରପଞ୍ଚ ସୋନାଲୀ ରାଉତ, ରାଜ୍ୟ ବିଜେପି କାର୍ଯ୍ୟକାରିଣୀ ସଦସ୍ୟ ହୃଷୀକେଶ ଜେନା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। କଟକ ଜିଲ୍ଲା ଉନ୍ନୟନ ଅଧିକାରୀ ପ୍ରଶାନ୍ତ ନାୟକ, ଗ୍ରାମ୍ୟ ଉନ୍ନୟନ ଏସଡିଓ ଅରୂପାନନ୍ଦ ବିଶ୍ୱାଳ ସାମିଲ ହୋଇଥିଲେ।

## ଏସ୍‌ଆଇଆର୍ କାର୍ଯ୍ୟକୁ ଆସି ବିଏଲ୍‌ଓ ଅଂଶୁଘାତର ଶିକାର

ନିଶ୍ଚିନ୍ତକୋଇଲି, ୧୪।୬ (ସମିସ): ନିଶ୍ଚିନ୍ତକୋଇଲି ତହସିଲ ଅଧୀନରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) କାର୍ଯ୍ୟକ୍ରମକୁ ଆସି ଜଣେ ବିଏଲ୍‌ଓ ଅଂଶୁଘାତର ଶିକାର ହୋଇ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହୋଇଥିବା ଜଣାଯାଇଛି। ରବିବାର ତହସିଲ କାର୍ଯ୍ୟାଳୟଠାରୁ ୩୦ କିମି ଦୂରରେ ରହିଥିବା



ଇସାଣୀବରହମପୁର ପଞ୍ଚାୟତର ବ୍ରାହ୍ମଣଭୂଇଁ ଅଙ୍ଗନବାଡି କେନ୍ଦ୍ରର କର୍ମୀ ତଥା ବିଏଲ୍‌ଓ ଆରତୀ ଦାସ ଘରୁ ସକାଳ ୭ଟାରେ ବାହାରି ସଠିକ୍ ସମୟରେ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ତାଙ୍କ ସହିତ ଅନ୍ୟ ୬୦ ଜଣ ବିଏଲ୍‌ଓ ଏବଂ ୭ ଜଣ ସୁପରଭାଇଜର ମଧ୍ୟ ଉପସ୍ଥିତ ହୋଇଥିଲେ। ହେଲେ ଅତିରିକ୍ତ ଜିଲ୍ଲାପାଳ ୮ଟାରେ ଆସି ନଥିଲେ। ଅତିରିକ୍ତ ଜିଲ୍ଲାପାଳଙ୍କୁ ୧୨.୩୦ ମିନିଟ୍ ପର୍ଯ୍ୟନ୍ତ ଅପେକ୍ଷା କରି ବସିଥିବା ବେଳେ ଦୁଇ ଜଣ ବିଏଲ୍‌ଓ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ସେହିପରି ଅନ୍ୟ ଜଣେ ବିଏଲ୍‌ଓ ମଧ୍ୟ ସାମାନ୍ୟ ଅଂଶୁଘାତର ଶିକାର ହୋଇ ଚିକିତ୍ସିତ ହୋଇଥିବା ଜଣାଯାଇଛି। ରବିବାର ଦିନ ରଜ ପର୍ବ ଥିଲେ ମଧ୍ୟ ଏସ୍‌ଆଇଆର କାର୍ଯ୍ୟକୁ ଗୁରୁତ୍ୱ ଦେଇ ଅତିରିକ୍ତ ଜିଲ୍ଲାପାଳ ବିଏଲ୍‌ଓ ଏବଂ ସୁପରଭାଇଜରଙ୍କୁ ଏଭଳି କାର୍ଯ୍ୟ ପାଇଁ ଡାକିବା ଏବଂ ନିଜେ ଉପସ୍ଥିତ ନହେବା ଘଟଣାକୁ ନେଇ ବିଏଲ୍‌ଓଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ନିଶ୍ଚିନ୍ତକୋଇଲି, ୧୪।୬ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନସ୍ଥ ନରେନ୍ଦ୍ରପୁର ପଞ୍ଚାୟତ କାକୁଡିଆପଡ଼ା ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସେକ୍ ଅବଦୁଲ ମୁତାଲିବ୍ (୭୯)ଙ୍କ ନିଜ ବାସଭବନରେ ପରଲୋକ ହୋଇଛି। ସେ ଦୀର୍ଘ ୩୦ ବର୍ଷ କାଳ ଉତ୍ତରକୂଳ ପଞ୍ଚାୟତ ମେହେନ୍ଦୀପୁର ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟକରି ଜଣେ ଆଦର୍ଶ ଶିକ୍ଷକ ଭାବେ ବେଶ୍ ପରିଚିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ବହୁ ପୁରାତନ ଛାତ୍ର, ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ମୃତ୍ୟୁ ଶଯ୍ୟା ନିକଟରେ ପୁତ୍ର ଗୋଲାମ ମେହେନ୍ଦୀ ହସନ, ସେକ୍ କମାଲ ହୁସେନ୍, ସେକ୍ ଇକ୍‌ବାଲ ହୁସେନ, ସେକ୍ ସଦ୍ଦାମ ପ୍ରମୁଖ ଉପସ୍ଥିତ ଥିଲେ। ଦୁଇ ଜଣ ଜ୍ୱାଇଁ ଏବଂ ଗ୍ରାମବାସୀଙ୍କ ଉପସ୍ଥିତିରେ ଇସଲାମ୍ ଧର୍ମ ଅନୁଯାୟୀ କବରସ୍ଥାନରେ ତାଙ୍କୁ କବର ଦିଆଯାଇଥିଲା।

## ସାହିତ୍ୟ ସାଧନା ପାଇଁ ରାଜସିଂହାସନ ପରିତ୍ୟାଗ କରିଥିଲେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ

ଭଦ୍ରେଶ୍ୱର, ୧୪।୬(ସମିସ): ଯେଉଁ ସାହିତ୍ୟ ସାଧନା ପାଇଁ ରାଜକୁମାର ଉପେନ୍ଦ୍ର ଭଞ୍ଜ ରାଜ ସିଂହାସନ ପରିତ୍ୟାଗ କରିଥିଲେ ସେହି ସାହିତ୍ୟ ସମ୍ରାଟ ଉପାଧିରେ ଭୂଷିତ କରିଥିଲା ବୋଲି ବିଶିଷ୍ଟ ସାହିତ୍ୟିକ ତଥା ଭଞ୍ଜ ସାହିତ୍ୟିକମାନେ ମତବ୍ୟକ୍ତ କରିଥିଲେ। ଜଣେ ଅଗାଧ ପାଣ୍ଡିତ୍ୟ ଓ ଅନ୍ୟନ୍ୟ କାବ୍ୟକୃତି ଯୋଗୁଁ କବି ସମ୍ରାଟ ଉପାଧିରେ ଭୂଷିତ ହୋଇଥିଲେ ବୋଲି ମତ ପ୍ରକାଶ ପାଇଛି। କେନ୍ଦ୍ରୀୟ ସାଂସ୍କୃତିକ ସଂସଦ ଗୋକନ ଆନୁକୂଲ୍ୟରେ ଉପେନ୍ଦ୍ରଭଞ୍ଜ ଜୟନ୍ତୀ, ରଜଉତ୍ସବ ଓ ମାହାଙ୍ଗା ମହୋତ୍ସବ ୨୦୨୬ ଏରକଣା ଭଞ୍ଜ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସମାଜର ପ୍ରକାଶକ



ତଥା ମୁଦ୍ରାକାର ରାଜେନ୍ଦ୍ର କୁମାର ଜେନା ଏହାକୁ ଉଦଘାଟନ କରିଥିଲେ। ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ ବାରିପଦାର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତ ମୁଖ୍ୟଅତିଥି, ଭଞ୍ଜ ସାହିତ୍ୟ ଗବେଷକ କାମରାଜୁ ସାହାଣୀ ସମ୍ମାନିତ ଅତିଥି. ଭଞ୍ଜ ସାହିତ୍ୟିକ ଡ, ଅନୁପ ମାର୍ଥା ମୁଖ୍ୟବକ୍ତା, ଆଗାମୀ ଶତାବ୍ଦୀ ପତ୍ରିକାର ସମ୍ପାଦକ ତଥା କଂଗ୍ରେସ ନେତା ସେକ ମାସୁଦ ଅଲ୍ଲୀ ଯୋଗଦାନ କରିଥିଲେ। କଳାବିକାଶ କେନ୍ଦ୍ର କଟକର ସଭାପତି ପ୍ରଫେସର ବିଜୟାନନ୍ଦ ସିଂ ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱ ବିଦ୍ୟାଳୟ ବାରିପଦାର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କୁ ଚଳିତ ବର୍ଷର ମର୍ଯ୍ୟାଦା ଜନକ ମାହାଙ୍ଗା ଗୌରବ ସମ୍ମାନ ଓ ଭଞ୍ଜ ସାହିତ୍ୟ ଗବେଷକ କାମରାଜୁ ସାହାଣିଙ୍କୁ କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାର ସଭାପତି ଅରକ୍ଷିତ ପ୍ରଧାନ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ବେଳେ ପଣ୍ଡିତ ପ୍ରଭାତ କୁମାର କର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମାଜସେବୀ ନଳିନୀକାନ୍ତ ନାୟକ ବୀବରଣୀ ପାଠ କରିଥିଲେ। ସୁକାନ୍ତ ନନ୍ଦ ମାନପତ୍ର ପାଠ ଓ ମାହାଙ୍ଗା ବ୍ଲକ କଂଗ୍ରେସର ପ୍ରାକ୍ତନ ସଭାପତି ସେକ ସୌକତ ଅଲ୍ଲୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମାହାଙ୍ଗା ବ୍ଲକ ସ୍ତରରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀ ଓ ରଜଉତ୍ସବ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷକ ପ୍ରଦ୍ୟୁମ୍ନ କୁମାର ବାରିକ, ପ୍ରକ୍ତନ ସମିତିସଭ୍ୟ ସୁଶୀଳ ପଣ୍ଡା, ମାନସ ରଞ୍ଜନ ଦାସ, କବି ପ୍ରଫୁଲ୍ଲ କୁମାର ସିଂ, ନିତ୍ୟାନନ୍ଦ ମହାନ୍ତି, ରବି ନାୟକ, କୈବଲ୍ୟ ନାୟକ ସହଯୋଗ କରିଥିଲେ।

## ଜୟଦେବ ଭବନ ପରିସରରୁ ଚନ୍ଦନ ଗଛ ଚୋରି



ଭୁବନେଶ୍ୱର, ୧୪।୬ (ସମିସ): ଜୟଦେବ ଭବନ ପରିସରରୁ ଚନ୍ଦନ ଗଛ ଚୋରି ହୋଇଛି। ମୂଲ୍ୟବାନ ଚନ୍ଦନ ଗଛକୁ କେହି ମୂଳରୁ କାଟି ନେଇଯାଇଛନ୍ତି। ମାଳ ମାଳ ସୁରକ୍ଷାକର୍ମୀ ଜୟଦେବ ଭବନକୁ ଦିନ ରାତି ଜଗି ରହିଥିଲେ ମଧ୍ୟ କିଭଳି ଭାବେ ଏଠାରୁ ଚୋରି ହୋଇଗଲା ତାହାକୁ ନେଇ ପ୍ରଶ୍ନ ଉଠିଛି। ରାଜ୍ୟ ସଚିବାଳୟ ସମ୍ମୁଖରେ ଥିବା ଜୟଦେବ ଭବନ ପରିସରରେ ଏକ ବଡ଼ ଚନ୍ଦନ ଦୀର୍ଘଦିନ ହେବ ରହିଥିଲା। ଏହା ଅତ୍ୟନ୍ତ ମୂଲ୍ୟବାନ। ରାତିରେ ଲୋକେ ଚନ୍ଦନଗଛକୁ ଦେଖିଛନ୍ତି। ହେଲେ ସକାଳ ପାଇଲେ ଗଛଟି ସେଠାରେ ନଥିଲା। ଏହାର ମୂଳରୁ କାଟି ନିଆହୋଇଯାଇଛି। ଗଛର ଭଗ୍ନାବଶେଷରୁ ଜଣାପଡୁଛି ଯେ, ଏହାକୁ କେହି କାଠକଟା ମେସିନ୍ ଲଗାଇ ପ୍ରଥମେ କାଟିଛନ୍ତି। ପରବର୍ତ୍ତି ସମୟରେ ଚନ୍ଦନଗଛର ଗଣ୍ଡିଟିକୁ ନେଇଛନ୍ତି। ରାତିରେ ଦୁବୃତ୍ତ ଏତେ ସବୁ କରି ଚାଲିଗଲେ ହେଲେ ସୁରକ୍ଷାକର୍ମୀ କିମ୍ବା ଜୟଦେବ ଭବନର କୌଣସି କର୍ମଚାରୀ କିପରି ଜାଣି ପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନ ଉଠିଛି। ଏସମ୍ପର୍କରେ ପୁଲିସକୁ ଲୋକେ ତୁରନ୍ତ ଖବର ଦେଇଛନ୍ତି।

## ପୁଣି ଥାଇଲାଣ୍ଡରେ ଫସିଲେ ୮ ଓଡ଼ିଆ ଯୁବକ

ରାଜକନିକା,୧୪।୬(ସମିସ): ପୁଣି ବିଦେଶରେ ଫସିଲେ ୮ ଓଡ଼ିଆ ଯୁବକ। ଘରକୁ ଫେରିବାକୁ ରାଜ୍ୟ ସରକାରଙ୍କୁ କରିଛନ୍ତି ଆକୁଳ ନିବେଦନ। କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକା ବ୍ଲକ ଜୟନଗର ପଞ୍ଚାୟତ ଅଧୀନ ଜୟନଗରର ଜନ୍ମେଜୟ ପଲାଇ, ରାଉଳିଆର ରାମଚନ୍ଦ୍ର ରାଉତ, ଅନ୍ତପୁରର ଅଚ୍ୟୁତ ପ୍ରଧାନ, ତ୍ରୈଲୋକ୍ୟପୁର ଗ୍ରାମର ନବକିଶୋର ଭୂୟାଁ, କୁସୁନପୁରର ପରୀକ୍ଷିତ ସାହୁ, ଈଶ୍ୱରପୁର ବିଚିତ୍ର ମହାନ୍ତି, ପଟ୍ଟାମୁଣ୍ଡାଇ ଅଳପୁଆର ଚିତ୍ତରଞ୍ଜନ ମହାନ୍ତିଙ୍କ ସହ ବାହାର ରାଜ୍ୟର ଅଞ୍ଜନ ସିଂ ଅଟକ ରହିଛନ୍ତି। ଏହି ୮ ଜଣ ଶ୍ରମିକ ପରିବାରର ଦାରିଦ୍ର୍ୟତା ଦୂର କରିବାକୁ ଥାଇଲାଣ୍ଡକୁ ଦାଦନ ଖଟିବାକୁ ଯାଇଛନ୍ତି। ସେମାନଙ୍କୁ କମ୍ପାନୀ ମାଲିକ ଓମପ୍ରକାଶ ଓ ଜୟପ୍ରକାଶ ୧୦ ମାସ ହେବ ରାଜକନିକାରୁ ନେଇଥିଲେ। ଏହି ୮ ଜଣ ଯୁବକଙ୍କୁ ନେଇ କାମ କରାଇବା ପରେ ସେମାନଙ୍କୁ ମାସିକ ପରିଶ୍ରମ ନ ଦେବା, ମାଡ଼ ମାରି ଅଧିକ ସମୟ କାମ କରାଇବା, ପ୍ରତିବାଦ କଲେ ସେମାନଙ୍କୁ ପୁଲିସର ଧମକ ଦେବା, ସେମାନଙ୍କଠାରୁ ଭିସା ଛଡାଇନେଇ ଘରକୁ ନ ଛାଡିବାରୁ କୌଣସି ଉପାୟ ନ ପାଇ ଘରକୁ ଏମାନେ ଫେରିବା ପାଇଁ କେନ୍ଦ୍ରାପଡ଼ା ସାଂସଦ ଓ ରାଜ୍ୟ ସରକାରଙ୍କୁ ଭିଡିଓ ମାଧ୍ୟମରେ ଆକୁଳ ନିବେଦନ କରିଛନ୍ତି।

## ବଜ୍ରପାତରେ କୁଡ଼ିଆ ସମେତ ୨ଜଣ ପୋଡ଼ିଗଲେ

ତିଗିରିଆ, ୧୪।୬ (ସମିସ): ବଜ୍ରପାତରେ କୁଡ଼ିଆ ସମେତ ଦୁଇଜଣ ଜିଅନ୍ତା ପୋଡ଼ିଗଲେ। କଟକ ଜିଲ୍ଲା ତିଗିରିଆ ଥାନା ଅଞ୍ଚଳରେ ଆଜି ଏପରି ଏକ ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ,

**ଶବ ନେଲେନି ଆମ୍ବୁଲାନ୍ସ ଓ ଦମକଳ ଗାଡ଼ି**
**୭ କିମି କାନ୍ଧରେ ବୋହିଲେ ଗ୍ରାମବାସୀ**
**ପ୍ରତିବାଦରେ ଶବ ରଖି ରାସ୍ତାରୋକ**



ହାଟମାଳ ପଞ୍ଚାୟତସ୍ଥିତ ବିଷ୍ଣୁପୁର ଗୁଡ଼ିଆସାହିର ନବକିଶୋର ରାଉତ (୬୦) ଓ ମଝିସାହିର ମନ୍ଦରଧର ପତି (୨୬)। ଆଜି ଅପରାହ୍ଣରେ ଦୁହେଁ ଶିଳାଗହୀରରେ ଥିବା ଚାଷ ଜମିକୁ ଯାଇଥିବା ବେଳେ ଅପରାହ୍ଣରେ ବର୍ଷା-ପବନ ସହ ବଜ୍ରପାତ ହୋଇଥିଲା। ଉଭୟ ଜମି ନିକଟରେ ଥିବା ଏକ କୁଡ଼ିଆରେ ଆଶ୍ରୟ ନେଇଥିବା ବେଳେ ସେଠାରେ ବଜ୍ରପାତ ହୋଇଥିଲା। ଏହା ଏତେ ଭୟଙ୍କର ଥିଲା ଯେ ଉଭୟଙ୍କର ମୃତ୍ୟୁ ହୋଇଯିବା ସହ କୁଡ଼ିଆରେ ନିଆଁ ଲାଗି ଯାଇଥିଲା। ଏଥିରେ ନବ ଓ ମନ୍ଦରଧର ପୋଡ଼ି ହୋଇଯାଇଥିଲେ। ଗ୍ରାମବାସୀ ସେଠାରେ ପହଞ୍ଚିବା ବେଳକୁ ଉଭୟଙ୍କ ଶରୀରର ୯୦ ପ୍ରତିଶତରୁ ଊର୍ଦ୍ଧ୍ୱ ପୋଡ଼ି ଯାଇଥିଲା।

ଗ୍ରାମବାସୀ ଶବଦ୍ୱୟକୁ ଉଦ୍ଧାର କରି ଗ୍ରାମ ନିକଟକୁ ଆଣିଥିଲେ। ଶବକୁ ହସ୍ପିଟାଲ ନେବା ପାଇଁ ସ୍ଥାନୀୟ ଲୋକ ୧୦୮ ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଆମ୍ବୁଲାନ୍ସ ଓ ଅଗ୍ନିଶମ ବିଭାଗ ଗାଡ଼ି ଘଟଣାସ୍ଥଳରେ ପହଞ୍ଚିଥିଲେ ହେଁ ମୃତକଙ୍କୁ ନେବାକୁ ମନା କରି ଫେରି ଯାଇଥିଲେ। ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ପ୍ରତିବାଦରେ ଅଞ୍ଚଳବାସୀ ଶବଦ୍ୱୟଙ୍କୁ କାନ୍ଧେଇ ଗ୍ରାମଠାରୁ ପ୍ରାୟ ୭ କିଲୋମିଟର ଦୂର ତିଗିରିଆକୁ ନେଇଥିଲେ। ତିଗିରିଆସ୍ଥିତ ମହାବୀର ବଜାରଠାରେ ଶବ ରଖି କଟକ-ନରସିଂହପୁର ୬୫ ନମ୍ବର ରାଜ୍ୟ ରାଜପଥକୁ ଅବରୋଧ କରିଥିଲେ। ଉତ୍ୟକ୍ତ ଲୋକ ସରକାର ଓ ପୁଲିସ ବିରୋଧୀ ନାରା ଦେଇଥିଲେ। ପ୍ରାୟ ତିନି ଘଣ୍ଟା ଧରି ରାସ୍ତା ଅବରୋଧ ହେବା ପରେ ଅତିରିକ୍ତ ଜିଲ୍ଲାପାଳ ମାନସ ରଞ୍ଜନ ସାମଲ ସେଠାରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ତେବେ ମୃତକଙ୍କ ପରିବାରଙ୍କୁ ୪.୨୦ଲକ୍ଷ ଟଙ୍କା ସହାୟତା ରାଶି ଘୋଷଣା ପରେ ରାସ୍ତା ଅବରୋଧ ହଟିଥିବା ଜଣାଯାଇଛି।

## ମିଛ ଲୁଟ୍ କାହାଣୀ ରଚି ବ୍ୟାଙ୍କ ମ୍ୟାନେଜର୍ ଗିରଫ



ପାଟଣାଗଡ଼,୧୪।୬(ସମିସ): ବନ୍ଧୁକ ମୁନରେ ଟଙ୍କା ଲୁଟ୍‌ର ମିଛ କାହାଣୀ ରଚି ଗିରଫ ହୋଇଛନ୍ତି ପିପୁଲ ଫୋରମ ପାଟଣାଗଡ଼ ଶାଖାର ବ୍ୟାଙ୍କ ମ୍ୟାନେଜର। ଅଭିଯୁକ୍ତ ମ୍ୟାନେଜର୍ ଜଣଙ୍କ ହେଲେ, ସିନାପାଲି ଥାନା କାଦୋବେଡା ଗାଁର ହୃଷୀକେଶ ଗୁଆଳ (୩୯)। ଅଭିଯୋଗ ଅନୁସାରେ, ଗତ ୧୨ ତାରିଖ ଦିନ ପ୍ରାୟ ୨ଟାରେ ହୃଷୀକେଶ ୧ ଲକ୍ଷ ୨୬ ହଜାର ୮୯୦ ଟଙ୍କା ଡିପୋଜିଟ୍ ପାଇଁ ବ୍ରାଞ୍ଚକୁ ଯାଉଥିଲେ। ବାଟରେ ଦୁର୍ବୃତ୍ତ ବନ୍ଧୁକ ଦେଖାଇ ଉକ୍ତ ଟଙ୍କା ଲୁଟି ନେଇଥିବା ସେ ଅଭିଯୋଗ ଆଣିଥିଲେ। ଏନେଇ ବ୍ୟାଙ୍କର ୟୁନିଟ୍ ମ୍ୟାନେଜର ସନ୍ତୋଷ ମହାରଣା ଶନିବାର ପାଟଣାଗଡ଼ ଥାନାରେ ଏତଲା ଦେଇଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ପରେ ହୃଷୀକେଶଙ୍କ ଉପରେ ସନ୍ଦେହ ହୋଇଥିଲା। ଜେରା ପରେ ସେ ପୁଲିସ ଆଗରେ ସତ ସ୍ୱୀକାର କରିଥିଲେ। ହୃଷୀକେଶଙ୍କଠାରୁ ପୁଲିସ ୧ଲକ୍ଷ ୨୬ହଜାର ୮୯୦ ଟଙ୍କା ଜବତ କରିବା ସହ ରବିବାର ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ସୂଚନା ଦେଇଛନ୍ତି।

## ଥାର୍‌ରେ ଗଞ୍ଜେଇ ଚାଲାଣ; ଝାଡ଼ଖଣ୍ଡର ୨ ଗିରଫ



ବଲାଙ୍ଗିର,୧୪।୬(ସମିସ): ଦାମୀ ଥର୍ ଗାଡ଼ିରେ ଗଞ୍ଜେଇ ନେଇ ଯାଉଥିଲେ ଦୁଇ ଯୁବକ। କନ୍ଧମାଳରୁ ମୁମ୍ବାଇକୁ ବଲାଙ୍ଗିର ଦେଇ ଚାଲାଣ ବେଳେ ମାଡ଼ି ବସିଲା ଅବକାରୀ ବିଭାଗ। ଅବକାରୀ ଟିମ୍‌କୁ ଦେଖି ଅଭିଯୁକ୍ତମାନେ ଦ୍ରୁତ ଗତିରେ ଫେରାର ଉଦ୍ୟମ ବେଳେ ଅବକାରୀ ବିଭାଗ ଗାଡ଼ିକୁ ଧରିଥିଲା। ଯାଞ୍ଚବେଳେ ସେଥିରୁ ୩ କ୍ୱିଣ୍ଟାଲ ୭୦ କେଜି ଗଞ୍ଜେଇ ମିଳିଥିଲା। ଗଞ୍ଜେଇ ଜବତ କରି ଅବକାରୀ ବିଭାଗ ଝାଡ଼ଖଣ୍ଡର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଝାଡ଼ଖଣ୍ଡ ରାଜ୍ୟ ସିଂହଭୂମ ଜିଲ୍ଲାର ସଲ୍‌ମାନ ଆଲମ ଓ ମହମ୍ମଦ ଅସିଫ୍।

ବଲାଙ୍ଗିର ଦେଇ ବିଭିନ୍ନ ସମୟରେ ବୌଦ୍ଧ, କନ୍ଧମାଳରୁ ଗଞ୍ଜେଇ ଚାଲାଣ ହୋଇଥାଏ। କନ୍ଧମାଳରୁ ବଲାଙ୍ଗିର

**କନ୍ଧମାଳରୁ ମୁମ୍ବାଇ ହେଉଥିଲା ଚାଲାଣ**
**୩.୭୦ କ୍ୱିଣ୍ଟାଲ ଗଞ୍ଜେଇ ଜବତ**

ଦେଇ ଗଞ୍ଜେଇ ଚାଲାଣ ହେଉଥିବା ବିଶ୍ୱସ୍ତ ସୂତ୍ରରୁ ବଲାଙ୍ଗିର ଅବକାରୀ ବିଭାଗ ଖବର ପାଇଥିଲା। ଅବକାରୀ ଅଧିକ୍ଷକ ଅନ୍ନପୂର୍ଣ୍ଣା ରଥଙ୍କ ନିର୍ଦ୍ଦେଶ କ୍ରମେ ଭୋର ୪ ଟାରେ ସଦର ଅବକାରୀ ଇନ୍ସପେକ୍ଟର ଜୟଦେବ ପଧାନ ଓ ମୋବାଇଲ ଇନ୍ସପେକ୍ଟର ସୁଶାନ୍ତ ପଧାନଙ୍କ ନେତୃତ୍ୱରେ ଅବକାରୀ ଟିମ୍ ତୁଷୁରା ରାସ୍ତା ଭାଲେର ଛକ ନିକଟରେ ଜଗି ରହିଥିଲା। ଏକ ଥର୍ ଗାଡି (ନଂ.ଜେଏଚ୍୦୫ଇଏ-୦୦୨୮) ଦ୍ରୁତ ଗତିରେ ଯାଉଥିବାରୁ ସନ୍ଦେହରେ ଅବକାରୀ ଟିମ୍ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଅବକାରୀ ଟିମ୍‌କୁ ଦେଖି ଉକ୍ତ ଗାଡ଼ି ୟୁ ଟର୍ଣ୍ଣ ମାରି ଖସି ଯିବାକୁ ଉଦ୍ୟମ କରୁଥିବାବେଳେ ଅବକାରୀ ଟିମ୍ ଅଟକାଇବାରେ ସଫଳ ହୋଇଥିଲା। ଯାଞ୍ଚ ପରେ ଉକ୍ତ ଗାଡ଼ିରୁ ବହୁ ପରିମାଣର ଗଞ୍ଜେଇ ମିଳିଥିଲା। ଓଜନ କରିବା ପରେ ୩ କ୍ୱିଣ୍ଟାଲ ୭୦ କେଜି ହୋଇଥିଲା। ଉକ୍ତ ଗଞ୍ଜେଇକୁ ଅବକାରୀ ବିଭାଗ ଜବତ କରିବା ସହ ଦାମୀ ଥର୍ ଗାଡ଼ିକୁ ମଧ୍ୟ ଜବତ କରିଥିଲା। ଚାଲାଣ କରୁଥିବା ଦୁଇ ସଲ୍‌ମାନ ଆଲମ ଓ ମହମ୍ମଦ ଅସିଫ୍‌କୁ ଅବକାରୀ ବିଭାଗ ଗିରଫ କରିଛି। ଜେରାବେଳେ ସେମାନେ ଏହାକୁ ମୁମ୍ବାଇ ନେଇଥାନ୍ତେ ବୋଲି କହିଥିଲେ।

## 'ଭାରତ ଇନୋଭେଟ୍‌ସ ୨୦୨୬'କୁ ଉଦ୍‌ଘାଟନ କଲେ ମୋଦୀ



ନୂଆଦିଲ୍ଲୀ, ୧୪।୬ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ ନାଇସ୍ ସହରସ୍ଥିତ ପାଲାଇସ୍ ଡେସ୍ ଏକ୍ସପୋଜିସନ୍ସରେ ମିଳିତ ଭାବରେ "ଭାରତ ଇନୋଭେଟ୍ସ ୨୦୨୬"ର ଉଦ୍‌ଘାଟନ କରିଛନ୍ତି। ଏହି ତିନିଦିନିଆ କାର୍ଯ୍ୟକ୍ରମ ଭାରତର ଡିପ୍-ଟେକ୍ ଷ୍ଟାର୍ଟ-ଅପ୍‌ସ, ନବସୃଜନକାରୀ, ଗବେଷକ ଏବଂ ନିବେଶକମାନଙ୍କୁ ବିଶ୍ୱ ନବସୃଜନ ପାଣ୍ଠି ଏବଂ ଅନ୍ତର୍ଜାତୀୟ ସଂସ୍ଥାମାନଙ୍କ ସହ ଯୋଡ଼ିବାକୁ ଲକ୍ଷ୍ୟ ରଖିଛି। ବିଶ୍ୱର ୩୫୦ରୁ ଅଧିକ ଶ୍ରେଷ୍ଠ ନିବେଶକ ଏବଂ ଭେଞ୍ଚର କ୍ୟାପିଟାଲିଷ୍ଟ ମଧ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ ଏବଂ ରାଷ୍ଟ୍ରପତି ମାକ୍ରନ୍ ଆୟୋଜିତ ସମାବେଶକୁ ସମ୍ବୋଧିତ କରିଥିଲେ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଭାରତ ଏବଂ ଫ୍ରାନ୍ସ ଉଭୟ ବିଶ୍ୱ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଦୃଢ଼ ଅଂଶୀଦାର ଭାବରେ କାର୍ଯ୍ୟ କରୁଛନ୍ତି। ସେ ଅନ୍ତର୍ଜାତୀୟ ସୌର ମେଣ୍ଟ ଭଳି ଭାରତ-ଫ୍ରାନ୍ସ ମିଳିତ ପଦକ୍ଷେପ, ଏବଂ କୃତ୍ରିମ ବୁଦ୍ଧିମତ୍ତା ଏବଂ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରରେ ସ୍ଥିରତା ଏବଂ ସୁରକ୍ଷା ପ୍ରୋତ୍ସାହନ କ୍ଷେତ୍ରରେ ଆଲୋକପାତ କରିଥିଲେ। ବିଶ୍ୱ କଲ୍ୟାଣ ପାଇଁ କାମ କରିବା ପାଇଁ ଉଭୟ ଦେଶର ମିଳିତ ସଂକଳ୍ପରେ 'ଭାରତ ଇନୋଭେଟ୍ସ' ଆଉ ଏକ ମାଇଲଖୁଣ୍ଟ। ଭାରତରେ ଷ୍ଟାର୍ଟ-ଅପ୍ ବିପ୍ଳବକୁ ଉଲ୍ଲେଖ କରି ସେ ଗ୍ରାମୀଣ ବିକାଶ ପାଇଁ ଏଆଇ ଏବଂ ସାଟେଲାଇଟ୍ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନଶୀଳ ସମ୍ଭାବନା, ସ୍ଥାୟୀ ଜୀବନଯାପନ ପାଇଁ ଉନ୍ନତ ଉତ୍ପାଦନ, ଏବଂ ସ୍ୱଚ୍ଛ ବିକାଶ ପାଇଁ ସବୁଜ ହାଇଡ୍ରୋଜେନ୍, ବ୍ୟାଟେରୀ ପ୍ରଯୁକ୍ତିବିଦ୍ୟା ଏବଂ ବୈଦ୍ୟୁତିକ ଗତିଶୀଳତା ଉପରେ ଗୁରୁତ୍ୱାରୋପ କରିଥିଲେ।

# ବାଣିଜ୍ୟ ଖବର

## ରୁଷିଆରୁ ଭାରତର ତୈଳ କ୍ରୟକୁ ୟୁରୋପୀୟ ଦେଶର ସମର୍ଥନ

ନୂଆଦିଲ୍ଲୀ, ୧୪।୬ (ଏଜେନ୍ସି): ରୁଷିଆରୁ ଅଶୋଧିତ ତୈଳ କ୍ରୟ ପ୍ରସଙ୍ଗରେ ଭାରତକୁ ସମର୍ଥନ ଜଣାଇଛି ଫିନଲାଣ୍ଡ। ଭାରତ ରୁଷିଆରୁ ତୈଳ କ୍ରୟ କୌଣସି ଆନ୍ତର୍ଜାତିକ ନିୟମର ଉଲ୍ଲଂଘନ ନୁହେଁ ଓ ଏଥିରେ କାହାରି ହସ୍ତକ୍ଷେପ ଗ୍ରହଣୀୟ ନୁହେଁ ବୋଲି ଫିନଲାଣ୍ଡ କହିଛି । ଫିନଲାଣ୍ଡର ବିଦେଶ ବାଣିଜ୍ୟ ଓ ବିକାଶ ମନ୍ତ୍ରୀ ଭିଲେ ଟାଭିଓ କହିଛନ୍ତି ଯେ ଭାରତ ଏକ ବୃହତ୍ ଶକ୍ତି ଆମଦାନିକାରୀ ଦେଶ ଏବଂ ନିଜର ଶକ୍ତି ସୁରକ୍ଷା ନିଶ୍ଚିତ କରିବା ଏହାର ଅଧିକାର। ଏହାକୁ ନେଇ ଆପତ୍ତି କରିବାର କୌଣସି କାରଣ ନାହିଁ।



ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ରୁଷିଆ ଉପରେ ଆମେରିକା ଓ ୟୁରୋପୀୟ ସଂଘ ପକ୍ଷରୁ ବିଭିନ୍ନ ଆର୍ଥିକ କଟକଣା ଲାଗୁ କରାଯାଇଥିଲା। ସେହି ସମୟରେ ଏ୭ ଦେଶଗୁଡ଼ିକ ରୁଷିଆ ତୈଳ ପାଇଁ ଏକ ମୂଲ୍ୟ ସୀମା ନିର୍ଦ୍ଧାରଣ କରିଥିଲେ।ତେବେ ଭାରତ ଏବଂ ଚୀନ ଭଳି ଦେଶ ରିହାତି ଦରରେ ରୁଷିଆ ତୈଳ କ୍ରୟ ଜାରି ରଖିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ରୁଷରୁ ତୈଳ କ୍ରୟ ଉପରେ ଆମେରିକା କଟକଣା ଲଗାଇଥିଲା। ବର୍ତ୍ତମାନ ଫିନଲାଣ୍ଡର ଏପରି ମନ୍ତବ୍ୟ ଭାରତ ପାଇଁ କୂଟନୀତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଉଛି। ୟୁରୋପୀୟ ସଂଘର ଏକ ସଦସ୍ୟ ଦେଶ ଭାବେ ଫିନଲାଣ୍ଡର ସମର୍ଥନ ଭାରତ ପାଇଁ ଆଶ୍ୱସ୍ତିକର ହୋଇଛି। ସମ୍ପ୍ରତି ରୁଷରୁ ସବୁଠାରୁ ବଡ଼ ତୈଳ କ୍ରେତା ମଧ୍ୟରେ ଭାରତ ଅନ୍ୟତମ । ରିହାତି ଦରରେ ମିଳୁଥିବା ରୁଷିଆ ତୈଳ ଭାରତୀୟ ରିଫାଇନେରୀଗୁଡ଼ିକ ପାଇଁ ଲାଭଦାୟକ ସାବ୍ୟସ୍ତ ହୋଇଛି। ଏହା ଦେଶର ବୈଦେଶିକ ମୁଦ୍ରା ସଞ୍ଚୟ ଉପରେ ଚାପ କମାଇବା ସହିତ ଇନ୍ଧନ ମୂଲ୍ୟକୁ ସ୍ଥିର ରଖିବାରେ ମଧ୍ୟ ସହାୟକ ହୋଇଛି।

## 'ସୁପର ଏଲ୍-ନିନୋ' ଭୟରେ ବିଶ୍ୱ

# ୧୪୮ ବର୍ଷ ପରେ ପୁଣି ଫେରୁଛି କି ମହାବିପଦ?

ମୁମ୍ବାଇ, ୧୪।୬ (ଏଜେନ୍ସି): ୧୮୭୬-୭୮ ମସିହା। ଭାରତର ଇତିହାସର ଅତ୍ୟନ୍ତ ଭୟଙ୍କର ଦୁର୍ଭିକ୍ଷ ମଧ୍ୟରୁ ଗୋଟିଏ। ସେହି ଦୁର୍ଭିକ୍ଷରେ ୫୫ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯାଇଥିବା କୁହାଯାଏ। ଐତିହାସିକ ଓ ଜଳବାୟୁ ବିଶେଷଜ୍ଞମାନଙ୍କ ମତରେ ଏହି ବିପର୍ଯ୍ୟୟ ପଛରେ ଥିଲା ପ୍ରଶାନ୍ତ ମହାସାଗରର ଏକ ଶକ୍ତିଶାଳୀ ଜଳବାୟୁ ଘଟଣା—'ସୁପର ଏଲ୍-ନିନୋ'। ଏବେ ୧୪୮ ବର୍ଷ ପରେ ପୁଣି ସୁପର ଏଲ୍-ନିନୋ ସକ୍ରିୟ ହେବା ପରେ ସାରା ବିଶ୍ୱ ପାଇଁ ପୁନର୍ବାର ସୃଷ୍ଟି ହୋଇଛି ମହାବିପଦ

୧୧ ଜୁନ୍ ୨୦୨୬ରେ ଆମେରିକାର ଜାତୀୟ ସମୁଦ୍ର ଓ ବାୟୁମଣ୍ଡଳ ପ୍ରଶାସନ (ଏନ୍‌ଓଏଏ) ଏଲ୍-ନିନୋ ପରିସ୍ଥିତି ଆରମ୍ଭ ହୋଇଥିବା ଆଧିକାରିକ ରୂପେ ଘୋଷଣା କରିଛି। ଏହା ଆଗାମୀ କିଛି ମାସ ମଧ୍ୟରେ ଅତ୍ୟନ୍ତ ଶକ୍ତିଶାଳୀ ବା 'ସୁପର ଏଲ୍-ନିନୋ'ର ରୂପ ନେଇପାରେ ଓ ଐତିହାସିକ ଭାବେ ସବୁଠାରୁ ଶକ୍ତିଶାଳୀ ଏଲ୍-ନିନୋ ଘଟଣାମାନଙ୍କ ମଧ୍ୟରେ ଗଣାଯିବାର ୬୩ ପ୍ରତିଶତ ସମ୍ଭାବନା ରହିଛି ବୋଲି ବୈଜ୍ଞାନିକମାନେ କହିଛନ୍ତି ।

ଏଲ୍-ନିନୋ ହେଉଛି ପ୍ରଶାନ୍ତ ମହାସାଗରର ମଧ୍ୟ ଓ ପୂର୍ବ ଅଞ୍ଚଳର ସମୁଦ୍ରଜଳ ସାଧାରଣ ତାପମାତ୍ରାଠାରୁ ଅଧିକ ଗରମ ହେବାର ଏକ ପ୍ରାକୃତିକ ଜଳବାୟୁ ଘଟଣା। ସାଧାରଣତଃ ଏହା ପ୍ରତି ୨ରୁ ୭ ବର୍ଷ ମଧ୍ୟରେ ଦେଖାଯାଏ। ଯେତେବେଳେ ସମୁଦ୍ର ପୃଷ୍ଠର ତାପମାତ୍ରା ଦୀର୍ଘ ସମୟ ପର୍ଯ୍ୟନ୍ତ ସାଧାରଣଠାରୁ ଅଧିକ ରହେ ଏବଂ ବାୟୁମଣ୍ଡଳୀୟ ପରିସ୍ଥିତିରେ ପରିବର୍ତ୍ତନ ଘଟେ, ସେତେବେଳେ ଏଲ୍-ନିନୋ ଘୋଷଣା କରାଯାଏ। ପ୍ରଶାନ୍ତ ମହାସାଗରର ପାଣି ଗରମ ହେବା ସହିତ ବାୟୁପ୍ରବାହ ଓ ବର୍ଷାର ଚକ୍ର ବଦଳିଯାଏ। ଫଳରେ ବିଶ୍ୱର ବିଭିନ୍ନ ଦେଶରେ ଏହାର ପ୍ରଭାବ ଦେଖାଯାଏ। କେଉଁଠି ଭୟଙ୍କର ବନ୍ୟା ହୁଏ, ତ କେଉଁଠି ଖରା ଓ ତୀବ୍ର ଉତ୍ତାପ ଦେଖାଯାଏ। ସାଧାରଣ ଏଲ୍-ନିନୋ



ତୁଳନାରେ ଯେତେବେଳେ ସମୁଦ୍ରଜଳର ତାପମାତ୍ରା ବହୁତ ଅଧିକ ବୃଦ୍ଧିପାଏ, ସେତେବେଳେ ତାହାକୁ 'ସୁପର ଏଲ୍-ନିନୋ' କୁହାଯାଏ। ୨୦୨୬ର ଏଲ୍-ନିନୋ ବହୁତ ଶକ୍ତିଶାଳୀ ହେବାର ସଙ୍କେତ ମିଳିଛି।

ଭାରତର ମୌସୁମୀ ବର୍ଷା ବହୁ ଅଂଶରେ ପ୍ରଶାନ୍ତ ଓ ଭାରତ ମହାସାଗରର ତାପମାତ୍ରା ଉପରେ ନିର୍ଭର କରେ। ଏଲ୍-ନିନୋ ସମୟରେ ଭାରତୀୟ ମୌସୁମୀ ଦୁର୍ବଳ ହୋଇଯାଏ। ଫଳରେ ସାଧାରଣଠାରୁ କମ୍ ବର୍ଷା ହେବାର ଆଶଙ୍କା ବଢ଼ିଯାଏ। ଯଦି ଏଲ୍-ନିନୋ ଆହୁରି ଶକ୍ତିଶାଳୀ ହୁଏ; ତେବେ ଉତ୍ତର, ପଶ୍ଚିମ ଓ ମଧ୍ୟ ଭାରତର ଅନେକ ଅଞ୍ଚଳରେ ବର୍ଷା କମ୍ ହେବାର ଆଶଙ୍କା ବଢ଼ିଯାଏ ଏବଂ ଏହାର ପ୍ରଭାବ ଧାନ, ଡାଲି, ତୈଳବୀଜ ଓ ପନିପରିବା ଚାଷ ଉପରେ ଏହାର ପ୍ରଭାବ ପଡ଼ିପାରେ। ଫଳସ୍ୱରୂପ ବଜାରରେ ଖାଦ୍ୟ ସାମଗ୍ରୀର ଦର ବଢ଼ିପାରେ। ଗ୍ରାମାଞ୍ଚଳରେ ଜଳ ସଙ୍କଟ ଓ ପଶୁଖାଦ୍ୟ ଅଭାବ ମଧ୍ୟ ଦେଖାଦେଇପାରେ।

ଏଲ୍-ନିନୋର ପ୍ରଭାବରେ ବିଶ୍ୱସ୍ତରରେ ମକା, ଚାଉଳ ଓ ଅନ୍ୟାନ୍ୟ କୃଷି ଉତ୍ପାଦନ ମଧ୍ୟ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏହା ଆନ୍ତର୍ଜାତିକ ଖାଦ୍ୟ ବଜାରକୁ ମଧ୍ୟ ଅସ୍ଥିର କରିପାରେ। ପୁନଶ୍ଚ କମ୍ ବର୍ଷା ହେଲେ ଜଳଭଣ୍ଡାର ଓ ବନ୍ଧଗୁଡ଼ିକରେ ପାଣି ସଂଗ୍ରହ କମିଯିବ। ଏହାର ସିଧା ପ୍ରଭାବ ଜଳବିଦ୍ୟୁତ ଉତ୍ପାଦନ ଉପରେ ପଡ଼ିବ। ଅନ୍ୟପଟେ ତୀବ୍ର ଗରମ କାରଣରୁ ଏସି, କୁଲର ଓ ପଖାର ବ୍ୟବହାର ବଢ଼ିବାରୁ ବିଦ୍ୟୁତ ଚାହିଦା ମଧ୍ୟ ବଢ଼ିଯିବ। ସହରଗୁଡ଼ିକରେ ପାନୀୟ ଜଳ ଯୋଗାଣ ଉପରେ ଚାପ ବଢ଼ିବା ସହ ଗ୍ରାମାଞ୍ଚଳରେ ଭୂତଳ ଜଳସ୍ତର ହ୍ରାସ ପାଇପାରେ।

## ଶୀର୍ଷ ୧୦ କମ୍ପାନୀର ବଜାର ମୂଲ୍ୟ ୧.୯୦ ଲକ୍ଷ କୋଟି ବୃଦ୍ଧି

ମୁମ୍ବାଇ, ୧୪।୬ (ଏଜେନ୍ସି): ଗତ ସପ୍ତାହରେ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ର ପ୍ରମୁଖ ସୂଚକାଙ୍କ ସେନ୍‌ସେକ୍ସ ୧୬୦୦ ପଏଣ୍ଟରୁ ଅଧିକ ବୃଦ୍ଧି ପାଇବା ପରେ ଦେଶର ଶୀର୍ଷ ୧୦ଟି ସର୍ବାଧିକ ମୂଲ୍ୟବାନ କମ୍ପାନୀ ମଧ୍ୟରୁ ୮ଟି କମ୍ପାନୀର ବଜାର ପୁଞ୍ଜି ୧.୯୦ ଲକ୍ଷ କୋଟିରୁ ଅଧିକ ବୃଦ୍ଧି ହୋଇଛି। ଏହାର ପ୍ରଭାବରେ ବ୍ୟାଙ୍କିଙ୍ଗ, ସୂଚନା ପ୍ରଯୁକ୍ତି, ଉର୍ଜା ଏବଂ ଆର୍ଥିକ ସେବା କ୍ଷେତ୍ରର ବଡ଼ ବଡ଼ କମ୍ପାନୀର ଶେୟର ଦରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। ଅର୍ଥନୀତି ବିଶେଷଜ୍ଞମାନଙ୍କ କହିବା ଅନୁଯାୟୀ ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିବା, ଭଲ କର୍ପୋରେଟ୍ ଆୟ ଏବଂ ଭାରତୀୟ ଅର୍ଥନୀତିର ଦୃଢ଼ ମୌଳିକ ସ୍ଥିତି ନିବେଶକଙ୍କୁ ବଜାର ପ୍ରତି ଆକର୍ଷିତ କରୁଛି। ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫ୍‌ପିଆଇ) ଓ ଘରୋଇ ପ୍ରତିଷ୍ଠାନଗତ ନିବେଶକ (ଡ଼ିଆଇଆଇ) ନିବେଶ ବୃଦ୍ଧି ବଜାରରେ ଉତ୍ସାହ ଆଣିଛି। ସେନସେକ୍ସ ବୃଦ୍ଧି ବଡ଼ କମ୍ପାନୀ ସହ ମ୍ୟୁଚୁଆଲ ଫଣ୍ଡ, ପେନ୍ସନ ଫଣ୍ଡ ଓ ଖୁଚୁରା ନିବେଶକମାନେ ମଧ୍ୟ ଲାଭବାନ ହୋଇଛନ୍ତି । ତେବେ ବିଶ୍ୱସ୍ତରୀୟ ଭୂ-ରାଜନୈତିକ ପରିସ୍ଥିତି, ତୈଳ ଦରର ପରିବର୍ତ୍ତନ ଏବଂ ଆମେରିକା ସମେତ ବିଶ୍ୱର ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କମାନଙ୍କ ନୀତିଗତ ନିଷ୍ପତ୍ତି ଆଗାମୀ ଦିନରେ ବଜାରର ଗତିପଥ ନିର୍ଣ୍ଣୟ କରିବ ବୋଲି ଆକଳନ କରାଯାଉଛି ।

## ଇମାମୀ ସମେତ ୮ ଖାଦ୍ୟ କମ୍ପାନୀକୁ ନୋଟିସ

ନୂଆଦିଲ୍ଲୀ, ୧୪।୬ (ଏଜେନ୍ସି) ଖାଦ୍ୟ ସାମଗ୍ରୀର ବ୍ରାଣ୍ଡ ନାମ ଓ ବିଜ୍ଞାପନ ମାଧ୍ୟମରେ ଗ୍ରାହକଙ୍କୁ ଭ୍ରମିତ କରୁଥିବା ଅଭିଯୋଗରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ (ଏଫଏସ୍‌ଏସ୍‌ଏଆଇ) ଦେଶର ୮ଟି ପ୍ରମୁଖ ଖାଦ୍ୟ କମ୍ପାନୀକୁ 'କାରଣ ଦର୍ଶାଅ' ନୋଟିସ ଜାରି କରିଛି। ଖାଦ୍ୟ ପଦାର୍ଥର ନାମକରଣ ଓ ପ୍ରଚାରରେ ଏପରି ଦାବି କରିବା ଖାଦ୍ୟ ସୁରକ୍ଷା ଓ ମାନକ ଆଇନ-୨୦୦୬ର ଉଲ୍ଲଂଘନ ବୋଲି ଏଫ୍‌ଏସ୍‌ଏସ୍‌ଏଆଇ କହିଛି ।

ଇମାମୀ ଫୁଡ୍ ଡ଼ିଭିଜନର ଇମାମୀ ହେଲଦୀ ଏଣ୍ଡ ଟେଷ୍ଟି, ହେଲ୍‌ଥ ଏଡ୍, ଟୁଭି, ଦି ହେଲ୍‌ଦି ଫାକ୍ଟ୍ରି, ହେଲ୍‌ଦୀ ମାଷ୍ଟର, ହେଲ୍‌ଦୀ ଚଏସ, ପ୍ଲାନ ବି ଓ ନ୍ୟୁ ହର୍ବ ଥିବା ସୂଚନା ମିଳିଛି । ଏଫ୍‌ଏସ୍‌ଏସ୍‌ଏଆଇ ଅଭିଯୋଗ ଅନୁସାରେ ଏହି କମ୍ପାନୀଗୁଡ଼ିକ ନିଜ ଉତ୍ପାଦର ନାମ ଓ ବିଜ୍ଞାପନରେ 'ହେଲ୍‌ଦୀ', 'ଟ୍ରୁ ଭିଟାମିନ', 'ଜିରୋ ମଇଦା' ପରି ଶବ୍ଦ ବ୍ୟବହାର କରି ଗ୍ରାହକଙ୍କ ମନରେ ଭ୍ରାନ୍ତ ଧାରଣା ସୃଷ୍ଟି କରିଛନ୍ତି। ଦି ହେଲ୍‌ଦୀ ଫ୍ରାକ୍ଟିର 'ଜିରୋ ମଇଦା, ହୋଲ୍ ହ୍ୱିଟ୍ ବ୍ରେଡ୍' ବିଜ୍ଞାପନକୁ ନେଇ ଏଫ୍‌ଏସ୍‌ଏସ୍‌ଏଆଇ ଆପତ୍ତି ଉଠାଇଛି । ଯାଞ୍ଚ ସମୟରେ ଏହି ସାମଗ୍ରୀରେ ଗହମ ଓ ଗ୍ଲୁଟେନ୍ ପରି ଉପାଦାନ ମିଳିଥିବାବେଳେ କମ୍ପାନୀର ଦାବି ଭ୍ରମାତ୍ମକ ବୋଲି କୁହାଯାଇଛି । ସେହିପରି ନ୍ୟୁହର୍ବସର ଟ୍ରୁ ଭିଟାମିନ୍ ନାମକ ଉତ୍ପାଦ ଶୃଙ୍ଖଳାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଟ୍ରୁ ଭିଟାମିନ୍ ପରି କୌଣସି ଶବ୍ଦ ଖାଦ୍ୟ ମାନକ ନିୟମରେ ସ୍ୱୀକୃତି ପାଇନାହିଁ। ତେଣୁ ଏହା ଗ୍ରାହକଙ୍କୁ ଭୁଲ ବାର୍ତ୍ତା ଦେଉଛି ବୋଲି ଏଫ୍‌ଏସ୍‌ଏସ୍‌ଏଆଇ କହିଛି । ତେଣୁ ବର୍ତ୍ତମାନ ଏହି ସମସ୍ତ କମ୍ପାନୀଙ୍କୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ନିଜ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଛି। ଧାର୍ଯ୍ୟ ସମୟ ମଧ୍ୟରେ ସନ୍ତୋଷଜନକ ଉତ୍ତର ନ ମିଳିଲେ କମ୍ପାନୀ ଉପରେ ଜରିମାନା, ଉତ୍ପାଦ ବିକ୍ରୟ ଉପରେ କଟକଣା ଓ ଲାଇସେନ୍ସ ବାତିଲ ଭଳି କଠୋର ପଦକ୍ଷେପ ନିଆଯାଇପାରେ ବୋଲି ଏଫ୍‌ଏସ୍‌ଏସ୍‌ଏଆଇ କହିଛି ।

## ୧୫ ଦିନରେ ବିଦେଶୀ ନିବେଶକ ଉଠାଇନେଲେ ୬୨୮୦୦ କୋଟି

ମୁମ୍ବାଇ, ୧୪।୬ (ଏଜେନ୍ସି): ସେନସେକ୍ସ ଓ ନିଫ୍ଟି ଗତ ସପ୍ତାହରେ ଭଲ ପ୍ରଦର୍ଶନ କରିବା ସତ୍ତ୍ୱେ ବିଦେଶୀ ନିବେଶକମାନେ ଜୁନ୍ ମାସର ପ୍ରଥମ ୧୫ ଦିନରେ ଭାରତୀୟ ଇକ୍ୱିଟି ବଜାରରୁ ପ୍ରାୟ ୬୨,୮୦୦ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି। ଏହା ଚଳିତ ବର୍ଷର ସବୁଠାରୁ ବଡ଼ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ମଧ୍ୟରୁ ଗୋଟିଏ ବୋଲି ବଜାର ବିଶ୍ଳେଷକମାନେ କହିଛନ୍ତି।

ବିଶେଷଜ୍ଞମାନଙ୍କ ମତରେ ଗତ କିଛି ମାସ ଧରି ଭାରତୀୟ ଶେୟାର ବଜାର ଭଲ ପ୍ରଦର୍ଶନ କରିବା ପରେ ବହୁ ବିଦେଶୀ ନିବେଶକ ଲାଭ ହାସଲ କରିବା ପାଇଁ ଶେୟର ବିକ୍ରି କରୁଛନ୍ତି। ମଧ୍ୟପ୍ରାଚ୍ୟରେ ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା, ଆମେରିକାର ସୁଧହାର ନୀତିକୁ ନେଇ ଅନିଶ୍ଚିତତା ଓ ଡଲାରର ଶକ୍ତିଶାଳୀ ସ୍ଥିତି ବିଦେଶୀ ନିବେଶକଙ୍କୁ ସତର୍କ କରିଛି। ଫଳରେ ସେମାନେ ବଜାରରୁ କିଛି ପୁଞ୍ଜି ପ୍ରତ୍ୟାହାର କରି ସୁରକ୍ଷିତ ସମ୍ପତ୍ତି ଦିଗରେ ଝୁକୁଛନ୍ତି। ତେବେ ଆଶ୍ୱସ୍ତିର କଥା ହେଉଛି ଯେ ବିଦେଶୀ ନିବେଶକଙ୍କ ବିକ୍ରି ସତ୍ତ୍ୱେ ଭାରତୀୟ ଶେୟାର ବଜାର ଉପରେ ବିଶେଷ ପ୍ରଭାବ ପଡ଼ିନାହିଁ। ଘରୋଇ ପ୍ରତିଷ୍ଠାନଗତ ନିବେଶକ ଓ ମ୍ୟୁଚୁଆଲ ଫଣ୍ଡମାନଙ୍କ ଲଗାତାର ନିବେଶ ଯୋଗୁଁ ଷ୍ଟକ ବଜାର ଆପାତତଃ ସ୍ଥିର ରହିଛି । ଭାରତର ଆର୍ଥିକ ବୃଦ୍ଧି ହାର, ଦୃଢ଼ କର୍ପୋରେଟ୍ ଫଳାଫଳ ଏବଂ ସରକାରଙ୍କ ପୁଞ୍ଜିନିବେଶମୁଖୀ ନୀତି ଦୀର୍ଘମିଆଦୀ ନିବେଶକଙ୍କ ପାଇଁ ଏବେ ମଧ୍ୟ ଆକର୍ଷଣୀୟ ରହିଛି। ସେଥିପାଇଁ ବିଦେଶୀ ନିବେଶକଙ୍କ ସାମୟିକ ପ୍ରତ୍ୟାହାର ବଜାରରେ ବିଶେଷ ପ୍ରଭାବ ପକାଇ ପାରିନାହିଁ । ତେବେ ବିଦେଶୀ ପାଣ୍ଠିର ବିକ୍ରି ଚାପ ଦୀର୍ଘ ସମୟ ଧରି ଜାରି ରହେ, ତେବେ ବଜାରରେ ଅସ୍ଥିରତା ବଢ଼ିପାରେ ବୋଲି ବଜାର ବିଶେଷଜ୍ଞମାନେ ମତ ଦେଇଛନ୍ତି ।

## ବାରମ୍ବାର ତାଗିଦ୍ ସତ୍ତ୍ୱେ ମାନୁନି ଇସ୍କନ

# ଜଗନ୍ନାଥଙ୍କୁ ରାସ୍ତାକଡ଼ରେ ବସାଇଲେ

ଭୁବନେଶ୍ୱ/ପୁରୀ,୧୪।୬(ସମିସ): ଅଦିନିଆ ରଥଯାତ୍ରାକୁ ବିରୋଧ କଲେ ଗାଳି କରୁଛି ଇସ୍କନ। ଜଗନ୍ନାଥପ୍ରେମୀ ଓ ଓଡିଆଙ୍କୁ ଟାର୍ଗେଟ୍ କରି ଅଶାଳୀନ ଓ ଅପମାନଜନକ ଭାଷା ପ୍ରୟୋଗ କରାଯାଉଛି। ଏମିତିକି ଡଗ୍ ବା କୁକୁର ବୋଲି ବି କହିବାକୁ ପଛାଉ ନାହାନ୍ତି ଇସ୍କନ ଓ ଇସ୍କନ୍ ଅନୁଗାମୀ। ଯାହାକୁ ନେଇ ବିଶ୍ୱବ୍ୟାପୀ ତୀବ୍ର ହୋଇଛି ପ୍ରତିକ୍ରିୟା ଦେଖିବାକୁ ମିଳିଛି। ବାରମ୍ବାର ତାଗିଦ୍ ଓ ବିରୋଧ ସତ୍ତ୍ୱେ ପୁଣି ଜର୍ମାନୀରେ ଅଦିନିଆ ରଥଯାତ୍ରା ଆୟୋଜନ ହୋଇଛି। ତା'ଠୁ ଅଧିକ ସାଂଘାତିକ ହେଉଛି, କୋଟି ଓଡିଆର ମଉଡ଼ମଣି, ସ୍ୱୟଂ ଶ୍ରୀଜଗନ୍ନାଥଙ୍କୁ ରାସ୍ତାକଡ଼ରେ ଛତା ତଳେ ବସେଇ ଦିଆଯାଇଛି। ଜର୍ମାନୀରେ ଏକ ମେଳା ଚାଲିଥିବାରୁ ଅଧିକ ଲୋକଙ୍କ ଦୃଷ୍ଟିକୁ ଆସିବା ଉଦ୍ଦେଶ୍ୟରେ ମହାପ୍ରଭୁଙ୍କୁ ରାସ୍ତା କଡରେ ବସାଇବା ଭଳି ଦୁଃସାହସ କରିଛି ଇସ୍କନ୍। ଏପରି ହୀନ ଉଦ୍ୟମ ପରେ ସେମାନେ ଖାଲି କୋଟିକୋଟି ଜଗନ୍ନଥପ୍ରେମୀଙ୍କ ଭାବାବେଗକୁ କୁଠାରାଘାତ କରିନାହାନ୍ତି, ମହାପ୍ରଭୁଙ୍କ ଅପମାନିତ କରିଛନ୍ତି ବୋଲି ଜର୍ମାନୀରେ ରହୁଥିବା ପ୍ରବାସୀ ଭାରତୀୟମାନେ କହିଛନ୍ତି। ଅଦିନିଆ ରଥଯାତ୍ରାକୁ ବିରୋଧ କରୁଥିବା ଜଗନ୍ନାଥପ୍ରେମୀଙ୍କୁ କୁକୁର କହିବାକୁ ଇସ୍କନର କିଭଳି ସାହସ ହେଲା ବୋଲି ପ୍ରଶ୍ନ ଉଠିଛି।

**ସାମାଜିକ ଗଣମାଧ୍ୟମରେ ତେଜୁଛି ଆକ୍ରୋଶ**

ବାରମ୍ବାର କୋଟି ଓଡିଆଙ୍କ ମଉଡମଣିଙ୍କୁ ଅସମ୍ମାନ କରି ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଅସମ୍ମାନୀତ କରୁଛି ଇସ୍କନ। ଏଥିପାଇଁ ଓଡ଼ିଶାରୁ ଆମେରିକା ଯାଏଁ ଆକ୍ରୋଶ ବଢିଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ମଧ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି, ଜଗନ୍ନାଥଙ୍କ ପ୍ରକୃତ ଭକ୍ତ କେବେ ବି କାହାକୁ ଉଦ୍ଦେଶ୍ୟମୂଳକ ଭାବେ ଆଘାତ ଦେଇପାରିବେନି। ସେପଟେ ଆଇନ ମନ୍ତ୍ରୀଙ୍କ କହିବା କଥା, ଅସଭ୍ୟ ଭାଷାର କମେଣ୍ଟ ଲେଖାଥିବା ଫଟୋ ବାସ୍ତବ ନା ଏଆଇ ଦ୍ୱାରା ବନାଯାଇଛି ସେନେଇ ସ୍ପଷ୍ଟ ହୋଇପାରିନି। ଏଣୁ ଘଟଣାର ଅନୁଧ୍ୟାନ ପରେ ପଦକ୍ଷେପ ଗ୍ରହଣ କରାଯିବ। ସେହିପରି ଓଡ଼ିଆ ଅସ୍ମିତା ପରିଷଦ ପକ୍ଷରୁ ମଧ ଏହାକୁ ନିନ୍ଦା କରାଯାଇଛି। ପରିଷଦର ଆବାହାକ ରବି ବେହେରା କହିଛନ୍ତି, ଅଦିନିଆ ରଥଯାତ୍ରାକୁ ବିରୋଧ କରିବାରୁ ଇସ୍କନ କର୍ମକର୍ତ୍ତାମାନେ ପ୍ରବାସୀ ଓଡ଼ିଆ ଭକ୍ତମାନଙ୍କୁ ଅଭଦ୍ର ଭାଷାରେ ଗାଳି ଦେଇ "ଡଗ୍'ବୋଲି ଆକ୍ଷେପ କରିଛନ୍ତି। ଏହା ଇସ୍କନର କେବଳ ଜଗନ୍ନାଥ ସଂସ୍କୃତି ଉପରେ ଆକ୍ରମଣ ନୁହେଁ, ଓଡ଼ିଆ ଜାତି ପ୍ରତି ଚରମ ଅପମାନ। ଏହାକୁ ତୀବ୍ର ନିନ୍ଦା କରିବା ସହ ଇସ୍କନ କର୍ତ୍ତୃପକ୍ଷ ଏଥିପାଇଁ ଓଡ଼ିଆ ଜାତି ପାଖରେ କ୍ଷମା ମାଗନ୍ତୁ। ନଚେତ୍ ଏହା ବିରୁଦ୍ଧରେ ଓଡ଼ିଆ ଜାତି, ଓଡିଶା ସରକାର ଏବଂ ଦେଶ ବିଦେଶରେ ରହୁଥିବା ଓଡ଼ିଆ ଭାଇ ଭଉଣୀ ଓ ଜଗନ୍ନାଥ ପ୍ରେମୀ ପ୍ରତିବାଦ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

## ଗୋଟିଏ ଛକରେ ପଛକୁ ପଛ ଦୁଇ ଦୁର୍ଘଟଣା

# ରାଜପଥରେ ଗଡ଼ିଲା ୫ ମୁଣ୍ଡ

ତେଲକୋଇ, ୧୪।୬ (ସମିସ): ପହିଲି ରଜରେ ରାଜ୍ୟରେ ଖୁସିର ମାହୋଲ ଥିବା ବେଳେ କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥ ୫ଜଣଙ୍କ ମୁଣ୍ଡ ନେଇଛି। ଆଶ୍ଚର୍ଯ୍ୟର ବିଷୟ ହେଉଛି, ମାତ୍ର କିଛି ସମୟ ବ୍ୟବଧାନରେ ଗୋଟିଏ ଛକରେ ପଛକୁ ପଛ ଦୁଇଟି ଦୁର୍ଘଟଣାରେ ଏହି ଜୀବନହାନି ହୋଇଛି। ମୃତକମାନେ ହେଲେ, ଲକ୍ଷ୍ମଣ ସନଙ୍ଗି ଓ ବିଛି ସନଙ୍ଗି ଏବଂ ସୁରେଶ ପ୍ରଧାନ, ଶଙ୍କର ପ୍ରଧାନ ଓ ଦୋଳ ପ୍ରଧାନ। କାଞ୍ଜିପାଣି ପୁଲିସ୍ ଶବଗୁଡ଼ିକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଦୁର୍ଘଟଣା ଜନିତ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ଆଜି ମଧ୍ୟାହ୍ନରେ ଲକ୍ଷ୍ମଣ ଓ ବିଛି ଗୋଟିଏ ବାଇକ୍‌ରେ ୪୯ନମ୍ବର ଜାତୀୟ ରାଜପଥରେ ପଣ୍ଡାଧର ପଟୁ ଘରକୁ ଏକ ବାଇକ୍‌ରେ ଫେରୁଥିବା ବେଳେ କୁଆଁର ଛକ ନିକଟରେ ଏକ ଅଜଣା ଟ୍ରକ୍ ସେମାନଙ୍କୁ ଚାପି ଦେଇଥିଲା। ଘଟଣାସ୍ଥଳରେ ହିଁ ଦୁହିଁଙ୍କ ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇବା ପରେ ଟ୍ରକ୍‌ଟି ସେଠାରୁ ଫେରାର୍ ହୋଇଯାଇଥିଲା। ଏହି ଅଘଟଣର ମାତ୍ର ଘଣ୍ଟାକ ପରେ ପୁଣି ସେହି କୁଆଁର ଛକରେ ପୁଣି ଏକ ବଡ଼ ଦୁର୍ଘଟଣା ଘଟିଥିଲା। ସୁରେଶ, ଶଙ୍କର ଓ ଦୋଳ ନିଜ ଗାଁ ପଦାକସଡ଼ାରୁ ତେନ୍ତୁଳିଖୁଣ୍ଟିକୁ ଏକ ବାଇକ୍‌ରେ ଯାଉଥିବା ବେଳେ ରଙ୍ଗରୁଟ୍‌ରେ ଆସୁଥିବା ଏକ ଟ୍ରକ୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୩ଜଣଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା।

## ୮ ମାଓ ଡମ୍ପ୍ ଠାବ

# ମାଟି ତଳୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ




ମାଲକାନଗିରି, ୧୪।୬(ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଓ ଗରିଆବନ୍ଦ ଜିଲ୍ଲାର ଘନ ଜଙ୍ଗଲ ଅଞ୍ଚଳରୁ ସୁରକ୍ଷାବାହିନୀ ୮ଟି ମାଓ ଡମ୍ପ ଠାବ କରିଛି। ଆତ୍ମସମର୍ପଣ କରିଥିବା ଜଣେ ନକ୍ସଲଙ୍କଠାରୁ ମିଳିଥିବା ସୂଚନା ଆଧାରରେ ସୁରକ୍ଷା ବାହିନୀ ଏହି ଡମ୍ପଗୁଡ଼ିକରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ଜବତ କରିଛି। ଜବତ ଅସ୍ତ୍ରଶସ୍ତ୍ର ମଧ୍ୟରେ ବେରେଲ୍ ଗ୍ରେନେଡ୍ ଲଞ୍ଚର ରାଇଫଲ, ୩୦୩ ରାଇଫଲ, ଏୟାର ଗନ୍ ରାଉଣ୍ଡ, ୨୧ଟି ଲ୍ୟାଣ୍ଡମାଇନ୍, କୋଡେକ୍ସ ତାର, ସେଫ୍ଟି ଫ୍ୟୁଜ୍, ବିଦ୍ୟୁତ ତାର ସମେତ ବିସ୍ଫୋରକ ପ୍ରସ୍ତୁତିରେ ବ୍ୟବହୃତ ଅନେକ ଉପକରଣ ରହିଛି। ଉଦ୍ଧାର ଲ୍ୟାଣ୍ଡମାଇନ୍‌ଗୁଡ଼ିକୁ ସିଆରପିଏଫ୍‌ର ବୋମା ନିଷ୍କ୍ରିୟକାରୀ ଦଳ ସୁରକ୍ଷିତ ଭାବେ ନିଷ୍କ୍ରିୟ କରିଥିଲେ। ସୁରକ୍ଷା ବାହିନୀର କହିବା ଅନୁଯାୟୀ, ମାଓବାଦୀମାନେ ଦୀର୍ଘ ଦିନ ଧରି ଏହି ଜଙ୍ଗଲ ଅଞ୍ଚଳକୁ ନିଜର ଘାଟି ଭାବେ ବ୍ୟବହାର କରିଆସୁଥିଲେ ଏବଂ ସୁରକ୍ଷା ବଳ ଉପରେ ଆକ୍ରମଣ କରିବା ପାଇଁ ମାଟି ତଳେ ଏପରି ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସଂରକ୍ଷିତ ରଖୁଥିଲେ। ତେବେ ନିରନ୍ତର ଅପରେସନ ଓ ନକ୍ସଲ ବିରୋଧୀ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏହି ଅଞ୍ଚଳରେ ମାଓବାଦୀଙ୍କ ପ୍ରଭାବ କ୍ରମଶଃ ହ୍ରାସ ପାଉଛି। ପୁଲିସ ଏବଂ ସୁରକ୍ଷା ବାହିନୀ କହିଛନ୍ତି ଯେ, ଛତିଶଗଡ଼ର ଜଙ୍ଗଲ ଅଞ୍ଚଳରେ ନକ୍ସଲମାନେ ଲୁଚାଇ ରଖିଥିବା ସମସ୍ତ ଡମ୍ପକୁ ଚିହ୍ନଟ ଓ ଉଦ୍ଧାର କରିବା ପାଇଁ ଅଭିଯାନ ଜାରି ରହିଛି। ଆଗାମୀ ଦିନରେ ମଧ ଏଭଳି ଅପରେସନକୁ ଆହୁରି ଜୋରଦାର୍ କରାଯିବ ବୋଲି କୁହାଯାଇଛି।

# ଢେପାଗୁଡ଼ା ଜଙ୍ଗଲରୁ ମାଓ ସାମଗ୍ରୀ, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ସାମଗ୍ରୀ ଉଦ୍ଧାର

ରାୟଗଡ଼ା, ୧୪।୬ (ସମିସ): ରାୟଗଡ଼ା ଜିଲ୍ଲାର ଢେପାଗୁଡ଼ା ସଂରକ୍ଷିତ ଜଙ୍ଗଲରୁ ବିପୁଳ ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀ ଜବତ କରିଛି ରାୟଗଡ଼ା ପୁଲିସ। ଏନେଇ ଆଜି ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ରାଜପ୍ରସାଦ ଏହି ସୂଚନା ଦେଇଛନ୍ତି। ଗତ ଅଢ଼େଇମାସ ତଳେ ଜିଲ୍ଲାରେ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କଠାରୁ ମିଳିଥିବା ସୂଚନା ଆଧାରରେ ଜିଲ୍ଲାର ଆମ୍ବୋଦଳା ଥାନା ଅଧୀନ ଜଗଦଲପୁର ଆଉଟପୋଷ୍ଟ ଅଞ୍ଚଳରେ ଗତକାଲି ଡିଭିଏଫ୍ ଓ ଏସ୍‌ଓଜି ଯବାନଙ୍କ ପକ୍ଷରୁ ମିଳିତ ସର୍ଚ୍ଚ ଅପରେସନ୍ କରାଯାଇ ଏକ ମାଓ ଡମ୍ପ ଠାବ କରାଯାଇଥିଲା। ସେଠାରୁ ଗୋଟିଏ ଥ୍ରୀ ନଟ ଥ୍ରୀ ରାଇଫଲ, ୩୭ ରାଉଣ୍ଡ ଅଫୁଟା ଗୁଳି, ଖାଲି ଥିବା ୧୨ଟି ବୋର୍ କାର୍ଟ୍ରିଜ୍, ଗୋଟିଏ ମାଗାଜିନ୍, ୮ମିଟର ତାର, ପ୍ରାୟ ୫୦ଗ୍ରାମ ଗନ୍ ପାଉଡର୍, ୫ ବଣ୍ଡଲ୍ କୋଡେକ୍ସ ତାର, ମାଓବାଦୀ ପୁସ୍ତକ ଆଦି ଜବତ ହୋଇଛି। ବର୍ତ୍ତମାନ ଜିଲ୍ଲାରେ ମାଓ ଗତିବିଧି କମିଥିଲେ ମଧ ସୁରକ୍ଷା ଦୃଷ୍ଟିରୁ ଏସଓଜି, ଡିଭିଏଫ୍ ଓ ସିଆରପିଏଫ୍ ପକ୍ଷରୁ ଜିଲ୍ଲାର ଜଙ୍ଗଲ ଅଞ୍ଚଳରେ ନିୟମିତ



ଭାବରେ କମ୍ବିଂ ଅପରେସନ୍ ଚାଲିଥିବା ଏସ୍‌ପି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଏସ୍‌ଡିପିଓ ଗୌରହରି ସାହୁ, ଡିଆଇଓସି ଆସିଷ୍ଟାଣ୍ଟ କାମାଣ୍ଡାଣ୍ଟ ଲକ୍ଷ୍ମୀନାରାୟଣ ମାଝୀ, ଏସ୍‌ଆଇ ଦିନେଶ କହଁରଙ୍କ ସମେତ ଇନ୍ସପେକ୍ଟର୍ ଅବିନାଶ ରେଡ୍ଡୀ, ଆର୍‌ଆଇ କବିବର ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଜାନୁଆରୀ ୨୦୨୫ରୁ ୩୧ ମାର୍ଚ୍ଚ ୨୦୨୬ ମଧ୍ୟରେ ମାଓ ସଂଗଠନର ରାଜ୍ୟ କମିଟି ସଦସ୍ୟ ନିଖିଲ ଓ ଇନ୍ଦୁଙ୍କ ସହ ମୋଟ ୧୫ ଜଣ ମାଓବାଦୀ ରାୟଗଡ ପୁଲିସ ନିକଟରେ ଆତ୍ମସମର୍ପଣ କରିଥିଲେ।

# ବଜ୍ରପାତରେ ପୋଡ଼ିଗଲା ମୁଣ୍ଡ; ଛାତ୍ର ମୃତ

ରାଜନଗର, ୧୪।୬(ସମିସ): ରାଜନଗର ବ୍ଲକ୍ ଘଡ଼ିଆମାଳ ଗ୍ରାମରେ ବଜ୍ରପାତ ଜଣେ ନବମ ଛାତ୍ରଙ୍କ ଜୀବନ ନେଇଛି। ମୃତକ ହେଲେ, ଗ୍ରାମର ଦୈତାରୀ ସେଠୀଙ୍କ ପୁଅ ମନୋରଞ୍ଜନ ସେଠୀ (୧୫)। ଗତ ଶୁକ୍ରବାର ଦିନ ଦୈତାରୀ ଦାଦନ ଖଟିବାକୁ କେରଳ ଯାଇଥିବା ବେଳେ ଆଜି ପହିଲି ରଜରେ ମନୋରଞ୍ଜନ ରଜରେ ଗାଁରେ ସାଙ୍ଗମାନଙ୍କ ସହ ଖେଳିବାକୁ ଯାଇଥିଲେ। ଖେଳି ସାରି ଦିନ ପ୍ରାୟ ସାଢ଼େ ୧ଟା ବେଳେ ଘରକୁ ଫେରିଥିଲେ। ବୋଉକୁ ଭାତ ବାଢ଼ିବାକୁ କହି ପରିସ୍ରା ଯାଇଥିଲେ। ଘର ନିକଟ ଗଛ ନିକଟରେ ପରିସ୍ରା କରୁଥିବା ବେଳେ ହଠାତ ବଜ୍ରପାତ ହୋଇଥିଲା। ବଜ୍ରପାତ ସିଧା ମନୋରଞ୍ଜନଙ୍କ ମୁଣ୍ଡ ଉପରେ ପଡ଼ିଥିଲା। ମନୋରଞ୍ଜନଙ୍କ ମୁଣ୍ଡ ପୋଡ଼ି ଯାଇଥିବା ବେଳେ ସେ ସେଠାରେ ଟଳି ପଡ଼ିଥିଲେ। ନିକଟରେ ଥିବା ଦୁଇଟି ଗଛ ମଧ ଫାଟି ଯାଇଛି। ମନୋରଞ୍ଜନଙ୍କ ବୋଉ ଚିତ୍କାର କରି ଡାକିବା ପରେ ପଡ଼ୋଶୀ ପହଞ୍ଚି ତାଙ୍କୁ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲା।

## ଓଡ଼ିଶାରେ ପିଏମ୍ ସୂର୍ଯ୍ୟଘର ରୁଫଟପ୍ ସୋଲାର ପ୍ୟାନେଲ ଗ୍ରହଣୀୟତା ବଢୁଛି

# ଲାଗିଲାଣି ୧.୧୨ ଲକ୍ଷରୁ ଉର୍ଦ୍ଧ୍ୱ ସୌର ପ୍ୟାନେଲ

ଭୁବନେଶ୍ୱର,୧୪।୬(ସମିସ): ଓଡ଼ିଶାର ସୌର ଶକ୍ତି ଉତ୍ପାଦନ ଓ ଆହରଣ କ୍ଷେତ୍ରରେ ଏକ ବଡ଼ ସଫଳତା ମିଳିଛି। ପିଏମ୍ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା ଅଧିନରେ ମାତ୍ର ବର୍ଷକ ମଧ୍ୟରେ ରାଜ୍ୟରେ ପ୍ୟାନେଲ ସ୍ଥାପନ ସଂଖ୍ୟା ପ୍ରାୟ ୩୧ ଗୁଣ ବୃଦ୍ଧି ପାଇଛି। ରାଜ୍ୟ ଶକ୍ତି ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୪-୨୫ରେ ସମଗ୍ର ଓଡ଼ିଶାରେ ମାତ୍ର ୩,୬୧୭ଟି ଛାତ ଉପରେ ସୋଲାର୍ ପ୍ୟାନେଲ ସ୍ଥାପନ କରାଯାଇଥିଲା। ଏହାପରେ ବ୍ୟାପକ ସଚେତନତା ଏବଂ ସରକାରୀ ସହାୟତା ଯୋଗୁଁ ଆର୍ଥିକ ବର୍ଷ ୨୦୨୫-୨୬ରେ ଏହି ସଂଖ୍ୟା ବୃଦ୍ଧି ପାଇ ୫୬,୦୧୯ରେ ପହଞ୍ଚିଥିଲା, ଯାହାକି ପୂର୍ବ ବର୍ଷ ତୁଳନାରେ ୩୧ ଗୁଣ ଅଧିକ ବୋଲି ଜଣାପଡ଼ିଛି। ଚଳିତ ଆର୍ଥିକ ବର୍ଷ ମାତ୍ର ପ୍ରଥମ ଦୁଇ ମାସ ମଧ୍ୟରେ ରାଜ୍ୟରେ ଅଧିକ ୫୨,୯୯୧ଟି ନୂଆ ରୁଫ ଟପ୍ ସୋଲାର ସଂଯୋଗ ଯୋଡ଼ା ଯାଇଛି। ଏହାକୁ ମିଶାଇ ଓଡ଼ିଶାରେ ସମୁଦାୟ ରୁଫଟପ୍ ସୋଲାର୍ ସଂଖ୍ୟା ଏବେ ୧.୧୨ ଲକ୍ଷ ଅତିକ୍ରମ କରିଛି ବୋଲି ଜଣାପଡ଼ିଛି। ଓଡ଼ିଶାରେ ଏହି ସୌର ବିପ୍ଳବକୁ ସଫଳ କରିବାରେ କେନ୍ଦ୍ର ନବୀକରଣଯୋଗ୍ୟ ଶକ୍ତି ମନ୍ତ୍ରାଳୟ ଦ୍ୱାରା ଅନୁମୋଦିତ 'ୟୁଟିଲିଟି-ଲେଡ୍ ଆଗ୍ରିଗେସନ' ବା ୟୁଏଲଏର ପ୍ରମୁଖ ଭୂମିକା ରହିଥିବା ଜଣାପଡ଼ିଛି। ଏହି ମଡେଲ୍ ଅଧୀନରେ ରାଜ୍ୟରେ ୧.୫ ଲକ୍ଷ ସୋଲାର୍ ସଂଯୋଗ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଅପରପକ୍ଷେ ରାଜ୍ୟରେ ପିଏମ୍ ସୂର୍ଯ୍ୟଘର ଯୋଜନାର ସଫଳ କାର୍ଯ୍ୟନ୍ୱୟନ ପାଇଁ ନିକଟରେ ଓଡ଼ିଶାକୁ କେନ୍ଦ୍ର ସରକାର ପିଏମ୍ ସୂର୍ଯ୍ୟଘର ଉତ୍କର୍ଷ ସମ୍ମାନ ମଧ ପ୍ରଦାନ କରିଛନ୍ତି। ଯେଉଁଥିରେ ଓଡ଼ିଶା ସର୍ବାଧିକ ଗ୍ରାହକଙ୍କ ଆବେଦନ, ସର୍ବାଧିକ ସୌର ସ୍ଥାପନ ଏବଂ ସର୍ବାଧିକ ଡିସକମ୍ ଯାଞ୍ଚ କ୍ଷେତ୍ରରେ ମଧ୍ୟମ ଧରଣର ଗ୍ରାହକ ସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି।

**ବର୍ଷରେ ୩୧ ଗୁଣ ବୃଦ୍ଧି**

# ପ୍ରକାଶ ପାଉନି ପିଜି ପ୍ରବେଶିକା ପରୀକ୍ଷା ଫଳ

- ଜୁଲାଇ ୧୦ରୁ ପାଠପଢ଼ା; ନାମଲେଖା ଶେଷ ହେବା ନେଇ ଆଶଙ୍କା
- ତୁରନ୍ତ ମେଧା ତାଲିକା ପ୍ରକାଶ ନ କଲେ ଆନ୍ଦୋଳନ: ଏଆଇଏସ୍‌ଏଫ୍

ଭୁବନେଶ୍ୱର, ୧୪।୬(ସମିସ): ଜୁଲାଇ ୧୦ ତାରିଖ ଠାରୁ ସ୍ନାତକୋତ୍ତର ପାଠପଢ଼ା ଆରମ୍ଭ ହେବ। ମାତ୍ର ନାମଲେଖା ପାଇଁ ଅନୁଷ୍ଠିତ ପ୍ରବେଶିକା ପରୀକ୍ଷା ଫଳ ଏଯାଏଁ ପ୍ରକାଶ ପାଇନାହିଁ। ନାମଲେଖା ପ୍ରକ୍ରିୟା ଅନ୍ୱନ୍ୟ ଦୁଇଟି ପର୍ଯ୍ୟାୟରେ ମୋଟ୍ ୬ ଟି ରାଉଣ୍ଡରେ ସରିବ। ଫଳରେ ଶିକ୍ଷାଦାନ ପୂର୍ବରୁ ନାମଲେଖା ସରିବା ଏକ ପ୍ରକାର ଅସମ୍ଭବ।

ଚଳିତ ବର୍ଷ ମେ ୫ ତାରିଖରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏହାର ଦିନକ ପରେ ପ୍ରୋଭିଜିନାଲ୍ ଉତ୍ତର କି' ପ୍ରକାଶ ପାଇଥିଲା। ଉତ୍ତରକୁ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ କୌଣସି ଦ୍ୱନ୍ଦ ଥିଲେ ୨୨ ତାରିଖ ମଧ୍ୟରେ ଆପତ୍ତି କରିଥିଲେ। ଆପତ୍ତିକୁ ତର୍ଜମା କରି ପରୀକ୍ଷା ପରିଚାଳନା କରୁଥିବା ଏସ୍‌ଏସ୍‌ବି ପକ୍ଷରୁ ଉଚ୍ଚଶିକ୍ଷା ବିଭାଗକୁ ଚୁଡ଼ାନ୍ତ ପରୀକ୍ଷା ଫଳ ପ୍ରଦାନ କରାଯାଇଛି। ମାତ୍ର ବିଭାଗ ପକ୍ଷରୁ ମେଧା ତାଲିକା ପ୍ରକାଶ ପାଇ ନ ଥିବାବେଳେ ନାମଲେଖା ପ୍ରକ୍ରିୟାକୁ ତ୍ୱରିତ ସାରିବା ପାଇଁ ମଧ କୌଣସି ପଦକ୍ଷେପ ନେଇନାହିଁ। ଅପରପକ୍ଷରେ, ଗତବର୍ଷ ଜୁନ୍ ୨ ରେ ପରୀକ୍ଷା ଫଳ ପ୍ରକାଶ ପାଇଥିବାବେଳେ ଚଳିତ ବର୍ଷ ପ୍ରାୟ ୧୨ ଦିନ ବିଳମ୍ବ ହେଲାଣି। ଗତବର୍ଷ ନାମଲେଖା ପ୍ରକ୍ରିୟା ସରିଲା ବେଳକୁ ପ୍ରଥମ ସେମିଷ୍ଟାର ପରୀକ୍ଷା ମଧ ସରିଯାଇଥିଲା। ଏଣୁ ଚଳିତ ବର୍ଷ ମଧ ଏପରି ବିଳମ୍ବ ଆଶଙ୍କାରେ ଛାତ୍ରଛାତ୍ରୀମାନେ ଅତଙ୍କିତ ହେବା ସହ ନିଜର ଶୈକ୍ଷିକ ଭବିଷ୍ୟତ ନେଇ ସନ୍ଦିହାନ ହୋଇପଡ଼ିଛନ୍ତି। କେବେ ନାମଲେଖା ପ୍ରକ୍ରିୟା ସରିବ ଓ ପାଠପଢ଼ା ସ୍ୱଭାବିକ ହେବ ବୋଲି ପ୍ରାୟ ୫୮ ହଜାର ପରୀକ୍ଷାର୍ଥୀ ସରକାରଙ୍କୁ ପ୍ରଶ୍ନ କରୁଛନ୍ତି।

ନାମଲେଖା ପ୍ରକ୍ରିୟା ମାତ୍ରାଧିକ ବିଳମ୍ବକୁ ନେଇ ଅଖିଳ ଭାରତ ଛାତ୍ର ସଂଘ (ଏଆଇଏସ୍‌ଏଫ୍) ରାଜ୍ୟ ପରିଷଦ ଗଭୀର ଉଦ୍‌ବେଗ ପ୍ରକାଶ କରିଛି। ଛାତ୍ର ସଂସଦ ନିର୍ବାଚନକୁ ଦୃଷ୍ଟିରେ ରଖି ପିଜି ନାମଲେଖା ପ୍ରକ୍ରିୟା ସମୟ ପୂର୍ବରୁ ଆରମ୍ଭ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ କହିଥିଲେ ମଧ ଏହାର ବାସ୍ତବ ରୂପାୟନକୁ ନେଇ ପ୍ରଶ୍ନ କରିଛି। ତୁରନ୍ତ ସିପିଇଟି ପରୀକ୍ଷା ଫଳ ପ୍ରକାଶ କରି ନାମଲେଖା କାର୍ଯ୍ୟସୂଚୀ ପ୍ରକାଶ କରାଯାଉ ଏବଂ ନାମଲେଖା ପ୍ରକ୍ରିୟାକୁ ସ୍ୱଚ୍ଛ, ନ୍ୟାୟସଙ୍ଗତ ଓ ସମୟୋପଯୋଗୀ ଭାବେ ସମାପ୍ତ କରୁ ବୋଲି ଛାତ୍ରସଂଘ ଦାବି କରିଛି। ତୁରନ୍ତ ନାମଲେଖା ସୂଚୀ ପ୍ରକାଶ କରିବାକୁ ଉଚ୍ଚଶିକ୍ଷା ବିଭାଗ ପଦକ୍ଷେପ ନନେଲେ ଏଆଇଏସ୍‌ଏଫ୍ ରାସ୍ତାକୁ ଓହ୍ଲାଇବ ବୋଲି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭୁ ରାଉତ ଚେତାବନୀ ଦେଇଛନ୍ତି।

# ବରପୁତ୍ରମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ବିଜେଡିର ଶ୍ରଦ୍ଧାଞ୍ଜଳି ସଭା




ଭୁବନେଶ୍ୱର, ୧୪।୬ (ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ଭକ୍ତକବି ବଳରାମ ଦାସଙ୍କ ଜୟନ୍ତୀ ଓ ବ୍ୟାସକବି ଫକିର ମୋହନ ସେନାପତିଙ୍କ ପୁଣ୍ୟ ତିଥି ରାଜଧାନୀରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ପାଳନ କରାଯାଇଅଛି। କାର୍ଯ୍ୟକ୍ରମରେ ଉଭୟ ବରପୁତ୍ରଙ୍କ ଜୀବନୀ ଓ କୃତି ଉପରେ ଆଲୋକପାତ କରି ଅତିଥିମାନେ କହିଥିଲେ ଯେ ବଳରାମ ଦାସ ଏକାଧାର ରେ ଜଣେ ସଂସ୍କାରକ, କବି ଓ ସମାଜ ବିଜ୍ଞାନୀ ଥିଲେ। ତାଙ୍କର ପ୍ରତି ଲେଖାରେ ତତ୍କାଳୀନ ସମାଜ ପ୍ରତି ଏକ ନିରପେକ୍ଷ ସାମାଜିକ ଶିକ୍ଷା ରହିଥିଲା। ସେହିପରି ବ୍ୟାସକବି ଫକିର ମୋହନ ଆମ ଭାଷା ସାହିତ୍ୟର ସୁରକ୍ଷା ନିମନ୍ତେ ସମ୍ପୂର୍ଣ୍ଣ ସମର୍ପିତ ଥିଲେ। ତାଙ୍କର ବଳିଷ୍ଠ ସମୟପଯୋଗୀ ପଦକ୍ଷେପ ଓ ରଚନା କେବଳ ଯେ ଆମ ଭାଷାକୁ ସମୃଦ୍ଧ କରିଛି ତାହା ନୁହେଁ; ବରଂ ରକ୍ଷା କରିଛି କହିଲେ ଭୁଲ୍ ହେବନାହିଁ ବୋଲି ଆଜି ସଭାରେ ସମୂହ ମତ ପ୍ରକାଶ ପାଇଥିଲା।

ଆଜି(ରବିବାର) ରାଜଧାନୀର ଭଞ୍ଜ କଳାମଣ୍ଡପ ପ୍ରାଙ୍ଗଣରେ ଅବସ୍ଥିତ ଭକ୍ତକବି ବଳରାମ ଦାଶ ଓ ଉତ୍କଳ ବିଶ୍ୱ ବିଦ୍ୟାଳୟ ସମ୍ମୁଖରେ ଅବସ୍ଥିତ ବ୍ୟାସକବି ଫକିର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତି ସ୍ଥଳରେ ଏହି ଉତ୍ସବ ପାଳନ କରାଯାଇଥିଲା। ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି ସଭା ମଞ୍ଚ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, କାଳନ୍ଦୀ ସାମଲ, ପ୍ରାଧାପକ ରମେଶ ଚନ୍ଦ୍ର ପାତାଳ ସିଂ, ନରେଶ ଚନ୍ଦ୍ର ପ୍ରଧାନ, ଚୈତନ୍ୟ ତ୍ରିପାଠୀ, ପ୍ରଭାକର ମହାନ୍ତି, କଲ୍ୟାଣ ଚନ୍ଦ୍ର ରାୟ, ଅନିଲ ନାୟକ, ବିକାଶ ସାହୁ, ପଦ୍ମଲୋଚନ ପରିଡା ଓ ଫଗୁ ଟୁଡୁ ପ୍ରମୁଖ ଯୋଗ ଦେଇ ବରପୁତ୍ରମାନଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅମିତ୍ ପାତାଳ ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଚାମେଲି ଓଝାଙ୍କ ଗିରଫକୁ ବିଜେଡିର ବିରୋଧ

କେନ୍ଦ୍ରାପଡ଼ା, ୧୪।୬ (ସମିସ): ତିଖିରି ପଞ୍ଚାୟତର ଚର୍ଚ୍ଚିତ ସରପଞ୍ଚ ଚାମେଲି ଓଝାଙ୍କ ଗିରଫଦାରୀକୁ ବିଜୁ ଜନତା ଦଳ ବିରୋଧ କରିଛି। ରାଜ୍ୟସ୍ତରୀୟ ନେତୃବୃନ୍ଦ ଓ ସ୍ଥାନୀୟ ନେତାମାନଙ୍କୁ ନେଇ ଗଠିତ ଏକ ପ୍ରତିନିଧିଦଳ ଶନିବାର କେନ୍ଦ୍ରାପଡ଼ା ଜିଲ୍ଲାପାଳ



ରଘୁରାମ ଆର୍. ଆୟର୍ ଓ ଏସ୍‌ପିଙ୍କୁ ଭେଟି ଚାମେଲିଙ୍କ ଗିରଫଦାରୀ ଓ ତାଙ୍କ ପକ୍ଷରୁ ଦାଖଲ ହୋଇଥିବା ଏତଲା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛି। ରାଜ୍ୟ ଛାତ୍ର ବିଜେଡି ସଭାନେତ୍ରୀ ଇପ୍ସିତା ସାହୁଙ୍କ ନେତୃତ୍ୱରେ ଆସିଥିବା ଏହି ପ୍ରତିନିଧି ଦଳରେ ପୂର୍ବତନ ରାଜ୍ୟ ମହିଳା କମିଶନ ଅଧକ୍ଷା ମିନତି ବେହେରା, କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ପୌରାଧକ୍ଷା ସରିତା ସାହୁ, ଜିଲ୍ଲା ପରିଷଦ ଅଧକ୍ଷା ଲିଳିତା ଦାସ, ଜିଲ୍ଲା ବିଜେଡି ସଭାପତି ଶିବ ପ୍ରସାଦ ଭଳ, ଜିଲ୍ଲା ଯୁବ ବିଜେଡି ସଭାପତି ରାଜେଶ ଦାସ, ଜ୍ୟୋତିର୍ମୟୀ ପରିଡ଼ା, ପଟ୍ଟାମୁଣ୍ଡାଇର ବିଜେଡିନେତ୍ରୀ ରିଜୱାନା ବେଗମ, ସ୍ୱରାଜଲକ୍ଷ୍ମୀ ସାମଲଙ୍କ ସମେତ ବହୁ ନେତୃବୃନ୍ଦ ସାମିଲ ହୋଇଥିଲେ।

ଚାମେଲିଙ୍କ ଗିରଫଦାରୀକୁ ବେଆଇନ ଦର୍ଶାଇବା ସହ ତାଙ୍କ ପକ୍ଷରୁ ଦାଖଲ ହୋଇଥିବା ଅଭିଯୋଗ ଉପରେ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନଥିବା ନେଇ ବିଜେଡି ନେତୃବୃନ୍ଦ ପ୍ରଶ୍ନ ଉଠାଇଥିଲେ। ଏହି ଅବସରରେ ବିଜେଡି ପକ୍ଷରୁ ପ୍ରଶାସନ ଆଗରେ ଚାରି ଦଫା ଦାବି ରଖାଯାଇଥିଲା। ଚାମେଲିଙ୍କ ବିରୋଧରେ ଲାଗିଥିବା ଦଫାକୁ କୋହଳ କରିବା, ତାଙ୍କୁ ଉନ୍ନତମାନର ଚିକିତ୍ସା ସୁବିଧା ଯୋଗାଇଦେବା, ଚାମେଲିଙ୍କ ଏଫ୍‌ଆଇଆର୍ ଆଧାରରେ ତୁରନ୍ତ ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଏବଂ ଘଟଣାରେ ସମ୍ପୃକ୍ତ ପୁଲିସ ଓ ବିଡିଓଙ୍କ ବିରୋଧରେ ପଦକ୍ଷେପ ଗ୍ରହଣ କରିବାକୁ ଦଳ ଦାବି କରିଛି।

ଅନ୍ୟପକ୍ଷରେ, ଚିକିତ୍ସାଧୀନ ଥିବା ଚାମେଲି ଓଝାଙ୍କୁ ହସ୍ପିଟାଲରେ ମଧ ବିଜେଡିର ପ୍ରତିନିଧିଦଳ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ପ୍ରଥମ ରଜ ଅବସରରେ ଚାମେଲିଙ୍କ ମା' ଭାରତୀ ଓଝା ତାଙ୍କ ପାଇଁ ନୂଆ ପୋଷାକ ଆଣିଥିବା ବେଳେ ହସ୍ପିଟାଲ ବେଡ୍‌ରେ ଥାଇ ମଧ ଚାମେଲି ନୂଆ ପୋଷାକ ପିନ୍ଧି ରଜ ପାଳନ କରିଥିଲେ।

**ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଭେଟି ରଖିଲା ୪ ଦଫା ଦାବି**

ସୂଚନାଯୋଗ୍ୟ, ଗତ ୧୦ ତାରିଖରେ ମହାକାଳପଡ଼ା ବିଡିଓଙ୍କ କାର୍ଯ୍ୟାଳୟରେ ହୋଇଥିବା ଏକ ବିବାଦ ପରେ ପୁଲିସ ଚାମେଲି ଓ ତାଙ୍କ ଭାଇ ସୂର୍ଯ୍ୟକାନ୍ତ ଓଝାଙ୍କୁ ଗିରଫ କରିଥିଲା। ଏହାପରେ ଏହି ଘଟଣାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଥିଲା। ବିଜେଡି ଚାମେଲିଙ୍କ ସମର୍ଥନରେ ଲଗାତାର ସ୍ୱର ଉଠାଉଛି। ବର୍ତ୍ତମାନ ଚାମେଲିଙ୍କ ସ୍ୱାସ୍ଥ୍ୟାବସ୍ଥା ପୂର୍ବ ଅପେକ୍ଷା ଭଲ ଥିବା ଜଣାପଡ଼ିଥିବା ବେଳେ ତାଙ୍କ ପକ୍ଷରୁ ଦାଖଲ ହୋଇଥିବା ଏଫ୍‌ଆଇଆର୍ ଆଧାରରେ କେବେ ଏବଂ କିଭଳି କାର୍ଯ୍ୟାନୁଷ୍ଠାନ ହେଉଛି, ତାହା ଉପରେ ଏବେ ସମସ୍ତଙ୍କ ନଜର ରହିଛି।

# ଆଦିବାସୀଙ୍କ ପ୍ରତି କଟୁ ମନ୍ତବ୍ୟ ଦେଇ ହରଡ଼ଘଣାରେ ବିଧାୟକ



**ପାଟଣାଗଡ଼ ଥାନାରେ ଏତଲା ଦେଲା ଆଦିବାସୀ ସଂଘ**

ପାଟଣାଗଡ଼, ୧୪।୬ (ସମିସ): ଆଦିବାସୀ ସମାଜ ପ୍ରତି ଅପମାନଜନକ ମନ୍ତବ୍ୟ ଦେଇ ହରଡ଼ଘଣାରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ। ଜିଲ୍ଲା ଆଦିବାସୀ କଲ୍ୟାଣ ସଂଘ ଏନେଇ ପାଟଣାଗଡ଼ ଥାନାରେ ଶ୍ରୀ ବାଗଙ୍କ ନାମରେ ଏତଲା ଦେଇଛି। ସଂଘର ପାଟଣାଗଡ଼ ବ୍ଲକ ସଭାପତି ଭୁବନେଶ୍ୱର କୁଅଁରଙ୍କ ନେତୃତ୍ୱରେ ସଂଘର କାର୍ଯ୍ୟକର୍ତ୍ତାମାନେ ଏହି ଏତଲା ଦେଇଛନ୍ତି। ଏତଲାରେ ଦର୍ଶାଯାଇଛି ଯେ ବିଧାୟକ ଶ୍ରୀ ବାଗ ଏକ ଗଣମାଧ୍ୟମରେ ସମଗ୍ର ଆଦିବାସୀ ସମାଜକୁ ଦୂଷିତ କହି ସମାଜ ପ୍ରତି କଟୁ ମନ୍ତବ୍ୟ ଦେବା ସହ ସମାଜର ମାନ ସମ୍ମାନ, ମର୍ଯ୍ୟାଦା, ଅସ୍ମିତାକୁ କ୍ଷୁଣ୍ଣ କରିଛନ୍ତି। ତାଙ୍କ ମନ୍ତବ୍ୟରୁ ଆଦିବାସୀ ସମାଜ ପ୍ରତି ଥିବା ହୀନ ଦୃଷ୍ଟି ଭାବନା ବାରି ହୋଇପଡୁଛି। ବ୍ଲକ ସଭାପତି ଶ୍ରୀ କୁଅଁର କହିଛନ୍ତି ଯେ ବିଧାୟକ ଶ୍ରୀ ବାଗଙ୍କ ଅପମାନଜନକ ମନ୍ତବ୍ୟ ସମସ୍ତ ଆଦିବାସୀ ସମାଜର ସମ୍ମାନହାନି କରିଛି। ଆଦିବାସୀଙ୍କ ଭୋଟ୍ ପାଇ ସେ ନିର୍ବାଚନରେ ବିଜୟୀ ହୋଇଛନ୍ତି। ତାଙ୍କ ଏଭଳି ମନ୍ତବ୍ୟକୁ ଆଦିବାସୀ ସମାଜ ଜିଲ୍ଲାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ବିରୋଧ କରିବ। ସେ ନିଜେ ଅର୍ଦ୍ଧଶିକ୍ଷିତ, ତେଣୁ ଏଭଳି ମନ୍ତବ୍ୟ ଦେଇଛନ୍ତି। ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆନଗଲେ, ଆଗାମୀ ଦିନରେ ଜିଲ୍ଲାବ୍ୟାପୀ ଆଇନ ଅମାନ୍ୟ ଆନ୍ଦୋଳନ କରାଯିବ ଏବଂ ସେଥିପାଇଁ ଶ୍ରୀ ବାଗ ଦାୟୀ ରହିବେ ବୋଲି ଶ୍ରୀ କୁଅଁର କହିଛନ୍ତି।

# ୨୫ ଫୁଟ ତଳକୁ ଖସିଲା ଟ୍ରକ୍; ଡ୍ରାଇଭର ଗୁରୁତର

ଯୋଡ଼ା, ୧୪।୬(ସମିସ): କେନ୍ଦୁଝର ଜିଲ୍ଲା ରିମୁଳିଠାରୁ ରଜାମୁଣ୍ଡା ୫୨୦ ନମ୍ବର ଜାତୀୟ ରାଜପଥର ଭଦ୍ରାସାହି ନିକଟ ରୋଇଡ଼ାଛକରେ ଥିବା ପୋଲରେ ଭାରସାମ୍ୟ ହରାଇ ପ୍ରାୟ ୨୫ ଫୁଟ ତଳକୁ ଏକ ଟ୍ରକ ଖସିଯିବାରୁ ଡ୍ରାଇଭର ଗୁରୁତର ହୋଇଛନ୍ତି। ରବିବାର ସକାଳ ପ୍ରାୟ ୫.୩୦ ସମୟରେ ଓଡି-୦୪-କ୍ୟୁ-୯୯୯୮ ନମ୍ବର ବିଶିଷ୍ଟ ଏକ ଟ୍ରକ ଯୋଡ଼ା ପଟୁ ଭଦ୍ରାସାହି ଅଭିମୁଖେ ଯାଉଥିବା ବେଳେ ଡ୍ରାଇଭରର ଆଖି ଲାଗିଯାଇଥିଲା। ଫଳରେ ଟ୍ରକଟି ଦ୍ରୁତ ଗତିରେ ପୋଲର ଡିଭାଇଡରରେ ପିଟିହୋଇ ୨୫ ଫୁଟ ତଳ ଖାଲରେ ପଡିଯାଇଥିଲା। ବଡ଼ବିଲ ପୋଲିସ, ଏନଏଚଆଇ କର୍ତ୍ତୃପକ୍ଷ ଏବଂ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ସହ ଟ୍ରାଫିକ ସମସ୍ୟାକୁ ନିୟନ୍ତ୍ରଣ କରି ଗୁରୁତର ଡ୍ରାଇଭରକୁ ଚିକିତ୍ସା ନିମନ୍ତେ ଡାକ୍ତରଖାନା ନେଇଥିବା ଜଣାପଡିଛି।

## ଆଜିର ରାଶିଫଳ

**ମେଷ:** ଦୀର୍ଘ ଦିନର ଆଶା ପୂରଣ ହେବ। ଭାଗ୍ୟ ଆପଣଙ୍କ ସାଥ୍ ଦେବ। ମନ ପ୍ରସନ୍ନ ରହିବ। କର୍ମଚଞ୍ଚଳ ରହିବେ। ଆୟ ବ୍ୟୟ ସମାନ ରହିବ। ଯୋଜନା ମୁତାବକ କାମ କରିବେ।

**ବୃଷ:** ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ। ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ଭଲ। ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଶୁଭ ଖବର ମିଳିପାରେ।

**ମିଥୁନ:** ବିଦ୍ୟାର୍ଥୀ କ୍ୟାରିୟରକୁ ନେଇ ଚିନ୍ତାରେ ରହିପାରନ୍ତି। ପରିବାର ପାଇଁ ସମୟ ବାହାର କରିବେ। ନିବେଶରୁ ଲାଭ ମିଳିପାରେ। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଗୁରୁଜନଙ୍କ ପରାମର୍ଶ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ଅଟକି ରହିଥିବା କାମ ପୂରା ହେବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ଖର୍ଚ୍ଚ ବଢ଼ିପାରେ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।

**କନ୍ୟା:** ମହିଳାମାନେ ଘର କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ଅପ୍ରିୟ ସତ କହି ସମସ୍ୟାରେ ପଡ଼ିପାରନ୍ତି। ପୁରୁଣା ନିବେଶରୁ ଲାଭ ମିଳିପାରେ। ଚକ୍ଷୁ ସମସ୍ୟା ହୋଇପାରେ। ଧୈର୍ଯ୍ୟ ରଖି ଚାଲନ୍ତୁ।।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିପାରନ୍ତି। ରାଜନେତାଙ୍କ ପାଇଁ ଦିନଟି ଭଲ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି। ମାନସମ୍ମାନ ବୃଦ୍ଧି ପାଇବ। ଶାରୀରିକ କଷ୍ଟ ଭୋଗିପାରନ୍ତି। ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିପାରେ।

**ଧନୁ:** ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ମନ ପ୍ରସନ୍ନ ରହିବ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଅପ୍ରିୟ ସତ କଥା କହି ସମସ୍ୟାରେ ପଡ଼ିପାରନ୍ତି। ଦାନ ଧର୍ମ କରିବେ।

**ମକର:** ଅତିଥି ସତ୍କାର କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଅଚାନକ ଖୁସିଖବର ମିଳିପାରେ।

**କୁମ୍ଭ:** ବ୍ୟବସାୟରୁ ଲାଭ ମିଳିପାରେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ପିଲାମାନେ ଖେଳକୁଦରେ ବ୍ୟସ୍ତ ରହିପାରନ୍ତି।

**ମୀନ:** ଆଶା କରିଥିବା ଦିଗରୁ ଧନ ମିଳିପାରେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ମାନ ସମ୍ମାନ ମିଳିବ। ରାଜନେତାଙ୍କ ପାଇଁ ଦିନଟି ବହୁତ ଭଲ।

## ଆଜିର ଐତିହ୍ୟ

- ୧୯୦୮ - କଲିକତା ସେୟାର ବଜାରର ଆରମ୍ଭ।
- ୧୯୫୪- ୟୁରୋପ ଫୁଟବଲ୍ ସଙ୍ଘ ୟୁଇଏଫ୍‌ଏର ଗଠନ।
- ୧୯୯୧- ଦଶମ ଲୋକସଭା ନିର୍ବାଚନରେ କଂଗ୍ରେସକୁ ବହୁମତ।
- ୨୦୦୬- ଭାରତ ଓ ଚୀନ୍ ପୁରୁଣା ସିଲ୍‌କ ରୁଟ୍ ଖୋଲିବା ପାଇଁ ନିଷ୍ପତ୍ତି ନେଲେ।
- ୨୦୧୦- ତମାଖୁ ଉପରେ ପ୍ରତିବନ୍ଧକ ଲଗାଇବାରେ ଭୁଟାନ ବିଶ୍ୱର ପ୍ରଥମ ଦେଶ ହେଲା।

## ଜାଣିଛନ୍ତି କି? ଗାଁ

ଦକ୍ଷିଣ ଦିଲ୍ଲୀର ଅସୋଲା-ଫତେହପୁର ବେରି ଗ୍ରାମକୁ ଭାରତର ସବୁଠାରୁ ଶକ୍ତିଶାଳୀ ଗ୍ରାମ କୁହାଯାଇଥାଏ। ଫିଟ୍‌ନେସ୍ ସତେ ଯେମିତି ଏହି ଗାଁର ଲୋକମାନଙ୍କର ଗୁରୁମନ୍ତ୍ର ହୋଇଯାଇଛି। ଗ୍ରାମର ଯୁବକମାନେ ସ୍ଥାନୀୟ ଆଖଡ଼ାରେ କଠୋର ତାଲିମ ନେଇଥାନ୍ତି, ଯେଉଁଠାରେ ସେମାନେ ପ୍ରତିଦିନ ପୁସ୍-ଅପ୍, ସିଟ୍-ଅପ୍ ଏବଂ କୁସ୍ତି ଆଦି ଅଭ୍ୟାସ କରନ୍ତି। ପିଢ଼ି ପରେ ପିଢ଼ି ଏଠାରେ ମଲ୍ଲଯୋଦ୍ଧାମାନଙ୍କ ଦ୍ୱାରା ଚାଲିଆସୁଥିବା ଶୃଙ୍ଖଳିତ ଜୀବନଶୈଳୀ ଅସୋଲା-ଫତେହପୁର ବେରି ଗ୍ରାମକୁ ଦେଶର ଶକ୍ତିଶାଳୀ ଗ୍ରାମ ଭାବେ ପରିଚୟ ଦେଇଛି। ଗାଁରେ ମଦ୍ୟପାନ ଏବଂ ତମାଖୁ ସେବନ ଉପରେ ବାରଣ ରହିଛି। ଏଠାରେ କୁନି କୁନି ପିଲାମାନଙ୍କୁ ଅତି ଛୋଟବେଳୁ ଫିଟ୍‌ନେସ୍ ଓ ଅନୁଶାସନ ଶିକ୍ଷା ଦିଆଯାଏ। ଗାଁର ଯୁବକମାନେ ଶାକାହାରୀ ଭୋଜନ ଗ୍ରହଣ କରନ୍ତି। ସେମାନଙ୍କ ଖାଦ୍ୟରେ କ୍ଷୀର, ଦହି, ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ ଥାଏ। ଅସୋଲା ଫତେହପୁର ବେରି ଗ୍ରାମକୁ ବାଉନ୍ସର ଫ୍ୟାକ୍ଟ୍ରି ମଧ୍ୟ କୁହାଯାଏ। ଗାଁର ଅଧିକାଂଶ ଯୁବକ ଦିଲ୍ଲୀ ଏନ୍‌ସିଆର୍‌ର ନାଇଟ୍‌କ୍ଲବ୍, ହୋଟେଲ, ବାର୍ ଏବଂ ବଡ଼ ବଡ଼ ସଂସ୍ଥାରେ ବାଉନ୍ସର ଭାବେ କାମ କରନ୍ତି। ଗାଁର ଏଭଳି ପରମ୍ପରା ୧୯୯୫ ମସିହାରେ ବିଜୟ ତନ୍‌ୱର ନାମକ ମଲ୍ଲଯୋଦ୍ଧାଙ୍କଠାରୁ ଆରମ୍ଭ ହୋଇଥିଲା। ସେ ଅଲିମ୍ପିକ୍ସରେ ଭାରତୀୟ କୁସ୍ତି ଦଳରେ ସ୍ଥାନ



ପାଇବାରୁ ଅଳ୍ପକେ ବଞ୍ଚିତ ହୋଇଥିଲେ। ପରେ ସେ ଜଣେ ବାଉନ୍ସର ଭାବେ ନିଜ ଜୀବିକା ନିର୍ବାହ କରିଥିଲେ। ତାଙ୍କ ସଫଳତା ଗାଁର ଅନ୍ୟ ଲୋକଙ୍କୁ ପ୍ରେରଣା ଦେଇଥିଲା। ସେମାନେ ମଧ୍ୟ ବାଉନ୍ସର ଭାବେ କାର୍ଯ୍ୟ କରି ନିଜ ଶାରୀରିକ ଶକ୍ତିକୁ ଜୀବିକାରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲେ।

## ଆସିବ 'ତନୁ ୱେଡସ୍ ମନୁ ୩'



'ତନୁ ୱେଡ୍ସ ମନୁ' ବକ୍ସ ଅଫିସ୍‌ରେ ସୁପରହିଟ୍ ସାବ୍ୟସ୍ତ ହୋଇଥିଲା। ଏହାପରେ ଏହାର ଦ୍ୱିତୀୟ ଭାଗ 'ତନୁ ୱେଡ୍ସ ମନୁ ରିଟର୍ଣ୍ଣସ୍'କୁ ମଧ୍ୟ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ଅନ୍ୟପଟେ ଦର୍ଶକେ ବହୁ ବର୍ଷ ହେବ ଏହି ଫ୍ରାଞ୍ଚାଇଜ୍‌ର ତୃତୀୟ ଫିଲ୍ମକୁ ଚାହିଁ ରହିଥିଲେ। ଶେଷରେ କଙ୍ଗନା ରାଣାୱତ ଏବଂ ଆର୍. ମାଧବନ୍‌ଙ୍କ ଏହି ଲୋକପ୍ରିୟ ଫ୍ରାଞ୍ଚାଇଜ୍‌ର ପରବର୍ତ୍ତୀ ଫିଲ୍ମ ଉପରେ ଆନୁଷ୍ଠାନିକ ଭାବେ ମୋହର ବାଜିଛି। ଇରୋଜ୍ ଇନୋଭେସନ୍ ପକ୍ଷରୁ ନିକଟରେ ଏହି ସିରିଜ୍‌ର ତୃତୀୟ ଫିଲ୍ମ ବିଷୟରେ ଘୋଷଣା କରାଯାଇଛି। ମିତାକ୍ଷରା କୁମାର ଏହାର ନିର୍ଦ୍ଦେଶନା ଦେବେ। ଫିଲ୍ମର ସୁଟିଂ ଆସନ୍ତା ବର୍ଷ ଆଡ଼କୁ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। ସବୁଠାରୁ ବଡ଼ କଥା ହେଉଛି, ତନୁ ଏବଂ ମନୁ ଭାବରେ କଙ୍ଗନା ଏବଂ ମାଧବନ୍ ପୁଣି ଥରେ ପରଦାକୁ ଫେରୁଛନ୍ତି। ସେମାନଙ୍କର ଅନ୍-ସ୍କ୍ରିନ୍ କେମିଷ୍ଟ୍ରି ହିଁ ଏହି ଫ୍ରାଞ୍ଚାଇଜ୍‌ର ଦୁଇଟି ଫିଲ୍ମକୁ ଜବରଦସ୍ତ ସଫଳତା ଦେଇଥିଲା। ଯଦିଓ ନିର୍ମାତାମାନେ କାହାଣୀ ବିଷୟରେ କୌଣସି ସୂଚନା ଦେଇନାହାନ୍ତି, ତଥାପି ଫିଲ୍ମରେ କଙ୍ଗନାଙ୍କ ଭୂମିକାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଗଲାଣି। କଙ୍ଗନା 'ତନୁ ୱେଡ୍ସ ମନୁ ରିଟର୍ଣ୍ଣସ୍'ରେ ଡବଲ୍ ରୋଲରେ ଅଭିନୟ କରିଥିଲେ। ଏବେ ଯେତେବେଳେ ଏହାର ତୃତୀୟ ଫିଲ୍ମ ନିର୍ମାଣ ହେବାକୁ ଯାଉଛି, ସେ ଟ୍ରିପଲ ରୋଲ୍‌ରେ ନଜର ଆସିପାରନ୍ତି ବୋଲି ଚର୍ଚ୍ଚା ହେଉଛି। ଏଥର ଚଳଚ୍ଚିତ୍ରର କାହାଣୀ ପୂର୍ବ ଭାଗ ଅପେକ୍ଷା ଅଧିକ ମନୋରଞ୍ଜନଧର୍ମୀ ଏବଂ ଭିନ୍ନ ସ୍ୱାଦର ହେବ ବୋଲି ଦାବି କରାଯାଉଛି। ଖୁବ୍ ଶୀଘ୍ର ଫିଲ୍ମର ଅନ୍ୟ ସହ କଳାକାର ଏବଂ ସୁଟିଂର ନିର୍ଦ୍ଦିଷ୍ଟ ତାରିଖ ବିଷୟରେ ନିର୍ମାତାଙ୍କ ପକ୍ଷରୁ ଆନୁଷ୍ଠାନିକ ଭାବେ ଘୋଷଣା କରାଯାଇପାରେ। ଏଠାରେ ପ୍ରକାଶ ଥାଉ କି, 'ତନୁ ୱେଡ୍ସ ମନୁ' ୨୦୧୧ ମସିହାରେ ଆସିଥିଲା। ଆନନ୍ଦ ଏଲ୍. ରାୟଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ଏହି ଫିଲ୍ମ କଙ୍ଗନା ଏବଂ ମାଧବନ୍‌ଙ୍କୁ ବଲିଉଡ୍‌ର ସବୁଠାରୁ ଲୋକପ୍ରିୟ ଅନ୍-ସ୍କ୍ରିନ୍ ଯୋଡ଼ିର ମାନ୍ୟତା ପ୍ରଦାନ କରିଥିଲା।

## କମ୍ପାନିର ନିଆରା ନିୟମ

ଆଜିକାଲି କମ୍ପାନିଗୁଡ଼ିକ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ତଥା କାର୍ଯ୍ୟ ଦକ୍ଷତାକୁ ଉନ୍ନତ କରିବାକୁ ନୂଆ ନୂଆ ନୀତି ଆପଣାଉଥିବାର ଦେଖାଯାଉଛି। ଏହି କ୍ରମରେ ଜାପାନର ମାର୍କେଟିଂ କମ୍ପାନି ପିଆଲା ଇଙ୍କ୍ ମୁଖ୍ୟତଃ ଏହାର 'ନନ୍-ସ୍ମୋକର୍ସ ପେଡ୍ ଲିଭ୍' ନୀତି ପାଇଁ ବିଶ୍ୱବ୍ୟାପି ଚର୍ଚ୍ଚିତ। କମ୍ପାନି ଏହି ନିୟମ ୨୦୧୭ ମସିହାରେ ଆଣିଥିଲା। ନିୟମ ଅନୁଯାୟୀ, କମ୍ପାନିରେ ଧୂମପାନ କରୁ ନ ଥିବା କର୍ମଚାରୀଙ୍କୁ ପ୍ରତିବର୍ଷ ୬ଟି ଅତିରିକ୍ତ ଛୁଟି ମିଳିଥାଏ। ଏହି କମ୍ପାନିର କାର୍ଯ୍ୟାଳୟ ୨୯ତମ ମହଲାରେ ଥିବାରୁ, ଧୂମପାନ କରୁଥିବା କର୍ମଚାରୀମାନେ ତଳକୁ ଯିବା-ଆସିବା କରିବାରେ ପ୍ରତିଥର ପ୍ରାୟ ୧୫ ମିନିଟ୍ ସମୟ ନେଉଥିଲେ। ଏହି ସମୟକୁ ନଷ୍ଟ ନ କରିବା ପାଇଁ କର୍ମଚାରୀଙ୍କୁ ୬ ଦିନର ଅତିରିକ୍ତ ଛୁଟି ପ୍ରଦାନ କରାଯାଏ। ସେହିଭଳି ଧୂମପାନ କରୁଥିବା କର୍ମଚାରୀମାନେ ବାରମ୍ବାର 'ସ୍ମୋକିଂ ବ୍ରେକ୍' ନେଇଥାନ୍ତି, ଯାହାଫଳରେ ନନ୍-ସ୍ମୋକର୍ କର୍ମଚାରୀଙ୍କ ଉପରେ କାମର ଚାପ ବଢ଼ିଥାଏ। ଏହି ନିୟମ ଲାଗୁ ହେବା ପରେ କମ୍ପାନିରେ ଏକ ବଡ଼ ସୁଧାର ଦେଖିବାକୁ ମିଳିଥିଲା। କମ୍ପାନି ଏହି ନୀତି ଆରମ୍ଭ କରିବା ପରେ ଅନେକ ଧୂମପାନ କରୁଥିବା କର୍ମଚାରୀ ଅତିରିକ୍ତ ଛୁଟି ପାଇବା ଆଶାରେ ସିଗାରେଟ୍ ଛାଡିବାକୁ ନିଷ୍ପତ୍ତି ନେଇଥିଲେ। ଏନେଇ କମ୍ପାନିର



ସିଇଓ ଟାକାଓ ଆସୁକାଙ୍କ କହିବା ଅନୁଯାୟୀ, 'ସେ କର୍ମଚାରୀଙ୍କ ଉପରେ ଜୋରଜବରଦସ୍ତ କୌଣସି ଜରିମାନା କିମ୍ବା ନିଷେଧାଦେଶ ନ ଲଗାଇ, ପୁରସ୍କାର ମାଧ୍ୟମରେ ସେମାନଙ୍କୁ ଭଲ ଅଭ୍ୟାସ ଆପଣାଇବାକୁ ଉତ୍ସାହିତ କରିବାକୁ ଚାହୁଁଥିଲେ।' ଅନ୍ୟପଟେ ଜାପାନର ଏହି ପଦକ୍ଷେପ ବିଶ୍ୱର ଅନ୍ୟ କମ୍ପାନିଗୁଡ଼ିକର ଦୃଷ୍ଟିଆକର୍ଷଣ କରିଛି। ଅନ୍ୟ କମ୍ପାନି ମଧ୍ୟ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟକର ଜୀବନଶୈଳୀ ଆପଣାଇବା ଲାଗି ଅଲଗା ଅଲଗା ପ୍ରକାର ପ୍ରୋତ୍ସାହନ ଦେବା ଆରମ୍ଭ କରିଛନ୍ତି। କେଉଁଠି ଫିଟ୍‌ନେସ୍ ବୋନସ୍ ପ୍ରଦାନ କରାଯାଉଛି ତ ଆଉ କେଉଁଠି ସ୍ୱାସ୍ଥ୍ୟ ସମ୍ବନ୍ଧିତ ଲକ୍ଷ୍ୟକୁ ପୂରା କରିବା ଲାଗି ଅତିରିକ୍ତ ସୁବିଧା ଦିଆ ଯାଉଛି।

## ସ୍ୱସ୍ତି

### ବସୁମତୀ ସ୍ନାନ

**ଝିଅମାନଙ୍କ ଦ୍ୱାରା ପାଳନ କରାଯାଉଥିବା ରଜପର୍ବର ଚତୁର୍ଥ ଅର୍ଥାତ୍ ଶେଷ ଦିନଟି ବିଶେଷ ମହତ୍ତ୍ୱ ବହନ କରେ। ଏହିଦିନଟିକୁ ବସୁମତୀ ସ୍ନାନ ବା ଠାକୁରାଣୀ ବୁଡ଼ ଭାବେ ପାଳନ କରାଯାଏ। ଏହାର ବିଧିବିଧାନ ବୈଚିତ୍ର୍ୟମୟ। ରଜସ୍ୱଳା ନାରୀ ଯେଭଳି ଚତୁର୍ଥ ଦିନ ସ୍ନାନ କରି ଶୁଦ୍ଧ ହୁଏ। ଏହାକୁ 'ଧରାସ୍ନାନ', 'ମହାଲକ୍ଷ୍ମୀ ଗାଧୁଆ' ତଥା 'ଶୁଦ୍ଧ ସ୍ନାନ' ବୋଲି ମଧ୍ୟ କୁହାଯାଏ।**



ନାରୀ ସହ ମାଟି ମାଆର ନିବିଡ଼ ସମ୍ପର୍କ ରହିଛି। କଥିତ ରହିଛି ଯେ, ରଜପର୍ବରେ ଧରିତ୍ରୀ ମାତା ରଜସ୍ୱଳା ହୁଅନ୍ତି। ତିନିଦିନ ଧରି ସେ ଅଛୁତ ରହନ୍ତି। ଏହି ସମୟରେ ଠାକୁର ପୂଜା, ଭୂମି ଦହନ, ବଟାବଟି, କଟାକଟି ଆଦି ଶାରୀରିକ କାର୍ଯ୍ୟ କରିବା ପାଇଁ ନାରୀଙ୍କୁ ବାରଣ କରାଯାଇଥାଏ। ଶେଷଦିନ ବସୁଧା ମା'ଙ୍କ ପୂଜାର୍ଚ୍ଚନା କରିବାର ବିଧି ରହିଛି। ଏହା ହେଉଛି ଶୁଦ୍ଧ ଓ ପବିତ୍ର ହେବାର ପ୍ରତୀକ। ରଜସ୍ୱଳା ନାରୀ ସଦୃଶ ବସୁମତୀ ମାତା ତିନିଦିନ ଅସ୍ପୃଶ୍ୟ ହୋଇ ରହିବା ପରେ ଚତୁର୍ଥ ଦିନ ପ୍ରାତଃ କାଳରେ ଶୁଦ୍ଧ ସ୍ନାନ ପର୍ବ କରାଯାଏ। ଝିଅ, ବୋହୂମାନେ ପ୍ରାତଃରୁ ସ୍ନାନ କରନ୍ତି। ପିଢ଼ା ଉପରେ ଶିଳପୁଆ ରଖାଯାଇ କଜଳପାତି, ଲଙ୍ଗଳ ଲୁହା, କପାତୁଳା ରଖି ସେମାନେ ପୂଜାର୍ଚ୍ଚନା କରିଥାନ୍ତି। ହଳଦିପାଣିରେ ବସୁମତୀ ମା'ଙ୍କୁ ସ୍ନାନ କରାଯାଏ। ଚନ୍ଦନ, ସିନ୍ଦୂର, ଫୁଲ, ଭୋଗ ସହ ପୂଜା କରାଯାଏ। ଶୁଦ୍ଧ ସ୍ନାନ ପରେ ବସୁମାତା ସୃଜନକ୍ଷମ ହୋଇଥାନ୍ତି। ଏହିପର୍ବ ନାରୀ ଜାତି ମଧ୍ୟରେ ଉତ୍ସାହ, ଉନ୍ମାଦନା ଓ ନୂତନ ଶକ୍ତି ଜାଗ୍ରତ କରିଥାଏ।

### ରୁଟି ବାରମ୍ବାର ପୋଡ଼ି ଯାଉଥିଲେ...



**ଘରର ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ରୋଷେଇ ଘର। ଏଠାରେ ମା' ଲକ୍ଷ୍ମୀ ବାସ କରୁଥିବା କୁହାଯାଏ। ତେବେ ରୋଷେଇ ଘରେ ବାରମ୍ବାର ରୁଟି ପୋଡ଼ି ଯିବା ବାସ୍ତୁ ଦୃଷ୍ଟିରୁ ଶୁଭଙ୍କର ନୁହେଁ। ଏହା ଘରେ ଆର୍ଥିକ ସଙ୍କଟ, ଚାପ ଏବଂ ନକାରାତ୍ମକ ଶକ୍ତିର ସଙ୍କେତର କାରଣ ଭାବେ ଦେଖାଯାଏ। ତେବେ ରୋଷେଇ ଘରକୁ ସମୃଦ୍ଧ କରିବା ଲାଗି ପୋଡ଼ା ରୁଟି ସହିତ ଜଡ଼ିତ ବାସ୍ତୁ ନିୟମ ସମ୍ପର୍କରେ ଜାଣିବା ଦରକାର।**

- ବାସ୍ତୁ ଅନୁସାରେ, ରୋଷେଇର ଠିକ୍ ସ୍ଥାନ ହେଉଛି ଦକ୍ଷିଣ –ପୂର୍ବ ଦିଗ। ବାରମ୍ବାର ରୁଟି ପୋଡ଼ିଯିବା ଏ କଥାକୁ ଇଙ୍ଗିତ କରେ ଯେ, ରୋଷେଇ ଘରେ ଅଗ୍ନି ତତ୍ତ୍ୱ ଠିକ୍ ନାହିଁ।
- ଏହା ଦ୍ୱାରା ଆର୍ଥିକ ସଙ୍କଟ ଏବଂ ମାନସିକ ଚିନ୍ତା ବୃଦ୍ଧି ପାଏ।
- ରୋଷେଇ ଘରକୁ ଅପରିଷ୍କାର ରଖିବା ଏବଂ ତାୱାରେ ପୋଡ଼ା ରୁଟି ରଖିବା ଅନ୍ନ ପ୍ରତି ଅପମାନ ହୋଇଥାଏ। ଏହାଦ୍ୱାରା ଘରେ ସୁଖ ଶାନ୍ତିର ଅଭାବ ଦେଖାଦିଏ।
- ବାରମ୍ବାର ପୋଡ଼ା ରୁଟି ତିଆରି କରିବା ଯୋଗୁଁ ପରିବାର ସଦସ୍ୟଙ୍କ ମଧ୍ୟରେ କଳି ଝଗଡ଼ା ଏବଂ ମତାନ୍ତର ଲାଗି ରହେ।

### ମଳମାସ ଅମାବାସ୍ୟାର ମହତ୍ତ୍ୱ



**ମେ ୧୭ ତାରିଖରୁ ଆରମ୍ଭ ହୋଇଥିବା ମଳମାସ ଆଜି (ଜୁନ୍ ୧୫) ସମାପ୍ତ ହେବ। ଆଜି ହେଉଛି ମଳମାସ ଅମାବାସ୍ୟା। ସେହିପରି ମିଥୁନ ସଂକ୍ରାନ୍ତିର ପ୍ରଭାବ ଏହି ତିଥିର ଧାର୍ମିକ ମହତ୍ତ୍ୱକୁ ବୃଦ୍ଧି କରିଛି। ଏହିଦିନ ବିଭିନ୍ନ ଧାର୍ମିକ କାର୍ଯ୍ୟ କରାଯାଇଥାଏ।**

- ଧାର୍ମିକ ମାନ୍ୟତାନୁସାରେ, ମଳମାସର ଅମାବାସ୍ୟାରେ ପିତୃପୁରୁଷଙ୍କ ଶାନ୍ତି ଏବଂ ତାଙ୍କ ଆଶୀର୍ବାଦ ପ୍ରାପ୍ତି ଲାଗି ଉପଯୁକ୍ତ ଅବସର। ତେଣୁ ଏହିଦିନ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ତର୍ପଣ ଓ ପିଣ୍ଡଦାନ କରାଯାଏ। ଏହାଦ୍ୱାରା ପିତୃ ଦୋଷ ଦୂର ହୋଇଥାଏ।
- ଏହିଦିନ ତର୍ପଣ, ଶ୍ରାଦ୍ଧ କର୍ମ, ଜପ, ତପ, ଧ୍ୟାନ ଏବଂ ଭଗବାନ ବିଷ୍ଣୁଙ୍କ ପୂଜା ଆରାଧନା କରିବା ଅତ୍ୟନ୍ତ ଲାଭକାରୀ।
- ସେହିପରି ଏହି ଅମାବାସ୍ୟାରେ ଗରିବ ଓ ବ୍ରାହ୍ମଣଙ୍କୁ ଦାନ ଏବଂ ଗାଈଙ୍କୁ ଖାଇବାକୁ ଦେଲେ ପୁଣ୍ୟ ପ୍ରାପ୍ତି ହୁଏ।
- ଏହିଦିନ ଜଳଦାନର ମହତ୍ତ୍ୱ ଢ଼େର ବେଶି। ତେଣୁ ମଳମାସ ଅମାବାସ୍ୟା ସକାଳେ କୌଣସି ମନ୍ଦିର, ଧର୍ମସ୍ଥଳ ବା ଅସହାୟଙ୍କୁ ଜଳ ଭର୍ତ୍ତି କଳସ ଦାନ କରିବା ଶୁଭ। ଏହା ଦ୍ୱାରା ଭଗବାନ ବିଷ୍ଣୁଙ୍କ କୃପା ପ୍ରାପ୍ତି ହୁଏ।
- ଏହାବାଦ୍ ମଳମାସ ଅମାବାସ୍ୟାରେ ଫଳ, ଅନ୍ନ, ବସ୍ତ୍ର, ଛତା ଏବଂ ପଙ୍ଖା ଦାନ ବି ଫଳଦାୟୀ ହୋଇଥାଏ।
- ଧାର୍ମିକ ଦୃଷ୍ଟିରୁ ଏହିଦିନ ଆତ୍ମଚିନ୍ତନ, ସେବା ଏବଂ ପୁଣ୍ୟ ସଂଚୟ ଲାଗି ହେଉଛି ଏକ ବିଶେଷ ଅବସର।

### ପବିତ୍ର ଶୀତଳ ଷଷ୍ଠୀ

ଜ୍ୟେଷ୍ଠ ଶୁକ୍ଳ ପଞ୍ଚମୀରେ ମାତା ପାର୍ବତୀ ଏବଂ ମହାଦେବ ଶିବଙ୍କ ବିବାହ ଉତ୍ସବ ପାଳନ କରାଯାଏ। ଏହା ପରଦିନ ଶୀତଳ ଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଥାଏ। ଶିବ ରୁଦ୍ର ଏବଂ ପାର୍ବତୀ ଶାନ୍ତିର ବାର୍ତ୍ତା ବହନ କରନ୍ତି। ଶୀତଳତାର ସଙ୍କେତ ବହନ କରୁଥିବା ଶିବ ପାର୍ବତୀଙ୍କ ବିବାହ ଉତ୍ସବକୁ 'ଶୀତଳ ଷଷ୍ଠୀ' କୁହାଯାଏ। ସେହିପରି ମହାପ୍ରଭୁଙ୍କର ଚନ୍ଦନ ଯାତ୍ରା ପରିସମାପ୍ତି ପରେ ଶୀତଳ ଷଷ୍ଠୀ ବେଳକୁ ଧରାପୃଷ୍ଠ ଶୀତଳ ପରିବେଶ ସୃଷ୍ଟି କରିଥାଏ। ଗ୍ରୀଷ୍ମ ଋତୁ ପୃଥିବୀପୃଷ୍ଠରୁ ବିଦାୟ ନେଉଥାଏ। ତେବେ ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ପୌରାଣିକ କଥାବସ୍ତୁ ଉପରେ ଆଧାରିତ।

ଆମ ଦୈନନ୍ଦିନ ଜୀବନରେ ଯେଭଳି ବିବାହ କାର୍ଯ୍ୟ ସମ୍ପାଦନ କରାଯାଏ, ଠିକ୍‌ସେମିତି ବୈଦିକ ରୀତିନୀତିରେ ଶିବ-ପାର୍ବତୀଙ୍କ ବିବାହ ଅନୁଷ୍ଠିତ ହୋଇଥାଏ। କନ୍ୟା ଖୋଜା, ନିର୍ବନ୍ଧ, ବିବାହ ପାଇଁ ନିମନ୍ତ୍ରଣ ପତ୍ର ବଣ୍ଟନ, ବରଯାତ୍ରୀ ଆଗମନ ତଥା ବୈଦିକ ରୀତିରେ ବେଦିରେ ଦେବ ଦମ୍ପତିଙ୍କ ବିବାହ, କନ୍ୟାଦାନ ସହିତ ଯାନି ଯୌତୁକ ସହ କନ୍ୟା ବିଦାୟ କାର୍ଯ୍ୟ ହିନ୍ଦୁ ରୀତିରେ ସମ୍ପନ୍ନ କରାଯାଏ। ଏଥିରେ କିଛି ଭକ୍ତ ମା' ପାର୍ବତୀଙ୍କ ମାଆ ବାପା ହୋଇଥିବା ବେଳେ ଆଉ କିଛି ଭକ୍ତ ଶିବଙ୍କ ମାଆ ବାପା ହୋଇ ବିବାହ କାର୍ଯ୍ୟ ତୁଲାଇଥାନ୍ତି। ପାରମ୍ପରିକ ରୀତିରେ ପ୍ରଭୁ ଶିବଙ୍କୁ ବରଯାତ୍ରୀଙ୍କ ସହିତ ମା' ପାର୍ବତୀଙ୍କ ଘରକୁ ବାଜା, ବାଣ, ରୋଷଣୀରେ ନିଆଯାଏ ଏବଂ ବୈଦିକ ରୀତିରେ ବିବାହ କରାଯାଏ। ରଙ୍ଗବେରଙ୍ଗ ଚିତ୍ରରେ ସୁଶୋଭିତ ରଥରେ ଶିବ ଓ ମା' ପାର୍ବତୀଙ୍କୁ ଅଣାଯାଏ। ମଧ୍ୟରାତ୍ରିରୁ ଏହି ପଟୁଆର ଆରମ୍ଭ ହୋଇ ପରଦିନ ଦ୍ୱିପହରରେ ଶିବପାର୍ବତୀଙ୍କ ପୂଜାରେ ଶେଷ ହୁଏ। ଅନ୍ୟପଟେ ପୁରୀ ଲୋକନାଥ ମନ୍ଦିର, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ଏବଂ ସମ୍ବଲପୁରର ଶିବ ମନ୍ଦିର ମାନଙ୍କରେ ଶୀତଳ ଷଷ୍ଠୀ ଯାତ୍ରା ଧୂମ୍‌ଧାମ୍‌ରେ ପାଳନ କରାଯାଏ। ଅବଶ୍ୟ ସମ୍ବଲପୁରରେ ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ପାରମ୍ପରିକ ସଙ୍ଗୀତ ଓ ନାଚ। ଏଥର ଶୀତଳ ଷଷ୍ଠୀ ୧୯ ତାରିଖରେ ପାଳନ ହେବ।








## ଫିଫା ବିଶ୍ୱକପ୍ ଗ୍ରୁପ୍-ସି' ମୁକାବିଲା

# ବ୍ରାଜିଲ୍ ସହ ମ୍ୟାଚ୍ ଡ୍ର' ରଖିଲା ମରୋକ୍କୋ



ନ୍ୟୁଜର୍ସୀ,୧୪।୬(ଏଜେନ୍ସି)

ପରାଜୟରୁ ବର୍ତ୍ତିଗଲା ବ୍ରାଜିଲ କିମ୍ବା ଐତିହାସିକ ବିଜୟରୁ ବଞ୍ଚିତ ହେଲା ମରୋକ୍କୋ। ଏହା ହିଁ ଚଳିତ ବିଶ୍ୱକପ୍‌ର ଶନିବାର ରାତିରେ ଖେଳାଯାଇଥିବା ମ୍ୟାଚ୍‌ର ମୁଖ୍ୟାଂଶ। ୫ଥରର ଚାମ୍ପିଅନ ବ୍ରାଜିଲ ୨୦୨୬ ବିଶ୍ୱକପ୍ ଗ୍ରୁପ୍-ସି' ମୁକାବିଲାରେ ମରୋକ୍କୋ ସହ ୧-୧ ଗୋଲରେ ମ୍ୟାଚ୍ ଡ୍ର ରଖିଛି। ଗତଥରର ସେମିଫାଇନାଲିଷ୍ଟ ତଥା ବିଶ୍ୱର ନଂ-୭ ମାନ୍ୟତା ପ୍ରାପ୍ତ ଟିମ୍ ମରୋକ୍କୋ ମ୍ୟାଚ୍‌ରେ ପ୍ରାଧାନ୍ୟ ବିସ୍ତାର କରିଥିଲେ ମଧ୍ୟ ବ୍ରାଜିଲକୁ ହରାଇବାରେ ସମର୍ଥ ହୋଇନାହିଁ। ଇସ୍‌ମାଏଲ ସାଇବାରିଙ୍କ ଗୋଲ ଜରିଆରେ ପ୍ରଥମାର୍ଦ୍ଧରୁ ଅଗ୍ରଣୀ ନେଇଥିଲା। କିନ୍ତୁ ସୁପରଷ୍ଟାର ଖେଳାଳି ଭିନିସିୟସ ଜୁନିଅରଙ୍କ ଚମତ୍କାର ଗୋଲ ବଳରେ ବ୍ରାଜିଲ ଏହି ମ୍ୟାଚ୍‌କୁ ୧-୧ ଗୋଲରେ ଡ୍ର ରଖିବା ସହ ପରାଜୟ ଏଡ଼ାଇଯାଇଥିଲା। ଏହା ଫଳରେ ବିଶ୍ୱକପ୍‌ର ସମସ୍ତ ୨୩ଟି ସଂସ୍କରଣରେ ଅଂଶଗ୍ରହଣ କରିଥିବା ବ୍ରାଜିଲ ୧୯୩୦ରେ ସ୍ପେନ୍‌ଠାରୁ ହାରିବା ପରେ ତାହାର ଉଦ୍‌ଘାଟନୀ ମ୍ୟାଚ୍‌ରେ ଆଉ ହାରିନାହିଁ। ଏହା ମଧ୍ୟରେ ଦଳ ୧୭ଥର ବିଜୟ ହାସଲ କରିଛି।

ବିଶ୍ୱକପ୍ ଫାଇନାଲ ଖେଳାଯିବାକୁ ଥିବା ମେଟ୍‌ଲାଇଫ୍ ଷ୍ଟାଡିୟମ୍‌ରେ ଏହି ଲିଗ୍ ମ୍ୟାଚ୍ ଖେଳାଯାଇଥିଲା। ଫର୍ମ ଓ ମାନ୍ୟତାକୁ ଦେଖିଲେ ଲିଗ୍ ପର୍ଯ୍ୟାୟରେ ଦୁଇ ଶ୍ରେଷ୍ଠ ଦଳ ପରସ୍ପର ସହ ମୁକାବିଲା କରିଥିଲେ। ଆଶାନୁଯାୟୀ ବ୍ରାଜିଲ ଖେଳି ପାରି ନ ଥିଲା। ମରୋକ୍କୋ ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରି ଖେଳିଥିଲା। ହାଇଡ୍ରେସନ ବ୍ରେକ୍ ପୂର୍ବରୁ ବ୍ରାଜିଲ ଡିଫେଣ୍ଡର ଲୁକାସ ପାକ୍ୱେଟଙ୍କ ଏକ ତ୍ରୁଟି ଦଳକୁ ବହୁମୂଲ୍ୟ ଦେବାକୁ ପଡ଼ିଥିଲା। ଏଥିରୁ ଫାଇଦା ଉଠାଇ ମରୋକ୍କୋର ଫରୱାର୍ଡ ଖେଳାଳି ଇସ୍‌ମାଏଲ ସାଇବାରି ଗୋଲରକ୍ଷକ ଆଲିସନ ବେକରଙ୍କ ଉପରେ ସଟ୍ ମାରି ମ୍ୟାଚ୍‌ରେ ପ୍ରଥମ ଗୋଲ ସ୍କୋର କରିଥିଲେ। ଏହି ଗୋଲ ପରେ ଅଧିକ ବ୍ରାଜିଲୀୟଙ୍କ ସହ ଉପସ୍ଥିତ ୮୦,୬୭୩ ଦର୍ଶକ ଏକପ୍ରକାର ଚୁପ୍ ହୋଇଯାଇଥିଲେ। ମରୋକ୍କୋର ପ୍ରଭାବୀ ଖେଳରେ ବ୍ରାଜିଲର ତଥାକଥିତ କଳାତ୍ମକ ଖେଳ ମଳିନ ପଡ଼ିଯାଇଥିଲା। ହାଇଡ୍ରେସନ ବ୍ରେକ୍ ପରେ ବ୍ରାଜିଲ ଖେଳକୁ ନିୟନ୍ତ୍ରଣରେ ରଖିଥିଲା। ୩୨ତମ ମିନିଟ୍‌ରେ ବ୍ରୁନୋ ଗୁଇମାରେସଙ୍କଠାରୁ ପାସ୍ ପାଇ ଭିନିସିୟସ ଜୁନିୟର ବାମପଟୁ ଏକାକୀ ଆକ୍ରମଣ ରଚନା କରିଥିଲେ। ଗୋଲପୋଷ୍ଟ ନିକଟରେ ସେ ୨/୩ଜଣ ଖେଳାଳିଙ୍କୁ ଚକ୍‌ମା ଦେଇ ଡାହାଣ ଗୋଡ଼ରେ ଏକ ଶକ୍ତିଶାଳୀ ସଟ୍ ଦ୍ୱାରା ମରୋକ୍କୋ ଗୋଲପୋଷ୍ଟକୁ ବଲ ପଠାଇଦେଇଥିଲେ। ପ୍ରତିପକ୍ଷ ଗୋଲରକ୍ଷକ ୟାସିନେ ବୋଉନୋଉ ନିଜ ପୋଜିସନରୁ ହଲିବାକୁ ମଧ୍ୟ ଭିନିସିୟସ ସମୟ ଦେଇ ନ ଥିଲେ। ଖେଳ ସମାନସ୍ତରକୁ ଆସିବା ପରେ ବ୍ରାଜିଲ ଆଶ୍ୱସ୍ତ ହୋଇଥିଲା। କିନ୍ତୁ ଶେଷ ୩୦ ମିନିଟ୍‌ରେ ପୁଣିଥରେ ମରୋକ୍କୋ ଦଳ ଆକ୍ରମଣ ପରେ ଆକ୍ରମଣ ରଚନା କରିଥିଲା। ଏଥିରେ କିନ୍ତୁ ଦଳକୁ ସଫଳତା ମିଳି ନ ଥିଲା। ଗ୍ରୁପ୍-ସି'ରେ ଉଭୟ ଶକ୍ତିଶାଳୀ ଦଳ ମଧ୍ୟରେ ଲଢ଼େଇ ଶେଷ ହୋଇଛି। ଉଭୟ ଦଳ ଖେଳିବାକୁ ଥିବା ଶେଷ ୨ଟି ଲେଖାଏଁ ମୁକାବିଲାରେ ଗୋଲ ବ୍ୟବଧାନ ଗ୍ରୁପ୍‌ର ପ୍ରଥମ ଓ ଦ୍ୱିତୀୟ ସ୍ଥାନ ନିର୍ଦ୍ଧାରଣ କରିବ।

# ଘାନାର ଥୋମାସଙ୍କୁ ଭିସା ଦେଲାନି କାନାଡା

ଟରଣ୍ଟୋ,୧୪।୬(ଏଜେନ୍ସି): ଘାନାର ଜଣେ ଖେଳାଳି ଥୋମାସ ପାର୍ଟିଙ୍କୁ କାନାଡାରେ ପ୍ରବେଶ ଲାଗି ଅନୁମତି ଦେଇ କାନାଡା। ଏହାକୁ ନେଇ ଏବେ ଭାଷଣବାଜି ଜୋର ଚାଲିଛି। କାନାଡା ସରକାରଙ୍କ ଏହି ନିଷ୍ପତ୍ତିକୁ ଘାନା ସରକାର ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ୨୦୨୦ରୁ ୨୦୨୨ ମଧ୍ୟରେ ଥୋମାସଙ୍କ ନାମରେ ଇଂଲଣ୍ଡର ୪ ଜଣ ମହିଳା ଦୁଷ୍କର୍ମ ଅଭିଯୋଗ ଆଣିଥିଲେ। ଏହାର ତଦନ୍ତ ପରେ ଥୋମାସ ଦୋଷମୁକ୍ତ ହୋଇଥିଲେ ମଧ୍ୟ ଇଂଲଣ୍ଡରେ ଚାଲିଥିବା ମକଦ୍ଦମା ପ୍ରତ୍ୟାହୃତ ହୋଇନାହିଁ। କାନାଡା ସରକାରଙ୍କ ଅନୁଯାୟୀ ୨୦୨୬ରେ ପୁନର୍ବାର ତାଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ ଆସିଛି। ଏହାର ବିଚାର ଏ ଯାଏ ହୋଇନାହିଁ। ଏଣୁ ତାଙ୍କୁ ଭିସା ପ୍ରଦାନ କରାଯାଇପାରିବ ନାହିଁ। କୂଟନୈତିକ ସ୍ତରରେ ଏହି ଘଟଣାର ସମାଧାନ ଲାଗି ଉଦ୍ୟମ ଜାରି ରହିଛି।

# କତାରକୁ ପ୍ରଥମ ବିଶ୍ୱକପ୍ ପଏଣ୍ଟ

ସାଣ୍ଟାକ୍ଲାରା,୧୪।୬(ଏଜେନ୍ସି): ଫେବରାଇଟ୍ ସ୍ୱିଜରଲାଣ୍ଡ ସହ ୧-୧ ଗୋଲରେ ମ୍ୟାଚ୍ ଡ୍ର ରଖି ଗଲଫ୍ ଦେଶ କତାର ବିଶ୍ୱକପ୍ ଇତିହାସରେ ପ୍ରଥମ ପଏଣ୍ଟ ହାସଲ କରିଛି। ଫଳରେ ୨୦୨୨ରେ ବିଶ୍ୱକପ୍ ଆୟୋଜନ କରି ସମସ୍ତ ୩ଟି ଯାକ ହାରିବା ପରେ କତାର ଯେଉଁ ନିରାଶ



ସୃଷ୍ଟି କରିଥିଲା ତାହା ଏଠାରେ ଦୂର ହୋଇଛି। ଏହି ମ୍ୟାଚ୍ ସ୍ୱିଜରଲାଣ୍ଡ ନିୟନ୍ତ୍ରଣରେ ରହିଥିଲା। ଦଳ ନିକଟରେ ବଲ୍ ପଜେସନ ୭୦ ଶତକଡ଼ା ରହିଥିଲା ଓ ଦଳ ଗୋଲ ଦେବାର ଏକାଧିକ ସୁଯୋଗ ସୃଷ୍ଟି କରିଥିଲା। ଖେଳର ୧୭ତମ ମିନିଟ୍‌ରେ ପେନାଲ୍ଟିରୁ ବ୍ରିମ୍ ଏମ୍ବୋଲୋ ଗୋଲ ଦେଇ ଦଳକୁ ଅଗ୍ରଣୀ କରାଇଥିଲେ। ଏହା ପରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ସ୍ୱିଜରଲାଣ୍ଡ ଦଳ ଗୋଲ ଦେବାର ଏକାଧିକ ସୁଯୋଗ ହାତଛଡ଼ା କରିଦେଇଥିଲେ। ଏହା ସହ ଷ୍ଟପେଜ୍ ଟାଇମ୍‌ରେ ମିରୋ ମୁହେମ୍ ଏକ ଆତ୍ମଘାତୀ ଗୋଲ ଦେବା ଦଳ ଲାଗି ମହଙ୍ଗା ପଡ଼ିଥିଲା। ଯାହା ଫଳରେ ଏକ ନିଶ୍ଚିତ ବିଜୟ ହାତଛଡ଼ା ହୋଇଯାଇଥିଲା। ଯେପରି ହେଉ ଏହି ମ୍ୟାଚ୍ ଡ୍ର ରହିବା ପରେ କତାର ଖେଳାଳିଙ୍କ ଆତ୍ମବିଶ୍ୱାସ ବଢ଼ାଇବାରେ ବେଶ ସହାୟକ ହୋଇପାରିଛି।



| ଫିଫା ବିଶ୍ୱକପ୍ ମୁକାବିଲା |
|---|
| ଜୁନ୍-୧୫, ସୋମବାର ରାତି |
| ସ୍ପେନ୍-କେପ୍ ଭର୍ଡ |
| ଆଟ୍‌ଲାଣ୍ଟା, ରାତି ୯ଟା ୩୦ |
| ବେଲଜିୟମ-ଇଜିପ୍ଟ |
| ସିଆଟଲ, ରାତି ୧୨ଟା ୩୦ |
| ଉରୁଗୁଏ-ସାଉଦି ଆରବ |
| ମିଆମି, ରାତି ୩.୩୦ |
| ଜୁନ୍-୧୬ ମଙ୍ଗଳବାର |
| ଇରାନ-ନ୍ୟୁଜିଲାଣ୍ଡ |
| ଲସ୍ ଏଞ୍ଜେଲସ୍ ସକାଳ ୬.୩୦ |
| ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫ |

# ସ୍କଟ୍‌ଲାଣ୍ଡର ଐତିହାସିକ ବିଜୟ

ଫକ୍ସବର୍ଗ: ଜନ୍ ମ୍ୟାକ୍‌ଗିନ ସୁଯୋଗ ସଦ୍‌ବ୍ୟବହାର କରି ଗୋଲ ଦେବା ଫଳରେ ଗ୍ରୁପ୍-ସି'ର ଅନ୍ୟଏକ ମ୍ୟାଚ୍‌ରେ ସ୍କଟଲାଣ୍ଡ ୧-୦ ଗୋଲରେ ହାଇତିକୁ ପରାସ୍ତ କରିଛି। ଏହା ଫଳରେ ବିଶ୍ୱକପ୍‌ରେ ଭାଗନେବାର ୩୬ବର୍ଷ ପରେ ସ୍କଟଲାଣ୍ଡ ପ୍ରଥମ ବିଜୟ ହାସଲ କରିଛି। ୧୯୯୮ ପରେ ଦଳ ବିଶ୍ୱକପ୍ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲାବେଳେ ୧୯୭୪ ପରେ ହାଇତି ଦ୍ୱିତୀୟଥର ବିଶ୍ୱକପ୍ ଖେଳୁଛି। କିନ୍ତୁ ହାଇତିର ଲଢୁଆ ଖେଳ ସମସ୍ତଙ୍କୁ ଆକର୍ଷିତ କରିଛି। ସ୍ଥାନୀୟ ଜିଲେଟ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ର ୨୯ତମ



ମିନିଟ୍‌ରେ ସ୍କଟଲାଣ୍ଡର ଷ୍ଟାର ଖେଳାଳି ସ୍କଟ ମ୍ୟାକ୍‌ଟୋମିନି ଆକ୍ରମଣ ରଚନା କରିଥିଲେ। ତାଙ୍କଠାରୁ ପାସ୍ ପାଇ ଚେ ଆଡାମ୍ସ ବଲକୁ ୨୦ ବର୍ଷୀୟ ଖେଳାଳି ବେନ୍ ଗାନନ ଡୋଆକ ନିକଟକୁ ବଲ ପଠାଇଦେଇଥିଲେ। ଡୋଆକ୍‌ଙ୍କ ସଟକୁ ହାଇତି ଖେଳାଳି ବ୍ଲକ୍ କରିଦେଇଥିଲେ। ବଲ ଫେରିଆସୁଥିଲା ବେଳେ ମ୍ୟାକ୍‌ଗିନ୍ ସୁଯୋଗର ସଦ୍‌ବ୍ୟବହାର କରି ସ୍କୋର କରିଥିଲେ। ଗୋଲକିପର ଜନି ପ୍ଲାସିଡ୍ କେବଳ ଏହାକୁ ଦେଖିବା ଛଡ଼ା କିଛି କରି ପାରି ନ ଥିଲେ। ଏହି ବିଜୟ ଫଳରେ ସ୍କଟଲାଣ୍ଡ ଗ୍ରୁପ୍-ସି'ରେ ପ୍ରଥମସ୍ଥାନକୁ ଉନ୍ନୀତ ହୋଇଛି।

# ଗ୍ରୁପ୍-ଡି ମୁକାବିଲା : ଭଲ ଖେଳିଲା ତୁର୍କୀ, ମ୍ୟାଚ୍ ଜିତିଲା ଅଷ୍ଟ୍ରେଲିଆ

ଭାଙ୍କୋଭର,୧୪।୬(ଏଜେନ୍ସି): ବିଶ୍ୱକପ୍‌ର ପ୍ରାଥମିକ ପର୍ଯ୍ୟାୟରେ ଆଜି ସକାଳେ ଖେଳାଯାଇଥିବା ଗ୍ରୁପ୍-ଡି' ମ୍ୟାଚ୍‌ରେ ଏକ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଏହି ମୁକାବିଲାରେ ଅଷ୍ଟ୍ରେଲିଆ ୨-୦ ଗୋଲରେ ତାରକା ଖଚିତ ତୁର୍କୀଙ୍କୁ ପରାସ୍ତ କରି ଚଳିତ ବିଶ୍ୱକପ୍‌ର ପ୍ରଥମ ବିପର୍ଯ୍ୟୟ ସୃଷ୍ଟି କରିଛି। ବିଜୟୀ ଦଳ ପକ୍ଷରୁ ଯୁବ ଖେଳାଳି ନେଷ୍ଟୋରୀ ଇରାନକୁଣ୍ଡା ଓ ମିଡଫିଲ୍ଡର କନ୍ନର ମେଟ୍‌କାଫ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ୨୦୦୬ ବିଶ୍ୱକପ୍ ପରେ ଅଷ୍ଟ୍ରେଲିଆ ଏଠାରେ ଐତିହାସିକ ବିଜୟ ହାସଲରେ ପ୍ରକୃତ ହିରୋ ସାଜିଥିଲେ ୨୨ ବର୍ଷୀୟ ଗୋଲରକ୍ଷକ ପ୍ୟାଟ୍ରିକ୍ ବିଚ୍। ଏହି ମ୍ୟାଚ୍ ଲାଗି ହେଡ କୋଚ୍ ଟୋନି ପୋପୋଭିଚ୍ ପ୍ରତିଷ୍ଠିତ ଗୋଲକିପର ମ୍ୟାଟ୍ ରିୟାନଙ୍କୁ



ବାଦ୍ ଦେଇ ପ୍ୟାଟ୍ରିକ୍‌ଙ୍କୁ ପ୍ରଥମ ପସନ୍ଦ ଏକାଦଶରେ ସାମିଲ କରିଥିଲେ। ଆଶା କରାଯାଉଥିଲା ତୁର୍କୀ ଏହି ମ୍ୟାଚ୍‌କୁ ଏକତରଫା ଜିତିଯିବ। କିନ୍ତୁ ପ୍ୟାଟ୍ରିକ ତାହା କରାଇ ଦେଇ ନ ଥିଲେ। ମ୍ୟାଚ୍‌ରେ ତୁର୍କୀ ୬୩ ଶତକଡ଼ା ବଲ ନିୟନ୍ତ୍ରଣରେ ରଖିଥିଲାବେଳେ ୨୮ଟି ସଟ୍ ଆଟାକ କରିଥିଲେ। ଏହା ମଧ୍ୟରୁ ଅଧିକ ସଟ୍‌କୁ ପ୍ୟାଟ୍ରିକ ଅଟକାଇ ଅଷ୍ଟ୍ରେଲିଆର ଐତିହାସିକ ବିଜୟରେ ହିରୋ ବନିଯାଇଥିଲେ। ତୁର୍କୀ ଯେତେବେଳେ ଗୋଲ ଦେବା ଉପରେ ଗୁରୁତ୍ୱ ଦେଇଥିଲା, ଠିକ୍ ସେହି ସମୟରେ ଅଷ୍ଟ୍ରେଲିଆ ପାଇଥିବା ସୁଯୋଗକୁ କାର୍ଯ୍ୟକାରୀ କରି ଗୋଲରେ ପରିଣତ କରିଥିଲା। ଫଳରେ ଦଳ ପୂରା ୩ ପଏଣ୍ଟ ପାଇ ରାଉଣ୍ଡ ଅଫ୍ ୩୨ରେ ପ୍ରବେଶ କରିବା ରାସ୍ତା ସଫା କରିଦେଇଛି।

# ଦିଲୀପଙ୍କ ସହ ମନ୍‌ପ୍ରୀତ ସମକକ୍ଷ

ନୂଆଦିଲ୍ଲୀ,୧୪।୬(ଏଜେନ୍ସି): ଭାରତ ପକ୍ଷରୁ ଅନ୍ତର୍ଜାତୀୟ ହକି ଖେଳିବାରେ ଓଡ଼ିଶାର ଦିଲୀପ ତିର୍କିଙ୍କ ସହ ମନ୍‌ପ୍ରୀତ୍ ସିଂହ ସମକକ୍ଷ ହୋଇଛନ୍ତି। ରୋଟରଡାମ୍‌ଠାରେ ଆଜି ଅନୁଷ୍ଠିତ ଏଫ୍‌ଆଇଏଚ୍ ପୁରୁଷ ହକି ଲିଗ୍‌ରେ ନେଦରଲ୍ୟାଣ୍ଡସ ବିପକ୍ଷ ମ୍ୟାଚ୍ ଖେଳି ମନ୍‌ପ୍ରୀତ ୪୧୨ତମ ମ୍ୟାଚ୍ ଖେଳିଛନ୍ତି। ପୂର୍ବରୁ ୪୧୨ ମ୍ୟାଚ୍ ଖେଳି ଭାରତୀୟ ଭାବେ ଦିଲୀପ ଏହି ରେକର୍ଡର ଅଧିକାରୀ ଥିଲେ। ବିଶ୍ୱରେ ମନ୍‌ପ୍ରୀତ୍ ବିଶ୍ୱର ଏକମାତ୍ର ଖେଳାଳିଭାବେ ଏବେ ୪୦୦ରୁ ଊର୍ଦ୍ଧ୍ୱ ମ୍ୟାଚ୍ କ୍ଲବ୍‌ରେ ପ୍ରତିଯୋଗିତାମୂଳକ ହକି ଖେଳୁଛନ୍ତି। ଏହି ମୁକାବିଲାରେ ଭାରତ ୨-୩ ଗୋଲରେ ପରାଜିତ ହୋଇଛନ୍ତି।

# ପ୍ରଭଞ୍ଜନ, ବସନ୍ତଙ୍କୁ କୋଚିଂ ଦାୟିତ୍ୱ

ଭୁବନେଶ୍ୱର,୧୪।୬(ସମିସ): ଓଡ଼ିଶା ବରିଷ୍ଠ କ୍ରିକେଟ ଦଳର ହେଡ୍ କୋଚ୍ ଭାବେ ପୂର୍ବତନ ଅଧିନାୟକ ପ୍ରଭଞ୍ଜନ ମଲ୍ଲିକଙ୍କୁ ନିଯୁକ୍ତି ଦେବା ପରେ ଏଥର ପ୍ରାୟ ସମସ୍ତ ଏଜ୍‌ଗ୍ରୁପ୍ ଓ ମହିଳା କ୍ରିକେଟରେ ଓଡ଼ିଶାର ପୂର୍ବତନ ଖେଳାଳିମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି କ୍ରମରେ ପ୍ରୀତମଜିତ ଦାସଙ୍କୁ ବରିଷ୍ଠ ଦଳର ବୋଲିଂ, ୨୩ବର୍ଷରୁ କମ୍ ଦଳରେ ସୁବିତ ବିଶ୍ୱାଳଙ୍କୁ ହେଡ ଓ ବିଭୁଦତ୍ତ ପଣ୍ଡାଙ୍କୁ ବୋଲିଂ, ୧୯ ବର୍ଷରୁ କମ୍ ଦଳରେ ରାଜ୍ୟର ପୂର୍ବତନ ନଂ-୧ ଫାଷ୍ଟ ବୋଲର ବସନ୍ତ ମହାନ୍ତିଙ୍କୁ ହେଡ୍ ଓ ରାକେଶ ମହାନ୍ତିଙ୍କୁ ବ୍ୟାଟିଂ, ୧୬ ବର୍ଷରୁ କମ୍ ଦଳରେ ରଶ୍ମିରଞ୍ଜନ ଦାସଙ୍କୁ ହେଡ ଓ ସୂର୍ଯ୍ୟକାନ୍ତ ପ୍ରଧାନଙ୍କୁ ବୋଲିଂ କୋଚ୍ ଦାୟିତ୍ୱ ଦିଆଯାଇଛି।

### ଦୀପକ ମଙ୍ଗରାଜ ମହିଳା ଦଳର ହେଡ୍ କୋଚ୍

ରାଜ୍ୟର ଅନ୍ୟତମ ଫାଷ୍ଟ ବୋଲର ଦୀପକ ମଙ୍ଗରାଜଙ୍କୁ ରାଜ୍ୟ ମହିଳା ଦଳର ହେଡ୍ କୋଚ୍, ଗିରିଜା ରାଉତଙ୍କୁ ସହକାରୀ ଓ ମଧୁସ୍ମିତା ବେହେରାଙ୍କୁ ବ୍ୟାଟିଂ କୋଚ୍ ଦାୟିତ୍ୱ ମିଳିଛି। ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ସ୍ୱାଗତିକା ରଥ ୨୩ ବର୍ଷରୁ କମ୍ ଦଳର ହେଡ୍ ଓ ଶୁଭେନ୍ଦୁ ସାମଲ ସହକାରୀ, କାଦମ୍ବିନୀ ମହାକୁଡଙ୍କୁ ୧୯ ବର୍ଷରୁ କମ୍ ଦଳର ହେଡ୍ ଓ ପ୍ରଭାତ ନାୟକଙ୍କୁ ସହକାରୀ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ରସନାରା ପରୱିନ ୧୫ବର୍ଷରୁ କମ୍ ଦଳର ହେଡ୍ କୋଚ୍ ନିଯୁକ୍ତ ହୋଇଛନ୍ତି। ଏମାନଙ୍କୁ ମଧ୍ୟ ବିଭିନ୍ନ ଜିଲ୍ଲାକୁ ଖେଳାଳିଙ୍କୁ ମେଣ୍ଟରିଂ କରିବାକୁ ପଠାଯିବ।

## ମହିଳା ଟି-୨୦ ବିଶ୍ୱକପ୍

# ସହଜରେ ଜିତିଲା ୱେଷ୍ଟଇଣ୍ଡିଜ୍

ରୋଜ୍ ବାଉଲ, ୧୪।୬(ଏଜେନ୍ସି): ଶର୍ମେନ କ୍ୟାମ୍ପବେଲଙ୍କ ଅପରାଜିତ ୯୦ ରନ୍ ସହାୟତାରେ ଏଠାରେ ଶନିବାର ରାତିରେ ଖେଳାଯାଇଥିବା ମହିଳା ଟି-୨୦ ବିଶ୍ୱକପ୍ ଗ୍ରୁପ୍-ବି' ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ୍ ୭ ୱିକେଟରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଛି। ନ୍ୟୁଜିଲାଣ୍ଡ ପ୍ରଦତ୍ତ ୧୬୩ ରନ୍‌ର ବିଜୟ ଲକ୍ଷ୍ୟକୁ ୱେଷ୍ଟଇଣ୍ଡିଜ୍ ଗୋଟିଏ ବଲ ଓ ୭ ୱିକେଟ ବାକିଥାଇ ହାସଲ କରିନେଇଥିଲା। କ୍ୟାମ୍ପବେଲଙ୍କ ବ୍ୟତୀତ ଅଧିନାୟିକା ହ୍ୟାଲୀ ମାଥ୍ୟୁସ ୪୮ ରନ୍ କରିଥିଲେ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୬୨ ରନ୍ କରିଥିଲା।

# ବାଂଲାଦେଶର ଜିତ୍

ଏଜ୍‌ବାଷ୍ଟନ,୧୪।୬(ଏଜେନ୍ସି): ଯୁବ ଓପନର ଜୁଆଇରିଆ ଫିରଦୋସଙ୍କ ଦ୍ରୁତ ଅର୍ଦ୍ଧଶତକ, ଦୁଇ ଅକତର ଶର୍ମିନ ଓ ସୋରନାଙ୍କ ଅପରାଜିତ ଇନିଂସ ବଳରେ ଏଠାରେ ରବିବାର ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶ ୬ ୱିକେଟରେ ଡେବ୍ୟୁଟାଣ୍ଟ ନେଦରଲ୍ୟାଣ୍ଡସକୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ବାବେଟ୍ ଡି ଲିଡଙ୍କ ୫୦ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ନେଦରଲ୍ୟାଣ୍ଡସ ୮ ୱିକେଟରେ ୧୩୯ ରନ୍ କରିଥିଲା। ପ୍ରତିପକ୍ଷ ଦଳର ମାରୁଫା ଅକତର ୩ଟି ୱିକେଟ ନେଇଥିଲେ। ଜବାବରେ ବାଂଲାଦେଶ ୧୯.୧ ଓଭରରେ ୪ ୱିକେଟ ହରାଇ ବିଜୟୀ ହୋଇଥିଲା।

## ଦୀପ୍ତି ଶର୍ମାଙ୍କ ଯାଦୁକରୀ ବୋଲିଂ | ଭାରତଠୁ ପୁଣି ହାରିଲା ପାକିସ୍ତାନ

ଏଜ୍‌ବାଷ୍ଟନ,୧୪।୬(ଏଜେନ୍ସି): ବର୍ମିଂହାମ୍ ଦର୍ଶକଙ୍କ ସମର୍ଥନ, ସ୍ମୃତି ମନ୍ଧାନାଙ୍କ ଦମ୍‌ଦାର ଅର୍ଦ୍ଧଶତକ, ଦୁଇ ସ୍ପିନର ଦୀପ୍ତି ଶର୍ମା ଓ ଶ୍ରୀ ଚରଣିଙ୍କ ଚତୁର ବୋଲିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ଟି-୨୦ ମହିଳା ବିଶ୍ୱକପ୍‌ର ଉଦ୍‌ଘାଟନୀ ମ୍ୟାଚ୍‌ରେ ଭାରତ ୬୪ ରନ୍‌ରେ ପାକିସ୍ତାନକୁ ପରାସ୍ତ କରିଛି। ଏହା ଫଳରେ ମହିଳା ଟି-୨୦ ବିଶ୍ୱକପ୍‌ରେ ପାକିସ୍ତାନ ବିପକ୍ଷରେ ଭାରତ କ୍ରମାଗତ ୪ଟି ଟୁର୍ଣ୍ଣାମେଣ୍ଟରେ ଜିତିବା ସହ ଅପରାଜେୟ ଆଖ୍ୟା ବଜାୟ ରଖିଛି। ଏହି ବିଜୟ ଫଳରେ ଗ୍ରୁପ୍-ଏ'ରେ ଭାରତ ପୂରା ପଏଣ୍ଟ ପାଇଛି। ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ନେଦରଲ୍ୟାଣ୍ଡସ ସହ ବୁଧବାର ଖେଳିବ। ଏହି ମ୍ୟାଚ୍‌ରେ ୪ ଓଭର ବୋଲିଂ କରି ୧୦ରନ୍‌ରେ ୫ ୱିକେଟ ନେଇଥିବା ଦୀପ୍ତି ଶର୍ମାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆଜିର ମ୍ୟାଚ୍‌ରେ ଟସ୍ ଜିତି



ଭାରତ ପ୍ରଥମେ ବ୍ୟାଟିଂ ନେଇଥିଲା। ପ୍ରାରମ୍ଭିକ ଓ ମିଡିଲ ଓଭରରେ ବିପର୍ଯ୍ୟୟ ସତ୍ତ୍ୱେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ପାକିସ୍ତାନ ବିପକ୍ଷରେ ସର୍ବାଧିକ ଓ ସମସ୍ତ ଟି-୨୦ରେ ତୃତୀୟ ସର୍ବାଧିକ ୧୭୦ ରନ୍ କରିଥିଲା। ଦଳପକ୍ଷରୁ ମନ୍ଧାନା ୪୪ବଲ୍‌ରେ ସର୍ବାଧିକ ୬୮ (୯ଚୌକା ଓ ୨ଛକା) ରନ୍ କରିଥିଲେ। ଅଧିନାୟିକା ହରମନପ୍ରୀତ କୌର ୩୫ବଲ୍‌ରେ ୩୬ ଓ ରିଚା ଘୋଷ ୧୭ବଲ୍‌ରେ ବିସ୍ଫୋରକ ୩୪ ରନ୍‌ର ସହାୟତା ଦେଇଥିଲେ। ଜବାବରେ ପାକିସ୍ତାନ ଆରମ୍ଭରୁ ଭଲ ଆରମ୍ଭ କରି ପାୱାର ପ୍ଲେ'ରେ ସର୍ବାଧିକ ୫୨ ରନ୍ ଉଠାଇଥିଲେ ମଧ୍ୟ ସ୍ପିନରଙ୍କ ମୁକାବିଲା କରି ନ ପାରି ୧୭ ଓଭରରେ ମାତ୍ର ୧୦୬ ରନ୍ କରି ଅଲଆଉଟ ହୋଇଥିଲା। ଭାରତ ପକ୍ଷରୁ ଦୀପ୍ତି ସର୍ବାଧିକ ୫ଟି ଓ ଶ୍ରୀ ଚରଣି ୪ ଓଭରରେ ୨୧ରନ୍ ଦେଇ ୩ଟି ୱିକେଟ ଅକ୍ତିଆର କରିଥିଲେ। ପାକିସ୍ତାନ ପକ୍ଷରୁ ଓପନର ମୁନୀବା ଅଲି ସର୍ବାଧିକ ୪୧ରନ୍ କରିଥିଲାବେଳେ ଅନ୍ୟ ୩ଜଣ ଦୁଇଅଙ୍କରେ ପହଞ୍ଚିଥିବା ବ୍ୟାଟରଙ୍କ ମଧ୍ୟରୁ କେହି ୧୮ ରନ୍ ଅତିକ୍ରମ କରି ନ ଥିଲେ।

# ଜର୍ମାନୀ ୭-୧ ଗୋଲ୍‌ରେ ବିଜୟୀ

ହଷ୍ଟନ୍, ୧୪।୬ (ଏଜେନ୍ସି): ଡେବ୍ୟୁଟାଣ୍ଟ କ୍ୟୁରାସାଓକୁ ୭-୧ ଗୋଲେ ପରାସ୍ତ କରି ୪ଥରର ଫିଫା ବିଶ୍ୱକପ୍ ଚାମ୍ପିଅନ ବୃହତ୍ ବିଜୟରୁ ୨୦୨୬ ଅଭିଯାନ ଆରମ୍ଭ କରିଛି। ସ୍ଥାନୀୟ ହଷ୍ଟନ ଷ୍ଟାଡିୟମ୍‌ରେ ରବିବାର ରାତିରେ ଖେଳାଯାଇଥିବା ଗ୍ରୁପ୍-ଇ'ର ପ୍ରଥମ ମ୍ୟାଚ୍‌ରେ ଜର୍ମାନୀକୁ ଅଟକାଇବା କ୍ୟୁରାସାଓ ଖେଳାଳିଙ୍କ ପକ୍ଷେ କଷ୍ଟକର ହୋଇଥିଲା। ଯାହା ଫଳରେ ପ୍ରଥମାର୍ଦ୍ଧ ସୁଦ୍ଧା ଏହି ଚାମ୍ପିଅନ ଦଳ ୩-୧ ଗୋଲରେ ଅଗ୍ରଣୀ ରହିଥିଲା। ବିଜୟୀ ଜର୍ମାନୀ ଦଳ ପକ୍ଷରୁ କାଇ ହାର୍ଭେଜ୍ ୨ଟି ଗୋଲ ଦେଇଥିଲେ। ସେ ପ୍ରଥମାର୍ଦ୍ଧ ଷ୍ଟପେଜ୍ ଟାଇମ୍‌ରେ ପେନାଲ୍ଟିରୁ ଓ ୮୮ତମ ମିନିଟ୍‌ରେ ଫିଲ୍ଡ ଗୋଲ ଭାବେ ୨ଟି ଗୋଲ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖେଳର ୬ଷ୍ଠ ମିନିଟରେ ଫେଲିକ୍ସ ଏନ୍‌ମେଚା, ୩୮ତମ ମିନିଟ୍‌ରେ ନିକୋ ସ୍କୋଲଟରବେକ୍, ୪୭ତମ ମିନିଟ୍‌ରେ ଜମାଲ ମୁସିଆଲା, ୬୮ତମ ମିନିଟ୍‌ରେ ନାଥାନିଲ ବ୍ରାଉନ୍, ୭୮ତମ ମିନିଟ୍‌ରେ ଡେନିଜ ଉଣ୍ଡାଭ୍ ଗୋଟିଏ ଲେଖାଏଁ ଗୋଲ ସ୍କୋର କରିଥିଲେ। ୨୦୦୨ ଫିଫା ବିଶ୍ୱକପ୍‌ରେ ଜର୍ମାନୀ ୮-୦ ଗୋଲରେ ସାଉଦି ଆରବକୁ ହରାଇ ନିଜ ଲାଗି ବୃହତ ବିଜୟର ରେକର୍ଡ କରିଛି।

ସକାଳ
THE SAKALA
www.thesakala.in

The Sakala require the following post for Head Office urgently.

MARKETING EXECUTIVE

Qualification: MBA with 5 yrs. experience.

Send your CV by 20.06.2026 to
DGM, HR
Email: hr@thesakala.com
Mob.: 9437016499

THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ: ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS